# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁନ୍ ୨୭/୨୦୨୧ (୧୨ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 27/2021 | ★★★★

୪୭ଶ ଭାଗ ୨୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଅଲିମ୍ପିକ ଯୋଗ୍ୟତା ଟାଇମିଂ ହାସଲ କଲେ ସଜନ**

ସଜନ ପ୍ରକାଶ ପ୍ରଥମ ଭାରତୀୟ ସନ୍ତରଣକାରୀ ଭାବେ ଅଲିମ୍ପିକ ଯୋଗ୍ୟତା ଟାଇମ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ୧୨

୧୦ **ସଲମାନଙ୍କୁ ଗାଳି କରିଥିଲେ ଆଦିତ୍ୟ**

ଫିଲ୍ମର ଏକ ଶଟ୍ ଦେବାକୁ ଯାଇ ସଲମାନ ଖାନଙ୍କୁ ଗାଳି ଦେଇଥିଲେ ଅଭିନେତା ଆଦିତ୍ୟ ରୟ କପୁର।






# ଟିକା ଅନୁପାତ ୯୫:୫ ରହୁ

## ଭାକ୍ସିନ ଆବଣ୍ଟନ ସୂତ୍ର: କେନ୍ଦ୍ରକୁ ଚିଠି ଲେଖିଲେ ରାଜ୍ୟ ସରକାର

ଭୁବନେଶ୍ୱର, ୨୬।୬(ବ୍ୟୁରୋ)

ଟିକା ଅନୁପାତରେ ପରିବର୍ତ୍ତନ କରିବା ପାଇଁ କେନ୍ଦ୍ରକୁ ଚିଠି ଲେଖିଛି ଓଡ଼ିଶା। ଘରୋଇ ହସ୍ପିଟାଲକୁ ୨୫ ପ୍ରତିଶତ ପରିବର୍ତ୍ତେ ୫ ପ୍ରତିଶତ ଟିକା ଯୋଗାଣ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଶନିବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ହର୍ଷ ବର୍ଦ୍ଧନଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ପରିବର୍ତ୍ତିତ କୋଭିଡ୍ ଟିକାକରଣ ଗାଇଡ୍‌ଲାଇନ ଅନୁଯାୟୀ, ଘରୋଇ ହସ୍ପିଟାଲଗୁଡ଼ିକ ଟିକା ପ୍ରସ୍ତୁତ କମ୍ପାନୀଠାରୁ ସିଧାସଳଖ ଭାବେ ୨୫ ପ୍ରତିଶତ ଟିକା କିଣିପାରିବେ। ଏବେ ସୁଦ୍ଧା ଓଡ଼ିଶାର ୭ଟି ହସ୍ପିଟାଲ କମ୍ପାନୀଠାରୁ ଟିକା ପାଇଛନ୍ତି। ଓଡ଼ିଶାରେ ଲୋକସଂଖ୍ୟା ଅନୁପାତରେ ଘରୋଇ ହସ୍ପିଟାଲ ସଂଖ୍ୟା ବହୁତ କମ୍। ଏହା ରାଜ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ମାତ୍ର ୫ ପ୍ରତିଶତ। ତେଣୁ ୭୫ ଓ ୨୫ ଅନୁପାତକୁ ପରିବର୍ତ୍ତନ କରି ୯୫ ଓ ୫ ପ୍ରତିଶତ କରିବା ପାଇଁ ସେ ଦାବି କରିଛନ୍ତି। ଯାହା ଫଳରେ ରାଜ୍ୟର ଅନୁପାତ ହାରରେ ଘରୋଇ ହସ୍ପିଟାଲଗୁଡ଼ିକ ଆବଶ୍ୟକ ଟିକା କିଣି ପାରିବେ। ତେଣୁ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ନବ ଦାସ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।




ସୂଚନାଯୋଗ୍ୟ, ଟିକାକରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ଗତ ୮ତାରିଖରେ କେନ୍ଦ୍ର ସରକାର ନିର୍ଦ୍ଦେଶାବଳୀକୁ ସଂଶୋଧନ କରିଥିଲେ। ଯାହା ଜୁନ୍ ୨୧ରୁ ସାରା ଦେଶରେ ଲାଗୁ ହୋଇଛି। ଗାଇଡ୍‌ଲାଇନରେ ଘରୋଇ ଉତ୍ପାଦକମାନେ ସେମାନଙ୍କ ମାସିକ ଟିକା ଉତ୍ପାଦନର ୨୫ ପ୍ରତିଶତ ଘରୋଇ ଡାକ୍ତରଖାନାକୁ ବିକ୍ରି କରିପାରିବେ ବୋଲି ଉଲ୍ଲେଖ ରହିଛି। ରାଜ୍ୟକୁ ବର୍ତ୍ତମାନ ସରକାରୀ ଓ ଘରୋଇ ଅନୁପାତରେ ଯଥାକ୍ରମେ ୭୫:୨୫ ଦିଆଯାଉଛି। ଯାହାକି ରାଜ୍ୟ ସରକାରଙ୍କ ଟିକାକରଣ ଲକ୍ଷ୍ୟକୁ ପୂରଣ କରିପାରୁ ନାହିଁ। ତେଣୁ ଏହାକୁ ସଂଶୋଧନ କରି ୯୫:୫ ଅନୁପାତରେ ଦେବା ପାଇଁ କେନ୍ଦ୍ରକୁ ଅନୁରୋଧ କରାଯାଇଛି। ଏନେଇ ପୂର୍ବରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଗତ ୧୪ ତାରିଖରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ମଧ୍ୟ ଚିଠି ଲେଖି ଅନୁରୋଧ କରିଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଟିକାକରଣକୁ ଜୋରଦାର କରିବା ପାଇଁ ସରକାର ପ୍ରସ୍ତୁତ ଥିଲେ ମଧ୍ୟ ଟିକା ଅଭାବ ଲକ୍ଷ୍ୟ ☞ପୃଷ୍ଠା-୪

## ସିରମ୍‌ରେ କୋଭୋଭାକ୍ସ ଉତ୍ପାଦନ ଆରମ୍ଭ

ନୂଆଦିଲ୍ଲୀ, ୨୬।୬(ଆଇଏଏନ୍ଏସ୍)

ନୋଭାଭାକ୍ସ କମ୍ପାନୀର ପ୍ରୋଟିନ୍ ବେସ୍‌ଡ କୋଭିଡ୍ ଟିକା କୋଭୋଭାକ୍ସର ଉତ୍ପାଦନ ପୁଣେର ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍ଆଇଆଇ)ରେ ଆରମ୍ଭ ହୋଇଥିବା ଏହାର ସିଇଓ ଅଦାର ପୁନାୱାଲା ସୂଚନା ଦେଇଛନ୍ତି। ☞ପୃଷ୍ଠା-୪

## ଜୁଲାଇରେ ଜନ୍‌ସନ୍ ଆଣ୍ଡ୍ ଜନ୍‌ସନ୍

**ଡୋଜ୍ ପିଛା ୧୮୫୫ ଟଙ୍କା**

ଜନ୍‌ସନ ଆଣ୍ଡ ଜନ୍‌ସନ କମ୍ପାନୀ ପ୍ରସ୍ତୁତ କୋଭିଡ୍ ଟିକା ଆସନ୍ତା ମାସରୁ ଭାରତରେ ଉପଲବ୍ଧ ହେବ। ଆମେରିକାର ଏହି ଟିକା ଉତ୍ପାଦନକାରୀ କମ୍ପାନୀଠାରୁ ଆସୋସିଏଶନ ଅଫ୍ ହେଲ୍‌ଥକେୟାର ପ୍ରୋଭାଇଡର୍ସ (ଇଣ୍ଡିଆ) ସିଧାସଳଖ ଟିକା କିଣିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ☞ପୃଷ୍ଠା-୪

# ପିଲା ଅଧିକ, ସିଟ୍ କମ୍

**ଦଶମ ପାସ୍ ପରେ ନାମଲେଖାକୁ ନେଇ ଆଶଙ୍କା**

ଭୁବନେଶ୍ୱର, ୨୬।୬(ବ୍ୟୁରୋ)

ଚଳିତବର୍ଷ ବିନା ପରୀକ୍ଷାରେ ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥର ରେକର୍ଡ ସଂଖ୍ୟକ ପାସ୍ ହାର ୯୭.୮୯% ରହିଛି। ଏଥରର ପାସ୍ ହାର ଖୁସି ଦେଇଥିଲେ ମଧ୍ୟ ଭଲ କଲେଜରେ ସିଟ୍ ମିଳିବା ନେଇ ଛାତ୍ରୀଛାତ୍ରଙ୍କ ମନରେ ଆଶଙ୍କା ଦେଖାଦେଇଛି। ସେପଟେ ପାସ୍ ହାର ସିନା ଅଧିକ ହୋଇଗଲା, କିନ୍ତୁ ଏତେ ପିଲା କେଉଁଠି ନାମ ଲେଖାଇବେ ତାକୁ ନେଇ ଏବେ ଆରମ୍ଭ ହୋଇଛି ଆଲୋଚନା ପର୍ଯ୍ୟାଲୋଚନା। କାରଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ତୁଳନାରେ କଲେଜରେ ଆବଶ୍ୟକ ସଂଖ୍ୟକ ସିଟ୍ ନାହିଁ।

ଚଳିତବର୍ଷ ରେଗୁଲାର, ଏକ୍ସ-ରେଗୁଲାର, ମୁକ୍ତ ବିଦ୍ୟାଳୟ, ମଧ୍ୟମା ଓ ମଦ୍ରାସା ବୋର୍ଡରେ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ହେଲା ୬,୧୮,୮୮୫। ସିବିଏସ୍‌ଇ ଏବଂ ଆଇସିଏସ୍‌ଇ ଦଶମ ପରୀକ୍ଷାଫଳ ଏଯାଏ ପ୍ରକାଶ ପାଇନାହିଁ। ଏହି ଦୁଇ ବୋର୍ଡରୁ ପ୍ରତିବର୍ଷ ପ୍ରାୟ ୧୦ହଜାର ଛାତ୍ରୀଛାତ୍ର କଲେଜରେ ନାମ ଲେଖାଇଥାନ୍ତି। ତେଣୁ ଏଥର ପ୍ରାୟ ୬,୨୮,୮୮୫ ଛାତ୍ରୀଛାତ୍ର ନାମ ଲେଖାଇବା ପାଇଁ ଯୋଗ୍ୟ ହେବେ। ସେପଟେ ରାଜ୍ୟରେ ଯୁକ୍ତ୨, ଆଇଟିଆଇ, ଡିପ୍ଲୋମା ଓ ଅନ୍ୟ ଘରୋଇ କଲେଜକୁ ମିଶାଇ ପ୍ରାୟ ୬,୦୩,୧୧୩ ସିଟ୍ ରହିଛି। ସେଥିମଧ୍ୟରେ ୨,୦୩୨ଟି ଯୁକ୍ତ୨ କଲେଜରେ ମୋଟ ୪,୪୩,୩୫୪ ସିଟ୍ ରହିଥିବାବେଳେ ଉଭୟ ସରକାରୀ ଓ ଘରୋଇ ଡିପ୍ଲୋମା ଏବଂ ଆଇଟିଆଇ କଲେଜର ସିଟ୍ ସଂଖ୍ୟା ରହିଛି ୧,୫୯,୭୫୯। ତେଣୁ ପ୍ରାୟ ୨୫ହଜାର ଛାତ୍ରୀଛାତ୍ରଙ୍କ ପାଇଁ ସିଟ୍ ଅଭାବ ହେବ। ରାଜ୍ୟ ସରକାର କେଉଁ ଉପାୟରେ ନାମ ଲେଖାଇବେ ତାକୁ ନେଇ ଏବେ ଛାତ୍ରୀଛାତ୍ର, ଅଭିଭାବକଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହେଲାଣି। ଉପାନ୍ତ ଅଞ୍ଚଳରେ ବିଶେଷ କରି ପାଖ କଲେଜରେ ସିଟ୍ ନ ମିଳିଲେ ଡ୍ରପ୍ ଆଉଟ୍ ହାର ବଢ଼ିପାରେ। ଏଭଳି ସ୍ଥିତିରେ ଆଞ୍ଚଳିକ ଭିତ୍ତିରେ ସିଟ୍ ବଢ଼ାଇବା ଏକମାତ୍ର ସମାଧାନ ବୋଲି ଶିକ୍ଷାବିତ୍‌ମାନେ ମତପ୍ରକାଶ କରୁଛନ୍ତି। ବିଭାଗ ଏବେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ନା ସିଟ୍ ବୃଦ୍ଧି କରିବ ତା' ଉପରେ ସମସ୍ତଙ୍କ ନଜର ରହିଛି। ତେବେ ଏଥର ☞ପୃଷ୍ଠା-୪

# ଚାଉଭିନ୍‌ଙ୍କୁ ସାଢ଼େ ୨୨ ବର୍ଷ ଜେଲ

**ଜର୍ଜ ଫ୍ଲଏଡ୍‌ଙ୍କ ଝିଅର କଥା ଶୁଣିଲେ କୋର୍ଟ**

ୱାଶିଂଟନ୍, ୨୬।୬

ଆଫ୍ରିକୀୟ-ଆମେରିକୀୟ କୃଷ୍ଣକାୟ ଜର୍ଜ ଫ୍ଲଏଡ୍‌ଙ୍କ ହତ୍ୟାକାରୀ ଆମେରିକାର ମିନିଆପଲିସ୍ ପୂର୍ବତନ ପୋଲିସ ଅଫିସର ଶ୍ୱେତାଙ୍ଗ ଡେରେକ ଚଉଭିନ୍(୪୫)ଙ୍କୁ ଶୁକ୍ରବାର ୨୨ ବର୍ଷ ୬ ମାସ ଜେଲ ଦଣ୍ଡାଦେଶ ହୋଇଛି। ଚଉଭିନ୍ ନିଜ ପଦ ଓ ଅଧିକାରର ଦୁରୁପଯୋଗ ଏବଂ ଫ୍ଲଏଡ୍‌ଙ୍କ ପ୍ରତି କଠୋର ବ୍ୟବହାର ପାଇଁ ତାଙ୍କୁ ଉପରୋକ୍ତ ଦଣ୍ଡାଦେଶ ହୋଇଥିବା ବିଚାରପତି ପିଟର କାହିଲ ଶୁକ୍ରବାର କହିଥିଲେ। ଏଥିସହ ଚଉଭିନ୍ ଆଜୀବନ ନିଜ ପାଖରେ କୌଣସି ଅସ୍ତ୍ରଶସ୍ତ୍ର ରଖିବା ଉପରେ ରୋକ ଲଗାଯାଇଛି। ଗତ ଏପ୍ରିଲ ୨୦ରେ ☞ପୃଷ୍ଠା-୪



ଡେରେକ ଚଉଭିନ୍



ଜର୍ଜ ଫ୍ଲଏଡ

# ଜୁଲାଇରେ ୧୫ ଦିନ ବ୍ୟାଙ୍କ ବନ୍ଦ

ଭୁବନେଶ୍ୱର, ୨୬।୬

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରମାନେ ବିଭିନ୍ନ କଟକଣା ଜାରି କରିଛନ୍ତି। ଏହାସତ୍ତ୍ୱେ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗାଇଡ୍‌ଲାଇନ ଅନୁସାରେ ବ୍ୟାଙ୍କଗୁଡ଼ିକ ସ୍ୱଳ୍ପ ସମୟ ପାଇଁ ଗ୍ରାହକଙ୍କୁ ସେବା ପ୍ରଦାନ କରୁଛନ୍ତି। ଇତିମଧ୍ୟରେ ଆସନ୍ତା ଜୁଲାଇରେ ସାରା ଦେଶର ବ୍ୟାଙ୍କଗୁଡ଼ିକ ୧୫ ଦିନ ବନ୍ଦ ରହିବ ବୋଲି ଆର୍‌ବିଆଇର କ୍ୟାଲେଣ୍ଡରରୁ ଜଣାପଡ଼ିଛି। ସୂଚନାନୁସାରେ ମାସର ☞ପୃଷ୍ଠା-୪

# ୫୪ ଦିନରେ ବଢ଼ିଲାଣି ୩୦ ଥର

**ପେଟ୍ରୋଲ ୩୬, ଡିଜେଲ ୩୯ ପଇସା ବୃଦ୍ଧି**

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୬।୬

ଦିନକର ବିରତି ପରେ ପୁଣି ଥରେ ତୈଳ ଦରରେ ପରିବର୍ତ୍ତନ ହୋଇଛି। ଗତ ମେ'୪ ପରଠାରୁ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୭.୭୭ ଟଙ୍କା ଏବଂ ଡିଜେଲ ୮.୬୪ ଟଙ୍କା ମହଙ୍ଗା ହେଲାଣି। ୫ ରାଜ୍ୟର ନିର୍ବାଚନ ଫଳ ଆସିବା ପରଠୁ ତେଲ ଦର ଉଚ୍ଚା ରହିଛି। ଗତ ୫୪ ଦିନ ମଧ୍ୟରେ ଅଦ୍ୟାବଧି ୩୦ ଥର ତେଲ ଦର ବଢ଼ିଲାଣି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ର ସୂଚନା ଅନୁସାରେ ଶନିବାର ଭୁବନେଶ୍ୱରରେ ପେଟ୍ରୋଲ ଉପରେ ୩୬ ପଇସା ଏବଂ ଡିଜେଲ ୩୯ ପଇସା ବୃଦ୍ଧି ପାଇଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୯୮.୮୯ ଟଙ୍କା ଏବଂ ଡିଜେଲ ୯୬.୬୨ ଟଙ୍କାରେ ବିକ୍ରି ହେଉଛି। ଜୁନ୍‌ରେ ଅଦ୍ୟାବଧି ତେଲ ଦର ୧୪ ଥର ପରିବର୍ତ୍ତନ ହେବା ସହ ପେଟ୍ରୋଲ ଉପରେ ୩.୬୭ ଟଙ୍କା ଏବଂ ଡିଜେଲରେ ୩.୫୯ ଟଙ୍କା ବୃଦ୍ଧି ହୋଇଥିବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସତ୍‌ସାହସ ନାହିଁ**


ଧର୍ମପରାୟଣା ମହିଳାଙ୍କ

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ: ୨୬.୦୭.୧୯୪୫

ତିରୋଧାନ: ୧୭.୦୬.୨୦୨୧

୰ନିର୍ମଳା ଧର

ସ୍ୱାମୀ : ନୃସିଂହ ଚରଣ ଧର

ପ୍ଲଟ୍ ନଂ: ଏନ୍-୩/୩୩୮. ଆଇ.ଆର୍.ସି ଭିଲେଜ୍, ନୂଆପଲ୍ଲୀ, ଭୁବନେଶ୍ୱର

ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣା ମହିଳା ଥିଲେ। ସମସ୍ତଙ୍କ ପାଇଁ ସେ 'ମାମା' ନାମରେ ବେଶ୍ ପରିଚିତ। ତାଙ୍କ ଦ୍ୱାରା ଅନେକ ମନ୍ଦିର, ଚିକିତ୍ସାଳୟ ଓ ଦାତବ୍ୟ ଅନୁଷ୍ଠାନ ପରିଚାଳିତ ହେଉଥିଲା। ନିଜ ପିଲାମାନଙ୍କ ଉଚ୍ଚଶିକ୍ଷାର ଦାୟିତ୍ୱ ନେବା ସହିତ ଅନ୍ୟ ପିଲାମାନଙ୍କର ଅଧ୍ୟୟନ ନିମନ୍ତେ ସଦାସର୍ବଦା ପ୍ରୋତ୍ସାହନ ଦେଉଥିଲେ। ସେ ପ୍ରାୟତଃ ନିଜ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟ ରାନ୍ଧି ନିଜ ଲୋକ ଓ ଅନ୍ୟମାନଙ୍କୁ ଖୁଆଇବାରେ ବହୁ ଆନନ୍ଦ ଅନୁଭବ କରୁଥିଲେ।

ମାମାଙ୍କ ନିଧନ ବାର୍ତ୍ତା ପାଇ ବହୁ ବ୍ୟକ୍ତି ଶୋକ ପ୍ରକାଶ କରି ତାଙ୍କର ଗୁଣଗାନ କରୁଛନ୍ତି। ତାଙ୍କର ଅନ୍ତିମ ଶଯ୍ୟା ନିକଟରେ ସ୍ୱାମୀ, ତିନି ପୁତ୍ର-ବୋହୂ, ଦୁଇ ଝିଅ-ଜ୍ୱାଇଁ, ନାତି ନାତୁଣୀ, ବନ୍ଧୁପରିଜନ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ ଓ ଅନ୍ତିମ ସଂସ୍କାର ଗଡ଼ ଖଙ୍କିରା ଶ୍ମଶାନରେ ଅନୁଷ୍ଠିତ ହୋଇଥିଲା।

ଶୋକସନ୍ତପ୍ତ: ଧର୍ ପରିବାରବର୍ଗ, ଆତ୍ମୀୟସ୍ୱଜନ ଏବଂ

ତ୍ରିଷ୍ଠା ଗ୍ରୁପ୍ ଓ ସ୍ୱର୍ଣ୍ଣ ହସ୍‌ପିଟାଲ, ଭୁବନେଶ୍ୱର ର କର୍ମକର୍ତ୍ତାବୃନ୍ଦ



**Kalinga Institute of Social Sciences** KISS

Deemed to be University

(Established U/S 3 of UGC Act, 1956)

Bhubaneswar, Odisha, India

1st Annual Convocation

Virtual Mode

27th June 2021 (Sunday) | Time: 10.00 a.m. | Venue: KIIT Convention Centre, Campus - 6

Honoris Causa Degrees will be conferred on:

Prof. Ganeshi Lal
Hon'ble Governor of Odisha

Shri Girish Chandra Murmu
Hon'ble Comptroller and Auditor General of India

Hon. Swarup Ranjan Mishra
Member of Parliament for Kesses Constituency, Kenya and Founding Chairman, Mediheal Group of Hospitals, Kenya

Shri Bibhu Mohapatra
Fashion Designer and Costume Designer, New York



Chief Guest
Prof. Ganeshi Lal
Hon'ble Governor of Odisha

In the presence of

Shri Satya S. Tripathi, Chancellor | Dr. Upendra Tripathy, Pro-Chancellor | Prof. Deepak Kumar Behera, Vice-Chancellor

KISS, a fully free and fully residential institute, is the only university exclusively for tribal students.

Join the programme live from: www.kiss.ac.in

Watch live on Kalinga TV from 10.00 a.m. onwards

ଧରିତ୍ରୀ
DHARITRI
ରବିବାର, ୨୭ ଜୁନ୍, ୨୦୨୧

## ୨୪ ତାଲିବାନ ଆତଙ୍କବାଦୀ ନିହତ

ଆଫଗାନିସ୍ତାନର କୁଣ୍ଡୁଜ୍ ପ୍ରଦେଶରେ ସୁରକ୍ଷା ବଳ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨୪ ତାଲିବାନ ଆତଙ୍କବାଦୀ ନିହତ ହେବା ସହ ୧୫ ଜଣ ଆହତ ହୋଇଛନ୍ତି। ଆଫଗାନ୍ ସ୍ପେଶାଲ ଅପରେଶନ ଫୋର୍ସ ପକ୍ଷରୁ ଶୁକ୍ରବାର ରାତିରେ ତଲାସି ଅଭିଯାନ ବେଳେ ଗୁଳିବିନିମୟ ଘଟିଥିଲା। ଏଥିରେ ୧୬ ଆତଙ୍କବାଦୀ ନିହତ ହୋଇଥିଲେ। ଏହାବ୍ୟତୀତ ସହରର ଅନ୍ୟ ସ୍ଥାନରେ ସୈନ୍ୟବାହିନୀ ଓ ଆତଙ୍କବାଦୀ ସଂଘର୍ଷରେ ୮ ତାଲିବାନ ଆତଙ୍କବାଦୀ ପ୍ରାଣ ହରାଇଥିଲେ।



## ସଂକ୍ଷେପରେ

### ରାଷ୍ଟ୍ରପତିଙ୍କ ଗସ୍ତବେଳେ ଗାଡ଼ି ଛାଡ଼ିଲାନି ପୋଲିସ

## ଟ୍ରାଫିକ୍ ଜାମ୍‌ରେ ଅସୁସ୍ଥ ମହିଳାଙ୍କ ମୃତ୍ୟୁ


ବନ୍ଦନା ମିଶ୍ରା

ଲକ୍ଷ୍ନୌ, ୨୬।୬: ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କାନପୁର ଗସ୍ତବେଳେ ପୋଲିସ ଗାଡ଼ି ଚଳାଚଳ ଉପରେ ରୋକ ଲଗାଇବାଯୋଗୁ ଭିଡ଼ରେ ଫସିଥିବା ଜଣେ ଅସୁସ୍ଥ ମହିଳାଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ଘଟିଛି। ମୃତା ହେଉଛନ୍ତି ଇଣ୍ଡିଆନ ଆସୋସିଏଶନ ଅଫ୍ ଇଣ୍ଡଷ୍ଟ୍ରିଜ୍‌ର କାନପୁର ଚାପ୍ଟରର ମହିଳା ଶାଖା ମୁଖ୍ୟ ବନ୍ଦନା ମିଶ୍ରା(୫୦)। ବନ୍ଦନାଙ୍କ ଦେହ ଖରାପ ଥିବା ଏବଂ ତୁରନ୍ତ ଡାକ୍ତରଖାନା ଯିବା ଜରୁରୀ ବୋଲି ପରିବାର ଲୋକେ କହିଥିଲେ ହେଁ ପୋଲିସ ତାହା ଶୁଣି ନ ଥିଲା ବୋଲି ଅଭିଯୋଗ ଆସିଛି। ନିକଟରେ ବନ୍ଦନା କୋଭିଡ୍‌ରୁ ସୁସ୍ଥ ହୋଇଥିଲେ। ଶୁକ୍ରବାର ରାତିରେ ସେ ଗୁରୁତର ହୋଇପଡିଥିଲେ। ବିଳମ୍ବରେ ହସ୍ପିଟାଲ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସର ଏପରି କାମ ପାଇଁ କାନପୁର ପୋଲିସ ମୁଖ୍ୟ ଅସୀମ ଅରୁଣ କ୍ଷମା ପ୍ରାର୍ଥନା କରି ଏକ ଟୁଇଟ କରିଛନ୍ତି। ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଜଣେ ସବ୍‌ଇନ୍ସପେକ୍ଟର ଏବଂ ୩ ଜଣ କନଷ୍ଟେବଲଙ୍କୁ ନିଲମ୍ବନ କରାଯାଇଛି।

## 'ଓକିଲଙ୍କୁ ହାଇସ୍ପିଡ୍ ଇଣ୍ଟରନେଟ୍ ଯୋଗାଉ କେନ୍ଦ୍ର'


ସିଜେଆଇ ଏନ୍. ଭି. ରମନା

ନୂଆଦିଲ୍ଲୀ, ୨୬।୬: ଗ୍ରାମାଞ୍ଚଳ, ଆଦିବାସୀ, ଦୁର୍ଗମ ଅଞ୍ଚଳରେ ଯୋଗାଯୋଗର ଦୁର୍ବଳ ମାଧ୍ୟମ ନ୍ୟାୟ ପ୍ରଦାନ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍. ଭି. ରମନା। ସାରା ଦେଶରେ ହଜାର ହଜାର ଯୁବ ଓକିଲଙ୍କ ଜୀବିକା ମଧ୍ୟ ଏଥିଯୋଗୁ ପ୍ରଭାବିତ ହେଉଛି। ତେଣୁ ଦୁର୍ଗମ ଅଞ୍ଚଳର ଓକିଲମାନଙ୍କ ପାଇଁ ହାଇସ୍ପିଡ୍ ଇଣ୍ଟରନେଟ୍ ସୁବିଧା ଯୋଗାଇଦେବାକୁ ସିଜେଆଇ ରମନା କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଏଥିସହ ଆଇନ ବୃତ୍ତିଧାରୀଙ୍କୁ ସରକାର ଆଗଧାଡ଼ିର ଯୋଦ୍ଧା ଘୋଷଣା କରି ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କରୋନା ଟିକା ଦେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଆର୍. ଭି, ରବୀନ୍ଦ୍ରନଙ୍କ 'ଆନୋମାଲିସ୍ ଇନ୍ ଲ ଆଣ୍ଡ ଜଷ୍ଟିସ୍' ପୁସ୍ତକ ଉନ୍ମୋଚନ ଅବସରରେ ସିଜେଆଇ କହିଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତିମାନଙ୍କୁ ନେଇ ନିକଟରେ ଅନୁଷ୍ଠିତ ଦୁଇ ଦିନିଆ ସମ୍ମିଳନୀରେ ଉନ୍ନତ ଡିଜିଟାଲ ସଂଯୋଗୀକରଣ ମୁଖ୍ୟ ପ୍ରସଙ୍ଗ ଥିଲା ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆଇନ, ଯୋଗାଯୋଗ ଏବଂ ଆଇଟି ମନ୍ତ୍ରୀଙ୍କ ନିକଟକୁ ସିଜେଆଇ ଚିଠି ଲେଖିଛନ୍ତି। ଡିଜିଟାଲ ଅସୁବିଧା ଦୂର କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ଏବଂ ମହାମାରୀରେ ଜୀବିକା ହରାଇଥିବା ଓକିଲମାନଙ୍କୁ ସାହାଯ୍ୟ କରିବାକୁ ସେ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି।

## ରାଷ୍ଟ୍ରପତିଙ୍କ ହେଲିକପ୍ଟରକୁ ଟାର୍ଗେଟ



କଲମ୍ବିଆ ରାଷ୍ଟ୍ରପତି ଇଭାନ ଡ୍ୟୁକ ଯାତ୍ରା କରୁଥିବା ହେଲିକପ୍ଟର ଉପରେ ଶୁକ୍ରବାର ଆକ୍ରମଣ ହୋଇଛି। କାଟାଟୁମ୍ବୋ ଅଞ୍ଚଳ ଦେଇ ନର୍ଟେ ଡି ସାଣ୍ଟାଣ୍ଡର ପ୍ରଦେଶର ରାଜଧାନୀ କୁକୁଟା ସହର ଅଭିମୁଖେ ରାଷ୍ଟ୍ରପତିଙ୍କ ସମେତ ପ୍ରତିରକ୍ଷା ମନ୍ତ୍ରୀ, ଗୃହ ମନ୍ତ୍ରୀ ଯାଉଥିବାବେଳେ ହେଲିକପ୍ଟର ଉପରକୁ ଏକାଧିକ ଗୁଳିମାଡ଼ ହୋଇଥିଲା। ଆକ୍ରମଣକୁ 'ଭୀରୁତା ପୂର୍ଣ୍ଣ' ବୋଲି କହିବା ସହ ସମସ୍ତେ ସୁରକ୍ଷିତ ଥିବା ଇଭାନ ଏକ ବିବୃତି ଜାରି କରିଛନ୍ତି। ଏହାଦ୍ୱାରା ଡ୍ରଗ୍ସ କାରବାର, ଆତଙ୍କବାଦ ତଥା ସଂଗଠିତ ଅପରାଧ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦୁର୍ବଳ ହେବନାହିଁ ବୋଲି ସେ କହିଛନ୍ତି। ଆକ୍ରମଣକାରୀଙ୍କୁ ଠାବ କରିବାକୁ ରାଷ୍ଟ୍ରପତି ନିର୍ଦ୍ଦେଶ ଦେଇଛନ୍ତି।

## ନକଲି ଟିକା ନେଇ ଅସୁସ୍ଥ


ମିମି ଚକ୍ରବର୍ତ୍ତୀ

କୋଲାକାତାରେ ୪ ଦିନ ତଳେ ନକଲି କରୋନା ଟିକା ନେଇଥିବା ଟିଏମ୍‌ସି ଏମ୍‌ପି ମିମି ଚକ୍ରବର୍ତ୍ତୀ ଅସୁସ୍ଥ ହୋଇଛନ୍ତି। ଘରେ ଡାକ୍ତର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରୁଛନ୍ତି। ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ ହୋଇଛି। ଦେବାଞ୍ଜନ ଦେବ ନାମକ ଜଣେ ବ୍ୟକ୍ତି ନିଜକୁ ଆଇଏଏସ୍ ଅଫିସର ବୋଲି ପରିଚୟ ଦେଇ ଦିବ୍ୟାଙ୍ଗ ଏବଂ କିନ୍ନରଙ୍କ ପାଇଁ ସ୍ୱତନ୍ତ୍ର ଟିକାକରଣ କ୍ୟାମ୍ପ କରିଥିବା ମିମିଙ୍କୁ କହିବା ସହ ତାଙ୍କୁ ଟିକା ନେବାକୁ ଅନୁରୋଧ କରିଥିଲେ। ମିମି ସେଠାକୁ ଯାଇ ଟିକା ନେବା ପରେ କୋୱିନ୍ ଆପ୍‌ରୁ କୌଣସି ସୂଚନା ନ ଆସିବାରୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଦେବାଞ୍ଜନ ଓ ଅନ୍ୟ ୩ ଜଣଙ୍କୁ ଗିରଫ କରିଛି। ଉକ୍ତ କ୍ୟାମ୍ପରେ ପ୍ରାୟ ୨୫୦ ଲୋକ ଟିକା ନେଇଥିବା ଜଣାପଡ଼ିଛି।

# ୫୦ ହଜାର ତଳେ ସଂକ୍ରମଣ

ନୂଆଦିଲ୍ଲୀ, ୨୬।୬(ପି.ଟି.)

ଦେଶରେ ଦୈନିକ କରୋନା ସଂକ୍ରମଣ ୫୦ ହଜାର ତଳକୁ ଖସିଛି। ଶନିବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ୪୮,୬୯୮ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୦୧,୮୩,୧୪୩ରେ ପହଞ୍ଚିଛି। ସାପ୍ତାହିକ ସଂକ୍ରମଣ ହାର ୨.୯୭ ପ୍ରତିଶତକୁ ହ୍ରାସ ପାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ସେହିପରି ଗୋଟିଏ ଦିନରେ ଭୂତାଣୁ ୧,୧୮୩ ଜଣଙ୍କ ଜୀବନ ନେଇଛି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା କରୋନାରେ ମୋଟ ୩,୯୪,୪୯୩ ଜଣଙ୍କ ମୃତ୍ୟୁ ହେଲାଣି।

ସକ୍ରିୟ ମାମଲା ସଂଖ୍ୟା ୬ ଲକ୍ଷ ତଳକୁ ଖସି ୫,୯୫,୫୬୫ରେ ପହଞ୍ଚିଛି, ଯାହା କି ମୋଟ ସଂକ୍ରମଣର ୧.୯୭ ପ୍ରତିଶତ। କ୍ରମାଗତ ୪୪ ଦିନ ହେଲା ଦେଶରେ ସଂକ୍ରମିତଙ୍କ ତୁଳନାରେ ଆରୋଗ୍ୟ ହାର ଅଧିକ ରହିଛି। ଜାତୀୟ ସ୍ତରରେ ଆରୋଗ୍ୟ ହାର ୯୬.୭୨ ପ୍ରତିଶତକୁ ବୃଦ୍ଧି ପାଇଛି। ଦୈନିକ ପଜିଟିଭିଟି ହାର ୨.୭୯ ପ୍ରତିଶତ ରହିଛି।

ଶୁକ୍ରବାର ୬୧.୧୯ ଲକ୍ଷ ଡୋଜ୍ ଭାକ୍ସିନ ଦିଆଯାଇଛି। ଶନିବାର ସକାଳ ସୁଦ୍ଧା ଦେଶରେ ମୋଟ ୩୧.୫୦ କୋଟି ଡୋଜ୍ କୋଭିଡ୍ ଟିକା ଦିଆଗଲାଣି। ଦେଶରେ ୪୦ କୋଟି କୋଭିଡ୍ ପରୀକ୍ଷା କରାଗଲାଣି, ଯାହାକି ଏକ ରେକର୍ଡ। ଜୁନ୍ ମାସରେ ଦୈନିକ ହାରାହାରି ୧୮ ଲକ୍ଷରୁ ଊର୍ଦ୍ଧ୍ୱ କୋଭିଡ୍ ପରୀକ୍ଷା କରାଇଥିବା ଆଇସିଏମ୍‌ଆର୍ ପକ୍ଷରୁ


ପଶ୍ଚିମବଙ୍ଗର ନଦିଆସ୍ଥିତ ଏକ ଟିକାକେନ୍ଦ୍ରରେ ଭାକ୍ସିନ ନେବା ପାଇଁ ଅପେକ୍ଷାରତ ବରିଷ୍ଠ ନାଗରିକ ।

କୁହାଯାଇଛି। ଶୁକ୍ରବାର ସୁଦ୍ଧା ଦେଶରେ ୪୦,୧୮,୧୧,୮୯୨ ନମୁନା ପରୀକ୍ଷା କରାଯାଇଛି। ଜୁନ୍ ୧ ସୁଦ୍ଧା ୩୫ କୋଟି ନମୁନା ପରୀକ୍ଷା ହୋଇଥିଲା। ସାରା ଦେଶରେ ପରୀକ୍ଷା ଭିତ୍ତିଭୂମି ଓ ସାମର୍ଥ୍ୟ ବୃଦ୍ଧି ଯୋଗୁ ଏହି ସଫଳତା ମିଳିପାରିଛି। ପରୀକ୍ଷା ବୃଦ୍ଧି ଯୋଗୁ ସଂକ୍ରମିତଙ୍କୁ ଶୀଘ୍ର ଚିହ୍ନଟ କରାଯାଇପାରିଛି ଓ ମୃତ୍ୟୁହାର ହ୍ରାସ ପାଇଛି ବୋଲି ଆଇସିଏମ୍‌ଆର୍ ମହାନିର୍ଦ୍ଦେଶକ ପ୍ରଫେସର ବଳରାମ ଭାର୍ଗବ କହିଛନ୍ତି। ୫ଟି କୌଶଳ ଯଥା

### ୪୦ କୋଟି କୋଭିଡ୍ ପରୀକ୍ଷା

ଟେଷ୍ଟିଂ, ଟ୍ରାକିଂ, ଟ୍ରେସିଂ, ଟ୍ରିଟ୍‌ମେଣ୍ଟ ଏବଂ ଟେକ୍‌ନୋଲୋଜିର ଅଧିକ ବ୍ୟବହାର ଯୋଗୁ ପରୀକ୍ଷା କ୍ଷେତ୍ରରେ ଆମେ ଏହି ମାଇଲଷ୍ଟୋନ୍ ହାସଲ କରିବାରେ ସମର୍ଥ ହୋଇଛୁ ବୋଲି ଆଇସିଏମ୍‌ଆର୍ ଡିଜି କହିଛନ୍ତି।

## ଟେଷ୍ଟିଂ ବଢ଼ାଅ:ମୋଦି

ନୂଆଦିଲ୍ଲୀ, ୨୬।୬



ଚଳିତ ସପ୍ତାହରେ ଦେଶରେ ଟିକାକରଣର ଅଗ୍ରଗତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହିତ କୋଭିଡ୍ ପରୀକ୍ଷା ବଢ଼ାଇବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଶନିବାର ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କୋଭିଡ୍ ଟିକାକରଣ ଉପରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଟିକାକରଣରେ ଏନ୍‌ଜିଓଗୁଡ଼ିକୁ ସାମିଲ କରିବା ପାଇଁ ସେ ଅଫିସରମାନଙ୍କୁ ପରାମର୍ଶ ଦେଇଛନ୍ତି। ୧୨୮ଟି ଜିଲାରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ୫୦ ପ୍ରତିଶତ ଲୋକ ଟିକା ନେଇଥିବା ଏବଂ ଆଗାମୀ ଦିନରେ ଟିକା ଯୋଗାଣ ବଢ଼ାଯିବା ନେଇ ବୈଠକରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ଆକ୍ରାନ୍ତଙ୍କୁ ଚିହ୍ନଟ କରିବା ଓ ସଂକ୍ରମଣ କମାଇବା ଲାଗି କୋଭିଡ୍ ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର। ସେଥିପାଇଁ ଦୈନିକ ପରୀକ୍ଷାକୁ ଆହୁରି ବଢ଼ାଇବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସମୀକ୍ଷା ବୈଠକରେ ପିଏମ୍‌ଓର ବରିଷ୍ଠ ଅଧିକାରୀ, ସ୍ୱାସ୍ଥ୍ୟ ସଚିବ ଏବଂ ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଡ. ଭି.କେ. ପଲ୍ ଉପସ୍ଥିତ ଥିଲେ।

## ଡେଲ୍ଟା ସବୁଠୁ ସଂକ୍ରାମକ

ଜାତିସଂଘ/ଜେନେଭା, ୨୬।୬



କୋଭିଡ୍-୧୯ର ଡେଲ୍ଟା ଭାରିଆଣ୍ଟ ୮୫ଟି ଦେଶରେ ଚିହ୍ନଟ ହୋଇଛି। ଏହା ସବୁଠୁ ସଂକ୍ରାମକ ଭାରିଆଣ୍ଟ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି। ଟିକା ନେଇ ନ ଥିବା ଲୋକମାନଙ୍କଠାରେ ଏହା ଦ୍ରୁତ ସଂକ୍ରମଣ ହେଉଥିବା ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଟେଡ୍ରୋସ୍ ଅଧାନମ୍ ଘେବ୍ରେୟେସସ୍ ସତର୍କ କରାଇଛନ୍ତି। ଡେଲ୍ଟା ଭାରିଆଣ୍ଟ ପ୍ରଥମେ ଭାରତରେ ଚିହ୍ନଟହୋଇଥିଲା ଯାହା ସାରା ବିଶ୍ୱ ପାଇଁ ଚିନ୍ତାଜନକ ହୋଇପଡ଼ିଛି। କେତେକ ଦେଶ ସ୍ୱାସ୍ଥ୍ୟସେବା ଓ ସାମାଜିକ କଟକଣା କୋହଳ କରିଥିବାରୁ ସଂକ୍ରମଣ ବଢ଼ୁଥିବା ନେଇ ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦିନକୁ ଦିନ ଭୂତାଣୁର ନୂଆ ନୂଆ ଭାରିଆଣ୍ଟ ଆସୁଥିବାରୁ ସଂକ୍ରମଣ ରୋକିବା ପାଇଁ ପଦକ୍ଷେପ ନେବାକୁ ହେବ। ଡେଲ୍ଟା ସବୁଠୁ ଭୟଙ୍କର ଓ ଦ୍ରୁତ ସଂକ୍ରାମକ ଭାରିଆଣ୍ଟ ବୋଲି ଡବ୍ଲ୍ୟୁଏଚ୍‌ଓରେ କୋଭିଡ୍-୧୯ ଟେକ୍‌ନିକାଲ ମୁଖ୍ୟ ଡ. ମାରିଆ ଭାନ୍ କେର୍‌ଖୋଭ୍ କହିଛନ୍ତି।

## 'ଏଲ୍‌ଜିଙ୍କୁ ଭେଟିବାକୁ ନ ଦେଲେ ଜେଲ ପଠାଅ'

ନୂଆଦିଲ୍ଲୀ, ୨୬।୬(ଆଇଏଏନ୍‌ଏସ୍)

କେନ୍ଦ୍ର ସରକାରଙ୍କ ୩ ବିବାଦୀୟ କୃଷି ଆଇନ ବିରୋଧରେ ଚାଷୀମାନଙ୍କ ଆନ୍ଦୋଳନ ଶନିବାର ୭ ମାସ ପୂରଣ କରିଛି। ଏହି ଅବସରରେ ଆନ୍ଦୋଳନରତ ଚାଷୀ ବିଭିନ୍ନ ରାଜ୍ୟର ରାଜଭବନ ଘେରାଉ କରିବା ସହ ରାଜ୍ୟପାଳମାନଙ୍କୁ ସ୍ମାରକପତ୍ର ଦେବାକୁ ଉଦ୍ୟମ କରିଥିଲେ। ଦିଲ୍ଲୀରେ ଯୁଧବୀର ସିଂଙ୍କ ନେତୃତ୍ୱରେ ଚାଷୀମାନେ ଉପରାଜ୍ୟପାଳ (ଏଲ୍‌ଜି) ଅନିଲ ବୈଜାଲଙ୍କୁ ସାକ୍ଷାତ୍ କରିବାକୁ ଚାହିଁଥିଲେ ହେଁ ସେମାନଙ୍କୁ ଏଥିପାଇଁ ଅନୁମତି ଦିଆଯାଇ ନ ଥିଲା। ଚାଷୀମାନଙ୍କୁ ଉପରାଜ୍ୟପାଳଙ୍କୁ ଭେଟିବା ପାଇଁ ଅନୁମତି ଦିଅ, ନଚେତ୍ ତିହାର ଜେଲ୍ ପଠାଅ ବୋଲି ଭାରତୀୟ କିଷାନ ୟୁନିୟନ ନେତା ରାକେଶ ଟିକାଏତ୍ ଆହ୍ୱାନ ଦେଇଛନ୍ତି।


ରାକେଶ ଟିକାଏତ୍

### ଚାଷୀ ଆନ୍ଦୋଳନକୁ ୭ ମାସ

ଦିଲ୍ଲୀର ଗାଜିପୁର ସୀମାରେ ଦୀର୍ଘଦିନ ହେଲା ଆନ୍ଦୋଳନରେ ବସିଥିବା ଯୁଧବୀର ସିଂ ଓ ଅନ୍ୟମାନେ ଏଲ୍‌ଜିଙ୍କୁ ଭେଟିବା ପାଇଁ ଆସିଥିଲେ। ସେମାନେ ବୈଜାଲଙ୍କୁ ସ୍ମାରକପତ୍ର ଦେବାକୁ ଚାହିଁଥିବାବେଳେ ସେଥିପାଇଁ ସେମାନଙ୍କୁ ସମୟ ଦିଆଯାଇ ନ ଥିଲା। ଚାଷୀମାନଙ୍କୁ ଦିଲ୍ଲୀ ପୋଲିସ ଅଟକାଇଥିଲା।

### ଆନ୍ଦୋଳନ ପ୍ରତ୍ୟାହାର ପାଇଁ ତୋମାରଙ୍କ ଅନୁରୋଧ

ନୂଆଦିଲ୍ଲୀ, ୨୬।୬

ଚାଷୀମାନେ ୭ ମାସ ହେଲା ଚଳାଇଥିବା ଆନ୍ଦୋଳନ ପ୍ରତ୍ୟାହାର କରିନେବାକୁ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଶନିବାର ଆହ୍ୱାନ ଦେଇଛନ୍ତି। ୩ ନୂଆ କୃଷି ଆଇନର ବ୍ୟବସ୍ଥା ଉପରେ ପୁଣିଥରେ ଆଲୋଚନା ଆରମ୍ଭ କରିବାକୁ ସରକାର ପ୍ରସ୍ତୁତ ଥିବା ସେ କହିଛନ୍ତି। ପୂର୍ବରୁ କୃଷକ ନେତାମାନଙ୍କ ସହ କେନ୍ଦ୍ର ସରକାରଙ୍କର ୧୧ ଥର ବୈଠକ ହୋଇଥିଲେ ହେଁ କୌଣସି ନିଷ୍କର୍ଷ ବାହାରିପାରି ନ ଥିଲା। ଅଚଳାବସ୍ଥା ଦୂର ପାଇଁ ଶେଷ ବୈଠକ ଜାନୁୟାରୀ ୨୨ରେ ଅନୁଷ୍ଠିତ ହୋଇଥିଲା।


ପଞ୍ଜାବର ଅମୃତସରସ୍ଥିତ ଗୋଲ୍ଡେନ୍ ଗେଟ୍ ନିକଟରେ ଚାଷୀମାନେ ନୂଆ କୃଷି ଆଇନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ନେଶର ରାମିଲା ହୋମୋ

### ପ୍ରାଚୀନ ମଣିଷର ନୂଆ ଅବଶେଷ

ଜେରୁଜେଲମ୍, ୨୬।୬

ଇସ୍ରାଏଲ୍‌ର ରାମିଲା ସହରରେ ହେବ୍ର୍ୟୁ ୟୁନିଭର୍ସିଟି ଅଫ୍ ଜେରୁଜେଲମ୍‌ର ପ୍ରତ୍ନତତ୍ତ୍ୱ ଟିମ୍ ପ୍ରାକ୍ ଐତିହାସିକ ଯୁଗର ମଣିଷଙ୍କ ଦେହାବଶେଷ ଠାବ କରିଛି। ହୋମୋ ଜାତୀୟ ସମେତ ଆଧୁନିକ ମଣିଷ ସହ ଏହା ମେଳ ଖାଉନାହିଁ। ଇସ୍ରାଏଲ୍‌ର ଗବେଷକମାନେ ଗୁରୁବାର ଦାବି କରିଛନ୍ତି ଯେ ସେମାନେ ଏକ ନୂଆ ପ୍ରକାର ପ୍ରାଚୀନ ମାନବର ଅସ୍ଥି ପାଇଛନ୍ତି। ମାନବ ସଭ୍ୟତା ସମ୍ପର୍କରେ ଏଥିରୁ ଅନେକ କିଛି ଜଣାପଡ଼ିବ ବୋଲି କୁହାଯାଉଛି। ରାମିଲା ସହର ନିକଟରେ ପ୍ରତ୍ନତତ୍ତ୍ୱ ଖନନ ବେଳେ ମିଳିଥିବା ଏହି ଅବଶେଷ ସମ୍ପର୍କରେ ସାଇନ୍ସ ଜର୍ନାଲରେ ଏକ ଅଧ୍ୟୟନ ପ୍ରକାଶ ପାଇଛି। ୟୋସି ଜାଇଡନରଙ୍କ ନେତୃତ୍ୱରେ ତେଲ୍ ଆଭିଭ ୟୁନିଭର୍ସିଟିର ନୃତତ୍ତ୍ୱବିତ୍ ଏବଂ ପ୍ରତ୍ନତତ୍ତ୍ୱବିତ୍‌ମାନେ ଏହାକୁ 'ନେଶର ରାମିଲା ହୋମୋ ଟାଇପ୍' ନାଁ ଦେଇଛନ୍ତି। ପ୍ରାୟ ୧୪୦,୦୦୦ରୁ ୧୨୦,୦୦୦ ବର୍ଷ



ପୂର୍ବେ ଜୀବିତ ଥିବା ନେଶର ରାମିଲା ମାନବର ଆକୃତିରେ ଉଭୟ ନିଏଣ୍ଡରଥାଲ ଓ ପ୍ରାଚୀନ ହୋମୋର ବୈଶିଷ୍ଟ୍ୟ ରହିଛି। ଏହାର କଙ୍କାଳ ଢାଞ୍ଚା ସମ୍ପୂର୍ଣ୍ଣ ଭିନ୍ନ। ଏଥିରେ ଥୋଡ଼ି ନ ଥିବାବେଳେ ବଡ଼ ବଡ଼ ଦାନ୍ତ ରହିଛି। ୪୦୦,୦୦୦ ବର୍ଷ ପୁରୁଣା ପ୍ରାକ୍ ଐତିହାସିକ ଯୁଗର ଏକ ଜୀବାଶ୍ମ ସହ ଏହାର ସମ୍ପର୍କ ଥାଇପାରେ। ନିଏଣ୍ଡରଥାଲ ମାନବ ପ୍ରଥମେ ୟୁରୋପରେ ଦେଖାଦେଇ ପରେ ଦକ୍ଷିଣକୁ ସ୍ଥାନାନ୍ତର ହୋଇଥିବା ସିଦ୍ଧାନ୍ତ ଉପରେ ଏହି ଆବିଷ୍କାର ପ୍ରଶ୍ନଚିହ୍ନ ଲଗାଇଛି।

### କେନ୍ଦ୍ର କ୍ୟାବିନେଟ ସମ୍ପ୍ରସାରଣ ଖୁବ୍‌ଶୀଘ୍ର

## ସ୍ଥାନ ପାଇପାରନ୍ତି ୨୭ ନୂଆ ମନ୍ତ୍ରୀ

ନୂଆଦିଲ୍ଲୀ, ୨୬।୬(ଆଇଏଏନ୍‌ଏସ୍)

ଜମ୍ମୁ-କଶ୍ମୀର ନେତାମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବୈଠକ ଶେଷ ହେବା ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା ପୁଣିଥରେ ଜୋର୍ ଧରିଛି। ଖୁବ୍‌ଶୀଘ୍ର ସମ୍ପ୍ରସାରଣ ହେବାକୁ ଥିବା କ୍ୟାବିନେଟରେ ହେଭିୱେଟ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ, ସୁଶୀଲ ମୋଦି, ସର୍ବାନନ୍ଦ ସୋନୋୱାଲ, ନାରାୟଣ ରାଣେ ଏବଂ ଭୂପେନ୍ଦ୍ର ଯାଦବଙ୍କ ସମେତ ୨୭ ଜଣ ସ୍ଥାନ ପାଇବା ସମ୍ଭାବନା ରହିଛି। ନୂଆ ମନ୍ତ୍ରୀ ଭାବେ ଯେଉଁମାନେ ଶପଥ ନେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି, ସେମାନଙ୍କ ମଧ୍ୟରେ ସବୁଠୁ ଆଗରେ ରହିଛନ୍ତି ଭାଜପାରେ ସାମିଲ ହୋଇଥିବା ମଧ୍ୟପ୍ରଦେଶର ପୂର୍ବତନ କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ, ବିହାରର


ଜ୍ୟୋତିରାଦିତ୍ୟ ସିନ୍ଧିଆ


ଭୂପେନ୍ଦ୍ର ଯାଦବ


ନାରାୟଣ ରାଣେ

ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦି, ଦଳର ବରିଷ୍ଠ ସାଂଗଠନିକ ନେତା ତଥା ସାଧାରଣ ସମ୍ପାଦକ ଭୂପେନ୍ଦ୍ର ଯାଦବ, କୈଳାସ ବିଜୟବର୍ଗୀୟ, ଭାଜପା ମୁଖପାତ୍ର ତଥା ସଂଖ୍ୟାଲଘୁ ଚେହେରା ସୟେଦ ଜାଫର ଇସ୍‌ଲାମ।

ଏହା ବ୍ୟତୀତ ତାଲିକାରେ ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ନାରାୟଣ ରାଣେ, ବିଦ୍ ଏମ୍‌ପି ପ୍ରୀତମ ମୁଣ୍ଡେ, ଉତ୍ତରପ୍ରଦେଶ ଭାଜପା ସଭାପତି ସ୍ୱତନ୍ତ୍ର ଦେବ ସିଂ, ମହାରାଜଗଞ୍ଜ ଏମ୍‌ପି ପଙ୍କଜ ଚୌଧରୀ, ବରୁଣ ଗାନ୍ଧୀ ଏବଂ ସହଯୋଗୀ ଅପ୍‌ନା ଦଳର ନେତ୍ରୀ ଅନୁପ୍ରିୟା ପଟେଲଙ୍କ ନାମ ରହିଛି। ସେହିପରି ରାଜ୍ୟ ସଭା ସଦସ୍ୟ ତଥା ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏଶନ ସଭାପତି ଅନିଲ ଜୈନ, ଓଡ଼ିଶା ଏମ୍‌ପି ଅଶ୍ୱିନୀ ବୈଷ୍ଣବ ଏବଂ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା, ପୂର୍ବତନ ରେଳମନ୍ତ୍ରୀ ଦିନେଶ ତ୍ରିବେଦୀଙ୍କ ନାଁ ତାଲିକାରେ ରହିଥିବା ଜଣାପଡ଼ିଛି। ରାଜସ୍ଥାନରୁ ୩ ଜଣ ନୂଆ ମନ୍ତ୍ରୀ ଭାବେ ସ୍ଥାନ ପାଇପାରନ୍ତି। ସେମାନେ ହେଲେ ମୋଦି କ୍ୟାବିନେଟରେ ପୂର୍ବରୁ ମନ୍ତ୍ରୀ ଥିବା ପି.ପି. ଚୌଧରୀ, ଚୁରୁ ଏମ୍‌ପି ରାହୁଲ କଶ୍ୱାନ ଏବଂ ସିକର ଏମ୍‌ପି ସୁମେଧାନନ୍ଦ ସରସ୍ୱତୀ। ଏହା ବ୍ୟତୀତ ଦିଲ୍ଲୀ ଏମ୍‌ପି ମୀନାକ୍ଷୀ ଲେଖି ମଧ୍ୟ କେନ୍ଦ୍ର କ୍ୟାବିନେଟରେ ସାମିଲ ହୋଇପାରନ୍ତି ବୋଲି କୁହାଯାଉଛି।

ଇତିମଧ୍ୟରେ ବିହାରରେ ଚିରାଗ ପାଶ୍ୱାନଙ୍କ ବିରୋଧରେ ବିଦ୍ରୋହର ନେତୃତ୍ୱ ନେଇଥିବା ପଶୁପତି ପାରସ ଏଲ୍‌ଜେପିରୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ ହେବା ସମ୍ଭାବନା ଥିଲାବେଳେ ଜେଡିୟୁରୁ ଆର୍.ସି.ପି. ସିଂ ଏବଂ ସନ୍ତୋଷ କୁମାରଙ୍କୁ କ୍ୟାବିନେଟରେ ନିଆଯାଇପାରେ। ସେହିପରି କର୍ନାଟକରୁ ରାଜ୍ୟ ସଭା ସଦସ୍ୟ ରାଜୀବ ଚନ୍ଦ୍ରଶେଖର, ଗୁଜରାଟ ଭାଜପା ସଭାପତି ସି.ଆର୍. ପାଟିଲ ଏବଂ ଅହମଦାବାଦ ୱେଷ୍ଟ ଏମ୍‌ପି କିରୀଟ ସୋଲାଙ୍କି, ହରିୟାଣାରୁ ସିର୍ସା ଏମ୍‌ପି ସୁନୀତା ଦୁଗଲ, ଲଦାଖ ଏମ୍‌ପି ଜମ୍ୟାଙ୍ଗ ସେରିଙ୍ଗ୍ ନାମଗ୍ୟାଲଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ନିଆଯିବା ସମ୍ଭାବନା ରହିଛି। ରାମବିଳାସ ପାଶ୍ୱାନ, ସୁରେଶ ଅଙ୍ଗଦିଙ୍କ ପରଲୋକ ଏବଂ ଏନଡିଏରୁ ଅକାଳୀ ଦଳ ଓ ଶିବସେନା ଓହରିଯିବାରୁ କ୍ୟାବିନେଟରେ କେତେକ ମନ୍ତ୍ରୀପଦ ଖାଲି ପଡ଼ିଛି। ଅଧିକାଂଶ ମନ୍ତ୍ରୀଙ୍କୁ ଏକାଧିକ ବିଭାଗ ଦାୟିତ୍ୱ ଦିଆଯାଇଛି। ସେଥିପାଇଁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣର ଆବଶ୍ୟକତା ରହିଛି। ୨୦୧୯ରେ ନରେନ୍ଦ୍ର ମୋଦି ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ଏହା ତାଙ୍କର ପ୍ରଥମ କ୍ୟାବିନେଟ ସମ୍ପ୍ରସାରଣ ହେବ।

**କରୋନା ସଂକ୍ରମଣ ସ୍ଥିତି**



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୧୩,୫୫,୯୮୮ | ୩୯,୨୮,୭୨୮ | ୧୬,୫୯,୧୩,୯୨୩ |
| ଭାରତ | ୩,୦୨,୨୮,୬୩୨ | ୩,୯୫,୭୧୫ | ୨,୨,୩୮,୦୪୮ |
| ଓଡ଼ିଶା | ୮,୯୭,୦୬୨ | ୩୮୪୮(+୫୩) | ୮,୬୩,୮୨୪ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ୫% ଟପିଲା ସଂକ୍ରମଣ ହାର

ଭୁବନେଶ୍ୱର, ୨୬।୬(ବ୍ୟୁରୋ)

ରାଜ୍ୟରେ ଏବେ ପୁଣି ଉପରମୁହାଁ ହେଲାଣି କରୋନା ଗ୍ରାଫ୍। ଗତ କିଛିଦିନ ହେବ ସଂକ୍ରମଣ ହ୍ରାସ ପାଉଥିବାରୁ ଏକ ପ୍ରକାର ଆଶ୍ୱସ୍ତି ମିଳିଥିଲା। ଦୈନିକ ସଂକ୍ରମଣ ହାର ୪ ପ୍ରତିଶତ ତଳକୁ ଖସି ଆସିଥିବାବେଳେ ଏବେ ୫ ପ୍ରତିଶତ ଡେଇଁଛି। ଗତ ୨୪ ଘଣ୍ଟାରେ ୬୮,୬୯୫ ନମୁନା ପରୀକ୍ଷା ହୋଇଥିଲା। ଏଥିରୁ ୩,୫୫୪ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ଓ ସଂକ୍ରମଣ ହାର ୫.୧୭%କୁ ବୃଦ୍ଧି ପାଇଛି। କେବଳ ୮ ଜିଲାକୁ ଛାଡ଼ି ଦେଲେ ରାଜ୍ୟର ୨୨ ଜିଲାରେ ସଂକ୍ରମଣ ବୃଦ୍ଧି ପାଉଥିବା ଦେଖାଯାଇଛି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୬୫୧ଜଣ ଚିହ୍ନଟ ହୋଇଥିବାବେଳେ କଟକରୁ ୫୦୧, ବାଲେଶ୍ୱର ୨୭୧, ଯାଜପୁର ୨୫୬, ପୁରୀରେ ୨୩୩ଜଣ ରହିଛନ୍ତି। ବର୍ତ୍ତମାନ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୮,୯୭,୦୬୨ରେ ପହଞ୍ଚିଛି।

ତେବେ ଅମାନିଆଙ୍କ ପାଇଁ ରାଜ୍ୟରେ କରୋନା ସଂକ୍ରମଣ ବଢ଼ୁଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ବିଜୟ କୁମାର ମହାପାତ୍ର କହିଛନ୍ତି। ସେ କହିଛନ୍ତି, ଯେଉଁସବୁ ଜିଲାରେ ସଂକ୍ରମଣ ହାର ଅଧିକ ରହିଛି ସେଠାରେ ସ୍ଥିତି ନିୟନ୍ତ୍ରଣ କରିବାକୁ ସ୍ୱତନ୍ତ୍ର ଷ୍ଟ୍ରାଟେଜି ଆପଣାଯାଉଛି। ସର୍ଭେଲାନ୍ସଠୁ ନେଇ ଟିକାକରଣ ଯାଏ ସବୁକିଛି ତ୍ୱରାନ୍ୱିତ କରାଯାଉଛି। ଲୋକମାନେ ନିୟମ ନ ମାନିବା, ଅଧିକ ସଂଖ୍ୟକ ଲୋକ ଏକା ସାଙ୍ଗରେ ବାହାରକୁ ବାହାରିବା ସଂକ୍ରମଣର ବଡ଼ କାରଣ ବୋଲି ସେ ଦର୍ଶାଇଛନ୍ତି। ଭୂତାଣୁ ଦୂରେଇ ଯାଇ ନ ଥିବାବେଳେ ଲୋକେ ବାହାରକୁ ବାହାରି ସଂକ୍ରମଣ ବ୍ୟାପିବାକୁ ପ୍ରୋତ୍ସାହନ ଦେବା ପରି କାମ କରୁଛନ୍ତି। ଏହାର ଭୟାବହତା ଅନ୍ୟମାନଙ୍କୁ ଭୋଗିବାକୁ ପଡୁଛି। ବିଭିନ୍ନ ଜିଲାରୁ ଲୋକଙ୍କ ଯିବାଆସିବା ମଧ୍ୟ ଭୁବନେଶ୍ୱରରେ ସଂକ୍ରମଣ ବଢ଼ିବାର ଅନ୍ୟତମ କାରଣ ବୋଲି ସେ କହିଛନ୍ତି। ବର୍ତ୍ତମାନର କରୋନା ସ୍ଥିତି ଉପରେ ରାଜ୍ୟ ସରକାର ନଜର ରଖିଛନ୍ତି, ପ୍ରତିଦିନ ଡାଟାକୁ ବିଶ୍ଳେଷଣ କରାଯାଉଛି ଓ ଉଚ୍ଚସ୍ତରୀୟ କମିଟି ବୈଠକ ବସି ୩୦ ତାରିଖ ପରେ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କୀୟ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। କୋଭିଡ୍ ନିୟମ ନ ମାନିଲେ ସ୍ଥିତି ସ୍ୱାଭାବିକ ହେବାରେ ବିଳମ୍ବ ହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଚେତାଇ ଦେଇଛନ୍ତି।

ଅପରପକ୍ଷେ କରୋନା ମୃତ୍ୟୁରେ ବ୍ରେକ୍ ଲାଗୁନି। ରାଜ୍ୟରେ ପୁଣି ୪୭ଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ଏମାନଙ୍କ ମଧ୍ୟରୁ ୩୫ଜଣଙ୍କର ଅନ୍ୟ କୌଣସି ରୋଗ ନ ଥିଲା ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୯ଜଣ ରହିଛନ୍ତି। ଏହା ହେଉଛି ଜିଲାର ଦୈନିକ ସର୍ବାଧିକ ମୃତ୍ୟୁ। ସେହିପରି ବରଗଡ଼, କଟକ ଓ ନୟାଗଡ଼ରୁ ୫ଜଣ ଲେଖାଏ, ସୁନ୍ଦରଗଡ଼, ପୁରୀ ଓ ଗଞ୍ଜାମରୁ ୩ଜଣ ଲେଖାଏ, ଅନୁଗୋଳ, ଯାଜପୁର ଓ କେନ୍ଦ୍ରାପଡ଼ାରୁ ୨ଜଣ ଲେଖାଏ ଏବଂ ନୂଆପଡ଼ା, ମୟୂରଭଞ୍ଜ, କଳାହାଣ୍ଡି, ଝାରସୁଗୁଡ଼ା, ଜଗତ୍‌ସିଂହପୁର, ଗଜପତି, ଢେଙ୍କାନାଳ ଓ ବାଲେଶ୍ୱରରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୩,୮୪୮କୁ ବୃଦ୍ଧି ପାଇଛି।

## ଦିନକରେ ୩,୫୫୪ ଚିହ୍ନଟ, ୪୭ ମୃତ

- ୨୨ ଜିଲାରେ କରୋନା ଉପରମୁହାଁ
- ଅଧିକ ସଂକ୍ରମିତ ଜିଲାରେ ସ୍ୱତନ୍ତ୍ର ଷ୍ଟ୍ରାଟେଜି ଆପଣାଯାଉଛି
- ଅମାନିଆଙ୍କ ପାଇଁ ବଢ଼ୁଛି ସଂକ୍ରମଣ



## ସଂକ୍ଷେପରେ

### ୪ ଏଟିଏମ୍‌ରୁ ୩୪ ଲକ୍ଷ ହଡ଼ପ, ଜଣେ ଗିରଫ

ରାଉରକେଲା ଅଫିସ୍, ୨୬।୬: ରାଉରକେଲା ସହରର ୪ଟି ଏଟିଏମ୍‌ରୁ ୩୪ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗରେ ସେକ୍ଟର ୭ ଥାନା ପୋଲିସ ଶନିବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ହରିଶ୍ଚନ୍ଦ୍ର ଦାସ। ଏଟିଏମ୍ ଗୁଡ଼ିକର ପାସ୍‌ୱାର୍ଡ ବ୍ୟବହାର କରି ହରିଶ୍ଚନ୍ଦ୍ର ଏହି ଲୁଟ୍ କରିବାରେ ସକ୍ଷମ ହୋଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ନେଇ ସେକ୍ଟର ୭ ଥାନାରେ ଏକ ମାମଲା (ନଂ.୮୪/୨୧) ରୁଜୁ ହୋଇଛି। ପୋଲିସ ସୂଚନା ଅନୁସାରେ, ରାଇଟର୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀ ରାଉରକେଲାର ବିଭିନ୍ନ ବ୍ୟାଙ୍କର ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିବାକୁ କଣ୍ଟ୍ରାକ୍ଟ ନେଇଛି। ବର୍ଷେ ହେଲା ହରିଶ୍ଚନ୍ଦ୍ର ଉକ୍ତ କମ୍ପାନୀରେ କାମ କରୁଛନ୍ତି। ସେ ଅନ୍ୟ ଜଣେ କର୍ମଚାରୀଙ୍କ ସହ ମିଶି ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିଥାନ୍ତି। ଏହାର ସୁଯୋଗ ନେଇ ହରିଶ୍ଚନ୍ଦ୍ର ବର୍ଷକ ମଧ୍ୟରେ ୪ ଏଟିଏମ୍‌ରୁ ୩୪ଲକ୍ଷ ଟଙ୍କା ହଡ଼ପ କରିଥିବା ସେକ୍ଟର ୧୯, ସେକ୍ଟର ୭, ଛେଣ୍ଡ୍ ଥାନା ଏବଂ ରେଳବାଇ ଅଞ୍ଚଳର ଅନ୍ୟ ଏକ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା। ଏହି ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହାନ୍ତି ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି।

# ଦେବଗଡ଼ ଗଲା ଏପିଡେମିଓଲୋଜି ଟିମ୍

ଭୁବନେଶ୍ୱର, ୨୬।୬(ବ୍ୟୁରୋ)

ସାରା ଦେଶରେ କରୋନା ସଂକ୍ରମଣ କମୁଥିବାବେଳେ ଏବେ ଡେଲ୍ଟା ପ୍ଲସ୍ ଭାରିଆଣ୍ଟ ଚିନ୍ତା ବଢ଼ାଇଛି। ଓଡ଼ିଶାରୁ ମଧ୍ୟ ଜଣେ ଚିହ୍ନଟ ହୋଇଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯିବା ପରେ ରାଜ୍ୟବାସୀଙ୍କ ମନରେ ଛନକା ପଶିଛି। ଦେବଗଡ଼ର ଉକ୍ତ ୬୫ବର୍ଷୀୟ ଡେଲ୍ଟା ପ୍ଲସ୍ ଆକ୍ରାନ୍ତଙ୍କ ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତି ଜଣକ ମାର୍ଚ୍ଚ ୩୦ରେ କରୋନାର ପ୍ରଥମ ଡୋଜ୍ ଟିକା ନେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଜଣେ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିଲେ। ଏପ୍ରିଲରେ ତାଙ୍କର ନମୁନା ପରୀକ୍ଷଣ କରାଯାଇଥିବାବେଳେ ଲକ୍ଷଣହୀନ ପଜିଟିଭ ଚିହ୍ନଟ ହୋଇଥିଲେ। ଏହାପରେ ତାଙ୍କୁ ୬ ସପ୍ତାହ ସର୍ଭେଲାନ୍ସ ପିରିୟଡ଼ରେ ରଖାଯାଇଥିଲା। ମେ'ରେ ଜେନମ ସିକ୍ୱେନ୍ସିଂ ପାଇଁ ତାଙ୍କର ଡିଏନ୍ଏ ସାମ୍ପଲ ପଠାଯାଇଥିଲା। ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ଏପିଡେମିଓଲୋଜି ଟିମ୍ ଦେବଗଡ଼ ଗସ୍ତ କରିଛି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା କେମିତି ରହିଛି, ସେ କାହା ସାଙ୍ଗରେ ମିଶିଥିଲେ, ସଂସ୍ପର୍ଶରେ ଆସିଥିବା ଲୋକେ ସଂକ୍ରମିତ ହୋଇଛନ୍ତି କି ନାହିଁ, ସେମାନେ ସମସ୍ତେ ଟିକା ନେଇଛନ୍ତି କି ନାହିଁ ସେ ନେଇ ଯାଞ୍ଚ କରାଯିବ। ଡେଲ୍‌ଟା ପ୍ଲସ୍ ଭାରିଆଣ୍ଟରେ ଆକ୍ରାନ୍ତ ବ୍ୟକ୍ତି ଜଣକ ଟିକା ନେଇଥିବାରୁ ତାଙ୍କର କିଛି ଲକ୍ଷଣ ଦେଖାଯାଉ ନ ଥିଲା। ତେଣୁ ଟିକାର ପ୍ରଭାବ ରହିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ସେପଟେ ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍ଏସ୍) ନିର୍ଦ୍ଦେଶକ ଡ. ଅଜୟ ପରିଡ଼ା କହିଛନ୍ତି, ଡେଲ୍ଟା ପ୍ଲସ୍ ଭାରିଆଣ୍ଟ ବିଶେଷ ଘାତକ ନୁହେଁ। ଯଦି ଘାତକ ହୋଇଥାନ୍ତା ତା'ହେଲେ ଏହା ସାରା ଦେବଗଡ଼ ଜିଲାରେ ବ୍ୟାପି ସାରନ୍ତାଣି। ତଥାପି ଆମକୁ ସତର୍କ ରହିବାକୁ ପଡ଼ିବ। ଦେବଗଡ଼ ଜିଲାର ଆକ୍ରାନ୍ତ ଜଣକ ସୁସ୍ଥ ହୋଇ ସାରିଥିବାରୁ ଡେଲ୍ଟା ପ୍ଲସକୁ ନେଇ ଏତେ ଭୟଭୀତ ହେବାର ନାହିଁ ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଓଡ଼ିଶା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ ଭଳି ୪ ରାଜ୍ୟରୁ ୩,୮୦୦ ନମୁନା ସଂଗ୍ରହ କରାଯାଇ ଜେନମ ସିକ୍ୱେନ୍ସିଂ ଟେଷ୍ଟ ପାଇଁ ଯାଇଥିଲା। ସେଥିମଧ୍ୟରୁ ଓଡ଼ିଶାରୁ ୧,୧୦୦ ନମୁନା ସଂଗ୍ରହ ହୋଇଥିଲା, ଯେଉଁଥିରୁ ମାତ୍ର ଗୋଟିଏରେ ଡେଲ୍ଟା ପ୍ଲସ ଭାରିଆଣ୍ଟ ସଂକ୍ରମିତ ଚିହ୍ନଟ ହୋଇଥିଲା। ତା' ଛଡ଼ା ସମଗ୍ର ଦେଶରୁ ୪୬ ହଜାର ନମୁନା ସଂଗ୍ରହ କରାଯାଇଥିଲେ ମଧ୍ୟ ମାତ୍ର ୪୮ଟିରେ ଡେଲ୍ଟା ପ୍ଲସ୍ ଭାରିଆଣ୍ଟ ଥିବା ଜଣାପଡ଼ିଛି, ଯାହାକି ୦.୦୧ପ୍ରତିଶତ। ତେବେ ଆଗାମୀ ଦିନରେ ଏହି ଭାରିଆଣ୍ଟର ପ୍ରଭାବ କ'ଣ ରହିବ, ତା'ଉପରେ ଗବେଷଣା ଜାରି ରହିଛି ବୋଲି ପରିଡ଼ା କହିଛନ୍ତି।

## ଡେଲ୍ଟା ପ୍ଲସ୍ ଚିହ୍ନଟ ପରେ ଛନକା



- ଆକ୍ରାନ୍ତ ଓ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବେ
- ବିଶେଷ ଘାତକ ନୁହେଁ, ଭୟ ନ କରିବାକୁ ବିଶେଷଜ୍ଞଙ୍କ ପରାମର୍ଶ

# ବଜ୍ରପାତରେ ୨ ଚାଷୀ ମୃତ

ବିରିଡ଼ି/ନିଶ୍ଚିନ୍ତକୋଇଲି, ୨୬।୬(ଡି.ଏନ୍.ଏ./ସ୍ୱ.ପ୍ର.)

ରାଜ୍ୟର ପୃଥକ ସ୍ଥାନରେ ଶନିବାର ବଜ୍ରପାତ ଘଟି ୨ ଚାଷୀଙ୍କ ମୃତ୍ୟୁ ଘଟିଛି। ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ଔରଙ୍ଗାବାଦ ଗ୍ରାମରେ ବଜ୍ରପାତ ଘଟି ହେମନ୍ତ କୁମାର ସ୍ୱାଇଁ (୫୫)ଙ୍କ ମୃତ୍ୟୁ ଘଟିଛି । ସ୍ୱାଇଁ ମଧ୍ୟାହ୍ନରେ ସମୟରେ ବିଲରେ କାମ କରୁଥିବାବେଳେ ବଜ୍ରପାତ ହୋଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଗାଁର କେତେଜଣ ଲୋକ ତାଙ୍କୁ ଉଦ୍ଧାର କରି ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ହେମନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୪/୨୧) ରୁଜୁ ହୋଇଛି। ସେହିପରି କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ସାଲେପୁର ଥାନା ଅଧୀନ ରାମକୃଷ୍ଣପୁର ପଞ୍ଚାୟତର ଦହପଡ଼ା ଗ୍ରାମରେ ବଜ୍ରପାତ ହେବାରୁ ଶ୍ୟାମସୁନ୍ଦର ବେହେରା (୫୦)ଙ୍କ ମୃତ୍ୟୁ ଘଟିଛି। ସେ ସକାଳେ କ୍ଷେତକୁ ଯାଇ ତଳି ପକାଉଥିବାବେଳେ ବର୍ଷା ହୋଇଥିଲା। ସେ ଘରକୁ ଫେରୁଥିବା ବେଳେ ବଜ୍ରପାତ ହେବାରୁ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଶ୍ୟାମସୁନ୍ଦରଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସାଲେପୁର ପୋଲିସ ମୃତଦେହ ଜବତ କରି ଥାନାରେ ଅପମୃତ୍ୟୁ ମାମଲା (ନଂ.୧୪/୨୧)ରୁଜୁ କରିଛି।

# ଦୁଇଦିନ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୬।୬(ବ୍ୟୁରୋ)

## ସ୍ୱାଭାବିକଠାରୁ ୩% କମ୍ ହୋଇଛି

ଓଡ଼ିଶା ଏବଂ ଝାଡ଼ଖଣ୍ଡ ଉପରେ ଏକ ଟ୍ରଫ୍‌ଲାଇନ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ଦୁଇ ଦିନ ରାଜ୍ୟର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ତେବେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ପୁରୀ ଏବଂ ଗଞ୍ଜାମ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି।

ଜୁନ୍ ପହିଲାରୁ ୨୬ ତାରିଖ ମଧ୍ୟରେ ରାଜ୍ୟରେ ୩ ପ୍ରତିଶତ କମ୍ ବର୍ଷା ହୋଇଛି। ୮ ଜିଲାରେ ସ୍ୱାଭାବିକଠାରୁ ୨୬ ପ୍ରତିଶତରୁ କମ୍ ବର୍ଷା ହୋଇଛି। ଭଦ୍ରକରେ ୪୯ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ଗଜପତି ୪୬, ଗଞ୍ଜାମ ୪୬, ଯାଜପୁର ୩୪, କନ୍ଧମାଳ ୩୫, ରାୟଗଡ଼ା ୨୪, ବଲାଙ୍ଗୀର ୨୬, ବୌଦ୍ଧ ଜିଲାରେ ୨୪% କମ୍ ବର୍ଷା ହୋଇଛି।




**ଆଜିର ମନ୍ତବ୍ୟ**

ଡେଲ୍ଟା ଭାରିଆଣ୍ଟ ସବୁଠୁ ସଂକ୍ରାମକ। ଟିକା ନେଇ ନ ଥିବା ଲୋକଙ୍କୁ ଏହା ଦ୍ରୁତଗତିରେ ଆକ୍ରାନ୍ତ କରୁଛି।
-ଟେଡ୍ରୋସ୍ ଅଧନୋମ୍ ଘେବ୍ରେୟେସସ୍,ଡବ୍ଲ୍ୟୁଏଚ୍ଓ ମୁଖ୍ୟ


**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରିଙ୍କି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୩ କୃଷି ଆଇନ ପ୍ରତ୍ୟାହାର ଦାବି

**ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**

ଭୁବନେଶ୍ୱର,୨୬।୬(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ୩ କୃଷି ଓ କୃଷକ ବିରୋଧୀ ଆଇନ ପ୍ରତ୍ୟାହାର ଦାବିରେ ଚାଷୀ ଆନ୍ଦୋଳନ ପୁଣି ବ୍ୟାପକ ହୋଇଛି। ଶନିବାର ଜରୁରୀକାଳୀନ ପରିସ୍ଥିତି ଜାରି ହେବାର ୪୬ ବର୍ଷ ପୂର୍ତ୍ତି ଓ କୃଷି ଆଇନ ପ୍ରତ୍ୟାହାର ଦାବିରେ ଶନିବାର ଦେଶତମାମ କୃଷକ ସଂଗଠନ ବିକ୍ଷୋଭ କରିଛନ୍ତି। ଚାଷୀମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କ ମାଧ୍ୟମରେ ସ୍ମାରକପତ୍ର ପଠାଉଛନ୍ତି। ଏହି ପରିପ୍ରେକ୍ଷୀରେ ସଂଯୁକ୍ତ କିଶାନ ମୋର୍ଚ୍ଚା ଆହ୍ୱାନରେ ନବନିର୍ମାଣ କୃଷକ ସଙ୍ଗଠନ ତରଫରୁ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଏବଂ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କ ନେତୃତ୍ୱରେ ଏକ କୃଷକ ପ୍ରତିନିଧି ଦଳ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ଅକ୍ଷୟ କୁମାର ଗଣମାଧ୍ୟମକୁ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ସମ୍ପୂର୍ଣ୍ଣ ଅସମ୍ବିଧାନିକ ଓ କୃଷକ ବିରୋଧୀ। କୃଷି କେବଳ କେନ୍ଦ୍ର ସରକାରଙ୍କ ବ୍ୟାପାର ନୁହେଁ। କିନ୍ତୁ କେନ୍ଦ୍ର ସରକାର କୃଷକମାନଙ୍କ ସହ କଥାବାର୍ତ୍ତା ନ କରି କାହାକୁ ବିଶ୍ୱାସକୁ ନ ନେଇ ତରବରିଆ ଭାବରେ ବିଲକୁ ଆଇନରେ ପରିଣତ କଲେ। ଏହା କେବଳ କର୍ପୋରେଟ୍‌ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କରାଯାଇଛି। ସିଧାସଳଖ ଭାବେ କୃଷିକ୍ଷେତ୍ରକୁ କର୍ପୋରେଟ ହାତରେ ଟେକିଦେବା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆଇନ ପ୍ରତ୍ୟାହାର କରି ଦେଶର ଅଗଣିତ ଖାଉଟିଙ୍କୁ ଶୋଷଣ କରିବା ପାଇଁ ବାଟ ଖୋଲି ଦିଆଯାଇଛି। କୃଷି ପ୍ରଧାନ ଦେଶରେ କୃଷକମାନଙ୍କ ଉପରେ ଏଭଳି ଅତ୍ୟାଚାରକୁ ବରଦାସ୍ତ କରାଯିବ ନାହିଁ। ଏହା ବିରୋଧରେ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ଅକ୍ଷୟ କହିଛନ୍ତି। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି ଯେ କେନ୍ଦ୍ରର ଭାଜପା ସରକାର ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶରେ ଚାଷୀମାନଙ୍କଠାରୁ ବ୍ୟାଲଟ୍‌ରେ ଜବାବ ପାଇବା ପରେ ବି ଚେତୁ ନାହାନ୍ତି । ସରକାର ଯଦି ବିନା ସର୍ତ୍ତରେ ଏହି କଳା ଆଇନ ପ୍ରତ୍ୟାହାର ନ କରନ୍ତି ତେବେ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ମଧ୍ୟ ପରାଜୟ ମୁହଁ ଦେଖିବେ।

# ପୁନଃନିଯୁକ୍ତି ପାଇଁ ପଦକ୍ଷେପ ନିଅ: ହାଇକୋର୍ଟ

**ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଛଟେଇ ପ୍ରସଙ୍ଗ**

କଟକ ଅଫିସ, ୨୬।୬

ନୟାଗଡ଼ ଜିଲାର ଛଟେଇ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କୁ ପୁନଃନିଯୁକ୍ତି ଦେବା ପାଇଁ ପଦକ୍ଷେପ ନେବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩ମାସ ମଧ୍ୟରେ ଏହା ଉପରେ ପଦକ୍ଷେପ ନେବାକୁ ହାଇକୋର୍ଟ ମୁଖ୍ୟଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୟାଗଡ଼ର ସ୍ୱାସ୍ଥ୍ୟକର୍ମୀ ଶୁଭଶ୍ରୀ ମହାପାତ୍ର ଓ ଶ୍ରୀଦେବୀ ପଣ୍ଡାଙ୍କ ଆବେଦନର ଏକତ୍ର ଶୁଣାଣି କରି ଜଷ୍ଟିସ ଡ. ବି.ଆର. ଷଡଙ୍ଗୀ ଏହି ନିର୍ଦ୍ଦେଶ ଦେଇଛନ୍ତି।

କରୋନା ମହାମାରୀ ଯୋଗୁ ଜରୁରିକାଳୀନ ଭିତ୍ତିରେ ଗତବର୍ଷ ମାର୍ଚ୍ଚ ୨୭ରେ ନୟାଗଡ଼ ଜିଲା ପାଇଁ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ପଦବୀ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏପ୍ରିଲ ୧୨ ପରଠାରୁ ସେମାନଙ୍କୁ ନିଯୁକ୍ତି ମିଳିଥିଲା। କିନ୍ତୁ ଡିସେମ୍ବରରେ ହଠାତ୍ ଛଟେଇ କରିଦିଆଗଲା। ଏନେଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଆବେଦନପତ୍ରରେ ଦର୍ଶାଇଥିଲେ, ୨୦୨୧ ମେ' ୩ରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଯେଉଁମାନେ ୧୦୦ ଦିନ ଡ୍ୟୁଟି କରିଛନ୍ତି, ସେମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇଦେବା, ଚାକିରିକୁ ନିୟମିତ କରାଇବା ଓ ଛଟେଇ କର୍ମଚାରୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ସୁଯୋଗ ଯୋଗାଇ ଦିଆଯାଉ। ସେହିପରି ଓଡ଼ିଶା ଗ୍ରୁପ ସି ଓ ଗ୍ରୁପ ଡି ପୋଷ୍ଟ(ଚୁକ୍ତିଭିତ୍ତିକ ନିଯୁକ୍ତି) ନିୟମ ୨୦୧୩ ଅନୁଯାୟୀ ନିୟମିତ କରାଯିବାକୁ ଆବେଦନକାରୀ ଦର୍ଶାଇଥିଲେ। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ, ସ୍ୱତନ୍ତ୍ର ସଚିବ, ଡିଏମ୍‌ଇଟି, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ରମାକାନ୍ତ ଷଡ଼ଙ୍ଗୀ ମାମଲା ପରିଚାଳନା କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଟିକା ଅନୁପାତ ୯୫:୫ ...

ପୂରଣ କରିବାରେ ବାଧା ସୃଷ୍ଟି କରୁଛି। ଗତ ୨୧ରୁ ରାଜ୍ୟରେ କ୍ୟାମ୍ପେନ୍ ମୋଡ୍‌ରେ ଟିକାକରଣ ଆରମ୍ଭ ହୋଇଛି। ଦୈନିକ ୩ଲକ୍ଷ ଟିକାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ଲକ୍ଷ୍ୟ ରଖିଥିଲା। କ୍ୟାମ୍ପେନ୍ ମୋଡ୍‌ର ପ୍ରଥମ ଦିନରେ ଲକ୍ଷ୍ୟ ପୂରଣ ହୋଇଥିଲା। ପ୍ରଥମ ଦିନରେ ୧,୬୧୩ ଟିକାକେନ୍ଦ୍ରରେ ରେକର୍ଡ ସଂଖ୍ୟକ ୩,୩୨,୭୧୭ ଟିକାକରଣ ହୋଇଥିଲା। କିନ୍ତୁ ଏହାପରେ ଆଉ ୩ ଲକ୍ଷ ଟପିପାରିନି। ଟିକା ଆବଣ୍ଟନ ଅନୁପାତରେ ପରିବର୍ତ୍ତନ କଲେ ରାଜ୍ୟରେ ଶତ ପ୍ରତିଶତ ଟିକାଦାନ ଲକ୍ଷ୍ୟ ପୂରଣ ହେବ ବୋଲି ନବ ଦାସ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧,୧୪,୧୪,୬୪୪ ଡୋଜ୍ ଟିକାକରଣ ହୋଇଛି।

### ସିରମ୍‌ରେ କୋଭୋଭାକ୍ସ...

ଜୁଲାଇ ମାସରୁ ଏହି ଟିକାର କ୍ଲିନିକାଲ ପରୀକ୍ଷା ପିଲାମାନଙ୍କଠାରେ କରାଯିବ। ଏଥିରେ ୯୨୦ ପିଲା ଭାଗ ନେବେ ବୋଲି କମ୍ପାନୀ କହିଛି। ପ୍ରଥମ ବ୍ୟାଚ୍ ଉତ୍ପାଦନକୁ ନେଇ ପୁନାୱାଲା ଖୁସି ବ୍ୟକ୍ତ କରିବା ସହ ଟୁଇଟ୍ କରି ଏହାକୁ ଶେୟାର କରିଛନ୍ତି। କୋଭିଡ୍-୧୯ ବିରୋଧରେ କୋଭୋଭାକ୍ସ ୯୦ ପ୍ରତିଶତ ଫଳପ୍ରଦ ବୋଲି ନିକଟରେ ଶେଷ ହୋଇଥିବା ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ଫଳାଫଳରୁ ଜଣାପଡ଼ିଛି। ଆମେରିକାରେ ହୋଇଥିବା ପରୀକ୍ଷାରେ ଉକ୍ତ ଭାକ୍ସିନ ମଧ୍ୟମ ଓ ଗୁରୁତର ସଂକ୍ରମିତଙ୍କ କ୍ଷେତ୍ରରେ ୧୦୦ ପ୍ରତିଶତ ସୁରକ୍ଷା ଦେଉଥିବା ଜଣାପଡ଼ିଥିଲା। ୧୮ ବର୍ଷରୁ କମ୍ ପିଲାମାନଙ୍କ ଉପରେ ଟିକାର ପରୀକ୍ଷା ଚାଲିଥିବାବେଳେ ଭବିଷ୍ୟତ ପିଢ଼ିଙ୍କୁ ଏହା ସୁରକ୍ଷା ଦେଇପାରିବ ବୋଲି ପୁନାୱାଲା କହିଛନ୍ତି। ଏସ୍‌ଆଇଆଇ ପକ୍ଷରୁ ଏହି ଟିକାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ପରୀକ୍ଷା ପିଲାମାନଙ୍କ ଉପରେ ହେବାକୁ ଥିବାବେଳେ ଏଥିରେ ୧୨ରୁ ୧୭ ବର୍ଷ ବୟସର ୪୬୦ ଜଣ ଏବଂ ୨ରୁ ୧୧ ବର୍ଷ ବୟସର ୪୬୦ ଜଣ ଭାଗ ନେବେ। କୋଭୋଭାକ୍ସ ଉତ୍ପାଦନ ଏବଂ ନିମ୍ନ ଓ ମଧ୍ୟମ ଆୟକାରୀ ଦେଶକୁ ଯୋଗାଣ ଲାଗି ଆମେରିକା ବାୟୋଟେକ୍‌ନୋଲୋଜି କମ୍ପାନୀ ଏସ୍‌ଆଇଆଇକୁ ଲାଇସେନ୍ସ ପ୍ରଦାନ କରିଛି।

### ଜୁଲାଇରେ ଜନ୍‌ସନ୍ ଆଣ୍ଡ୍ ...

ଜୁଲାଇରେ ଏହି ଟିକା ଭାରତରେ ପହଞ୍ଚିବାକୁ ଥିବାବେଳେ ପ୍ରଥମ ବ୍ୟାଚ୍‌ରେ ଅଳ୍ପ କେତେ ହଜାର ଡୋଜ୍ ଆସିବ ବୋଲି ଜଣାପଡ଼ିଛି। ଭାରତରେ ଏହି ଟିକାର ପ୍ରତି ଡୋଜ୍ ଦାମ୍ ୨୫ ଡଲାର (୧୮୫୫ ଟଙ୍କା) ରହିବ। ଏହି ଭାଇରାଲ ଭେକ୍ଟର ଭାକ୍ସିନକୁ ବିଯୁକ୍ତ ତାପମାତ୍ରାରେ ଗଚ୍ଛିତ ରଖିବାର ଆବଶ୍ୟକତା ନ ଥିବାରୁ ଭାରତ ଭଳି ଦେଶ ପାଇଁ ଏହା ଉପଯୁକ୍ତ ହେବ ବୋଲି କୁହାଯାଉଛି। ଭାରତରେ ଏହି ଟିକାର କ୍ଲିନିକାଲ ପରୀକ୍ଷା ଲାଗି ଅନୁମତି ଦେବାକୁ ଜନ୍‌ସନ ଆଣ୍ଡ ଜନ୍‌ସନ ଗତ ଏପ୍ରିଲରେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲା। ତେବେ ଭାରତ ସରକାରଙ୍କ ନୂଆ ଟିକା ନୀତି ଅନୁଯାୟୀ ଆମେରିକା ଔଷଧ ନିୟନ୍ତ୍ରକ ଅନୁମୋଦନ କରିଥିବା ଟିକାକୁ ଭାରତରେ ପରୀକ୍ଷା କରାଇବାର ଆବଶ୍ୟକତା ନାହିଁ। ସେଥିପାଇଁ ଆସନ୍ତା ମାସରେ ଉକ୍ତ ଟିକାକୁ ଭାରତରେ ବ୍ୟବହାର ଲାଗି ମଞ୍ଜୁରୀ ମିଳିବା ଆଶା କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ରିପୋର୍ଟ ଅନୁଯାୟୀ ଜନ୍‌ସନ ଆଣ୍ଡ ଜନ୍‌ସନ ଟିକା ସାମାନ୍ୟ ତଥା ମଧ୍ୟମ କୋଭିଡ୍ ସଂକ୍ରମିତଙ୍କ କ୍ଷେତ୍ରରେ ୬୬.୩ ପ୍ରତିଶତ ପ୍ରଭାବୀ ହୋଇଥିବାବେଳେ ଗୁରୁତର ରୋଗୀଙ୍କ ପାଇଁ ୭୬.୩ ପ୍ରତିଶତ କାର୍ଯ୍ୟକ୍ଷମ। ଟିକାକରଣର ୨୮ ଦିନ ପରେ ଏହା ସଂକ୍ରମିତଙ୍କୁ ହସ୍ପିଟାଲରେ ଭର୍ତ୍ତି ହେବାରୁ ୧୦୦ ପ୍ରତିଶତ ସୁରକ୍ଷା ଦେଇଥାଏ ବୋଲି ଡବ୍ଲ୍ୟୁଏଚ୍‌ଓ ରିପୋର୍ଟରେ କୁହାଯାଇଛି।

### ପିଲା ଅଧିକ, ସିଟ୍ ...

ପରୀକ୍ଷା ନ କରି ମାଟ୍ରିକ ଫଳ ପ୍ରକାଶ କରିଥିବାରୁ ପ୍ରବେଶିକା ପରୀକ୍ଷା କରିବାର ସମ୍ଭାବନା ନାହିଁ। ତେଣୁ ସିଟ୍ ବୃଦ୍ଧି ହିଁ ଏକମାତ୍ର ଉପାୟ ବୋଲି କୁହାଯାଉଛି।

ସେହିଭଳି ଏଥର ଅଧିକାଂଶ ପିଲା ଭଲ ନମ୍ବର ରଖିଥିବାରୁ ସେମାନେ ପସନ୍ଦଯୋଗ୍ୟ କଲେଜରେ ସିଟ୍ ପାଇବେ କି ନାହିଁ ତାହାକୁ ନେଇ ମଧ୍ୟ ଚିନ୍ତାରେ ରହିଛନ୍ତି। କାରଣ ଗତ ବର୍ଷ ଏ-୧(୯୧%ରୁ ଊର୍ଦ୍ଧ୍ୱ ନମ୍ବର)ରେ ପ୍ରାୟ ୧,୨୭୯ ପିଲା ଉତ୍ତୀର୍ଣ୍ଣ ହୋଇଥିବାବେଳେ ଚଳିବର୍ଷ ଏହା ୨ଗୁଣ ବୃଦ୍ଧି ପାଇ ୨,୬୫୬ରେ ପହଞ୍ଚିଛି। ସେହିପରି ଏ-୨(୮୧ରୁ ୯୦% ନମ୍ବର)ରେ ଗତ ବର୍ଷ ୮,୪୫୮ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଏଥର ୨୨,୧୩୧ଜଣ ପାସ୍ କରିଛନ୍ତି। ତେଣୁ ଏ-୨ରେ ଥିବା ପିଲାମାନେ ଭଲ କଲେଜ ପାଇବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେବେ ଏନେଇ ଶିକ୍ଷା ବିଭାଗର କୌଣସି ମତାମତ ମିଳିପାରି ନାହିଁ।

### ୫୪ ଦିନରେ ...

ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି କଟକରେ ପେଟ୍ରୋଲ ଲିଟର ପିଛା ୯୯.୨୧ ଟଙ୍କା ଏବଂ ଡିଜେଲ ୯୬.୯୨ ଟଙ୍କାରେ ପହଞ୍ଚିଛି। ଅନ୍ୟପକ୍ଷରେ ଓଡ଼ିଶାର ଅନୁଗୋଳ, ବରଗଡ଼, ବଲାଙ୍ଗୀର, ବୌଦ୍ଧ, ଗଞ୍ଜାମ, ଗଜପତି, କନ୍ଧମାଳ, କେନ୍ଦୁଝର, କଳାହାଣ୍ଡି, ନୂଆପଡ଼ା, ରାୟଗଡ଼ା, ନବରଙ୍ଗପୁର,ସୋନପୁର, ମାଲକାନଗିରି ଓ କୋରାପୁଟ ଜିଲାର ବିଭିନ୍ନ ବ୍ଲକରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ଉପରେ ଥିବାବେଳେ ମାଲକାନଗିରି,ରାୟଗଡ଼ା, ନବରଙ୍ଗପୁର ଓ କୋରାପୁଟ ଜିଲାର ବିଭିନ୍ନ ବ୍ଲକରେ ଡିଜେଲ ଲିଟର ପିଛା ୧୦୦ ଟଙ୍କା ଟପିଯାଇଥିବା ସ୍ଥାନୀୟ ପେଟ୍ରୋଲିୟମ ଡିଲରମାନେ କହିଛନ୍ତି।

ଅପରପକ୍ଷରେ ନୂଆଦିଲ୍ଲୀରେ ପେଟ୍ରୋଲ ଏବଂ ଡିଜେଲ ଉପରେ ୩୫ ପଇସା ଲେଖାଏ ବଢ଼ିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୮.୧୧ ଟଙ୍କା ଏବଂ ଡିଜେଲ ୮୮.୬୫ ଟଙ୍କାରେ ପହଞ୍ଚିଛି। ମେ ୪' ପରଠାରୁ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୭.୭୧ ଟଙ୍କା ଏବଂ ଡିଜେଲ ୭.୯୨ ଟଙ୍କା ବୃଦ୍ଧି ଘଟିଥିବା ଜଣାପଡ଼ିଛି। ସେହିପରି ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୯୯.୧୯ ଟଙ୍କା, ୯୭.୯୭ ଟଙ୍କା ଏବଂ ୧୦୪.୨୨ ଟଙ୍କାରେ ବିକ୍ରି ହେଉଛି। ଏହିସବୁ ମେଟ୍ରୋ ସହରରେ ଡିଜେଲ ଦର ଯଥାକ୍ରମେ ୯୩.୨୩ ଟଙ୍କା, ୯୧.୫୦ ଟଙ୍କା ଏବଂ ୯୬.୧୬ ଟଙ୍କାରେ ପହଞ୍ଚିଛି। ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର, ରାଜସ୍ଥାନ, କର୍ଣ୍ଣାଟକ ଓ ମଧ୍ୟପ୍ରଦେଶ ଏବଂ ଜମ୍ମୁ-କଶ୍ମୀର ଓ ଲଦାଖ ଭଳି କେନ୍ଦ୍ରଶାସିତ ଅଞ୍ଚଳରେ ପେଟ୍ରୋଲ ଓ ଡିଜେଲ ଦର ୧୦୦ ଟଙ୍କା ଟପି ରେକର୍ଡ ସ୍ତରରେ ପହଞ୍ଚିଛି। ବର୍ତ୍ତମାନ ସମୟରେ ରାଜସ୍ଥାନର ଗଙ୍ଗାନଗର ଅଞ୍ଚଳରେ ପେଟ୍ରୋଲ ୧୦୯ ଟଙ୍କା ଉପରେ ବିକ୍ରି ହେଉଥିବା ବେଳେ ଡିଜେଲ ମଧ୍ୟ ୧୦୨ ଟଙ୍କା ନିକଟବର୍ତ୍ତୀରେ ବିକ୍ରି କରାଯାଉଥିବା ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ମିଳିଛି।

### ଚାଉଭିନ୍‌ଙ୍କୁ ସାଢ଼େ ...

ଚାଉଭିନ୍‌ଙ୍କୁ ହେନେପିନ୍ କାଉଣ୍ଟି କୋର୍ଟ ଦୋଷୀ ବୋଲି ରାୟ ଦେଇଥିଲେ। ଫ୍ଲଏଡ୍‌ଙ୍କ ନାଗରିକ ଅଧିକାର ଛଡ଼ାଇନେବା ଅଭିଯୋଗରେ ଅନ୍ୟ ୩ ପୋଲିସ ଅଧିକାରୀ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଶୁଣାଣି ପରେ ଚଉଭିନ୍ ମୁହଁରୁ ମାସ୍କ ଖୋଲି ଫ୍ଲଏଡଙ୍କ ପରିବାରକୁ କୌଣସି କ୍ଷମା ପ୍ରାର୍ଥନା ନ କରି କେବଳ ସମବେଦନା ଜଣାଇଥିଲେ। କୋର୍ଟଙ୍କ ରାୟକୁ ଫ୍ଲଏଡଙ୍କ ପରିବାର ସ୍ୱାଗତ କରିଛନ୍ତି। ପୋଲିସର ବର୍ବର ବ୍ୟବହାରକୁ ଗମ୍ଭୀର ଭାବେ ନିଆଯାଉଥିବା ଏହି ରାୟରୁ ଜଣାପଡ଼ିଛି ଏବଂ ଏବେ ଆହୁରି ଲମ୍ବା ରାସ୍ତା ଯିବା ବାକି ଅଛି ବୋଲି ଫ୍ଲଏଡଙ୍କ ଭଉଣୀ ବ୍ରିଗେଟ୍ ଫ୍ଲଏଡ କହିଛନ୍ତି। ବର୍ଣ୍ଣ ବିଦ୍ୱେଷ ବିରୋଧରେ କୋର୍ଟଙ୍କ ଏହି ରାୟ 'ଐତିହାସିକ' ବୋଲି ଫ୍ଲଏଡ୍‌ଙ୍କ ଓକିଲ କହିଛନ୍ତି। କୋର୍ଟଙ୍କ ଫଇସଲା ଉଚିତ ବୋଲି ରାଷ୍ଟ୍ରପତି ଜୋ ବାଇଡେନ୍ କହିଥିବାବେଳେ ସମ୍ପୂର୍ଣ୍ଣ ଘଟଣା ବିଷୟରେ ଅବଗତ ନ ଥିବା ସେ ମତ ରଖିଛନ୍ତି।

୨୦୨୦ ମେ' ୨୫ରେ ଏକ ଦୋକାନରେ ୨୦ ଡଲାରର ନକଲି ବିଲ୍ ବ୍ୟବହାର ଅଭିଯୋଗରେ ଆମେରିକା ପୋଲିସ ଫ୍ଲଏଡ୍‌ଙ୍କୁ ଗିରଫ କରିଥିଲା। ଡେରେକ ଚଉଭିନ୍ ଫ୍ଲଏଡଙ୍କ ବେକକୁ ୯ ମିନିଟ୍ ୩୮ ସେକେଣ୍ଡ ଆଣ୍ଠୁରେ ଚାପି ଧରିଥିଲେ। ସେ ନିଃଶ୍ୱାସ ନେଇପାରୁନାହାନ୍ତି (ଆଇ କାଣ୍ଟ ବ୍ରେଦ୍) ବୋଲି କହି ସାହାଯ୍ୟ ପାଇଁ ଚିତ୍କାର କରୁଥିଲେ ହେଁ ପୋଲିସ ତାଙ୍କ କଥା ଶୁଣି ନ ଥିଲା। ଅଣନିଃଶ୍ୱାସୀ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ଫ୍ଲଏଡ୍ ଜଣେ କୃଷ୍ଣକାୟ ହୋଇଥିବାରୁ ପୋଲିସ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ଆଣି ମିନିଆପଲିସ୍ ସହ ସମଗ୍ର ଆମେରିକାରେ ବିକ୍ଷୋଭ ଆରମ୍ଭ ହୋଇଥିଲା। ପରେ ବର୍ଣ୍ଣବୈଷମ୍ୟ ଓ ପୋଲିସ ବର୍ବରତା ବିରୋଧରେ 'ବ୍ଲାକ୍ ଲାଇଭ୍‌ସ ମ୍ୟାଟର' ଆନ୍ଦୋଳନ ସମଗ୍ର ବିଶ୍ୱକୁ ବ୍ୟାପିଥିଲା।

ମାମଲାର ଶୁଣାଣିବେଳେ ଫ୍ଲଏଡ୍‌ଙ୍କ ଭାଇ ଟେରେନ୍ସ ଫ୍ଲଏଡ ଦୋଷୀଙ୍କୁ ୪୦ ବର୍ଷ ଜେଲଦଣ୍ଡ ଦାବି କରିଥିଲେ। ସେହି ସମୟରେ ଫ୍ଲଏଡ୍‌ଙ୍କ ୭ ବର୍ଷୀୟା ଝିଅ ଜିଆନ୍ନା ଫ୍ଲଏଡଙ୍କ ଏକ ଭିଡିଓ କୋର୍ଟରେ ଚଲାଯାଇଥିଲା। 'ବାପା ମୋତେ ବହୁତ ଭଲ ପାଉଥିଲେ, ତାଙ୍କ କଥା ମନେପଡୁଛି। ମୁଁ ତାଙ୍କ କଥା ସବୁବେଳେ ସମସ୍ତଙ୍କୁ ପଚାରୁଛି। ସେ ମୋତେ ବ୍ରଶ୍ କରିବାରେ ସାହାଯ୍ୟ କରୁଥିଲେ' ବୋଲି ଜିଆନ୍ନା ଉକ୍ତ ଭିଡିଓରେ କହିଥିଲେ। ଏଭଳି ଘଟଣା ଦେଶ ଏବଂ ସମାଜ ପାଇଁ ଯନ୍ତ୍ରଣାଦାୟକ ଥିଲା। ସବୁଠୁ ବେଶି କଷ୍ଟ ଫ୍ଲଏଡ୍‌ଙ୍କ ପରିବାରକୁ ଉଠାଇବାକୁ ପଡ଼ିଛି ବୋଲି କୋର୍ଟ କହିଥିଲେ।

### ଜୁଲାଇରେ ୧୫ ଦିନ ...

୩୧ ଦିନ ମଧ୍ୟରୁ ୧୫ ଦିନ ବ୍ୟାଙ୍କ ବନ୍ଦ ରହିବ। ତେଣୁ ଅବଶିଷ୍ଟ ଦିନଗୁଡ଼ିକରେ ଗ୍ରାହକମାନେ ନିଜ ନିଜ କାର୍ଯ୍ୟ କରାଇ ନେବାକୁ ଏଥିରେ ପରାମର୍ଶ ଦିଆଯାଇଛି। ବ୍ୟାଙ୍କର ଅନ୍‌ଲାଇନ କାର୍ଯ୍ୟ ଜାରି ରହିବ। ହେଲେ ଅଫ୍‌ଲାଇନ (ବ୍ୟାଙ୍କ କାର୍ଯ୍ୟାଳୟ) ଜରିଆରେ ସମସ୍ତ କାର୍ଯ୍ୟ ବନ୍ଦ ରହିବ ବୋଲି ସୂଚନା ମିଳିଛି। ବିଶେଷକରି ଜୁଲାଇ ୪, ୧୧, ୧୮, ଓ ୨୫ ତାରିଖ ରବିବାର ପଡୁଥିବାବେଳେ ୧୦ ଦ୍ୱିତୀୟ ଶନିବାର ଏବଂ ୨୪ ତାରିଖରେ ଚତୁର୍ଥ ଶନିବାର ପଡୁଛି। ଏହାବାଦ୍ ଇଦ୍-ଉଲ-ଜୁହା ଏବଂ ରଥଯାତ୍ରା ଭଳି ପ୍ରମୁଖ ପର୍ବ ପଡୁଥିବାରୁ ସବୁକୁ ମିଶାଇ ୧୫ ଦିନ ବ୍ୟାଙ୍କ ଛୁଟି ରହିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ । ଜମିଜମା, କଳ କାରଖାନା, ଜଳ, ତୈଳ କିମ୍ବା ବିଦ୍ୟୁତ ବ୍ୟବସାୟରୁ ଲାଭବାନ ହେବେ । ରାଜନୀତିରେ କୂଟନୀତି ପ୍ରୟୋଗ କରି କାର୍ଯ୍ୟ ସାଧନ କରିପାରିବେ। ଫେରିବା ବାଟରେ ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବେ ।

**ବୃଷ** — ନିଜର ସମ୍ପର୍କୀୟମାନଙ୍କ ଅସହଯୋଗରୁ କେତେକ ନୂତନ ସମସ୍ୟା ସୃଷ୍ଟି ହେବ। ଆଦୌ ଭଲ ସମ୍ପର୍କ ନ ଥିବା ଲୋକମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ । ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ । କିନ୍ତୁ ଆକସ୍ମିକଭାବରେ ଶାରୀରିକ ଅସୁସ୍ଥତା ହେତୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି ।

**ମିଥୁନ** — ବନ୍ଧୁଙ୍କ ସହାନୁଭୂତି ମାଧ୍ୟମରେ ଅନ୍ୟମାନଙ୍କୁ ନିଜ ସପକ୍ଷରେ ନେଇ କାମ ହାସଲ କରିବେ । ପାରିବାରିକ କ୍ଷେତ୍ରରେ ସତର୍କରେ ଚଳନ୍ତୁ ନଚେତ୍ ଝମେଲା ଅଧିକ ବଢ଼ିଯାଇପାରେ । କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ । ଜମିଜମା ବାବଦରେ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ ।

**କର୍କଟ** — ମନ କଥାକୁ ମନରେ ରଖି ହସି ହସି କାମ ହାସଲ କରିବାରେ ସମର୍ଥ ହେବେ । ଅର୍ଥନୈତିକ ଅଭିବୃଦ୍ଧି ଓ ବୈଷୟିକ ସୁଖ, ସମୃଦ୍ଧି ମନକୁ ଖୁସି କରିବାରେ ସାହାଯ୍ୟ କରିବ । ପୁରୁଣା ରାଗକୁ ଶୁଝାଇବା ସକାଶେ କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିପାରନ୍ତି। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ ଓ କଳା, ସାହିତ୍ୟରେ ଉନ୍ନତି କରିବେ।

**ସିଂହ** — କର୍ମକ୍ଷେତ୍ର ଭଲ ରହିଲେ ମଧ୍ୟ ଘରେ ପିଲାଙ୍କ ସକାଶେ ମନ ଅସ୍ଥିର ରହିବ । ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନ ଯିବାକୁ ବାଧ୍ୟ ହେବେ । ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ମାନସିକ ସ୍ଥିତି ଠିକ୍ ରହିବ। ଯଥାସମ୍ଭବ ନିଜକୁ ବିବାଦୀୟ ପରିସରରୁ ଦୂରେଇ ରଖିବା କାରଣରୁ ଶତ୍ରୁତା କ୍ରମଶଃ ହ୍ରାସ ପାଇପାରେ।

**କନ୍ୟା** — ଯେତେ ପ୍ରକାର ସମସ୍ୟା ଆସିଲେ ମଧ୍ୟ ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ କୌଣସି ଅପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିପାରେ । ଉପରିସ୍ଥଙ୍କ ଆଲୋଚନା ବିଷୟରେ ତାହାଠାରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ । ଅର୍ଥନୈତିକ, ପାରିବାରିକ କ୍ଷେତ୍ର ପ୍ରାୟତଃ ଭଲ ରହିବ ।

**ତୁଳା** — ସ୍ଥଗିତକାମଗୁଡ଼ିକୁ ସମ୍ପନ୍ନ କରିବାରେ ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇବେ । ଅବହେଳା ଜନିତ ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିବାରୁ ମନ ଭଲ ରହିବ ନାହିଁ । କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ । ମାତ୍ରାଧିକ ଭ୍ରମଣ ଯୋଗୁ ଆଳସ୍ୟ ଅନୁଭବ କରିପାରନ୍ତି।

**ବିଛା** — ଯେତେ ସତର୍କରେ ଚଳିଲେ ମଧ୍ୟ କିଛିନା କିଛି ସମସ୍ୟା ସୃଷ୍ଟି ହେବ । ସ୍ତ୍ରୀଙ୍କ ସହ ମତାନ୍ତର କିମ୍ବା ବନ୍ଧୁଙ୍କ ସହ ବିତର୍କ ଆଶଙ୍କା ରହିଛି । କଳା, ସାହିତ୍ୟ, ଚଳଚ୍ଚିତ୍ର, ସଙ୍ଗୀତ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ । ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ, ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ଧନୁ** — ନିଜ ଲୋକମାନଙ୍କ ଉପରେ ଲଘୁ କ୍ରୋଧ ଓ ଅଭିମାନ କରି ପରିବେଶକୁ ସରଗରମ କରିପାରନ୍ତି । କୌଣସି ଅଭାବ ନ ଥିଲେ ମଧ୍ୟ ବିଭିନ୍ନ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରି ରଖିବ । ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବା ସକାଶେ ପ୍ରଯତ୍ନ କରିବେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ ।

**ମକର** — ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା ଅପୂରଣୀୟ କାମନାକୁ କର୍ମକ୍ଷମ କରାଇବାରେ ସାହାଯ୍ୟ କରିବ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ । ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ । ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ କିନ୍ତୁ ଶାରୀରିକ ପରିଶ୍ରମଜନିତ ପୀଡ଼ା ଅନୁଭବ କରିବେ ।

**କୁମ୍ଭ** — ଆଜି ଆପଣ ଯୁଆଡେ ଯାଆନ୍ତୁନା କାହିଁକି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅବଶ୍ୟ ପାଇବେ । ସାୟାହ୍ନେ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରି ପାରନ୍ତି । ଆଜିର କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ । ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷାକରିବା ସହିତ ପାରିବାରିକ ଜୀବନରେ ଉଚିତ୍ ବୁଝାମଣା ରହିବ ।

**ମୀନ** — ମାନସିକ ଅସ୍ଥିରତାବଶତଃ ଅପରାହ୍ନରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ । ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ଆଶ୍ୱସ୍ତି ଅନୁଭବ କରିବେ । ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ । ଆକସ୍ମିକ ଭାବରେ ଗସ୍ତ କାର୍ଯ୍ୟକ୍ରମ ବଦଳିଯାଇପାରେ ।

ଆଜି ଆଷାଢ଼ କୃଷ୍ଣ ତୃତୀୟା ରବିବାର, ଜୁନ୍ ୨୭ ତାରିଖ, ରାଶିନକ୍ଷତ୍ର-ଶ୍ରବଣା/ମକର, ମେଷ ରାଶିର ଘାତବାର, ସିଂହ ରାଶିର ଘାତଚନ୍ଦ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୬।୫୯ ଗତେ ଘ.୦୯।୩୭ ମଧ୍ୟେ, ଘ.୧୨।୧୬ ଗତେ ଘ.୦୨।୫୪ ମଧ୍ୟେ ଅମୃତବେଳା । ଅପରାହ୍ନ ଘ.୦୪।୩୯ ଗତେ ଘ.୦୫।୩୨ ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ.୦୪।୪୬ ଗତେ ଘ.୦୬।୨୫ ମଧ୍ୟେ ରାହୁକାଳ ।


# classifieds

**Everyday**
0674-2580101, 2549302




**GROOM WANTED**

Kaibarta Bride, Very Fair, Searching for Suitable Kaibarta BrideGroom in Bhubaneswar. Mob: 9990161440 (Brother, IAS Faculty in Delhi). D-20923

ବୟସ-38, 5'3", B.sc Staff Nurse ଦରମା ୪୮୦୦୦/- ଥିବା ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। ଯୋଗାଯୋଗ: 7024724959. D-20960

5'4" ସୁନ୍ଦର 44ବୟସ୍କା କରଣ ଚାକିରିଆ 47,000/- ଦରମା ପାଉଥିବା divorced ଝିଅଙ୍କୁ ପୁଅ ଦରକାର। Contact: 7326057574. D-71302

ବିଧବା ଗୁଡ଼ିଆ 58ବୟସ୍କା Block Officeରେ କାର୍ଯ୍ୟରତ ଏକାକୀ ରହୁଥିବା ଝିଅଙ୍କୁ ଯେ କୌଣସି ଜାତିର ପୁଅ ଦରକାର। 7606067313. D-71301

44ବୟସ୍କା Government School Teacher ଖଣ୍ଡାୟତ ଜାତିର divorce ନିଃସନ୍ତାନ ଝିଅଙ୍କ ପାଇଁ ଯେ କୌଣସି ଜାତିର ଘରଜ୍ୱାଇଁ ଆବଶ୍ୟକ। 7749076723. D-20961




**SALE**

**3BHK duplex 58 lakhs near Hanspal Jagannathpur, Bhubaneswar (Bank loan available). 9040033905, 9937807101.** D-70852

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-20844

5 BHK Duplex @99lakh at Balianta. Residential Land near Pahala @1200/ Tamando @1500/ Patrapada @3300/. 9861022055/ 9938219397. D-20947

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession, ଅଗ୍ରିମ boundarywall, electricity with 30ft. road sqft. 700/- ରେ ମିଳୁଛି। Contact: 7008045582, 7749800648.** D-20926

"Yellow zone plot for sale near Gundicha Temple, PURI having 30' wide road and ready for registration with possession. Contact: Bhawani, 7878852388". D-20959

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-20958

**Convert your Dreams into reality with 3BHK 1570sqft. Residential flat @ Rs7500/- per. sqft. Forest park (near Star Coaching Center), Bhubaneswar. Contact- 7978099013.** D-20941

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Spacious 2Bedroom flat available for rent at BJB Nagar for detail contact: 9437074655, 919342540892. D-20940

**Duplex house facing Kargil road, Lingaraj Vihar, Pokhariput for rent. Ground floor, 2BHK, Garden, Garage. First floor 1BHK, Terrace. Contact: 8147335861, 7892589228.** D-20954




Business Proposal for Individual Law Practitioners or Law Firms. 9438804164. D-20955

**Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691.** D-20906

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଯୌତୁକଜନିତ ବଧୂହତ୍ୟା ଅଭିଯୋଗ: ସ୍ୱାମୀ, ଶଶୁର ଗିରଫ

**କଳିଙ୍ଗନଗର, ୨୬ା୬(ଡି.ଏନ.ଏ.):** ଯୌତୁକ ଜନିତ ବଧୂହତ୍ୟା ହୋଇଥିବା ଟମକା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ମହିଳାଙ୍କ ସ୍ୱାମୀ ଓ ଶଶୁରଙ୍କୁ ଶନିବାର ଗିରଫ କରିଛି। ସେମାନେ ହେଲେ ଶଶୁର ନିଳମଣୀ ମୁଦୁଲି ଏବଂ ସ୍ୱାମୀ ସୁରେଶ ମୁଦୁଲି। ଏନେଇ ଥାନାରେ ଏକ ମାମଲା (ନଂ.୭୦/୨୧)ରୁଜୁ ହୋଇଛି। ସୂଚନା ଅନୁସାରେ, କେନ୍ଦୁଝର ଜିଲା ଖାଲପାଳ ଗାଁର ଶଙ୍କର୍ଷଣ ଜେନାଙ୍କ ଝିଅ ଶ୍ରଦ୍ଧାଞ୍ଜଳି ଟମକା ଥାନା ଅଧୀନ ଖରଡ଼ାବନ୍ଦୀ ଗାଁର ନୀଳମଣି ମୁଦୁଲିଙ୍କ ପୁଅ ସୁରେଶଙ୍କୁ ୨୦୧୮ରେ ବୈଦିକ ରିତିରେ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ବାବଦକୁ ୨ ଲକ୍ଷ ପଚାଶ ହଜାର ଟଙ୍କା, ସୁନା-ରୁପା ଓ ସମସ୍ତ ଆସବାବପତ୍ର ଶ୍ରଦ୍ଧାଞ୍ଜଳିଙ୍କ ପରିବାର ପକ୍ଷରୁ ଦିଆଯାଇଥିଲା। ବିବାହର କିଛି ଦିନ ସବୁ ଠିକ୍‌ଠାକ୍ ଚାଲିଥିଲା। ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଟଙ୍କା ଆଣିବା ପାଇଁ ଶ୍ରଦ୍ଧାଞ୍ଜଳିଙ୍କୁ ଚାପ ପକାଇଥିଲେ। ଏପରି କି ବାରମ୍ବାର ନିର୍ଯାତନା ମଧ ଦେଇ ଆସୁଥିଲେ। ୨୩ ତାରିଖ ସକାଳୁ ଶ୍ରଦ୍ଧାଞ୍ଜଳି ବିଷପିଇ ଦେଇଥିବା ଶାଶୁଘର ଲୋକେ ତାଙ୍କ ଭାଇ ପ୍ରସନ୍ନଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଶ୍ରଦ୍ଧାଞ୍ଜଳି ଅସୁସ୍ଥ ହୋଇ ପଡ଼ିବାରୁ ସୁରେଶ ତାଙ୍କୁ ସାଇଁକୁଳ ଡାକ୍ତରଖାନା ନେଇଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ଶ୍ରଦ୍ଧାଞ୍ଜଳିଙ୍କ ଭାଇ ଟମକା ଥାନାରେ ପହଞ୍ଚି ତାଙ୍କ ଭଉଣୀକୁ ବିଷଦେଇ ଶାଶୁଘର ପରିବାର ମାରି ଦେଇଥିବା ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ, ସୁରେଶ ବିଏସ୍‌ଏଫ୍‌ରେ କନଷ୍ଟେବଲଭାବେ ଚାକିରି କରନ୍ତି।

## ଯାଜପୁର ଜିଲାରେ ମେଗା ଜଳ ପ୍ରକଳ୍ପ

# ବିଶ୍ୱାସର ଫଳ ପିତା

**ଯାଜପୁର ଅଫିସ୍, ୨୬ା୬**

ଯାଜପୁର ଜିଲାର ବିଭିନ୍ନ ମେଗା ପ୍ରକଳ୍ପ ନିର୍ମାଣ କାମ ଅଣଓଡ଼ିଆ ଠିକା ସଂସ୍ଥା ଦ୍ୱାରା କରାଯାଉଛି। ସରକାରଙ୍କ ଏହି ପ୍ରକ୍ରିୟା ଦ୍ୱାରା ଖୁବ୍‌ଶୀଘ୍ର ଉନ୍ନତମାନର ବ୍ୟବସ୍ଥା ଜରିଆରେ ସ୍ୱଚ୍ଛ ପାଣି ପିଇବାକୁ ମିଳିବ ବୋଲି ଅଞ୍ଚଳବାସୀ ବିଶ୍ୱାସ କରିଥିଲେ। ହେଲେ ସେହି ବିଶ୍ୱାସର ଫଳ ପିତା ହୋଇଛି ବୋଲି ଅଞ୍ଚଳବାସୀ କ୍ଷୋଭର ସହ କହୁଛନ୍ତି। କାରଣ ଅଣଓଡ଼ିଆ ଠିକା ସଂସ୍ଥା କର୍ତ୍ତୃପକ୍ଷଙ୍କ ମନମାନି ଯୋଗୁ ନିର୍ମାଣ କାର୍ଯ୍ୟ ମନ୍ଥର ହୋଇଚାଲିଛି। ଏଥିଲାଗି ଲୋକଙ୍କ ଦୁର୍ଦ୍ଦଶାର ଅନ୍ତ ଘଟୁନାହିଁ।

ସୁକିନ୍ଦା ଖଣି ପ୍ରଭାବିତ ଅଞ୍ଚଳରେ ଭୂତଳ ଜଳରେ ବି ଜହର ରହିଛି। ତେଣୁ ବିଶୋଧିତ ନଦୀଜଳ ଯୋଗାଇଦେବାକୁ ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ (ଓଏମ୍‌ବିଏଡିସି) ପାଣ୍ଠିରେ ୨୩୩.୦୪ କୋଟି ଟଙ୍କାର ୩ଟି ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୨୦୧୭-୧୮ରୁ ଚାଲିଛି। ସେହିପରି ବଡଚଣା, ଧର୍ମଶାଳା ଓ ଦଶରଥପୁର ବ୍ଲକ ଅଞ୍ଚଳବାସୀଙ୍କ ପାଇଁ ୨୦୧୯-୨୦ ବର୍ଷରୁ ୫୧୭.୫ କୋଟି ଟଙ୍କାର ୨ ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ମଧ ମନ୍ଥର ଗତିରେ ଚାଲିଛି। ଏହିସବୁ ପ୍ରକଳ୍ପ କାର୍ଯ୍ୟ ଅଣଓଡ଼ିଆ ଠିକା ସଂସ୍ଥା ନାଗାର୍ଜୁନ କନଷ୍ଟ୍ରକ୍ସନ କମ୍ପାନୀ(ଏନ୍‌ସିସି) ଓ ମେଘା ଇଞ୍ଜିନିୟର ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଃ(ମେଲ) ଦ୍ୱାରା ହେଉଥିବାବେଳେ ତାହାର ଅଗ୍ରଗତି ଅତି ନୈରାଶ୍ୟଜନକ ସହ ନିମ୍ନମାନର ବୋଲି ଅଭିଯୋଗ ହେଉଛି।

ଯାଜପୁର ଜିଲାରେ କେବଳ ନଦୀଜଳ ନୁହେଁ ଭୂପୃଷ୍ଠ ଏବଂ ଭୂତଳ ଜଳ ମଧ ବିଷାକ୍ତ ହେବାରେ ଲାଗିଛି। ଭୂତଳ ଜଳରେ ଆଇରନ ଏବଂ ଟୋଟାଲ କୋଲିଫର୍ମ(ଟିସି) ଓ ଫେକାଲ କୋଲିଫର୍ମ(ଏଫସି) ଅଂଶ ଆବଶ୍ୟକତାଠାରୁ ବହୁ ଅଧିକ ରହିଛି, ଯାହାକି ପାନୀୟ ଉପଯୋଗୀ ନୁହେଁ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ ୨୦୧୮ ଏପ୍ରିଲ ଓ ଅକ୍ଟୋବରରେ ଜିଲାର ଖଣି ଅଞ୍ଚଳ କାଳିଆପାଣି, ଟିସ୍କୋ, ସାରୁଆବିଲ ଓ କମର୍ଦ୍ଦା ନିକଟରୁ ସଂଗୃହୀତ ଭୂତଳ ଜଳ ପରୀକ୍ଷାରୁ ଏହା ସ୍ପଷ୍ଟ ହୋଇଥିଲା। ଏସ୍‌ପିସିବିର ସଦସ୍ୟ ସଚିବ ଏହି ମର୍ମରେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଜଣାଇଲା ପରେ ସେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀମାନଙ୍କୁ ସୂଚିତ କରିଥିଲେ। ଭୂତଳ ଜଳ ନମୁନା ସଂଗ୍ରହ କରି ପରୀକ୍ଷା କରିବା ପରେ ପାନୀୟ ଜଳ ଯୋଗାଣ କରିବାକୁ ନିର୍ବାହୀ ଯନ୍ତ୍ରୀମାନଙ୍କୁ ସର୍ବୋଚ୍ଚ ଯନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ଶିଳ୍ପ ଓ ଖଣି ଅଞ୍ଚଳ ସମେତ ଏହାର ଆଖପାଖ ବ୍ଲକ



ବ୍ରାହ୍ମଣୀ ନଦୀର କୁମୁଡ଼ିରେ ଥିବା ସୁକିନ୍ଦାର ପ୍ରଥମ ମେଗା ଜଳ ପ୍ରକଳ୍ପ।

ଅଞ୍ଚଳରେ ଶତାଧିକ ଲୋକ କିଡ୍‌ନୀ ରୋଗରେ ପ୍ରାଣ ହରାଇଲେଣି। ଏବେ ବି ହଜାରେରୁ ଊର୍ଦ୍ଧ୍ୱ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଖଣି ଅଞ୍ଚଳରେ ବୋହିଯାଉଥିବା ବର୍ଷାପାଣିର ଉପଯୁକ୍ତ ପରିଚାଳନା ହୋଇପାରୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି। ଏଭଳିସ୍ଥିତିରେ ସୁକିନ୍ଦା ଅଞ୍ଚଳର ୩୭ଟି ଖଣି ପ୍ରଭାବିତ ଗ୍ରାମର ବାସିନ୍ଦାଙ୍କ ପାଇଁ ୨୦୧୭-୧୮ ବର୍ଷରେ ଓଏମ୍‌ବିଏଡିସିରୁ ୭୯.୮୫ କୋଟି ଟଙ୍କା ଖର୍ଚ୍ଚ କରି ପ୍ରଥମ ମେଗା ଜଳଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ହେଲେ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଅଞ୍ଚଳବାସୀଙ୍କ ସ୍ୱଚ୍ଛ ପାଣି ଅପେକ୍ଷାର ଅନ୍ତ ଘଟୁନାହିଁ। ସେହିପରି ଅନ୍ୟ ୧୯ଟି ଖଣି ପ୍ରଭାବିତ ଗ୍ରାମର ଲୋକଙ୍କ ପାଇଁ ୪୬.୧୯ କୋଟି ଟଙ୍କାର ଦ୍ୱିତୀୟ ପ୍ରକଳ୍ପ ଏବଂ ୫୨ ଖଣି ପ୍ରଭାବିତ ଗ୍ରାମର ବାସିନ୍ଦାଙ୍କ ଲାଗି ୧୦୭ କୋଟି ଟଙ୍କାର ତୃତୀୟ ପ୍ରକଳ୍ପ କାମ ୨୦୧୯-୨୦ରୁ ଆରମ୍ଭ ହୋଇଛି। ଏହି ୩ ପ୍ରକଳ୍ପ କାର୍ଯ୍ୟ ଏନ୍‌ସିସି ଦ୍ୱାରା କରାଯାଉଛି। ମଞ୍ଜୁର ୨୩୩.୦୪ କୋଟି ଟଙ୍କା ମଧ୍ୟରୁ ଏନ୍‌ସିସିକୁ ୧୭୦.୯୬ କୋଟି ଟଙ୍କା ଦିଆଯାଇଛି। ହେଲେ ଦ୍ୱିତୀୟ ଓ ତୃତୀୟ ପ୍ରକଳ୍ପର ଅଗ୍ରଗତି ୬୦ ପ୍ରତିଶତରେ ସୀମିତ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ସେହିପରି ବଡ଼ଚଣା ଓ ଧର୍ମଶାଳା ବ୍ଲକର ୭୨ଟି ପଞ୍ଚାୟତବାସୀଙ୍କ ପାଇଁ ୩୩୫.୭ କୋଟି ଟଙ୍କା ଏବଂ ଦଶରଥପୁର ବ୍ଲକର ୩୫ ପଞ୍ଚାୟତବାସୀଙ୍କ ନିମନ୍ତେ ୧୮୧.୭୮ କୋଟି ଟଙ୍କାର ୨ଟି ମେଗା ପ୍ରକଳ୍ପ ୨୦୧୯-୨୦ରୁ କାର୍ଯ୍ୟକାରୀ ହେଉଛି। ଏହି ୨ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଠିକାସଂସ୍ଥା ମେଘା ଇଞ୍ଜିନିୟରକୁ ଦିଆଯାଇଛି। ବଡ଼ଚଣା ପ୍ରକଳ୍ପରେ ୧୭୧.୪୮ କୋଟି ଟଙ୍କା ଓ ଦଶରଥପୁର ପ୍ରକଳ୍ପରେ ୧୧୫.୭୬ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ହେଲେ ପ୍ରକଳ୍ପର ଅଗ୍ରଗତି ୫୦ ପ୍ରତିଶତ ବି ଛୁଇଁ ପାରିନାହିଁ। ଏଥିପାଇଁ ସମ୍ପୃକ୍ତ ଅଣଓଡ଼ିଆ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ କେହି ତାଗିଦ କରିବାକୁ ସାହସ ବି ଜୁଟାଇ ପାରୁନାହାନ୍ତି। ପ୍ରଶାସନିକ ଅଧିକାରୀ, ଲୋକ ପ୍ରତିନିଧି ନିରବ ରହିଛନ୍ତି। ଫଳରେ ସ୍ୱଚ୍ଛ ପାଣି ପାଇଁ ଆଶାୟୀ ଗ୍ରାମବାସୀ ପ୍ରଦୂଷିତ ଭୂତଳ ପାଣି ପିଇବାକୁ ବାଧ ହେଉଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଆରଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ମୋତିଲାଲ ତିୱାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ସୋମବାର ପରିଦର୍ଶନରେ ଯାଇ ପ୍ରକଳ୍ପ ଅଗ୍ରଗତି ସଂକ୍ରାନ୍ତରେ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

### ଶିକ୍ଷା ବିଭାଗର ଉଚ୍ଚ ପଦବୀରେ ପ୍ରଶାସନିକ ଅଧିକାରୀ ନିଯୁକ୍ତିକୁ ବିରୋଧ

**ଯାଜପୁର ରୋଡ, ୨୬ା୬(ଡି.ଏନ.ଏ.)**

ଶିକ୍ଷା ବିଭାଗର ବିଭିନ୍ନ ଉଚ୍ଚ ପଦବୀରେ ପ୍ରଶାସନିକ ଅଧିକାରୀମାନଙ୍କୁ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ସରକାରଙ୍କର ଏତାଦୃଶ ପଦକ୍ଷେପକୁ ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘ ବିରୋଧ କରୁଛି। ଏହିମର୍ମରେ ସଂଘର ସାଧାରଣ ସମ୍ପାଦକ ଦୁଷ୍ମନ୍ତ ନାୟକ ଓ ସଭାପତି ପ୍ରଫେସର ଅକ୍ଷୟ କୁମାର ମହାପାତ୍ର ଏକ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ ଭାରତ ସରକାରଙ୍କ ଦ୍ୱାରା ସମସ୍ତ ଶିକ୍ଷା ଆୟୋଗ, ବିଶ୍ୱବିଦ୍ୟାଳୟର ଉଚ୍ଚପଦବୀରେ ବରିଷ୍ଠ ପ୍ରଫେସରମାନେ କାର୍ଯ୍ୟ କରୁଛନ୍ତି। ଅତୀତରେ ଓଡ଼ିଶା ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟର ସମସ୍ତ ପଦବୀରେ ବରିଷ୍ଠ ଅଧ୍ୟାପକମାନେ ନିଯୁକ୍ତି ପାଇ ସେମାନଙ୍କର କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଛନ୍ତି। ଦୀର୍ଘବର୍ଷ ଧରି ଶିକ୍ଷାନୁଷ୍ଠାନ, ଛାତ୍ରୀଛାତ୍ର ଓ ଶିକ୍ଷା ପରିଚାଳନା ସହିତ ଅଙ୍ଗାଙ୍ଗୀଭାବେ ଜଡ଼ିତ ରହି ଅଧ୍ୟାପକମାନେ ଅଭିଜ୍ଞତା ହାସଲ କରିଛନ୍ତି। ଶିକ୍ଷା ନିର୍ଦ୍ଦେଶାଳୟ ତଥା ଶିକ୍ଷା ସମ୍ପର୍କିତ ପ୍ରଶାସନିକ ପଦରେ ପ୍ରଶାସନିକ ଅଧିକାରୀମାନେ ନିଯୁକ୍ତି ପାଇଲେ ଅନୁଭୂତି ଅଭାବରୁ ସୁଚାରୁରୂପେ ପରିଚାଳନା କରିପାରିବେ ନାହିଁ, ଯାହାର କୁପ୍ରଭାବ ବହୁଳଭାବେ ଅତୀତରେ ଅନୁଭୂତ ହୋଇଛି। ନେଡ଼ିଗୁଡ଼ କହୁଣିକୁ ଯିବା ପୂର୍ବରୁ ସରକାର ସଚେତନ ହୋଇ ଏତାଦୃଶ ବିଜ୍ଞପ୍ତିକୁ ବାତିଲ କରିବାକୁ ଦାବି ହୋଇଛି। ନଚେତ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ଶିକ୍ଷକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଲା ଆଇଏନ୍‌ଟିୟୁସି



ଆନ୍ଦୋଳନରେ ସାମିଲ ହୋଇଥିବା ଆଇଏନ୍‌ଟିୟୁସି ସଦସ୍ୟମାନେ।

**ଯାଜପୁର ରୋଡ, ୨୬ା୬(ଡି.ଏନ.ଏ.)**

ଆଇଏନ୍‌ଟିୟୁସି କାର୍ଯ୍ୟାଳୟଠାରେ ମିଳିତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଆହ୍ୱାନକ୍ରମେ କୃଷକ ଆନ୍ଦୋଳନକୁ ସମର୍ଥନ କରି ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଏନ୍‌ଟିୟୁସିର ରାଜ୍ୟ ଉପସଭାପତି ତଥା ଅଣସଂଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ସରକାରଙ୍କ ଜିଦ୍‌ଖୋର ମନୋବୃତ୍ତି ବିରୋଧରେ ଆନ୍ଦୋଳନକୁ ଜୋରଦାର କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ସିଆଇଟିୟୁର ରାଜ୍ୟ ଉପସଭାପତି ପ୍ରଫୁଲ୍ଲ ନାୟକ, ଆଇଏନ୍‌ଟିୟୁସିର ଜିଲା କାର୍ଯ୍ୟକାରୀ ସଭାପତି ରଘୁନାଥ ମାଝୀ, ସମ୍ପାଦକ ନୃସିଂହ ଚରଣ ପଣ୍ଡି, ଅଣସଂଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ କୃଷି ସଂଯୋଜକ ବିଜୟ କୁମାର ବୋଇତାଇ, ଜିଲା ଅଧ୍ୟକ୍ଷ ଚନ୍ଦ୍ରକାନ୍ତ ଖଣ୍ଡାଇ, ଜିଲା ସଂଯୋଜକ ପରମାନନ୍ଦ ସେଠୀ, ଗଣମାଧ୍ୟମ ସଂଯୋଜକ ସୂର୍ଯ୍ୟପ୍ରକାଶ କୁଅଁର, ପରିକ୍ଷିତ ମଲ୍ଲିକ, ଯୁବ ନେତା ବିଚିତ୍ର ରାଉତ, ସିଆଇଟିୟୁର ମାଧବ ବେହେରା ଓ ଲକ୍ଷ୍ମୀଧର ରଣା ପ୍ରମୁଖ କୃଷକ ଆନ୍ଦୋଳନକୁ ସମର୍ଥନ କରିଥିଲେ। ଏହାସହ ଦେଶରେ ୧୬ କୋଟିରୁ ଊର୍ଦ୍ଧ୍ୱ ଶ୍ରମିକ ବେକାର ହୋଇଯିବା, ପ୍ରତିରକ୍ଷା ବିଭାଗକୁ ଘରୋଇକରଣ କରି ଆଦାନୀ ଓ ଅମ୍ବାନୀଙ୍କ ହାତରେ ଟେକିଦେବା, ୮ଘଣ୍ଟା କାର୍ଯ୍ୟ ସମୟକୁ ୧୨ଘଣ୍ଟା କରିବାକୁ ବିରୋଧ କରାଯାଇଥିଲା। ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ବନ୍ଦ, ସମସ୍ତ ଅଣ ସଂଗଠିତ ଶ୍ରମିକଙ୍କ ଜମା ଖାତାରେ ୭୫୦୦ଟଙ୍କା ୬ମାସ ପର୍ଯ୍ୟନ୍ତ ଦେବା, ସମସ୍ତ ପ୍ରବାସୀ ଶ୍ରମିକଙ୍କୁ ମାଗଣାରେ ରାଶନ ଆଦି ବିଭିନ୍ନ ଦାବି କରାଯାଇଥିଲା।

## ପାଇଖାନା ଅଛି, ଟାଙ୍କି ନାହିଁ

### ସ୍ୱଚ୍ଛ ଭାରତ ମିଶନରେ ଦୁର୍ନୀତି

**ଯାଜପୁର ଅଫିସ/ରଗଡ଼ି (ଡି.ଏନ.ଏ.), ୨୬ା୬**

ଯାଜପୁର ଜିଲାରେ ସ୍ୱଚ୍ଛ ଭାରତ ମିଶନ ନାମରେ ମହାଦୁର୍ନୀତି ହୋଇଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ଏହି ମିଶନ ପାଇଁ ପାଇଖାନା ନିର୍ମାଣ ସହ ଅନ୍ୟାନ୍ୟ କାର୍ଯ୍ୟରେ ୨୮ କୋଟି ୫ ଲକ୍ଷ ୭୨ ହଜାର ୬୩୨ ଟଙ୍କା ଖର୍ଚ୍ଚ ହୋଇଛି। ତେବେ କେଉଁଠି ପାଇଖାନା ଅଛି ତ ସେଠାରେ ଟାଙ୍କି ନାହିଁ। ଜିଲାର କୋରେଇ ବ୍ଲକ ପଛିକୋଟ ପଞ୍ଚାୟତକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁସାରେ ପଛିକୋଟ ପଞ୍ଚାୟତରେ ୨୦୧୮ରୁ ଏ ପର୍ଯ୍ୟନ୍ତ ୧୨୫୦ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିଲା। ଏଥିପାଇଁ ୧ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପାଇଖାନା ନିର୍ମାଣ ପାଇଁ ୧୨ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏହାସହ ପାଇଖାନାକୁ ନିୟମିତ ବ୍ୟବହାର କରିବା ପାଇଁ ହିତାଧିକାରୀମାନଙ୍କୁ ନାଚ, ଗୀତ, ପଥପ୍ରାନ୍ତ ସଭା ମାଧ୍ୟମରେ ସଚେତନ କରାଯାଉଛି। ହେଲେ ପରିତାପର ବିଷୟ



ଯେ ହାତଗଣତି ହିତାଧିକାରୀଙ୍କୁ ଛାଡିଦେଲେ ଶତାଧିକଙ୍କ ପାଇଖାନା ଥିବା ବେଳେ ଟାଙ୍କି ନିର୍ମାଣ ନ କରି ଠିକାଦାର ବିଲ୍ କରିନେଇଥିବା ଅଭିଯୋଗ ହୋଇଛି। ସେହିପରି ଉକ୍ତ ପାଇଖାନାଗୁଡ଼ିକରେ ପାଞ୍ଚ ଇଞ୍ଚ ବିଶିଷ୍ଟ କାନ୍ଥ ଦେଇ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହୋଇଥିବା ଦେଖିବାକୁ ମିଳିଛି। ଶତାଧିକ ହିତାଧିକାରୀ ଏହି ପାଇଖାନାଗୁଡିକ ବ୍ୟବହାର ଉପଯୋଗୀ ନୁହେଁ ବୋଲି ଅଭିଯୋଗ କରିଛନ୍ତି। କୋରେଇ ବିଡିଓ ଶ୍ୱେତାସ୍ମିଗ୍ଧାଙ୍କୁ ବିନା ଟାଙ୍କିରେ କିଭଳି ବିଲ୍ ହେଲା ବୋଲି ପଚାରିବାରୁ ଖୁବ୍‌ଶୀଘ୍ର ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ଦୁଇ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ

**ଚଣ୍ଡିଖୋଲ/ଛତିଆ, ୨୬ା୬(ଡି.ଏନ.ଏ.)**

ଦର୍ପଣ ତହସିଲ ଓ ବୈରୀ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ଦୁଇ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ କରାଯାଇଛି। ଉକ୍ତ ଟ୍ରକ୍ ୨ଟିରୁ ୬୩,୪୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଟ୍ରକ୍ ୨ଟି ବେଆଇନଭାବେ ମାଙ୍କଡ଼ା ପଥର ବୋଝେଇ କରି ଶୁକ୍ରବାର ରାତିରେ ଛତିଆ କଳକଳା ରାସ୍ତାର ସୋଲର ନିକଟସ୍ଥ ପୋଲିସ ପ୍ରଶିକ୍ଷଣ କେନ୍ଦ୍ର ସମ୍ମୁଖ ଦେଇ ଯାଉଥିଲେ। ଏହି ସମୟରେ ଅଟକା ଯାଇଥିଲା। ଦର୍ପଣ ତହସିଲଦାର ପ୍ରଦୀପ ସେଠୀ ଓ ବୈରୀ ପୋଲିସ ଟ୍ରକ୍ ଅଟକାଇ କାଗଜ ପତ୍ର ମାଗିଥିଲେ। ହେଲେ ଚାଳକ କୌଣସି କାଗଜ ପତ୍ର ଦେଖାଇ ପାରି ନ ଥିଲେ। ଫଳରେ ତହସିଲଦାର ଟ୍ରକ୍ ଦୁଇଟିକୁ ଜବତ କରି ବୈରୀ ଥାନା ପରିସରକୁ ନେଇଥିଲେ। ସେଠାରେ ଜରିମାନା ଆଦାୟ କରାଯାଇଥିଲା।

### ସମସ୍ୟା ସମାଧାନ ଦାବି କଲା କଂଗ୍ରେସ

**ବରୀ, ୨୬ା୬(ଡି.ଏନ.ଏ.):** ବରୀ ବ୍ଲକ ଅଞ୍ଚଳରେ ଲାଗି ରହିଥିବା ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଦାବି ହୋଇଛି। ଶନିବାର ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ମନୋଜ ମହାପାତ୍ର ରାଜ୍ୟ ସରକାରଙ୍କ ନିକଟରେ ଏସବୁ ଦାବି ରଖିଛନ୍ତି। ଏନେଇ ସେ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଭିନ୍ନ ସମୟରେ ବନ୍ୟା ଦ୍ୱାରା ବରୀ ବ୍ଲକ ଅଞ୍ଚଳ ପ୍ରଭାବିତ ହୋଇଥାଏ। ଗତବର୍ଷ ବନ୍ୟା ଯୋଗୁ ବରୀରେ ୧୦ରୁ ଊର୍ଦ୍ଧ୍ୱ ଘାଇ ହୋଇଥିଲା। ଜଳ ସମ୍ପଦ ବିଭାଗ ପକ୍ଷରୁ ଘାଇ ମରାମତି କାର୍ଯ୍ୟ ଶେଷ ହୋଇଥିବା ଦର୍ଶାଯାଉଛି। ମାତ୍ର ଏହି କାର୍ଯ୍ୟ ତରବରିଆ ଭାବେ ଓ ନିମ୍ନମାନର ହୋଇଥିବାରୁ ଆଗାମୀ ଦିନରେ ବର୍ଷା ଆସିଲେ ପୁନର୍ବାର ଘାଇ ସୃଷ୍ଟି ହେବ। ଏତଦ୍‌ବ୍ୟତୀତ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟରୂପ ଧାରଣ କରିଛି। ଶୁଦ୍ଧ ପାନୀୟ ଜଳ ନ ମିଳିବା ବରୀ ଅଞ୍ଚଳରେ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ସେହିପରି ସାମାନ୍ୟ ବର୍ଷା ଆସିଲେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ଫଳରେ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯୋଗାଣ ବିଭାଗର ନୀରବତା ଯୋଗୁ କେତେଜଣ ରିଟେଲର ଗରିବ ହିତାଧିକାରୀଙ୍କ ରାଶନ ସାମଗ୍ରୀ ହଡ଼ପ କରୁଛନ୍ତି, ଯାହାକି ପ୍ରଶାସନର ଅପାରଗତା ଯୋଗୁ ଏସବୁ ସମ୍ଭବ ହେଉଛି। ତେଣୁ ପ୍ରଶାସନ ଏସବୁକୁ ଗୁରୁତ୍ୱ ଦେଇ ତୁରନ୍ତ ସମାଧାନ କରିବାକୁ ସେ ମତ ରଖିଛନ୍ତି।

## ଗୋଶାଳାରୁ ୧୬ ବାଛୁରୀ ଗାଏବ

### ପୋଲିସ, ଗୋଶାଳା କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ସନ୍ଦେହଘେରରେ

**ବାଲିଚନ୍ଦ୍ରପୁର, ୨୬ା୬(ସ୍ୱ.ପ୍ର.)**

ଚଳିତ ମାସ ୭ ତାରିଖରେ ବେଆଇନ ଗୋଚାଲାଣ ବେଳେ ବାଲିଚନ୍ଦ୍ରପୁର ଥାନା ପୋଲିସ ବାଲିଚନ୍ଦ୍ରପୁର ଛକରୁ ଏକ ପିକ୍‌ଅପ୍ ଭ୍ୟାନ୍ ଜବତ କରିଥିଲା। ଉକ୍ତ ଭ୍ୟାନରେ ୨୪ ଗୋରୁଥିବା କ୍ୟାମେରାରେ ରେକର୍ଡ ହୋଇଥିଲା। ମାତ୍ର ପୋଲିସ ୧୬ ବାଛୁରୀ ଥିବା ରିପୋର୍ଟରେ ଦର୍ଶାଇଥିଲା। ଏହାପରେ ସ୍ଥାନୀୟ ଗୋଶାଳାରେ ଉକ୍ତ ୧୬ ବାଛୁରୀଙ୍କୁ ଜିମା ଦିଆଯାଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୬୧/୨୧) ରୁଜୁ ହୋଇଥିଲା। ତେବେ ଗୋଶାଳାରେ ଥିବା ୧୬ ବାଛୁରୀଙ୍କ ଏବେ ପତ୍ତା ମିଳୁନାହିଁ। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, କିଛି ଅର୍ଥ ଲୋଭରେ ଜବତର ୨/୪ ଦିନ ପରେ ଉକ୍ତ ବାଛୁରୀଙ୍କୁ ପୋଲିସ ଓ ଗୋଶାଳା କର୍ତ୍ତୃପକ୍ଷ ସମ୍ପୃକ୍ତ ଗୋଚାଲାଣକାରୀଙ୍କ ହାତକୁ ଟେକି ଦେଇଛନ୍ତି। ଅନ୍ୟପକ୍ଷରେ ଜବତ ହୋଇଥିବା ପିକ୍‌ଅପ୍ ଭ୍ୟାନ୍ ଏବେବି ଥାନାରେ ପଡ଼ିରହିଛି। କୋର୍ଟ ପକ୍ଷରୁ କୌଣସି ରିଲିଜ୍ ଅର୍ଡର୍ ମିଳିନାହିଁ। ପୋଲିସ କେବଳ କାଗଜପତ୍ରରେ ମାମଲା କୋର୍ଟକୁ ପଠାଇ ଦେଇଛି। ଫଳରେ କୋର୍ଟ ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ହୋଇନାହାନ୍ତି। ଏନେଇ ଗୋଶାଳା କର୍ତ୍ତୃପକ୍ଷ କହିଛନ୍ତି, ଏଠାରେ ଜାଗା କମ୍ ରହିଛି। ବର୍ଷାରେ ବାଛୁରୀପଲ ଭିଜୁଥିଲେ। ତେଣୁ ଜଣେ ବ୍ୟକ୍ତିଙ୍କୁ ଉକ୍ତ ବାଛୁରିଙ୍କୁ ଜିମା ଦିଆଯାଇଛି। ଅନ୍ୟପକ୍ଷରେ ବୁଧବାର ମାହାଙ୍ଗା ଥାନା ପକ୍ଷରୁ ଏକ ଗୋରୁ ଗାଡ଼ି ଜବତ କରାଯାଇଛି। ସେଥିରେ ଥିବା ୨୭ ବାଛୁରୀଙ୍କୁ ଉକ୍ତ ଗୋଶାଳାକୁ ହସ୍ତାନ୍ତର କରାଯାଇଛି। ଏଠାରେ ପ୍ରଶ୍ନ ଉଠେ ଯେଉଁ ଗୋଶାଳା ୧୬ ଗୋରୁଙ୍କୁ ରଖିବାରେ ଅସମର୍ଥ ସେ କିପରି ୨୭ ଗୋରୁଙ୍କୁ ରଖିବା ପାଇଁ ମନ ବଳାଇଲେ। ଏହା ତଦନ୍ତ ସାପେକ୍ଷ। ଏସମ୍ପର୍କରେ ବାଲିଚନ୍ଦ୍ରପୁର ଥାନାର ତଦନ୍ତ ଅଧିକାରୀ ଗିରିଶ କୁମାର ମହାନ୍ତି କହିଛନ୍ତି, ଆମେ ଗୋରୁ ଜବତ କରି ଗୋଶାଳା ଜିମା ଦେଇଦେଲୁ। ଏହା ପରେ ଆମର ଆଉ କୌଣସି ଭୂମିକା ନାହିଁ। ବାକି କଥା କୋର୍ଟ ବୁଝିବେ। ତେବେ ତଦନ୍ତ ଅଧିକାରୀଙ୍କ ଏପରି ମନ୍ତବ୍ୟ ଦାୟିତ୍ୱହୀନତାର ପ୍ରମାଣ ଦେଉଥିବା ସାଧାରଣରେ ମତ ପ୍ରକାଶ ପାଇଛି। ପୋଲିସ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ସଚେତନ କଲେ ଆଶା, ଅଙ୍ଗନୱାଡ଼ି କର୍ମୀ



ଆଶା ଓ ଅଙ୍ଗନୱାଡ଼ି କର୍ମୀ ଲୋକଙ୍କୁ ସଚେତନ କରାଉଛନ୍ତି।

**ଜେନାପୁର, ୨୬ା୬(ଡି.ଏନ.ଏ.)**

ସମଗ୍ର ବିଶ୍ୱରେ କରୋନା କାୟାବିସ୍ତାର କରି ରହିଛି। ଏହାର ମୁକାବିଲା ପାଇଁ ଅଧିକରୁ ଅଧିକ ସଚେତନତା ଆବଶ୍ୟକ। ତେଣୁ ଏହି ପରିପ୍ରେକ୍ଷୀରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁଧୀର କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଅଞ୍ଚଳରେ ଲୋକଙ୍କୁ ସଚେତନ କରାଯାଉଛି। ମହିଳା ସ୍ୱାସ୍ଥ୍ୟକର୍ମୀ ସାବିତ୍ରୀ ଦାସଙ୍କ ପ୍ରଶିକ୍ଷଣରେ ଜେନାପୁର ଅଞ୍ଚଳରେ ଥିବା ଆଶା ଓ ଅଙ୍ଗନୱାଡ଼ି କର୍ମୀ ଘରଘର ବୁଲି ଲୋକଙ୍କୁ ସଚେତନ କରାଉଛନ୍ତି। ସମସ୍ତେ ମାସ୍କ ପିନ୍ଧିବା, ସାନିଟାଇଜର ବ୍ୟବହାର କରିବା ଓ ସାମାଜିକ ଦୂରତା ରକ୍ଷା କରିବା ସହ ବାରମ୍ବାର ହାତ ଧୋଇବା ପାଇଁ ଗାଁ ଲୋକଙ୍କୁ କର୍ମୀମାନେ ବୁଝାଉଛନ୍ତି। ଜ୍ୱର, ଥଣ୍ଡା ଓ କାଶ ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଙ୍କୁ ପରାମର୍ଶ କରିବାକୁ କର୍ମୀମାନେ ଗ୍ରାମବାସୀଙ୍କୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଶା କର୍ମୀ ମିନତି ଦାସ, ଅଙ୍ଗନୱାଡ଼ିକର୍ମୀ ସରସ୍ୱତୀ ରାଉତ, ମମତା ମଞ୍ଜରୀ ଶତପଥୀ, କାଞ୍ଚନ ଚାନ୍ଦ ଓ କୁନି ରାଉତ ପ୍ରମୁଖ ସାମିଲ ହୋଇଥିଲେ।

**NOTICE**

I, Sri Srikant Pattanayak want to purchase one acre of land from this plot vide No.-2267, 2258, Khata No.-427, Mauza - Samanga, PS-Sadar thana, Dist.- Puri, Odisha. If anybody have any claim in this property then intimate me within 15 days.After 15 days I shall not be responsible for any claim. **Contact: 7008237766, 9437182222.**

# ଅଢ଼େଇ ହଜାର ଚାଷୀ ସହାୟତାରୁ ବଞ୍ଚିତ

### ପିଏମ୍ କିଷାନ ପଞ୍ଜୀକରଣରେ ତ୍ରୁଟି

**ରସୁଲପୁର, ୨୬ା୬(ଡି.ଏନ.ଏ.)**

ରସୁଲପୁର ବ୍ଲକ କୃଷି କାର୍ଯ୍ୟାଳୟରେ କାଳିଆ ଓ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ବା ପିଏମ୍ କିଷାନ ତାଲିକାରେ ତାଳମେଳ ରହୁନାହିଁ। କାଳିଆ ଯୋଜନାରେ ଅଧିକ ଚାଷୀ ଉପକୃତ ହେଉଛନ୍ତି। ମାତ୍ର ପିଏମ୍ କିଷାନରେ କମ ଚାଷୀ ଉପକୃତ ହେଉଛନ୍ତି। ଅନ୍ୟପକ୍ଷରେ ଚାଷୀ ଓ ଚାଷ ସମ୍ପର୍କିତ ପ୍ରମାଣପତ୍ରରେ ଥିବା ତ୍ରୁଟି ଯୋଗୁ ଏବେ ବ୍ଲକର ୨୫୦୩ ଚାଷୀ ପିଏମ୍ କିଷାନରୁ ବଞ୍ଚିତ ହୋଇଛନ୍ତି ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି।

ପଞ୍ଜୀକରଣ ସମୟରେ ଆଧାର କାର୍ଡ, ଜମିଜମା ସମ୍ପର୍କିତ ପ୍ରମାଣପତ୍ର, ବ୍ୟାଙ୍କ ପାସବୁକ୍ ଆଦିରେ ତ୍ରୁଟି ଯୋଗୁ କୃଷକଙ୍କୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ପଞ୍ଜୀକରଣ ଅତି ଖାମଖିଆଲ ଭାବେ କରାଯାଉଥିବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି କୁହାଯାଉଛି। ତେବେ ଏଥିରେ ଦେଖାଦେଇଥିବା ତ୍ରୁଟିବିଚ୍ୟୁତିକୁ ତୁରନ୍ତ ସଂଶୋଧନ ପାଇଁ ବ୍ଲକ କୃଷି ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତ୍ରୁଟି ସଜାଡ଼ିବା ପାଇଁ ଆବଶ୍ୟକ କାଗଜପତ୍ର ଚାଷୀଙ୍କ ପକ୍ଷରୁ ଗ୍ରାମ୍ୟ କୃଷି କର୍ମଚାରୀମାନଙ୍କ ଜରିଆରେ ସଂଗ୍ରହ କରାଯାଉଛି। ସଂଶୋଧିତ ତାଲିକା ସରକାରଙ୍କ ନିକଟକୁ ପଠାଗଲେ ପିଏମ୍ କିଷାନରୁ ଚାଷୀ ଉପକୃତ ହେବେ ବୋଲି ବ୍ଲକ ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁ କହିଛନ୍ତି।

ସୂଚନାଯୋଗ୍ୟ, ଉଭୟ ପିଏମ୍ କିଷାନ ଓ କାଳିଆ ଯୋଜନାକୁ ନେଇ ବିବାଦ ବଢୁଛି। ଅଦ୍ୟାବଧି ଏହି ବ୍ଲକରେ ପ୍ରାୟତଃ ୨୬,୭୦୫ରୁ ଊର୍ଦ୍ଧ୍ୱ ଚାଷୀ କାଳିଆ ଯୋଜନା ଲାଭ ଉଠାଉଛନ୍ତି। ଏଥିରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ୧୭,୨୭୬ ଓ ୯,୪୨୯ ଭୂମିହୀନ ଚାଷୀ ସାମିଲ ଅଛନ୍ତି। ପିଏମ୍ କିଷାନରୁ ଭୂମିହୀନଙ୍କୁ ବାଦ୍ ଦିଆଯାଇଛି। ସେହି ଅନୁଯାୟୀ କାଳିଆ ଯୋଜନାରେ ସାମିଲଥିବା ୧୭,୨୭୬ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ପିଏମ୍ କିଷାନ ସହାୟତା ମିଳିବା କଥା। କିନ୍ତୁ ଦ୍ୱିତୀୟ ଦଫାରେ ଯାଇଥିବା ତାଲିକାରେ ପ୍ରମାଣପତ୍ରଜନିତ ତ୍ରୁଟି ଥିବାରୁ ୨୫୦୩ ଚାଷୀଙ୍କ ଫର୍ମ ସଂଶୋଧନ ପାଇଁ ବ୍ଲକକୁ ଫେରି ଆସିଛି। ବାକି ୧୪,୭୭୬ ଚାଷୀ ପିଏମ୍ କିଷାନ ସହାୟତା ପାଇବାକୁ ଯୋଗ୍ୟ ବିବେଚିତ ବୋଲି କୁହାଯାଉଛି। ମାତ୍ର ଏବେ ସୁଦ୍ଧା ରାଜ୍ୟ ସରକାର ସମ୍ପୂର୍ଣ୍ଣ ତାଲିକା କେନ୍ଦ୍ରକୁ ପଠାଇ ନ ଥିବାରୁ ସହାୟତା ପ୍ରଦାନରେ ବିଳମ୍ବ ହେଉଥିବା ଆଲୋଚନା ହେଉଛି। ଏସବୁ ପରେ ରାଜ୍ୟ ସରକାର ପର୍ଯ୍ୟାୟ ଅନୁସାରେ ଚାଷୀଙ୍କ ତାଲିକା କେନ୍ଦ୍ରକୁ ପ୍ରଦାନ କରୁଛନ୍ତି। ଏହାରି ଭିତରେ କେନ୍ଦ୍ର ସରକାର ଚାଷୀଙ୍କ ଜମାଖାତାକୁ ୮କିସ୍ତିରେ ୧୬ହଜାର ଟଙ୍କା ଦେଇ ସାରିଲେଣି। ତେଣୁ ସବୁ ଯୋଗ୍ୟ ଚାଷୀ ପରିବାରକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହାୟତା ମିଳିବା ଦିଗରେ ପଦକ୍ଷେପ ନିଆଯିବାକୁ ଚାଷୀଙ୍କ ମହଲରେ ଦାବି ହେଉଛି।

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୫୪୯, ୨୨୨୫୪୨୧, ୨୨୨୦୭୬୦
ଫାକ୍ସ: ୦୬୧୨-୨୨୨୬୪୯୧

ନଂ. ସିଡବ୍ଲ୍ୟୁସି ଆର୍‌ଓ-ପାଟନା/ଇଏନ୍‌ଜିଜି/ଜଟଣୀ/ଏନ୍‌ଆଇଟି/୧୮/୨୦୨୧-୨୨ ତାରିଖ: ୨୬ା୦୬ା୨୦୨୧

**ଇ-ଟେଣ୍ଡର ନଂ. ୧୮ ଆହ୍ୱାନ**

ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:-
୧. କାର୍ଯ୍ୟର ନାମ: ସିଡବ୍ଲ୍ୟୁ, ଜଟଣୀ (ଓଡ଼ିଶା) ସ୍ଥିତ ତଳିଆ ଅଞ୍ଚଳଗୁଡ଼ିକ ପାଇଁ ରିଟେନିଂ ୱାଲ୍ ଏବଂ ବାଉଣ୍ଡରୀ ୱାଲ୍ ସହିତ ଲ୍ୟାଣ୍ଡ ଫିଲିଂ । ଅଟକଳ ମୂଲ୍ୟ ଟଙ୍କାରେ: ୭୪,୭୯,୯୮୨/-, ଅନ୍‌ଲାଇନ୍ ଟେଣ୍ଡର ଦାଖଲର ଶେଷ ତାରିଖ: ୧୨ା୦୭ା୨୦୨୧ ।
ସବିଶେଷ ଟେଣ୍ଡର ବିଜ୍ଞପ୍ତି ସହିତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସି ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ୍ http://eprocure.gov.in/epublish/appରେ ଦେଖାଯାଇପାରିବ ଏବଂ ଡାଉନଲୋଡ୍ କରାଯାଇପାରିବ । ଏହି ଟେଣ୍ଡର ସମ୍ବନ୍ଧୀୟ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ୍ http://eprocure.gov.in/epublish/app (ସିପିପି)ରେ ପ୍ରକାଶିତ କରାଯିବ । ଏଥିପାଇଁ ଖବରକାଗଜ ବିଜ୍ଞାପନ ଜାରି କରାଯିବ ନାହିଁ ।
**କାର୍ଯ୍ୟନିର୍ବାହୀ ଯନ୍ତ୍ରୀ**

ପୃଥିବୀର କ୍ରମବିକାଶ ଧାରାରେ ମଣିଷର ଅତିମାନବ ସ୍ତରକୁ ଉତ୍ତୀର୍ଣ୍ଣ ହେବା ହେଉଛି ପ୍ରକୃତିର ଏକ ନିକଟବର୍ତ୍ତୀ ସମ୍ପାଦନ ବା କୃତିତ୍ୱ। ସେହିଠାରେ ଇ ରହିଛି ଆମର ନିୟତି। ଏବଂ ସେହିଠାରେ ହିଁ ରହିଛି ଆମ ମୁକ୍ତିର ଚାବିକାଠି– ଯାହା ପାଇଲେ ଆମେ ଆମର ଏହି ଅଭୀପ୍ସା ପରାୟଣ ଅଥଚ ସୀମାବଦ୍ଧ ଓ ବାଧାବିଘ୍ନ ସଂକୁଳ ଜୀବନରୁ ରକ୍ଷାପାଇବୁ। –ଶ୍ରୀଅରବିନ୍ଦ



# ସତ୍‌ସାହସ ନାହିଁ



ଆକାର ପଟେଲ

ଭାରତ ସରକାର 'ଫାଷ୍ଟେଷ୍ଟ୍ ଗ୍ରୋଇଂ ଇକୋନୋମୀ' ବା 'ଦ୍ରୁତ ଅଭିବୃଦ୍ଧିର ଅର୍ଥ ବ୍ୟବସ୍ଥା' କଥା ଯାହା କହୁଥିଲେ ତାହା ଆଉ ୪ ବର୍ଷ ହେବ ଶୁଣିବାକୁ ପାଉନାହୁଁ। ୨୦୧୬ ନଭେମ୍ବର ରାତି ୮ଟାରେ ଆମକୁ ବିମୁଦ୍ରୀକରଣ ଭାଷଣ ଦେବା ସମୟରେ ପ୍ରଧାନମନ୍ତ୍ରୀ ବିଶ୍ୱ ଅର୍ଥ ବ୍ୟବସ୍ଥାର ଏହା ଏକ ଉଜ୍ଜ୍ୱଳ ବିନ୍ଦୁ ବା ଲକ୍ଷଣ ବୋଲି ବାରମ୍ବାର କହିଥିଲେ। ଏହା ମଧ୍ୟ ଏବେ ଶୁଣିବାକୁ ମିଳୁନାହିଁ। ଗତ ୪ ବର୍ଷ ମଧ୍ୟରେ ଅର୍ଥ ବ୍ୟବସ୍ଥା ସମ୍ପର୍କରେ ଅଧିକ ଚର୍ଚ୍ଚା ହୋଇନାହିଁ। ଭାରତର ଅର୍ଥ ବ୍ୟବସ୍ଥା ସମସ୍ୟା ମଧ୍ୟକୁ ଚାଲିଗଲା ପରେ ଲମ୍ବା ଚଉଡ଼ା ଭାଷଣ ବନ୍ଦ ହୋଇଗଲା। ତେବେ ଅର୍ଥ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇ ଆସୁଥିବା ଏବେ ସ୍ପଷ୍ଟ ହୋଇଛି। ସରକାର ଏ ସମ୍ପର୍କରେ କିଛି କହୁନାହାନ୍ତି ମାନେ ଏଥିରେ କିଛି ସମସ୍ୟା ରହିଛି। ଆମକୁ ଏହା ଜାଣିବା ପାଇଁ ଚେଷ୍ଟା କରିବାକୁ ପଡ଼ିବ। ସରକାରୀ ତଥ୍ୟ ମୁତାବକ, ୨୦୧୮ ଜାନୁୟାରୀ ପୂର୍ବରୁ ଆମ ଆର୍ଥିକ ଅଭିବୃଦ୍ଧି ଧିମା ପଡିବା ଆରମ୍ଭ ହୋଇଥିଲା। ଆମେ ତଳକୁ ଖସିଲୁ ଓ ସେଥିରୁ ଉଧୁରି ପାରିଲୁ ନାହିଁ। ୨୦୧୮ର ୪ଟି ଏବଂ ପରେ ୨୦୧୯ର ୪ଟି ତ୍ରୈମାସିକୀରେ ଓ ୨୦୨୦ର ପ୍ରଥମ ତ୍ରୈମାସିକୀରେ ଅର୍ଥ ବ୍ୟବସ୍ଥା ତଳକୁ ଖସିଲା। ଏହା ଥିଲା କୋଭିଡ୍ ମାହାମାରୀର ପୂର୍ବର ସ୍ଥିତି। ସମୟକ୍ରମେ ଦେଶ ସାରା ଲକ୍‌ଡାଉନ ଲାଗୁ ହେଲା। ଏହାଦ୍ୱାରା ଅଭିବୃଦ୍ଧି ବାଟ ବନ୍ଦ ହୋଇଗଲା। ତେବେ ଅର୍ଥ ବ୍ୟବସ୍ଥା କାହିଁକି ଧ୍ୱଂସ ହୋଇଗଲା ସେ ସମ୍ପର୍କରେ ସରକାର କିଛି କହିଲେ ନାହିଁ। ପ୍ରଧାନମନ୍ତ୍ରୀ ମଧ୍ୟ ଏହା ଉପରେ କହିବା ବନ୍ଦ କରିଦେଲେ। ୧୪ ଅକ୍ଟୋବର ୨୦୧୯ରେ ଦି ହିନ୍ଦୁ ଖବରକାଗଜରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ସ୍ୱାମୀ ପରକଲା ପ୍ରଭାକରଙ୍କ ଏକ ଲେଖା ପ୍ରକାଶ ପାଇଥିଲା। ଆମ ଅର୍ଥବ୍ୟବସ୍ଥା ଉପରେ ଆକଳନ କରି ସେ ଲେଖିଥିଲେ ଯେ, ଦେଶର ସବୁଆଡେ ମାନ୍ଦା ଅର୍ଥ ବ୍ୟବସ୍ଥାର କାରଣ ଜାଣିବାକୁ ଆବେଗ ବଢିଛି। ଏଯାବତ ସରକାର ଏହାକୁ ସ୍ୱୀକାର ନ କରିବା ଅବସ୍ଥାରେ ଥିବାବେଳେ ବିଭିନ୍ନ ଉତ୍ସରୁ ଏସମ୍ପର୍କିତ ତଥ୍ୟ ନିରନ୍ତର ଲୋକଙ୍କ ନିକଟରେ ପହଞ୍ଚୁଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଗୋଟିଏ ପରେ ଗୋଟିଏ ସେକ୍ଟର ଭୟଙ୍କର ସ୍ଥିତିକୁ ଠେଲି ହୋଇଯାଉଛି। ଘରୋଇ ବ୍ୟୟ ହ୍ରାସ ପାଇଛି ଓ ୧୮ଟି ତ୍ରୈମାସିକୀରେ ୩.୧%ରୁ କମ୍ ରହିଛି। ଗ୍ରାମାଞ୍ଚଳ ବ୍ୟୟ ହାର ସହରାଞ୍ଚଳ ତୁଳନାରେ ଦୁଇଗୁଣ ତଳକୁ ଖସିଛି। ଅଣୁ ଓ କ୍ଷୁଦ୍ର ଶିଳ୍ପଗୁଡ଼ିକର କ୍ରେଡିଟ ଟେକ୍‌ଅଫ୍ ଅଟକି ଯାଇଛି। ୨୦୨୦ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକୀରେ ମୋଟ୍ ଘରୋଇ ଉତ୍ପାଦ( ଜିଡିପି) ୫% ଥିଲା ଓ ଏହା ୬ ବର୍ଷ ମଧ୍ୟରେ ସବୁଠୁ କମ୍। ବେରୋଜଗାରୀ ୪୫ ବର୍ଷ ଭିତରେ ସବୁଠୁ ଉଚ୍ଚରେ ରହିଛି। କିନ୍ତୁ ଅର୍ଥ ବ୍ୟବସ୍ଥାକୁ କ୍ଷତି କରୁଥିବା ତତ୍ତ୍ୱକୁ ଆୟତ୍ତ କରିବା ଲାଗି ସରକାର କୌଣସି ପଦକ୍ଷେପ ନେବାର ସଙ୍କେତ ଦେଇନାହାନ୍ତି। ଅର୍ଥ ବ୍ୟବସ୍ଥାରେ ଅସିଥିବା ଆହ୍ୱାନଗୁଡ଼ିକୁ ସମାଧାନ କରିବା ଲାଗି ସରକାର ଏକ ରଣନୀତିକ ଦୃଷ୍ଟିକୋଣ ଆପଣାଇଛନ୍ତି ବୋଲି ଯେଉଁ ତଥ୍ୟ ସାମ୍ନାକୁ ଆସିଛି ତାହାକୁ ବିଶ୍ୱାସ କରି ହେବ ନାହିଁ। ମୁଁ ଚଳିତ ସପ୍ତାହରେ ବିଜ୍‌ନେସ ଡେଲିରୁ ଏକ ନ୍ୟୁଜ୍‌ଲେଟର ପାଇଥିଲି। ଗତ ଆର୍ଥିକ ବର୍ଷ (ଯାହା କିଛି ସପ୍ତାହ ପୂର୍ବେ ଏପ୍ରିଲରେ ଶେଷ ହୋଇଛି)ରେ ସ୍ଥିତି କ'ଣ ଥିଲା ତାହା ଏଥିରେ ଦର୍ଶାଯାଇଥିଲା। ଉପଭୋକ୍ତା ବା ଖାଉଟି ବ୍ୟୟ ୯% ଏବଂ ନିବେଶ ୧୦% ତଳକୁ ଖସିଥିବା ଉଲ୍ଲେଖ କରାଯାଇଥିଲା। ଏହି ସମୟରେ ମାନୁଫାକ୍ଚରିଂ ସର୍ଭିସ ଓ ନିର୍ମାଣ କ୍ଷେତ୍ରରେ ଏହା ୮% ଭିତରେ କେଉଁ ଏକ ସଂଖ୍ୟାରେ ସୀମିତ ରହିଲା। ମୋଟ ଉପରେ ଗତ ଆର୍ଥିକ ବର୍ଷରେ ଆମେ ପଛକୁ ଚାଲିଗଲୁ। ଅର୍ଥ ବ୍ୟବସ୍ଥା ଧିମା ପଡିଗଲା ଓ ଅଭିବୃଦ୍ଧି ବନ୍ଦ ହୋଇଗଲା। କିନ୍ତୁ ବିଶ୍ୱର ଅନ୍ୟଦେଶଗୁଡ଼ିକୁ ଅଭିବୃଦ୍ଧି କରିଚାଲିଲେ ଓ ଆମେ ପଛରେ ପଡିଗଲୁ। ଏହି କାରଣରୁ ଏବେ ଭାରତରେ ହାରାହାରି ଗରିବୀ ବଢିଛି। ଏହା ବାଂଲାଦେଶର ହାରାହାରି ଗରିବୀ ତୁଳନାରେ ଅଧିକ ରହିଛି। ୪୮ ମାସ ମଧ୍ୟରେ ଏଭଳି ଜଟିଳ ପରିସ୍ଥିତି ଦେଖିବାକୁ ମିଳିଛି। ଏପ୍ରିଲ ୨୦୨୧ ସୁଦ୍ଧା ମାନୁଫାକ୍ଚରିଂ ଟ୍ରେଡ୍, ପରିବହନ ଏବଂ ଯୋଗାଯୋଗ ତଳକୁ ଖସିଲା ଓ ୨୦୧୮ରେ ଯେଉଁ ସ୍ତରରେ ରହିଥିଲା ଏବେ ତାହା ସେଇଠି ରହିଛି। ଏହା ହିଁ ହେଉଛି ୩ ବର୍ଷରେ ଅଭିବୃଦ୍ଧିରେ କ୍ଷତି। ନିର୍ମାଣ ଦୁଇ ବର୍ଷ ହେବ କ୍ଷତି ସହୁଛି। ସିମେଣ୍ଟ, ରିଫାଇନେରୀ, ଷ୍ଟିଲ୍ ଭଳି କୋର୍ ଇଣ୍ଡଷ୍ଟ୍ରିଗୁଡ଼ିକର ଉତ୍ପାଦନ ୨୦୧୭ର ସ୍ତର ସହ ସମାନ ରହିଛି। ୪ ବର୍ଷ ହେବ ଏହି ସେକ୍ଟରରେ କ୍ଷତି ହେଉଥିବା ବେଳେ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ଅଧିକ ଉତ୍ପାଦନ କରୁଛନ୍ତି। କାର୍ ସମେତ ଯାତ୍ରୀବାହୀ ଯାନଗୁଡ଼ିକର ବିକ୍ରି ୨୦୧୬ ସ୍ତରକୁ ଚାଲିଯାଇଛି। ଏଥିରେ ଆମର ୫ ବର୍ଷ ହେବ କ୍ଷତି ହୋଇ ଚାଲିଛି। ଅଟୋ ସେକ୍ଟର ବହୁ ବର୍ଷ ହେବ କ୍ଷତି ସହି ଆସୁଛି ଏବଂ ଏଥିରୁ ସ୍ପଷ୍ଟ ଯେ, ମଧ୍ୟବିତ୍ତ ବର୍ଗଙ୍କ ଅଭିବୃଦ୍ଧି ବନ୍ଦ ହୋଇଯାଇଛି। ୧୦ ବର୍ଷ ତଳେ ଦୁଇଚକିଆ ଯାନ ବିକ୍ରି ଯାହା ଥିଲା ଏବେ ସେହି ସମାନ ସ୍ତରରେ ରହିଛି। ନରେନ୍ଦ୍ର ମୋଦି ପ୍ରଥମେ ପ୍ରଧାନମନ୍ତ୍ରୀ ହେବାବେଳେ ବ୍ୟବସାୟିକ ଯାନ ଅର୍ଥାତ୍ ଟ୍ରକ୍ ବିକ୍ରି ଯାହା ଥିଲା ଏବେ ତା'ଠାରୁ କମ୍ ଅଛି। ଏହି ତଥ୍ୟ ନୂଆ ନୁହେଁ, ଏହା ସବୁଠି ଉପଲବ୍ଧ। ଯେଉଁମାନେ ଏହି ସେକ୍ଟର ସହ ଜଡ଼ିତ ସେମାନେ ଏସବୁ ଭଲ ଭାବେ ଜାଣନ୍ତି।

ଗତ ବର୍ଷ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ କହିଥିଲେ ଯେ, ଯଦି ତୁମେ ସମସ୍ୟାକୁ ସ୍ୱୀକାର କରିବ ନାହିଁ ତେବେ ଏହାକୁ ସମାଧାନ କରିବା ପାଇଁ ପଦକ୍ଷେପ ନେବା ଆରମ୍ଭ କରିପାରିବ ନାହିଁ। ମୋଦି ଆମକୁ ଅର୍ଥବ୍ୟବସ୍ଥାରେ ବିଫଳ କରିଛନ୍ତି ବୋଲି କହିବା ଉଚିତ। ଏହା କହିବାକୁ ତାଙ୍କ କ୍ୟାବିନେଟ ସାଥୀମାନଙ୍କର ବି ସତ ସାହସ ନାହିଁ। ତାଙ୍କ ଅର୍ଥମନ୍ତ୍ରୀଙ୍କ ସ୍ୱାମୀ ଅର୍ଥ ବ୍ୟବସ୍ଥା ବୁଡିଯାଇଛି ବୋଲି ଭାରତର ଏକ ପ୍ରତିଷ୍ଠିତ ଖବରକାଗଜରେ ଆର୍ଟିକଲ ଲେଖିବା ଆବଶ୍ୟକ। କେତେଜଣଙ୍କ ସମ୍ପଦ ବୃଦ୍ଧି ହେଉଥିବାବେଳେ ଭାରତୀୟମାନେ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇ ଯାଉଛନ୍ତି ଓ ଅର୍ଥବ୍ୟବସ୍ଥା ଚୂର୍‌ମାର ହୋଇଯାଉଛି। ଏସିଆ ଏହି ଦୁଇ ବ୍ୟକ୍ତି ଚାଇନାର ନୁହଁନ୍ତି, ଯାହାଙ୍କ ଅର୍ଥବ୍ୟବସ୍ଥା ଭାରତଠାରୁ ଦୁଇଗୁଣ ବଡ଼। ଏମାନେ ହେଉଛନ୍ତି ଦୁଇ ଗୁଜରାଟୀ, ଯିଏ ଭାରତରେ ଅଭିବୃଦ୍ଧି ମଡେଲର ପ୍ରତୀକ ଭାବେ ଉଭା ହୋଇଛନ୍ତି।

Email:aakar.patel@gmail.com

# ପ୍ରଭାବ ପକାଉଛି ମଞ୍ଜୁର କାହାଣୀ



ବିଚିତ୍ର ବିଶ୍ୱାଳ

ମଞ୍ଜୁ ନାମ୍ନୀ ଝିଅଟିଏ ଜଙ୍ଗଲ ପାଖ ଏକ ଗାଁରେ ରହୁଥିଲା। ତାଙ୍କ ଗାଁରେ ଭିନ୍ନ ଭିନ୍ନ ପ୍ରକାର ଫସଲ ଯଥା ଶସ୍ୟ, ଡାଲି, ଫଳମୂଳ, ତେଲ, କନ୍ଦା, ମସଲା ଓ ପନିପରିବା ଆଦି ଅମଳ ହେଉଥିଲା। ପିଲାଦିନରୁ ତାକୁ ବାପା ମା' ସହିତ ଫଳ, ଛତୁ, ଶାଗ, କନ୍ଦା ଓ ଅନ୍ୟାନ୍ୟ ବଣର ଖାଦ୍ୟ ସବୁ ସଂଗ୍ରହ କରିବାକୁ ଯିବାକୁ ଭଲ ଲାଗୁଥିଲା। ୧୫ ବର୍ଷ ବୟସରେ ତା'ର ବାହାଘର ଗୋଟିଏ ଗରିବ ପରିବାରରେ ହେଲା। ତା' ସ୍ୱାମୀର ଆୟର ମୁଖ୍ୟ ଉତ୍ସ ଦିନ ମଜୁରି ହିଁ ଥିଲା। ସେ ନିଜ ସ୍ୱାମୀଠାରୁ ଜାଣିଲା ଯେ, ସେମାନେ ତାଙ୍କ ଜମିର ଅଧେ ଭାଗରେ ହିଁ ଫସଲ ଅମଳ କରୁଛନ୍ତି ଓ ବାକି ସବୁ ପଡ଼ିଆ ରହୁଛି। ଜମି ସବୁ କାହିଁକି ପଡ଼ିଆ ରହୁଛି ବୋଲି ସେ ଯେତେବେଳେ ତା' ସ୍ୱାମୀକୁ ପଚାରିଲା, ସ୍ୱାମୀ ଉତ୍ତର ଦେଲା, ସବୁ ଜମି ଚାଷ କରିବା ପାଇଁ ତାଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ବିହନ ନାହିଁ ଓ ଦୀର୍ଘଦିନ ହେବ ଜମି ସବୁ ଅନୁର୍ବର ହୋଇଯାଇଛି। ବୋଧହୁଏ ଅଧିକ ସାର ବିଷ ପ୍ରୟୋଗ କରି ଜମି ସବୁ ଖରାପ ହୋଇଯାଇଛି, ତା' ସ୍ୱାମୀ କହିଲା। ମଞ୍ଜୁ ଯେବେ ଜାଣିବାକୁ ଚାହିଁଲା ଯେ, ସେମାନେ ଜଙ୍ଗଲରୁ କାହିଁକି ଭିନ୍ନ ଭିନ୍ନ ପ୍ରକାର ଖାଦ୍ୟ ସଂଗ୍ରହ କରୁନାହାନ୍ତି, ସେତେବେଳେ ତା' ସ୍ୱାମୀ କହିଲା, ଆମ ଗାଁ ଜଙ୍ଗଲ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଗଲାଣି। ସେଠାରେ ଆଉ କୌଣସି ପ୍ରକାର ଖାଦ୍ୟ ମିଳୁନାହିଁ।

କିଛି ମାସ ପରେ ମଞ୍ଜୁ ଗର୍ଭବତୀ ହେଲା। ସେ ତା' ଭାଉଜ ପାଖରୁ ଜାଣିଥିଲା ଯେ, ଗର୍ଭବତୀ ଅବସ୍ଥାରେ ବିଭିନ୍ନ ପ୍ରକାର ପୁଷ୍ଟିଯୁକ୍ତ ଖାଦ୍ୟ ଖାଇବା ଉଚିତ। ତେଣୁ ସେ ତା' ସ୍ୱାମୀକୁ ବିଭିନ୍ନ ପ୍ରକାର ପନିପରିବା ଓ ଅଣ୍ଡା, ମାଛ, ମାଂସ ଆଣି ଖାଇବାକୁ ଦେବା ପାଇଁ କହିଲା। ତା' ସ୍ୱାମୀ ନିଜ ଅସହାୟତା ପ୍ରକାଶ କରି କହିଲା, ତୁମ ଗାଁର କଥା ଅଲଗା ଥିଲା। ତୁମେ ତୁମ ଜମିର ସମ୍ପୂର୍ଣ୍ଣ ଉପଯୋଗ କରି ଶସ୍ୟ, ଡାଲି ଓ ଭିନ୍ନ ଭିନ୍ନ ପ୍ରକାର ପନିପରିବା ଫଳାଉଥିଲ। କୁକୁଡ଼ା ଓ ଛେଳି ପାଳନ କରି ଅଣ୍ଡା, ମାଂସ ଆଦି ଖାଇ ପାରୁଥିଲ। ହେଲେ ଆମ ସ୍ଥିତି ଅଲଗା। କାରଣ ଆମେ କେବଳ ଧାନ ବିହନ ବଜାରରୁ କିଣି ଚାଷ କରୁଛୁ। ପନିପରିବା ଆମେ କିଣି ପାରୁନାହୁଁ, କାରଣ ତାହା ବହୁତ ମହଙ୍ଗା। ପନିପରିବା ବଗିଚା ମଧ୍ୟ ଆମର ନାହିଁ। ତେଣୁ ତୋତେ ଆମ ପରିସ୍ଥିତି ଅନୁସାରେ ରହିବାକୁ ପଡ଼ିବ। ମୁଁ ଜାଣିଛି ଏହା ଦ୍ୱାରା ତୋ ପେଟରେ ଥିବା ଆମ ଛୁଆ ଉପରେ ଖରାପ ପ୍ରଭାବ ପଡ଼ିବ। କିନ୍ତୁ ମୁଁ ଆଉ କ'ଣ କରିବି?

ମଞ୍ଜୁ ପରିସ୍ଥିତିରେ ପଡ଼ି ସେମିତି ରହିଲା। ଗର୍ଭବତୀ ଅବସ୍ଥାରେ ତାକୁ ଉପଯୁକ୍ତ ପରିମାଣରେ ଖାଦ୍ୟ ଓ ଆବଶ୍ୟକୀୟ ବିଶ୍ରାମ ମିଳିଲା ନାହିଁ। ସେପରି ଅବସ୍ଥାରେ ତାକୁ ଅନ୍ୟର ଜମିରେ ମଜୁରି କାମ ବି କରିବାକୁ ପଡୁଥିଲା, ଯେଉଁଠି ବହୁତ ପରିମାଣରେ ରାସାୟନିକ ସାର ଓ ବିଷ ପ୍ରୟୋଗ ହେଉଥିଲା। ଦିନେ ମଞ୍ଜୁ ମଜୁରି କାମ କରି ଫେରୁଥିବା ବେଳେ ତା'ର ଅଙ୍ଗନୱାଡି ଦିଦି ଦେଖାହେଲେ। ଅଙ୍ଗନୱାଡି ଦିଦି ତା'ର ଶେତା ପଡ଼ିଯାଇଥିବା ଆଖି, ଓଠ ଓ ନଖ ଦେଖି କହିଲେ, ଆରେ ତୋର ତ ରକ୍ତହୀନତା ଅଛି। ତୁ ପ୍ରତି ମାସରେ ମମତା ଦିବସକୁ ଆସୁନାହୁଁ କାହିଁକି? ମୋ ଶାଶୁ ମମତା ଦିବସକୁ ଯିବାକୁ ମନା କରୁଛନ୍ତି ବୋଲି ମଞ୍ଜୁ କହିଲା ଓ ମନ ଦୁଃଖରେ ଘରକୁ ଫେରିଲା। ମଞ୍ଜୁର ଘରେ ପାଇଖାନା ନ ଥିଲା। ସେ ବାହାରକୁ ମଳତ୍ୟାଗ କରିବାକୁ ଯାଉଥିଲା। ଶୋଇବା ବେଳେ ସେ ମଶାରି ମଧ୍ୟ ବ୍ୟବହାର କରୁ ନ ଥିଲା।

ସମୟ ଆଗକୁ ବଢ଼ିବା ସହିତ ମଞ୍ଜୁ ରକ୍ତହୀନତାର ଶିକାର ହୋଇ ଦୁର୍ବଳ ହେବାକୁ ଲାଗିଲା ଓ ନଅ ମାସରେ ସେ ଏକ କମ୍ ଓଜନର ଛୁଆକୁ ଜନ୍ମ ଦେଲା। ଛୁଆଟିର ପାଳନ ପୋଷଣ କରିବା ପାଇଁ ମଞ୍ଜୁ ବହୁତ ଦୁର୍ବଳ ଓ ପୁଷ୍ଟିହୀନ ହୋଇଯାଇଥିଲା। କିଛି ଦିନ ପରେ ମଞ୍ଜୁ ମରିଗଲା। ଛୁଆଟି ବି ମା' କ୍ଷୀର ପାଇଲା ନାହିଁ ଓ ସେ ବି ଦୁର୍ବଳ ହେବାକୁ ଲାଗିଲା। ଶେଷରେ ଛୁଆଟି ବି ମରିଗଲା।

ଏହା ହେଉଛି ମଞ୍ଜୁ ନାମ୍ନୀ ଏକ କାଳ୍ପନିକ ଚରିତ୍ରର କାହାଣୀ। ଏହି କାହାଣୀଟି ଓଡ଼ିଶା ଜୀବିକା ମିଶନ୍ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା 'ମୋ ଉପକାରୀ ବଗିଚା' କାର୍ଯ୍ୟକ୍ରମ ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀ ସ୍ତରରେ ହେଉଥିବା ପି.ଏଲ.ଏ. (ପାର୍ଟିସିପେଟୋରୀ ଲର୍ନିଙ୍ଗ୍ ଆଣ୍ଡ ଆକ୍ସନ– ସହଭାଗୀ ଶିକ୍ଷା ଓ କାର୍ଯ୍ୟକ୍ରମ) ବୈଠକ ଚକ୍ରର ଏକ ଅଂଶବିଶେଷ। ଏଠାରେ ସୂଚନାଯୋଗ୍ୟ ଯେ, ଗତ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେବ ଅଜିମ୍ ପ୍ରେମ୍‌ଜୀ ଫାଉଣ୍ଡେସନ୍‌ର ଆର୍ଥିକ ସହାୟତାରେ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲିଭିଙ୍ଗ୍ ଫାର୍ମସ, ହର୍ଷ ଟ୍ରଷ୍ଟ ଓ ପ୍ରଦାନର ବୈଷୟିକ ସହାୟତାରେ ଓଡ଼ିଶା ଜୀବିକା ମିଶନ୍ ଦ୍ୱାରା ଖାଦ୍ୟ ବିବିଧତା ବୃଦ୍ଧି କରି ଅପପୁଷ୍ଟିକୁ ଦୂର କରିବା ପାଇଁ ରାଜ୍ୟ ସ୍ତରରେ 'ମୋ ଉପକାରୀ ବଗିଚା' ନାମକ ଏକ କାର୍ଯ୍ୟକ୍ରମ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀକୁ ସଂଗଠିତ ଓ ସଚେତନ କରାଇବା ପାଇଁ ମହିଳା ସ୍ୱୟଂ ସହାୟକ ଦଳ ସ୍ତରରେ ଗୋଷ୍ଠୀ ସାଧନ କର୍ମୀ (ସି.ଆର୍.ପି.) ଦ୍ୱାରା ପ୍ରତ୍ୟେକ ମାସରେ ପି.ଏଲ.ଏ. ବୈଠକ ଆୟୋଜନ କରାଯାଉଛି। ଏଥିସହିତ ପରିବାର ସ୍ତରରେ ପୁଷ୍ଟି ବଗିଚା ଓ ଛୋଟ ସ୍ତରରେ କୁକୁଡ଼ା ଓ ଛେଳି ପାଳନକୁ ମଧ୍ୟ ପ୍ରୋତ୍ସାହନ ଦିଆଯାଉଛି। ପି.ଏଲ.ଏ. ବୈଠକ ଚକ୍ରରେ ପୁଷ୍ଟି, ଖାଦ୍ୟ ଓ ସ୍ୱଚ୍ଛତା ସମ୍ବନ୍ଧୀୟ ମୋଟ ଚଉଦଟି ବୈଠକ ରହିଛି। ସଂପ୍ରତି କରୋନା ଯୋଗୁ ଜାରି ହୋଇଥିବା ଲକ୍‌ଡାଉନ୍ ଯୋଗୁ ଏହି ବୈଠକ ସାମୟିକ ସମୟ ପାଇଁ ବନ୍ଦ ରହିଛି। ଏପର୍ଯ୍ୟନ୍ତ ଗୋଷ୍ଠୀ ସ୍ତରରେ ପାଞ୍ଚୋଟି ପି.ଏଲ.ଏ. ବୈଠକ ଶେଷ ହୋଇଛି ଓ ଫଳ ସ୍ୱରୂପ ସ୍ୱୟଂ ସହାୟକ ଦଳର ମହିଳାମାନେ ନିଜ ସ୍ତରରେ ପଦକ୍ଷେପ ନେବାକୁ ଆରମ୍ଭ କଲେଣି। ଏହି ବୈଠକ ମାଧ୍ୟମରେ ସ୍ୱୟଂ ସହାୟକ ଦଳର ମହିଳାମାନେ ନିଜ ଗାଁର ଅପପୁଷ୍ଟି ସମ୍ବନ୍ଧୀୟ ସମସ୍ୟାକୁ ଚିହ୍ନଟ କରୁଛନ୍ତି, ପ୍ରାଥମିକୀକରଣ କରୁଛନ୍ତି, ସମସ୍ୟାର ସମାଧାନ ନିଜ ସାଧ୍ୟ ଅନୁସାରେ ଯୋଜନା ପ୍ରସ୍ତୁତ କରୁଛନ୍ତି ଓ ତାହାର କାର୍ଯ୍ୟକାରୀ କରିବା ପାଇଁ ନିଜେ ଦାୟିତ୍ୱ ନେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପି.ଏଲ.ଏ. ବୈଠକଗୁଡ଼ିକ ଶୁଖିଲା ଭାଷଣ ମାଧ୍ୟମରେ ହୁଏ ନାହିଁ। ପ୍ରତ୍ୟେକ ବୈଠକ ଅତ୍ୟନ୍ତ ଉପାଦେୟ ପ୍ରକ୍ରିୟା ଯଥା ଖେଳ ଖେଳିବା, ଗପ କହିବା, ପ୍ରଶ୍ନ ପଚାରିବା, ପ୍ରାକ୍ଟିକାଲ୍ କରି ଦେଖାଇବା ଆଦି ପ୍ରକ୍ରିୟା ମାଧ୍ୟମରେ କରାଯାଇଥାଏ। ତେଣୁ ଏଥିରେ ଗୋଷ୍ଠୀର ଲୋକମାନେ ସକ୍ରିୟତାର ସହିତ ଅଂଶ ଗ୍ରହଣ କରନ୍ତି ଓ ବୈଠକ ଶେଷ ବେଳକୁ ନିର୍ଦ୍ଦିଷ୍ଟ ସମସ୍ୟାକୁ କେବଳ ବୁଝି ନ ଥାନ୍ତି, ହୃଦୟଙ୍ଗମ ବି କରିଥାନ୍ତି; ଯାହା ତାଙ୍କୁ ପଦକ୍ଷେପ ନେବାକୁ ପ୍ରେରିତ କରେ।

ପି.ଏଲ.ଏ. ବୈଠକ ଚକ୍ରରେ ମଞ୍ଜୁର କାହାଣୀ ମାଧ୍ୟମରେ ଚତୁର୍ଥ ବୈଠକଟି କରାଯାଇଛି। ଏହା ଓଡ଼ିଶାର ୧୦୬ଟି ବ୍ଲକ୍‌ର ପାଖାପାଖି ୭୫ ହଜାର ସ୍ୱୟଂ ସହାୟକ ଦଳରେ କରାଯାଇଛି। ବୈଠକର ପ୍ରକ୍ରିୟା ଅନୁଯାୟୀ ମଞ୍ଜୁର କାହାଣୀ କହିବା ପରେ ସହାୟକ ମହିଳାମାନଙ୍କୁ ପଚାରନ୍ତି, କାହାଣୀ ଶେଷରେ କ'ଣ ହେଲା ଓ କାହିଁକି ହେଲା। ପୁଣି ଧୀରେ ଧୀରେ କାହାଣୀର ଶେଷରୁ ମୂଳ ଯାଏ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରନ୍ତି। କ'ଣ କରିଥିଲେ ମଞ୍ଜୁର ଛୁଆ ବଞ୍ଚିଯାଇଥାନ୍ତା? କ'ଣ କରିଥିଲେ ମଞ୍ଜୁ ବଞ୍ଚିଯାଇଥାନ୍ତା? କ'ଣ କରିଥିଲେ ମଞ୍ଜୁ ଗର୍ଭବତୀ ଅବସ୍ଥାରେ ପୁଷ୍ଟିହୀନ ହୋଇ ନ ଥାନ୍ତା? କ'ଣ କରିଥିଲେ ମଞ୍ଜୁ ଦୁର୍ବଳ ହୋଇ ନ ଥାନ୍ତା? ଏହିପରି ପ୍ରଶ୍ନ ପଚାରି ସହାୟକ ମହିଳାମାନଙ୍କୁ ମଞ୍ଜୁର ମୃତ୍ୟୁର କାରଣ ଓ ନିରାକରଣ ବିଷୟରେ ଜାଣିବା ଓ ଅପପୁଷ୍ଟିକୁ ଦୂର କରିବା ପାଇଁ ପଦକ୍ଷେପ ନେବା ଲାଗି ପ୍ରେରିତ କରିଥାନ୍ତି। ଏହି ବୈଠକ ଓଡ଼ିଶାର ଗାଁ ଗଣ୍ଡାରେ ଅତ୍ୟନ୍ତ ପ୍ରଭାବୀ ସାବ୍ୟସ୍ତ ହୋଇଛି। ଲୋକମାନେ ମଞ୍ଜୁର କାହାଣୀକୁ ନିଜ କାହାଣୀ ଭାବେ ଦେଖିଛନ୍ତି ଓ ନିଜ ଗାଁରେ ଆଉ ମଞ୍ଜୁ ପରି ଘଟଣା ଘଟେଇ ନ ଦେବା ପାଇଁ ଦୃଢ଼ ପଦକ୍ଷେପ ନେଉଛନ୍ତି।

ଏହି ବୈଠକ ପରେ ରାୟଗଡ଼ା ଜିଲାର କାଶୀପୁର ବ୍ଲକ୍‌ର ତେଲେଙ୍ଗିରି ଗାଁର ସ୍ୱୟଂ ସହାୟକ ଦଳର ମହିଳାମାନେ ଏକ ବାଲ୍ୟ ବିବାହକୁ ସଫଳତାର ସହିତ ବନ୍ଦ କରିଛନ୍ତି। କାରଣ ସେମାନେ ହୃଦୟଙ୍ଗମ କରିଥିଲେ, କମ୍ ବୟସରେ ବିବାହ କରି ମଞ୍ଜୁର ଅବସ୍ଥା କ'ଣ ହେଲା। ଗାଁର ଗୋଟିଏ ଚଉଦ ବର୍ଷର ଝିଅକୁ ପଡ଼ୋଶୀ ଗାଁର ଗୋଟିଏ ପୁଅ ନେଇଗଲା। ଉଭୟ ଗାଁର ମୁଖିଆମାନେ ବସି ଝିଅ ଓ ପୁଅର ବାହାଘର କରିବା ପାଇଁ ନିଷ୍ପତ୍ତି ନେଲେ। ପୂର୍ବ ପରିସ୍ଥିତି ଥିଲେ ବାହାଘର ହୋଇଯାଇଥାନ୍ତା ନିଶ୍ଚୟ। କିନ୍ତୁ ମଞ୍ଜୁର କାହାଣୀକୁ ବୁଝିଥିବା ସ୍ୱୟଂ ସହାୟକ ଦଳର ମହିଳାମାନେ ଏହି ନିଷ୍ପତ୍ତିକୁ ବିରୋଧ କଲେ। ଏପରି କି ଝିଅର ମା' କୁଟୁମ୍ବ ବୈଠକରେ ମଞ୍ଜୁର କାହାଣୀକୁ ଆଉଥରେ ଆମୂଳଚୂଳ କହିଲେ। କୁଟୁମ୍ବ ବୈଠକରେ ଉପସ୍ଥିତ ଥିବା ଲୋକମାନେ ଏହାକୁ ବୁଝିଲେ ଓ ଶେଷରେ ନିଷ୍ପତ୍ତି ହେଲା ଯେ, ଝିଅକୁ ଅଠର ବର୍ଷ ବୟସ ନ ହେବା ଯାଏ ବାହାଘର ହୋଇପାରିବ ନାହିଁ। ଝିଅ ପୁଣି ତା' ନିଜ ଘରକୁ ଫେରିଲା। ଏହାଦ୍ୱାରା ମଞ୍ଜୁ ପରି ଆଉ ଏକ କାହାଣୀ ହେବାକୁ ନିଶ୍ଚୟ ଭାବେ ରୋକି ଦିଆଯାଇପାରିଲା। ସେହିପରି ଚନ୍ଦ୍ରପୁର ବ୍ଲକ୍‌ର ଦିଲାଗୁଡ଼ି ଗାଁରେ, ମୁନିଗୁଡ଼ା ବ୍ଲକ୍‌ର ଶିବପଦର ପଞ୍ଚାୟତରେ, କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକ୍‌ର ବେନ୍ଦାଖୋଲା ଗ୍ରାମରେ ବି ମହିଳାମାନେ ସଫଳତାର ସହିତ କମ୍ ବୟସର ବାହାଘରକୁ ରୋକି ପାରିଛନ୍ତି। ଗଜପତି ଜିଲାର ସବରପଲ୍ଲୀ ପଞ୍ଚାୟତର ସୁଣ୍ଡରବା ଗ୍ରାମର ମହିଳା ସ୍ୱୟଂ ସହାୟକ ଦଳର ତୁରନ୍ତ ପଦକ୍ଷେପ ଯୋଗୁ ଏକ ବାଲ୍ୟ ବିବାହକୁ ଅଟକେଇ ଦିଆଯାଇଛି। ଏହା କେବଳ ତିନୋଟି ଜିଲାର ଘଟଣା ନୁହେଁ, ଆହୁରି ଅନେକ ଜିଲାରେ ମଞ୍ଜୁର କାହାଣୀର ପ୍ରଭାବରେ ଏକାଧିକ ବାଲ୍ୟ ବିବାହ ବନ୍ଦ ହୋଇଥିବାର ଘଟଣା ଦେଖିବାକୁ ମିଳୁଛି। କେବଳ ବାଲ୍ୟ ବିବାହ ବନ୍ଦ ନୁହେଁ, ପି.ଏଲ.ଏ. ବୈଠକର ପ୍ରଭାବ ଯୋଗୁ ଏହି ୧୦୬ଟି ବ୍ଲକ୍‌ର ମମତା ଦିବସରେ ଗର୍ଭବତୀ ମହିଳା, ପ୍ରସୂତି ମା' ଶିଶୁ ଓ କିଶୋରୀ ବାଳିକାଙ୍କର ଉପସ୍ଥାନ ବି ବଢୁଛି ଓ ଅନେକ ପ୍ରକାର ପୁଷ୍ଟି ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ନକାରାତ୍ମକ ଅଭ୍ୟାସ ଓ ବ୍ୟବହାର ବନ୍ଦ ହୋଇ ସକାରାତ୍ମକ ବ୍ୟବହାର ବଢୁଛି; ଯାହା ଓଡ଼ିଶାର ଅପପୁଷ୍ଟିକୁ ଦୂର କରିବା ପାଇଁ ଏକ ବଡ଼ ଯୋଗଦାନ ହେବ। ସ୍ୱୟଂ ସହାୟକ ଦଳଗୁଡ଼ିକରେ ଆହୁରି ୯ଟି ଲେଖାଏ ପି.ଏଲ.ଏ. ବୈଠକ ହେବା ବାକି ଅଛି। ତେଣୁ ଭବିଷ୍ୟତରେ ଆହୁରି ଅନେକ ସକାରାତ୍ମକ ପରିବର୍ତ୍ତନ ହେବାର ଆଶା କରାଯାଏ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ–୯୪୩୮୪୬୮୪୭୪

# ଅନ୍ତରଙ୍ଗ ସମନ୍ୱୟକାରୀ

ବ୍ୟକ୍ତିତ୍ୱ



ଆସ୍ଥା ଖାନ୍ନା

ଚଳଚ୍ଚିତ୍ର ଓ ଟେଲିଭିଜନ ଭଳି ମଞ୍ଚରେ ପ୍ରଦର୍ଶିତ ହେଉଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଦୃଶ୍ୟକୁ ନେଇ ଦର୍ଶକଙ୍କ ମହଲରେ ସର୍ବଦା ଗୋଟେ ଉତ୍କଣ୍ଠା ଥାଏ। ଶୁଟିଂ ସମୟରେ ନାୟିକା ଓ ନାୟକ ଯେତେବେଳେ ପରସ୍ପରକୁ ଛୁଇଁଥାଆନ୍ତି, ସେମାନଙ୍କ ମଧ୍ୟରେ କି ପ୍ରକାର ଶିହରଣ ସୃଷ୍ଟି ହୋଇଥାଏ ତାହାକୁ ଭାବି ଦର୍ଶକ ରୋମାଞ୍ଚିତ ହୋଇଥାଆନ୍ତି। ମନୋରଞ୍ଜନ କାର୍ଯ୍ୟକ୍ରମ ଉପଭୋଗ କରିବା ପରେ ମଧ୍ୟ ଅନେକେ ଏ ବିଷୟରେ ଚର୍ଚ୍ଚା କରିଥାଆନ୍ତି। ଅତ୍ୟନ୍ତ ରୋମାଣ୍ଟିକ୍ ହେଉ ବା ଖଳନାୟକ ଦ୍ୱାରା ଯୌନ ଇଚ୍ଛାକୁ ପୂରଣ କରିବା ଲାଗି ଦୃଶ୍ୟମାନ ହେଉଥିବା ସିନ୍ ଭାରତୀୟ ମାନସିକତାକୁ ଜାବୁଡ଼ି ଧରିଥାଏ। ଏହାର ଊର୍ଦ୍ଧ୍ୱକୁ କମ୍ ଦର୍ଶକ ଯାଇ ଚିନ୍ତା କରିଥାଆନ୍ତି। ତେବେ ୨୦୧୮ରେ ଯେତେବେଳେ ବିଶ୍ୱବ୍ୟାପୀ ଯୌନ ଶୋଷଣ ବିରୋଧରେ 'ମି ଟୁ' ଅଭିଯାନ ନେଇ ଚହଳ ପଡ଼ିଲା, ସେଥିରେ ଭାରତର ବଲିଉଡ୍ ଦୁନିଆ ଚହଲି ଗଲା। କେତେକ ଅଭିନେତ୍ରୀ ଶୁଟିଂ ପୂର୍ବରୁ ବା ସେଟ୍‌ରେ ତାଙ୍କ ପ୍ରତି ପୁରୁଷ ନିର୍ଦ୍ଦେଶକ ହୁଅନ୍ତୁ ବା ଅଭିନେତା କିଭଳି ବ୍ୟବହାର କରିଥିଲେ ତାହାକୁ ପ୍ରକାଶ କରିବାରେ ଲାଗିଲେ। ଜଣେ ଜଣେ ଅଭିନେତ୍ରୀଙ୍କ ଅଭିଯୋଗ ସମଗ୍ର ଚଳଚ୍ଚିତ୍ର ଜଗତ ସହ ବାହ୍ୟ ଦୁନିଆକୁ ହଲଚଲ କରିଦେଇଥିଲା। ପାଶ୍ଚାତ୍ୟ ଜଗତରେ ଏଭଳି ସମସ୍ୟାର ମୂଳକୁ ଯାଇ ସମାଧାନ ଲାଗି ତତ୍ପରତା ପ୍ରକାଶ ପାଇଥାଏ। କିନ୍ତୁ ଭାରତରେ କେବଳ ତାହା ଚର୍ଚ୍ଚା ସ୍ତରରେ ରହିଯାଏ। ଅତି ବେଶିରେ ଲୋକେ ପ୍ରଦର୍ଶନକାରୀଙ୍କୁ ସମାଲୋଚନା କରିବାରେ ଖୁସି ପାଇଥାଆନ୍ତି। ଏଭଳି ଏକ ବାତାବରଣରେ କିଭଳି ପଦକ୍ଷେପ ନିଆଗଲେ ଦର୍ଶକଙ୍କ ନିକଟରେ ସକାରାତ୍ମକ ବାର୍ତ୍ତା ପହଞ୍ଚିପାରିବ ଏବଂ ଶୁଟିଂ ଶେଟ୍‌ରେ ଅନ୍ତରଙ୍ଗ ଦୃଶ୍ୟ ଥିଲେ ମହିଳା କଳାକାର କାର୍ଯ୍ୟ କଲା ବେଳେ ନିଜକୁ ସୁରକ୍ଷିତ ମଣିବେ, ସେହି ଦିଗରେ ଏକ ଚିନ୍ତା ଫିଲ୍ମ ସହିତ ଜଡ଼ିତ ଆସ୍ଥା ଖାନ୍ନାଙ୍କ ମୁଣ୍ଡକୁ ଜୁଟିଥିଲା। ପରେ ଅଭିଜ୍ଞତା ବଳରେ ସେ ବିଧିବଦ୍ଧ ଭାବେ ଭାରତର ପ୍ରଥମ ଇଣ୍ଟିମେସି କୋଅର୍ଡିନେଟର (ଆଇସି) ବା ଅନ୍ତରଙ୍ଗ ମୁହୂର୍ତ୍ତର ସମନ୍ୱୟକାରୀ ଭୂମିକାରେ ଅବତୀର୍ଣ୍ଣ ହୋଇପାରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆଇସି ହିଁ ଶୁଟିଂ ବେଳେ ମହିଳାଙ୍କ ପାଇଁ ଏକ କିଭଳି ଅନୁକୂଳ ପରିବେଶ ସୃଷ୍ଟି କରାଯାଇପାରିବ, ତାହା ଉପରେ କାର୍ଯ୍ୟ କରିଥାଆନ୍ତି। ଜଣେ ପ୍ରଶିକ୍ଷିତ ବୃତ୍ତିଧାରୀ ଭାବେ ଆସ୍ଥାଙ୍କ କାର୍ଯ୍ୟ ଏବେ ଲୋକଲୋଚନକୁ ଆସିବା ପରେ ତାଙ୍କ ବ୍ୟକ୍ତିତ୍ୱ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି।

ଆସ୍ଥା ମୁମ୍ବାଇରେ ଜନ୍ମ ହୋଇ ବଢ଼ିଛନ୍ତି। ପିଲାଟି ବେଳୁ ତାଙ୍କର ସିନେମା ପ୍ରତି ଦୁର୍ବଳତା ରହିଆସିଛି। ଏହି ଶିଳ୍ପ ସହ କାର୍ଯ୍ୟ କରିବା ଲକ୍ଷ୍ୟ ନେଇ ସେ ଇଂଲଣ୍ଡର ୟୁନିଭର୍ସିଟି ଅଫ୍ ୟର୍କରେ ବ୍ୟାଚେଲର୍ ଅଫ୍ ସାଇନ୍ସ ଅନର୍ସ ଇନ୍ ଫିଲ୍ମ ଆଣ୍ଡ ଟେଲିଭିଜନ୍ ପ୍ରଡକ୍ସନ୍‌ରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ତା'ପରେ ବ୍ରିଟେନ୍ ଓ ଭାରତର ବିଭିନ୍ନ ମଞ୍ଚରେ ସେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ। ଭାରତରେ ଅତ୍ୟନ୍ତ ସଫଳତା ଅର୍ଜନ କରିଥିବା ତଥା ଜାତୀୟ ପୁରସ୍କାରପ୍ରାପ୍ତ ଶ୍ରୀରାମ ରାଘଓ୍ୱନ୍‌ଙ୍କ 'ଅନ୍ଧାଧୁନ୍' ସମେତ ପ୍ରାୟ ଏକ ଡଜନ୍‌ରୁ ଊର୍ଦ୍ଧ୍ୱ ଫିଚର ଫିଲ୍ମରେ ସହକାରୀ ନିର୍ଦ୍ଦେଶକ ଭାବେ ସେ କାମ କରି ପ୍ରଶଂସିତ ହୋଇଛନ୍ତି। ସେହିପରି ଭାଏକମ୍ ୧୮, ନେଟ୍‌ଫ୍ଲିକ୍ସ, ଆର୍‌ଏସ୍‌ଭିପିଏବଂ ଧର୍ମପ୍ରଡକ୍ସନ ଭଳି ଷ୍ଟୁଡିଓରେ ଚାଲିଥିବା ଏକାଧିକ ଶୁଟିଂରେ ଆସ୍ଥା ପ୍ରଦର୍ଶନକାରୀ ଓ ପ୍ରଯୋଜକଙ୍କ ମଧ୍ୟରେ ଯେଭଳି ସମନ୍ୱୟ ରକ୍ଷା କରିଛନ୍ତି, ତାହା ମନୋରଞ୍ଜନ ଶିଳ୍ପ ସହ ଜଡ଼ିତ ବ୍ୟକ୍ତିଙ୍କୁ ପ୍ରଭାବିତ କରିଛି।

ଆସ୍ଥା କହନ୍ତି ଯେ, ଶୁଟିଂ ବେଳେ ମହିଳା କଳାକାରମାନେ ନିଜକୁ ସୁରକ୍ଷିତ ମଣିବା ଭଳି ପରିବେଶ ରହିଛି ବୋଲି ମାନସିକ ସ୍ତରରେ ଭାବି ନେଲେ ସବୁକିଛି ଠିକ୍‌ଠାକ୍ ଚାଲେ। ତାଙ୍କ ପୂର୍ବରୁ ଆଇସି ଭୂମିକାରେ କେତେକେ ଅବତୀର୍ଣ୍ଣ ହୋଇଥାଇପାରନ୍ତି। କିନ୍ତୁ ବିଧିବଦ୍ଧ ଭାବେ କର୍ମଶାଳା ଆୟୋଜନ କରାଯାଇ ଏ ଦିଗରେ ସଚେତନମୂଳକ କାର୍ଯ୍ୟକ୍ରମ ହୋଇ ନ ଥିବାରୁ ଆଜିର ସ୍ଥିତିରେ ତାହାର ଆବଶ୍ୟକତା ବଢ଼ିଯାଇଛି। ଏଥିପାଇଁ ତାଙ୍କୁ ହଲିଉଡ୍‌ରେ ଜଣାଶୁଣା ଆଇସି ଅମନ୍ଦା ବ୍ଲୁମେଣ୍ଟାଲ୍‌ଙ୍କଠାରୁ ପ୍ରଶିକ୍ଷଣ ନେବାକୁ ପଡ଼ିଛି। ଆଇସିକୁ 'ସେକ୍ସ ପୋଲିସ' ଆଖ୍ୟା ଦିଆଯାଇପାରିବ। ଅନ୍ତରଙ୍ଗ ମୁହୂର୍ତ୍ତକୁ କିଭଳି ଭାବେ ପରିଚାଳନା କରାଯାଇ ଚଳଚ୍ଚିତ୍ର ନିର୍ମାଣକୁ ସ୍ୱୟଂସମ୍ପନ୍ନ କରାଯିବ ତାହାକୁ ଗୁରୁତ୍ୱ ଦିଆଯାଇଥାଏ। ସେହି ସମୟରେ ସର୍ବଦା ପ୍ରଦର୍ଶନକାରୀଙ୍କ ସମ୍ମତିକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ସେ ଚେଷ୍ଟା କରିଥାଆନ୍ତି ବୋଲି କହିଛନ୍ତି। ସାଧାରଣତଃ ଭାରତରେ ଅନ୍ୟର ପିଲାମାନଙ୍କୁ ଦେଖି କେହି କେହି ତା' ଗାଲରେ ହାତ ମାରି ଦେଇଥାଆନ୍ତି। ସେହିଭଳି ଅଭ୍ୟାସ କେତେକଙ୍କଠାରେ ଥିବାରୁ ଶୁଟିଂ ସେଟ୍‌ରେ ତାହା ପ୍ରତିଫଳିତ ହୋଇଥାଏ। ଶିଶୁ କଳାକାରଙ୍କୁ ମଧ୍ୟ ସେ ଅଧିକ ଧ୍ୟାନ ଦେଇଥାଆନ୍ତି ବୋଲି କହିଛନ୍ତି। ବିଶେଷକରି ନାୟିକା ଓ ନାୟକଙ୍କ ମଧ୍ୟରେ ଅନ୍ତରଙ୍ଗ ମୁହୂର୍ତ୍ତକୁ କିଭଳି ଶୁଟିଂ କରାଯାଇ ପରିବେଶକୁ ଶାନ୍ତ ଓ ସୁନ୍ଦର କରାଯାଇପାରିବ ତାହାର କଳାତ୍ମକ ଅଭିବ୍ୟକ୍ତି ଜଣେ ଆଇସିଙ୍କୁ ସମ୍ମାନଜନକ ସ୍ତରକୁ ନେଇଥାଏ। କିଭଳି ସେ ଆଇସି ହେଲେ ତାହା ବର୍ଣ୍ଣନା କରିବାକୁ ଯାଇ ଆସ୍ଥା କହନ୍ତି–୨୦୨୦ ପ୍ରାରମ୍ଭରେ ଚଳଚ୍ଚିତ୍ର ନିର୍ମାତା ଶକୁନ୍ ବାତ୍ରାଙ୍କ ଫିଲ୍ମରେ ସହକାରୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ନିର୍ଦ୍ଦେଶକ ତାଙ୍କୁ ଜଣେ ଆଇସି ଆବିଷ୍କାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ବ୍ୟକ୍ତିଙ୍କୁ ଭଡ଼ାରେ ଆଣିବା ପାଇଁ ଅତ୍ୟନ୍ତ ପରିଶ୍ରମ କଲେ। କିନ୍ତୁ ଅନୁଭବ କଲେ ସେହି ଭୂମିକା ଭାରତରେ ଅନୁପସ୍ଥିତ ରହିଛି। ତେଣୁ ନିଜ ଅଭିଜ୍ଞତାକୁ ପୁଞ୍ଜି କରି ଫିଲ୍ମ ଓ ଟେଲିଭିଜନ୍ ଶିଳ୍ପରେ ଖାଲିଥିବା ଏହି ସ୍ଥାନଟିକୁ ପୂରଣ କରିବାକୁ ଆଗେଇ ଆସିଲେ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପରିବେଶ ପାଇଁ ପକ୍ଷୀଙ୍କ ଆବଶ୍ୟକତାକୁ ଖୁବ୍ ଭଲ ଭାବେ ବୁଝିଛନ୍ତି ମଧ୍ୟପ୍ରଦେଶର କୃଷକ ନାରାୟଣ ସିଂ। ସେଥିପାଇଁ ସେ ୧୨ ବର୍ଷ ବୟସରୁ ତାଙ୍କ ଗାଁରେ ମୟୂରଙ୍କର ସୁରକ୍ଷା କରୁଛନ୍ତି। ଶିକାରୀ ତଥା ଲୋକମାନଙ୍କ ଆକ୍ରମଣରୁ ସେମାନଙ୍କୁ ବଞ୍ଚାଇବା ଲାଗି ସେ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ମୟୂରଙ୍କ ସୁରକ୍ଷା ଲାଗି ଲୋକମାନଙ୍କୁ ସଚେତନ ମଧ୍ୟ କରୁଛନ୍ତି। ସେ ୩୦ ବର୍ଷ ମଧ୍ୟରେ ୧୦୦୦ରୁ ଊର୍ଦ୍ଧ୍ୱ ଆହତ ମୟୂରଙ୍କ ଚିକିତ୍ସା କରି ସୁସ୍ଥ କରିପାରିଛନ୍ତି। ଆହତ ମୟୂରଙ୍କୁ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଉଛନ୍ତି। ୫୦ ବର୍ଷୀୟ ନାରାୟଣ ରହନ୍ତି ଝାବୁଆ ଜିଲାର ପେଟଲାୱାଡ ଅଞ୍ଚଳର କରଦୱାଡ ଗାଁରେ। ଏହି ଅଞ୍ଚଳରେ ସବୁଠୁ ବେଶି ମୟୂର ରହନ୍ତି। ନାରାୟଣ ସେମାନଙ୍କୁ ଖାଇବାକୁ ଦେଉଛନ୍ତି ଓ ପାଣି ପିଇବାର ବ୍ୟବସ୍ଥା କରିଛନ୍ତି। ଖାଦ୍ୟ ପାଇଁ ସେ ନିଜେ ଖର୍ଚ୍ଚ କରୁଛନ୍ତି। ନାରାୟଣଙ୍କ ଏଭଳି ଆଗ୍ରହକୁ ଲକ୍ଷ୍ୟ କରି ବହୁ ସମୟରେ ଲୋକମାନେ ବି ତାଙ୍କୁ ଆର୍ଥିକ ସାହାଯ୍ୟ କରୁଛନ୍ତି। ଏସବୁ କାର୍ଯ୍ୟରେ ସେ ରାଜ୍ୟ ବନ ବିଭାଗ ଓ ସ୍ଥାନୀୟ ପ୍ରଶାସନର ସହଯୋଗ ପାଉଛନ୍ତି। ମୟୂର ସୁରକ୍ଷା ଅଭିଯାନ ଯୋଗୁ ଏବେ ତାଙ୍କ ଗାଁରେ ପାଖାପାଖି ୨,୫୦୦ ମୟୂର ରହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଜୁନ୍ ୧୯୯୬

- ତାଲିବାନ ଉଗ୍ରବାଦୀ ଗୋଷ୍ଠୀ ପକ୍ଷରୁ ଆଫଗାନିସ୍ତାନର ରାଜଧାନୀ କବୁଲ ଉପରକୁ ରକେଟ ମାଡ଼ କରିବା ଫଳରେ ୩୭ ନିହତ।
- ପୂର୍ବ ସାଉଦିଆରବସ୍ଥିତ ଆମେରିକାର ଏକ ସାମରିକ ଘାଟିରେ ଶକ୍ତିଶାଳୀ ବୋମା ବିସ୍ଫୋରଣ ଘଟି ୨୩ ମୃତ।

## ଚିରନ୍ତନୀ

ସକଳ ଶରୀର ପରେ, ପ୍ରାଣମୂଳେ ବାଜଇ ଝଙ୍କାର
ଅନ୍ତର ମଥିତ କରେ ଅପହୃତ ଧନ ଆଶଙ୍କାର
ସୃଷ୍ଟିର ବିରାଟ ପ୍ରାଣେ ତଥା ଅହରହ
ଲାଗଇ ଯେ ଦୁରନ୍ତ ବିରହ!

(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | 8 | | | | 7 |
| | 8 | | | | | | 9 | 4 |
| | | | | | 7 | 5 | | |
| | | | | 7 | 4 | | | |
| | | 1 | | | 8 | | | |
| 3 | | 4 | 2 | | | | | |
| | 3 | | | | | | 7 | 9 |
| | | 7 | | | 9 | | 1 | |
| | 5 | 2 | | | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 4 | 2 | 7 | 9 | 1 | 3 | 6 |
| 3 | 6 | 2 | 8 | 1 | 5 | 4 | 9 | 7 |
| 9 | 7 | 1 | 6 | 4 | 3 | 8 | 5 | 2 |
| 5 | 2 | 8 | 7 | 6 | 4 | 9 | 1 | 3 |
| 4 | 3 | 6 | 1 | 9 | 8 | 7 | 2 | 5 |
| 7 | 1 | 9 | 5 | 3 | 2 | 6 | 8 | 4 |
| 1 | 4 | 5 | 9 | 2 | 7 | 3 | 6 | 8 |
| 6 | 8 | 7 | 3 | 5 | 1 | 2 | 4 | 9 |
| 2 | 9 | 3 | 4 | 8 | 6 | 5 | 7 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ମା'ବାପା ଦୃଷ୍ଟି ଦିଅନ୍ତୁ

ମହାଶୟ,

କରୋନା ମହାମାରୀ ସମୟରେ ପ୍ରାୟ ସବୁ କ୍ଲାସ୍ ଅନ୍‌ଲାଇନ୍‌ରେ ହେଉଛି। ବିଶେଷକରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କ୍ଲାସ୍ ପ୍ରାୟ ଏକାଧାରରେ ଅନ୍‌ଲାଇନ୍‌ରେ ହୋଇଆସୁଛି। ଯଦିଓ ଅନ୍‌ଲାଇନ୍ କ୍ଲାସ୍ ଏକ ମାଧ୍ୟମ, ତେବେ ପଢ଼ିବା ପାଇଁ ପିଲାଙ୍କୁ ସ୍ମାର୍ଟଫୋନ୍ ପ୍ରଦାନ କରି ମା'ବାପା ତଥା ଅଭିଭାବକ ନିଶ୍ଚିନ୍ତରେ ବସିପଡ଼ିବା ଠିକ୍ ନୁହେଁ। ଛାତ୍ର ଜୀବନ ହେଉଛି ଆଦର୍ଶ ଜୀବନ, ଯାହା ଭବିଷ୍ୟତରେ ମୂଳଦୁଆ ପକାଏ। ପିଲାଙ୍କୁ ସ୍ମାର୍ଟଫୋନ୍ ପ୍ରଦାନ କରି ଯଦି ଅଭିଭାବକମାନେ ତାହାର ତଦାରଖ ନ କରନ୍ତି, ତେବେ ପିଲାମାନେ ଗେମ୍ ଖେଳିବା, ଅଶ୍ଳୀଳ ଭିଡିଓ ତଥା ଫଟୋ ଦେଖିବା ଇତ୍ୟାଦି ଅପକର୍ମରେ ଲିପ୍ତ ରହନ୍ତି। ଏହା ସେମାନଙ୍କର ଛାତ୍ର ଜୀବନକୁ କଳୁଷିତ କରିଥାଏ। ଏଥିପାଇଁ କେବଳ ମା'ବାପାମାନେ ହିଁ ପୂର୍ଣ୍ଣମାତ୍ରାରେ ଦାୟୀ। ତେଣୁ ସମସ୍ତ ଅଭିଭାବକ ତଥା ମା'ବାପା ପିଲାଙ୍କୁ ସ୍ମାର୍ଟଫୋନ୍ ପ୍ରଦାନ କରିବା ସମୟରେ ତାହାର ତଦାରଖ କରିବା ଏକାନ୍ତ ଆବଶ୍ୟକ।

– ସୌରୀ ମହାରଣା, ଛାତ୍ର, ଆଦିମାତା କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ଭୁଜାଲିରେ ହାଣି ହତ୍ୟା

**କେନ୍ଦୁଝର, ୨୬।୬(ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ସଦର ଥାନା ଅଧୀନ ହାଣ୍ଡିଭଙ୍ଗା ଗ୍ରାମରେ ଶନିବାର ସନ୍ଧ୍ୟାରେ ଏକ ହତ୍ୟାକାଣ୍ଡ ଘଟିଛି। ସାମାନ୍ୟ ବଚସାରୁ ଜିତେଶ ବାରିକ ନାମକ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ଭୁଜାଲିରେ ହାଣି ହତ୍ୟା କରିଛନ୍ତି। ମୃତ ମହିଳା ହେଲେ ସରସ୍ୱତୀ ବାରିକ। ପୋଲିସ ସ୍ୱାମୀ ଜିତେଶଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଜିତେଶ ସ୍ଥାନୀୟ ଆମୁଣୀ ଗ୍ରାମ ଛକରେ ସେଲୁନ କରି ପରିବାର ପ୍ରତିପୋଷଣ କରନ୍ତି। ତାଙ୍କର ପ୍ରେମ ବିବାହ ହୋଇଥିଲା। ପୂର୍ବରୁ ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। କିଛି ଦିନ ପୂର୍ବେ ସରସ୍ୱତୀ ଜଂଘିରାସ୍ଥିତ ବାପଘରକୁ ଚାଲିଯାଇଥିଲେ। ଗତ ଗୁରୁବାର ସ୍ତ୍ରୀଙ୍କୁ ବୁଝାଶୁଝା କରି ସେ ଘରକୁ ଆଣିଥିଲେ। ଶନିବାର ପୁଣି କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଜିତେଶ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଭୁଜାଲିରେ ସରସ୍ୱତୀଙ୍କୁ ହାଣି ପକାଇଥିଲେ। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ପରିବାର ଲୋକେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ଘଟଣାରେ ତଦନ୍ତ ଜାରି ରଖିଛି।

### କରୋନା ଆକ୍ରାନ୍ତଙ୍କ ଗଳିତ ମୃତଦେହ ଜବତ

**କାମାକ୍ଷାନଗର, ୨୬।୬(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା କଙ୍ଗେଇଲ ଗ୍ରାମ ନିକଟ ଜଙ୍ଗଲରୁ ଶନିବାର ରବିନାରାୟଣ ବାରିକ (୬୫)ଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। କରୋନା ଆକ୍ରାନ୍ତ ହେବା ପରେ ସାମାଜିକ ବାସନ୍ଦ ଭୟରେ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ପୋଲିସ ସୂଚନା ଅନୁଯାୟୀ, ରବିନାରାୟଣ କରୋନା ସଂକ୍ରମଣର ଶିକାର ହେବା ପରେ ଗତ ୧୦ ତାରିଖରୁ ନିଖୋଜ ଥିଲେ। ସାମାଜିକ ବାସନ୍ଦ ଭୟରେ ସେ ଘରୁ କେଉଁଆଡ଼େ ପଳାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଶନିବାର ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଜଙ୍ଗଲକୁ ଯାଇଥିବାବେଳେ ରବିନାରାୟଣଙ୍କ ଗଳିତ ମୃତଦେହ ଗଛରେ ଝୁଲୁଥିବା ଦେଖି ପରିବାରକୁ ଜଣାଇଥିଲେ। ତାଙ୍କ ପୁଅ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିବା ପରେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏ ନେଇ ନଂ.୧୩/୬ରେ ଏକ ମାମଲା ରୁଜୁ ହୋଇଛି।

### ହେଟାବାଘ ଆତଙ୍କ

**ବାଲିଚନ୍ଦ୍ରପୁର, ୨୬।୬(ସ୍ୱ.ପ୍ର.):** ପ୍ରସିଦ୍ଧ ବୌଦ୍ଧପୀଠ ଲଳିତଗିରି ନିକଟସ୍ଥ ପାରାଭାଡ଼ି ପାହାଡ଼ରେ ଥିବା ହେଟାବାଘ ଏବେ ଗାଁ ମୁହାଁ ହୋଇଥିବାରୁ ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି। ଦୁଇ ତିନି ଦିନ ହେବ ବଡ଼ଚଣା-ମାହାଙ୍ଗା ସୀମାର ନଳୀପୁର-ଅକରପଡ଼ା ଗ୍ରାମରେ ହେଟାବାଘ ସନ୍ଧ୍ୟାରେ ବୁଲି ଛେଳି ଓ ଗୋରୁଙ୍କୁ ଆକ୍ରମଣ କରୁଛି। ଉକ୍ତ ଅଞ୍ଚଳରେ ଶତାଧିକ ଲୋକେ ଟର୍ଚ୍ଚଲାଇଟ୍, ବାଡ଼ି ଧରି ହେଟା ବାଘର ପିଛା କରି ହୋହଲ୍ଲା କରୁଥିବା ଦେଖିବାକୁ ମିଳୁଛି। ଏନେଇ ବୈରୀ ରେଞ୍ଜର ଅଭିରାମ ଜେନା କହିଛନ୍ତି, ହେଟାବାଘ ବୁଲୁଥିବା ନେଇ ଆମକୁ ଖବର ମିଳିଛି। ତେବେ ତାହା ପ୍ରକୃତ ହେଟାବାଘ କି ଆଉ କ'ଣ ତାହା ଜଣାପଡ଼ିନାହିଁ। ଠିକ୍ ତଥ୍ୟ ମିଳିଲେ ବାଘକୁ କାବୁ କରାଯାଇ ଜଙ୍ଗଲରେ ଛଡ଼ାଯିବାର ବ୍ୟବସ୍ଥା କରାଯିବ।

# ୧୦୦ କୋଟି ଖର୍ଚ୍ଚ, ଲାଭ ନାହିଁ

## ନେରେଡିଠାରେ ଆନ୍ଧ୍ରର ବ୍ୟାରେଜ ନିର୍ମାଣ ପ୍ରସଙ୍ଗ

- ଟ୍ରିବ୍ୟୁନାଲ ରାୟକୁ ନେଇ ଅସନ୍ତୋଷ
- ରାଜ୍ୟ ସରକାରଙ୍କ ଅପାରଗତାକୁ ଦାୟୀ କଲେ ବୁଦ୍ଧିଜୀବୀ

**ଗୁଣପୁର, ୨୬।୬(ଡି.ଏନ୍.ଏ.)**

ଆନ୍ଧ୍ର ପ୍ରଦେଶର ନେରେଡିଠାରେ ବ୍ୟାରେଜ ନିର୍ମାଣକୁ ଟ୍ରିବ୍ୟୁନାଲ ନିକଟରେ ଆନ୍ଧ୍ରକୁ ସବୁଜ ସଙ୍କେତ ଦେଇଛନ୍ତି। ଏହାକୁ ନେଇ ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ବିଷୟକୁ ନେଇ ସ୍ଥାନୀୟ ଭେଙ୍କଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ଅପାରଗତାକୁ ଦାୟୀ କରାଯାଇଛି।

ସରକାରଙ୍କ ଅପାରଗତା କାରଣରୁ ଆନ୍ଧ୍ର ଏକଚାଟିଆ ଭାବେ ବଂଶଧାରା ନଦୀ ଉପରେ ନିଜର ଦାଦାଗିରି ଜାହିର କରିଚାଲିଛି ବୋଲି ଅଭିଯୋଗ ହୋଇଛି। ଏହି ପ୍ରସଙ୍ଗକୁ ନେଇ ଆନ୍ଧ୍ର ଏବଂ ଓଡ଼ିଶା ମଧ୍ୟରେ ଦୀର୍ଘ ଦଶନ୍ଧି ଧରି ବିବାଦ ଲାଗି ରହିଥିଲେ ମଧ୍ୟ ଓଡ଼ିଶା ସରକାରଙ୍କ ଅଦୂରଦର୍ଶିତାର ଯୋଗୁ ବଂଶଧାରା ନଦୀ ଜଳ ଉପରେ ଆନ୍ଧ୍ର ତା'ର ବିଭିନ୍ନ ପ୍ରକଳ୍ପ କରି ନିଜ ଅଞ୍ଚଳର ଲୋକଙ୍କ ସ୍ୱାର୍ଥରେ ବ୍ୟବହାର କରିପାରିଛି। ହେଲେ ଓଡ଼ିଶା ସରକାର ବଂଶଧାର ନଦୀରେ ଗୋଟିଏ ହେଲେ ପ୍ରକଳ୍ପ ଏବେ ସଦ୍ଧା କରି ପାରିନାହାନ୍ତି। ଏପରି ଘଟଣାକୁ ନେଇ ଅଞ୍ଚଳବାସୀ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।


ବୈଠକରେ ଉପସ୍ଥିତ ଆଇନଜୀବୀ ଓ ଅଞ୍ଚଳର ବୁଦ୍ଧିଜୀବୀମାନେ।

ବଂଶଧାରା ନଦୀ ଜଳ ବିବାଦ ୧୯୬୨ରୁ ଲାଗି ରହିଥିବାବେଳେ ରାଜ୍ୟ ସରକାର ୨୦୦୫ରୁ ଆଇନଗତ ଲଢ଼େଇ ଆରମ୍ଭ କରିଛନ୍ତି। ୨୦୧୧ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଟ୍ରିବ୍ୟୁନାଲ ଗଠନ ହୋଇଥିଲା। ଏହି ଆଇନଗତ ଲଢ଼େଇ ବାବଦରେ ଓଡ଼ିଶା ସରକାର ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ସାରିଥିବାବେଳେ ୭ ଜଣ ଓକିଲ ପରିବର୍ତ୍ତନ କରିଛନ୍ତି। ହେଲେ କୌଣସି ଫଳ ପାଇଲେ ନାହିଁ। ଶେଷରେ ଟ୍ରିବ୍ୟୁନାଲ ଆନ୍ଧ୍ର ସପକ୍ଷରେ ରାୟ ଦେଇଛନ୍ତି। ଓଡ଼ିଶା ସରକାର ନିଜ ଜଳର ସଦୁପଯୋଗ କରିପାରି ନ ଥିବାବେଳେ ଆନ୍ଧ୍ର ଉପରେ ଦୋଷ ଲଦି ସମୟ ଗଡ଼ାଇ ଚାଲିଛନ୍ତି। ବଂଶଧାରା ନଦୀ ଓଡ଼ିଶାରର ଅନେକ ଅଞ୍ଚଳ ଦେଇ ପ୍ରବାହିତ ହେଉଥିବାବେଳେ ଗୋଟିଏ ହେଲେ ପ୍ରକଳ୍ପ ଓଡ଼ିଶା ସରକାର କରିନାହାନ୍ତି। ଅପରପକ୍ଷେ ଆନ୍ଧ୍ର ହିରମଣ୍ଡଳ, ନେରେଡି ଭଳି ପ୍ରକଳ୍ପମାନ କରିଛି। ପ୍ରଥମେ ଗୋଟା ବ୍ୟାରେଜ, କାଟ୍ରାଗାଡା ସାଇଡ୍‌ୱେର କେନାଲ ଏବଂ ପରେ ନେରେଡି ଏପରି ଆନ୍ଧ୍ର ତା'ର ପ୍ରକଳ୍ପ କାର୍ଯ୍ୟ କରିଛି। କିନ୍ତୁ ଓଡ଼ିଶା ସରକାର ନଦୀ ଉପର ମୁଣ୍ଡରେ ଅନେକ ପ୍ରକଳ୍ପ ପାଇଁ ଚିନ୍ତା କରିଥିଲେ ମଧ୍ୟ ଗୋଟିଏ ହେଲେ ସାକାର କରିପାରିନାହାନ୍ତି। ତେଣୁ ଦୀର୍ଘ ମିଆଦୀ ଲଢ଼େଇ ପାଇଁ ପ୍ରସ୍ତୁତ ରହିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଓକିଲ ସଂଘର ନେତୃତ୍ୱରେ ଏହି ଲଢ଼େଇ ଜାରି ରଖିବାକୁ ସ୍ଥିର ହୋଇଛି। ଏଥିସହ ଏ ନେଇ ଏକ ଦାବିପତ୍ର ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁଣପୁର ଉପଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଛି। ବୈଠକରେ ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ଓକିଲ ସଂଘର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ସମ୍ପାଦକ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ଅକ୍ଷୟ ଦାସ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଶିବ ଗୌଡ଼, ମିଲି ପାଢ଼ୀ, କୃଷ୍ଣ ସେନାପତି, ବାବା ପ୍ରସାଦ, ପ୍ରେମ୍ ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ୩୦ ଜିଲା ପାଇଁ ବିଜେଡି ପର୍ଯ୍ୟବେକ୍ଷକ ନିଯୁକ୍ତ

## ୬ ଜଣଙ୍କୁ ବରିଷ୍ଠ ପର୍ଯ୍ୟବେକ୍ଷକ

**ଭୁବନେଶ୍ୱର, ୨୬।୬(ବ୍ୟୁରୋ)**

ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜୁ ଜନତା ଦଳ ୩୦ ଜିଲା ପାଇଁ ପର୍ଯ୍ୟବେକ୍ଷକ ଓ ବରିଷ୍ଠ ପର୍ଯ୍ୟବେକ୍ଷକ ନିଯୁକ୍ତି ଦେଇଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୩୦ଜିଲାରେ ବିଜେଡି ପର୍ଯ୍ୟବେକ୍ଷକ ନିଯୁକ୍ତି ଦିଆଯାଇଥିବାବେଳେ ୬ବରିଷ୍ଠ ପର୍ଯ୍ୟବେକ୍ଷକଙ୍କୁ ମଧ୍ୟ ଉକ୍ତ ଜିଲାଗୁଡ଼ିକର ତଦାରଖ କରିବାକୁ ନିଯୁକ୍ତି ଦିଆଯାଇଛି। ଏନେଇ ଶନିବାର ବିଜେଡି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ଅନୁଗୋଳ ଜିଲାର ପର୍ଯ୍ୟବେକ୍ଷକ ଭାବେ ପ୍ରଶାନ୍ତ ମୁଦୁଲିଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ବାଲେଶ୍ୱର ପାଇଁ ପ୍ରତାପ କେଶରୀ ଦେବ, ବରଗଡ଼ ଲାଗି ସୁଧୀର କୁମାର ସାମଲ, ଭଦ୍ରକ ନିମନ୍ତେ ପ୍ରଣବ ବଳବନ୍ତରାୟ, ବଲାଙ୍ଗୀର ପାଇଁ ସୁଶାନ୍ତ ସିଂ, ବୌଦ୍ଧ ନିମନ୍ତେ ସୌଭାଗ୍ୟ ନାୟକ, କଟକ ପାଇଁ ଉଷାଦେବୀଙ୍କୁ ନିଯୁକ୍ତି ମିଳିଛି। ସେହିପରି ଦେବଗଡ଼ ପାଇଁ ସୁଶାନ୍ତ ସିଂ, ଢେଙ୍କାନାଳ ପାଇଁ ବିଜୟ ନାୟକ, ଗଜପତି ଲାଗି ଅତନୁ ସବ୍ୟସାଚୀ ନାୟକ, ଗଞ୍ଜାମ ପାଇଁ ପ୍ରଫୁଲ୍ଲ ମଲ୍ଲିକ, ଜଗତ୍‌ସିଂହପୁର ନିମନ୍ତେ ସମୀର ରଞ୍ଜନ ଦାଶ, ଯାଜପୁର ପାଇଁ ଅଶୋକ ଚନ୍ଦ୍ର ପଣ୍ଡା, ଝାରସୁଗୁଡ଼ା ଲାଗି ସୁବାସ ସିଂ, କଳାହାଣ୍ଡି ପାଇଁ ନବ କିଶୋର ଦାସ, କନ୍ଧମାଳ ପାଇଁ ପ୍ରତାପ ଜେନା, କେନ୍ଦ୍ରାପଡ଼ା ପାଇଁ ଦେବାଶିଷ ସାମନ୍ତରାୟ, କେନ୍ଦୁଝର ପାଇଁ ପ୍ରଣବ ପ୍ରକାଶ ଦାସ, ଖୋର୍ଦ୍ଧା ଜିଲା ପାଇଁ ପ୍ରମିଳା ମଲ୍ଲିକଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି କୋରାପୁଟ ଓ ମାଲକାନଗିରି ଜିଲା ପାଇଁ ଚନ୍ଦ୍ର ସାରଥି ବେହେରାଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ମୟୂରଭଞ୍ଜ ପାଇଁ ପ୍ରଣବ ପ୍ରକାଶ ଦାସ, ନବରଙ୍ଗପୁର ପାଇଁ ତୁଷାରକାନ୍ତି ବେହେରା, ନୟାଗଡ଼ ପାଇଁ ପଦ୍ମନାଭ ବେହେରା, ନୂଆପଡ଼ା ପାଇଁ ଦିବ୍ୟଶଙ୍କର ମିଶ୍ର, ପୁରୀ ଲାଗି ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାୟଗଡ଼ା ନିମନ୍ତେ ଅତନୁ ସବ୍ୟସାଚୀ ନାୟକ, ସମ୍ବଲପୁର ଲାଗି ନଳିନୀକାନ୍ତ ପ୍ରଧାନ, ସୁବର୍ଣ୍ଣପୁର ପାଇଁ ପ୍ରଦୀପ ଅମାତ ଏବଂ ସୁନ୍ଦରଗଡ଼ ଜିଲା ପାଇଁ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି।

ସେହିପରି ବିକ୍ରମ କେଶରୀ ଆରୁଖଙ୍କୁ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଏବଂ ଗଜପତି ଜିଲାର ବରିଷ୍ଠ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଦେବୀ ପ୍ରସାଦ ମିଶ୍ରଙ୍କୁ ଗଞ୍ଜାମ, ନୟାଗଡ଼, କନ୍ଧମାଳ, ଖୋର୍ଦ୍ଧା, ପୁରୀ ଓ ବୌଦ୍ଧ ଜିଲା ଏବଂ ନିରଞ୍ଜନ ପୂଜାରୀଙ୍କୁ ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର ଏବଂ ବରଗଡ଼ ଜିଲାର ବରିଷ୍ଠ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର, ଦେବଗଡ଼, ଅନୁଗୋଳ ଏବଂ ଢେଙ୍କାନାଳ ଜିଲାର ବରିଷ୍ଠ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଥିବାବେଳେ ପ୍ରସନ୍ନ ଆଚାର୍ଯ୍ୟଙ୍କୁ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ ମହେଶ୍ୱର ମହାନ୍ତିଙ୍କୁ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ଦାୟିତ୍ୱ ପ୍ରଦାନ କରାଯାଇଛି।


ଇଞ୍ଜିନିୟରିଂ ସ୍କୁଲ ଛକରେ ସ୍କ୍ରାପ୍‌ରେ ନିର୍ମିତ ବୃହତ୍ତ ଓଡ଼ିଶା ମାନଚିତ୍ରକୁ ସ୍ଥାପନ କରାଯାଉଛି।

# ଆଇଟିଆଇର ବୃହତ୍ ମାନଚିତ୍ରକୁ ସ୍ଥାପନ କଲା ବିଏମ୍‌ସି

**ବ୍ରହ୍ମପୁର ଅଫିସ, ୨୬।୬**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ସହର ସୌନ୍ଦର୍ଯ୍ୟକରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିଛି। ଶନିବାର ଇଞ୍ଜିନିୟରିଂ ସ୍କୁଲ ଛକରେ ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ସ୍କ୍ରାପ୍‌ରେ ନିର୍ମିତ ବୃହତ୍ ଓଡ଼ିଶା ମାନଚିତ୍ରକୁ ସ୍ଥାପନ କରାଯାଇଛି। ଯାହାର ଉଚ୍ଚତା ୨୫ ଫୁଟ ରହିଥିବା ବେଳେ ଓସାର ୩୦ ଫୁଟ ଓ ଓଜନ ୪ ଟନ୍ ରହିଛି। ଏହା ଆଇଟିଆଇର ଫିଟର୍ ଓ ୱେଲଡର୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମାଣ କରାଯାଇଛି। ଏହି ସ୍କ୍ରାପ୍‌କୁ ନିର୍ମାଣ କରିବା ପାଇଁ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଆଇଟିଆଇକୁ ପ୍ରସ୍ତାବ ଦେଇଥିଲେ। ଶନିବାର ଆଇଟିଆଇ ପକ୍ଷରୁ ଏହି ମ୍ୟାପ୍‌କୁ ବିଏମ୍‌ସିକୁ ହସ୍ତାନ୍ତର କରାଯାଇ ସ୍ଥାପନ କରାଯାଇଛି। ଯାହାକି ଉକ୍ତ ରାସ୍ତାର ସୌନ୍ଦର୍ଯ୍ୟକରଣ ବୃଦ୍ଧି କରିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଗତ କିଛି ଦିନ ତଳେ ସହରର ଗୋସାଇଁନୂଆଗାଁ ମୁଖ୍ୟ ଛକରେ ୬ ଫୁଟ ଉଚ୍ଚତାର ବୁଦ୍ଧ ପ୍ରତିମୂର୍ତ୍ତିକୁ ସ୍ଥାପନ କରାଯାଇଥିଲା। ସେହିପରି ବିଏମ୍‌ସି ପକ୍ଷରୁ ଜନାନା ହସ୍ପିଟାଲ ମୁଖ୍ୟ ରାସ୍ତାରୁ ଆରମ୍ଭ କରି ଟାଟାବେଞ୍ଜ ଛକ ଯାଏ ରାସ୍ତାରେ ଥିବା ଡିଭାଇଡ଼ରରେ ବିଭିନ୍ନ କିସମର ଫୁଲକୁଣ୍ଡ ସ୍ଥାପନ କରାଯାଇଛି। ଯାହାକୁ ଉକ୍ତ ରାସ୍ତାର ଶୋଭା ବଢ଼ାଉଛି।

# ଆଇଆର୍‌ସିଟିସି ବ୍ୟକ୍ତିଗତ ଆଇଡି ଅପବ୍ୟବହାର

## ଆରପିଏଫ୍‌ର ଚଢ଼ାଉ, ଲାପ୍‌ଟପ ଜବତ

**ବ୍ରହ୍ମପୁର ଅଫିସ, ୨୬।୬**

ବ୍ରହ୍ମପୁରରେ ଥିବା ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜମ୍ କର୍ପୋରେଶନ (ଆଇଆରସିଟିସି)ର ବ୍ୟକ୍ତିଗତ ଆଇଡି ଅପବ୍ୟବହାର କରି ବେଆଇନ ଟିକେଟ ବିକ୍ରି କାରବାର ଉପରେ ବ୍ରହ୍ମପୁର ଆରପିଏଫ୍ ଶନିବାର ଚଢ଼ାଉ କରିଛି। ସୁନୀଲ ଟ୍ରାଭେଲରେ ଯାଞ୍ଚ ପରେ ସେଠାରେ ବେଆଇନ ଟିକେଟ ବିକ୍ରି କରାଯାଉଥିବା ନେଇ ଜଣାପଡ଼ିଥିଲା। ଯାଞ୍ଚ ପରେ ସେଠାରୁ ୧ ଲକ୍ଷ ୫୭ ହଜାର ଟଙ୍କାର ୬୬ ପୁରୁଣା ଏବଂ ୨୮୨୩ ଟଙ୍କାର ଦୁଇଟି ନୂଆ ଟିକେଟ ମଧ୍ୟ ଜବତ ହୋଇଥିଲା। ଏ ସଂକ୍ରାନ୍ତରେ ପାଣିଗ୍ରାହୀପେଣ୍ଠର ଏମ୍. ଏସ୍. କୁମାରଙ୍କୁ ଧରା ଯାଇଥିବା ସୂଚନା ମିଳିଛି। ଏହି ବ୍ୟକ୍ତି ଜଣକ ୨୬ ବ୍ୟକ୍ତିଗତ ଆଇଆରସିଟିସିର ଆଇଡି ବ୍ୟବହାର କରି ଟିକେଟ କରୁଥିଲେ। ପରେ ସେ ଉକ୍ତ ଟିକେଟଗୁଡିକ କମିସନ୍ ଆକାରରେ ବିକ୍ରି କରୁଥିଲେ ବୋଲି ତଦନ୍ତ ବେଳେ ଜଣାପଡ଼ିଛି। ସେ ବ୍ୟବହାର କରୁଥିବା ଲାପ୍‌ଟପ୍ ଏବଂ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ବର୍ତ୍ତମାନ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇନାହିଁ। କୋଭିଡ୍ ଯୋଗୁ ସୀମିତ ସିଟ୍‌ରେ ଯାତ୍ରୀ ଯାତାୟାତ କରୁଛନ୍ତି। ଫଳରେ ବହୁ ଯାତ୍ରୀ ଟିକେଟ ପାଇପାରୁ ନାହାନ୍ତି। ଏଣୁ ସେମାନେ ବିଭିନ୍ନ ଦଲାଲଙ୍କ କବ୍‌ଜାରେ ପଡ଼ି ଚଢ଼ା ଦରରେ ଟିକେଟ କ୍ରୟ କରି ଖର୍ଚ୍ଚାନ୍ତ ହେଉଛନ୍ତି। ଏଭଳି ସୂଚନା ପାଇ ଆର୍‌ପିଏଫ୍ ଟିମ୍ ବଡ଼ବଜାରରେ ଚଢ଼ାଉ କରି ଏହି କାରବାରର ପର୍ଦ୍ଦାଫାସ୍ କରିଛି।

# ଛାତ୍ରୀଙ୍କୁ ଅସଦାଚରଣ, ଅଧ୍ୟାପକ ଗିରଫ

**ବାଲେଶ୍ୱର ଅଫିସ, ୨୬।୬**

ବାଲେଶ୍ୱର ସହର ଆଇଟିଆଇସ୍ଥିତ ଆର୍ଟ କଲେଜର ଜଣେ ଯୁକ୍ତ ୨ ଛାତ୍ରୀଙ୍କୁ ଅଧ୍ୟାପକ ଅସଦାଚରଣ କରିଥିବା ନେଇ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହେବା ପରେ ଛାତ୍ରୀଙ୍କ ପିତା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୨୨୩/୨୧) ରୁଜୁ ଓ ଅଭିଯୁକ୍ତ ଅଧ୍ୟାପକଙ୍କୁ ଗିରଫ କରାଯାଇ ଶନିବାର କୋର୍ଟଚାଲାଣ କରାଯାଇଛି। କରୋନା ପାଇଁ କଲେଜ ବନ୍ଦ ଥିବା ବେଳେ ୬ମାସ ପୂର୍ବରୁ ଇତିହାସ ଅଧ୍ୟାପକ ଶଶାଙ୍କ ଶେଖର ଦାସ ମହାବିଦ୍ୟାଳୟରେ ଗ୍ରୁପ ଟ୍ୟୁଶନ କରିବା ସହ ଘରକୁ ଛାତ୍ରୀଛାତ୍ରଙ୍କୁ ଡାକି ବ୍ୟକ୍ତିଗତ ଭାବେ ଟ୍ୟୁଶନ କରୁଥିଲେ। ଜଣେ ଯୁକ୍ତ ୨ ଛାତ୍ରୀଙ୍କୁ ଏକୁଟିଆ ଡାକି ଉକ୍ତ ଅଧ୍ୟାପକ ଟ୍ୟୁଶନ କରୁଥିବା ବେଳେ ତାଙ୍କ ସହ ଅସଦାଚରଣ କରିଥିବା ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ଛାତ୍ରୀ ଓ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଏହାପରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ନିଲମ୍ବିତ କରି ବହିଷ୍କାର କରିଦେଇଥିଲେ। କିନ୍ତୁ ଅସଦାଚରଣର ଭିଡିଓ କିଛିଦିନ ପୂର୍ବରୁ ଭାଇରାଲ ହେବାରୁ ଛାତ୍ରୀଙ୍କ ପିତା ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ଉଭୟ ନାବାଳିକା ଛାତ୍ରୀ ଓ ଅଧ୍ୟାପକଙ୍କୁ ଡାକ୍ତରୀମାଇନା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପରେ ଶିକ୍ଷକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା।

# ଶିଶୁକନ୍ୟାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ଦଶରଥପୁର, ୨୬।୬(ଡି.ଏନ.ଏ.)**

ଯାଜପୁର ଟାଉନ ଥାନା ଅଞ୍ଚଳର ଜଣେ ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ସେହି ଅଞ୍ଚଳର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ପ୍ରଫୁଲ୍ଲ ପଣ୍ଡା(୪୮)। ଶୁକ୍ରବାର ରାତି ପ୍ରାୟ ୮ଟାରେ ୫ ବର୍ଷୀୟା ଶିଶୁକନ୍ୟା ଘର ବାରଣ୍ଡାରେ ଖେଳୁଥିଲେ। ପ୍ରଫୁଲ୍ଲ ଶିଶୁକନ୍ୟାଙ୍କୁ ଚକୋଲେଟ୍ ପ୍ରଲୋଭନ ଦେଖାଇ ପାଖକୁ ଡାକି ବଳାତ୍କାର କରିଥିଲେ। ଶିଶୁକନ୍ୟା ଚିତ୍କାର କରିବାରୁ ଅଭିଯୁକ୍ତ ଦୌଡ଼ି ପଳାଇଥିଲେ। ପରିବାର ଲୋକେ ରାମବାଗ୍ ବିଟ୍‌ହାଉସରେ ଲିଖିତ ଅଭିଯୋଗ କରିବା ପରେ ଶନିବାର ସକାଳୁ ଯାଜପୁର ଟାଉନ ଥାନା ଓ ରାମବାଗ ଫାଣ୍ଡି ପୋଲିସ ମନ୍ଦାରଖଣ୍ଡ ଗ୍ରାମର ଏକ ପରିତ୍ୟକ୍ତ ଘରୁ ପ୍ରଫୁଲ୍ଲଙ୍କୁ ଗିରଫ କରିଥିଲା।

# ମହିଳାଙ୍କ ଗଳାକାଟି ହତ୍ୟା

**ମହାକାଳପଡ଼ା, ୨୬।୬(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଜମ୍ବୁ ପଞ୍ଚାୟତ କଣ୍ଡରାପାଟିଆ ଗ୍ରାମ ସଂଲଗ୍ନ ଫୁଟା ଜୋରି ପାର୍ଶ୍ୱରେ ଜଣେ ମହିଳାଙ୍କୁ ଶୁକ୍ରବାର ରାତିରେ ଗଳାକାଟି ହତ୍ୟା କରାଯାଇଛି। ମୃତଦେହ ପଡ଼ିଥିବା ସ୍ଥାନଠାରୁ ଅଳ୍ପ ଦୂର ଲୁଣା ଜଙ୍ଗଲରେ ତାଙ୍କ ୨ବର୍ଷର ଶିଶୁପୁତ୍ରକୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଛି। ଉକ୍ତ ଶିଶୁର ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିବାକୁ ଉଦ୍ୟମ କରାଯାଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ସ୍ପଷ୍ଟ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରୁ ପୋଲିସ ମଦ ବୋତଲ, ଗ୍ଲାସ୍, ଗ୍ଲୋବ୍, ଛୁରି, ଗାମୁଛା ଜବତ କରିଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି।

ମୃତ ମହିଳାଙ୍କ ପରିଚୟ ମିଳିନାହିଁ। କେନ୍ଦ୍ରାପଡ଼ା ଏସ୍‌ପି ମଦକର ସନ୍ଦୀପ ସମ୍ପଦ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ସ୍ଥାନୀୟ ବେଣାକନ୍ଧା ବଜାର, ଜଗରିଜୋର ହାଟ, ମିଳନ ମୋଡ଼ ବଜାର, ଜମ୍ବୁ ବଜାରରେ ଲାଗିଥିବା ସିସି ଟିଭି ଫୁଟେଜ୍‌କୁ ପୋଲିସର ଏକ ଟିମ୍ ଯାଞ୍ଚ କରୁଛି। ଶୁକ୍ରବାର ବିଳମ୍ବିତ ରାତିରେ ସେହି ରାସ୍ତା ଦେଇ ଏକ ବାଇକ୍ ଯାଉଛି। ସେଥିରେ ଜଣେ ମହିଳା, ଶିଶୁପୁତ୍ର ଓ ୨ ଯୁବକ ବସିଥିବା ଦେଖିବାକୁ ମିଳିଛି। ଏହି ଫୁଟେଜ୍‌କୁ ନେଇ ଏଠାରେ ଚର୍ଚ୍ଚା ଜୋର ଧରିଛି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ ଚାଲିଛି। ଜମ୍ବୁ ସରପଞ୍ଚ ପଞ୍ଚମୀ ମଣ୍ଡଳ ଏକ ଅଜଣା ମହିଳାଙ୍କ ମୃତ୍ୟୁ ହୋଇଥିବା ନେଇ କରିଥିବା ଲିଖିତ ଅଭିଯୋଗକୁ ଭିତ୍ତିକରି ପୋଲିସ ୩୦୨ ଦଫାରେ ଏକ ମାମଲା(ନଂ. ୯୫/୨୧) ରୁଜୁ କରିଛି। ଅତିରିକ୍ତ ଏସ୍‌ପି କୃତ୍ତିବାସ ଜେନା, ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ମହେଶ୍ୱର ସେଠୀଙ୍କ ସମେତ ପୋଲିସ ଫୋର୍ସ ତନାଘନା ଚଳାଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି।


ଘଟଣାସ୍ଥଳରେ ପୋଲିସ ଓ ସନ୍ଧାନୀ କୁକୁରର ତଦନ୍ତ ଜାରି।

# କ୍ୱାକ୍‌ଙ୍କ ହାତରେ ଗ୍ରାମାଞ୍ଚଳ ରୋଗୀ ଚିକିତ୍ସା

## ଚଢ଼ାଉ ପରେ ୭ ଗିରଫ

- ସ୍କ୍ୱାଡ୍ ଗଠନ ପାଇଁ ନିର୍ଦ୍ଦେଶ ଦେଲେ ଏସ୍‌ପି

**କାଲିମେଳା/ଚିତ୍ରକୋଣ୍ଡା, ୨୬।୬(ଡି.ଏନ୍.ଏ.)**

ସରକାର ଲୋକଙ୍କ ସ୍ୱାସ୍ଥ୍ୟସେବା ଲାଗି ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସମସ୍ତେ ଯେପରି ସ୍ୱାସ୍ଥ୍ୟସେବା ପାଇବେ ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି। ମାତ୍ର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଠିକ୍ ରୂପେ ସ୍ୱାସ୍ଥ୍ୟସେବା ପହଞ୍ଚୁନାହିଁ। ସ୍ୱାସ୍ଥ୍ୟସେବା ସୁବିଧା ନେବାକୁ ମଧ୍ୟ ଲୋକେ ଗ୍ରାମାଞ୍ଚଳରେ ଥିବା ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଏଏନମ୍‌ଙ୍କ ନିକଟରେ ନ ପହଞ୍ଚି କ୍ୱାକ୍‌ମାନଙ୍କ ପାଖକୁ ଯାଉଛନ୍ତି। ଏହାର ସୁଯୋଗ ଗ୍ରାମାଞ୍ଚଳର କ୍ୱାକ୍‌ମାନେ ନେଉଛନ୍ତି। ବିନା ଡାକ୍ତରୀ ଶିକ୍ଷାରେ ସେମାନେ ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି। କେତେକ କ୍ଷେତ୍ରରେ ରୋଗୀଙ୍କର ମୃତ୍ୟୁ ହେବା ପରି ନଜିର ମଧ୍ୟ ରହିଛି। ମାଲକାନଗିରି ଜିଲା କାଲିମେଳା ବ୍ଲକ୍‌ରେ ଏପରି ଅଭିଯୋଗ ହେବା ପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ବିଭିନ୍ନ ଥାନା ଅଞ୍ଚଳରେ ସ୍କ୍ୱାଡ୍ ଗଠନ ହୋଇଛି। ତେବେ କାଲିମେଳା ଓ ଚିତ୍ରକୋଣ୍ଡାରେ ସ୍କ୍ୱାଡ୍ ଚଢ଼ାଉ କରି ୭ଜଣ କ୍ୱାକ୍‌ଙ୍କୁ ଗିରଫ କରିଛି। କାଲିମେଳା ପୋଲିସ ୩ ଜଣଙ୍କୁ ଗିରଫ କରିଥିବା ବେଳେ ଚିତ୍ରକୋଣ୍ଡା ପୋଲିସ ୪ ଜଣଙ୍କୁ ଗିରଫ କରିଛି।

ଶନିବାର କାଲିମେଳା ଥାନା ଅଞ୍ଚଳରେ ୩ଟି ସ୍ଥାନରେ ଚଢ଼ାଉ କରି ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପରେଶ ବାୱାଲି, ଶଶାଙ୍କ ପାଇକ ଓ ଛଚିନ ପ୍ରମାଣିକ। ବାୱାଲିଙ୍କ ଘର ଏମ୍‌ଭି-୭୩ ଗ୍ରାମରେ ହୋଇଥିବା ବେଳେ ଶଶାଙ୍କ ଘର ଏମ୍‌ପିଭି-୧୪ ଏବଂ ଛଚିନଙ୍କ ଘର ଏମ୍‌ପିଭି-୧୧ ଗ୍ରାମରେ ବୋଲି ଜଣାପଡ଼ିଛି। ଏହି ୩ ଅଭିଯୁକ୍ତଙ୍କ ନାମରେ କେସ୍ ନଂ.୧୩୪/୨୧, ୧୩୫/୨୧ ଓ ୧୩୬/୨୧ରେ ମାମଲା ରୁଜୁ ହୋଇଛି। ଗିରଫ ସମୟରେ ୩ ଅଭିଯୁକ୍ତଙ୍କଠାରୁ ବହୁ ପରିମାଣରେ ଔଷଧ, ଇଞ୍ଜେକ୍ସନ, ସାଲାଇନ ଓ ସିରିଞ୍ଜ ପୋଲିସ ଜବତ କରିଛି।

ସେହିପରି ଜିଲାର ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ମଧ୍ୟ ଚଢ଼ାଉ କରି ପୋଲିସ ୪ଜଣ ନକଲି ଡାକ୍ତର ଅର୍ଥାତ୍ କ୍ୱାକ୍‌ଙ୍କୁ ଗିରଫ କରିଛି। ସେମାନେ ହେଲେ ଡାଇକ ଗ୍ରାମର ବିପିନ ଚନ୍ଦ୍ର ନାୟକ ବେହେରା, ପଶ୍ଚିମବଙ୍ଗ ତେନ୍ତୁଲିଆ ଗ୍ରାମର ବିଶଦେ ସରକାର, ସୁଫଳ ବିଶ୍ୱାସ, ପଶ୍ଚିମବଙ୍ଗ ଗୋପାଳପୁରର ପଳାସ ରାୟ ବୋଲି ଜଣାପଡିଛି। ଗିରଫ ଅଭିଯୁକ୍ତମାନଙ୍କୁ ଚିତ୍ରକୋଣ୍ଡା ପୋଲିସ ୮୩/୮୪/୮୫/୮୬/୨୧ରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି। ଏସମ୍ପର୍କରେ ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ଆଗକୁ ଆହୁରି ଏହି ଚଢ଼ାଉକୁ ଜୋରଦାର କରାଯିବ। ବିଭିନ୍ନ ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା କ୍ୱାକମାନଙ୍କୁ ଠାବ କରି ଗିରଫ କରାଯିବ।





କାଲିମେଳା ଓ ଚିତ୍ରକୋଣ୍ଡା ଅଞ୍ଚଳରୁ ଗିରଫ କ୍ୱାକ୍ ଓ ସେମାନଙ୍କଠାରୁ ଜବତ ଔଷଧ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୭ ଜୁନ୍, ୨୦୨୧



# ଦୁର୍ଦ୍ଦଶାରେ ୧୫୭୯ କଳାକାର

**କେନ୍ଦ୍ରାପଡ଼ା ଅଫିସ,୨୬।୬**

ଗାଁଗଣ୍ଡାରେ ଆଉ କେନ୍ଦରାର ସ୍ୱର ଶୁଭୁ ନାହିଁ । ରାତି ଅନିଦ୍ରା ହୋଇ କେହି ପାଲା ଦାସକାଠିଆ ଦେଖୁନାହାନ୍ତି। କଣ୍ଢେଇ ଲୋକକଳା ବିଲୁପ୍ତ ହେବାକୁ ବସିଛି। କାଇଁଛ କଳା ସାମଗ୍ରୀ ବିକ୍ରି ହେଉନାହିଁ। କରୋନା ଯେମିତି ଏମିତି କଳାକାରଙ୍କ ଜୀବନ, ଜୀବିକା ଉପରେ ପ୍ରହାର କରିଚାଲିଛି। ଏପରି ପରିସ୍ଥିତିରେ ଜିଲାର ୧୫୭୯ କଳାକାରଙ୍କୁ ଗତ ୪ ମାସ ହେବ ଭତ୍ତା ବି ମିଳୁନାହିଁ । ଫଳରେ ସେହି ପରିବାର ସଦସ୍ୟମାନେ ଭୋକ ଉପାସରେ ଦିନ କାଟୁଥିବା ଅଭିଯୋଗ ହୋଇଛି ।

ଲୋକକଳା କେନ୍ଦ୍ରାପଡ଼ା ଜିଲାର ବିଭବ, ତଥାପି ଏହାର ପ୍ରୋତ୍ସାହନ ନାହିଁ ବୋଲି ଆକାଶବାଣୀ ଓ ଦୂରଦର୍ଶନର ସ୍ୱୀକୃତିପ୍ରାପ୍ତ କଳାକାର କ୍ଷୀରୋଦ ନାଥ ଅଭିଯୋଗ କରିଛନ୍ତି। କେବଳ କ୍ଷୀରୋଦ ନୁହନ୍ତି, ଜିଲାର ଶତାଧିକ କଳାକାର ମାସିକ ଭତ୍ତା ସମ୍ପର୍କରେ ବୁଝିବା ପାଇଁ ପ୍ରତିଦିନ ଜିଲା ସଂସ୍କୃତି ବିଭାଗରେ ଭିଡ଼ ଲଗାଇଛନ୍ତି । ହେଲେ ଭତ୍ତା ମିଳୁନାହିଁ । ଏସମ୍ପର୍କରେ କ୍ଷୀରୋଦ କୁହନ୍ତି, କେନ୍ଦ୍ରାପଡ଼ା ଜିଲାରେ ୧୨ ପ୍ରକାର ଲୋକକଳା ଅଛି। ପାଲା, ଦାସକାଠିଆ, କଣ୍ଢେଇ ନାଚ, ରାମଲୀଳାଠାରୁ ଆରମ୍ଭ କରି କାଇଁଛ କଳା ଅନ୍ୟତମ । କେନ୍ଦ୍ରାପଡ଼ାର କେନ୍ଦରା ସ୍ୱର ଜିଲା ଓ ଜିଲା ବାହାରେ ସ୍ୱତନ୍ତ୍ରତା ଦେଖାଇଛି । ହେଲେ କରୋନା କଟକଣା ଯୋଗୁ କଳାକାରମାନେ ଏବେ ନିଜସ୍ୱ ପରିଚୟ ଭୁଲିବାକୁ ବସିଛନ୍ତି। ପ୍ରତିବର୍ଷ ଜିଲା ଯୋଜନା ବୋର୍ଡରେ ବିଭିନ୍ନ ବିଭାଗର ଉନ୍ନତି ପାଇଁ ବ୍ୟୟ ବରାଦ କରାଯାଉଥିଲେ ମଧ୍ୟ ଲୋକକଳାର ପ୍ରୋତ୍ସାହନ ପାଇଁ କିଛି ନାହିଁ। ଏହାଦ୍ୱାରା ଜୀବନ ଓ ଜୀବିକା ପ୍ରଭାବିତ ହେଉଛି ବୋଲି ସେ କହିଛନ୍ତି। ପାଲା ଗାୟକ ଗଗନ ବିହାରୀ ସିଂହ କହିଛନ୍ତି, କରୋନା ସଂକ୍ରମଣ ଜୀବିକାକୁ ଛଡାଇ ନେଇଛି । ୨୦୨୦ ମାର୍ଚ୍ଚରୁ ପାଲା ପରିବେଷଣ ବନ୍ଦ ରହିଛି । ଏହି ସମୟରେ କଳାକାର ଭତ୍ତା ପରିବାର ପ୍ରତିପୋଷଣ ଓ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ବହୁତ କାମ ଦେଉଥିଲା । ମାତ୍ର ଗତ ୪ ମାସ ହେବ କୌଣସି କଳାକାରଙ୍କୁ ଭତ୍ତା ମିଳିନାହିଁ । ଦୁର୍ଦ୍ଦିନରେ ଗତି କରୁଥିବା କଳାକାରଙ୍କ ଆର୍ଥିକ ମେରୁଦଣ୍ଡ ଉପରେ ପ୍ରହାର ଲାଗିଛି। ଲୋକକଳା ବଞ୍ଚି ରହିଲେ ଜିଲାର ପରିଚୟ ପରିବ୍ୟାପ୍ତ ହୋଇପାରିବ। ବିଭିନ୍ନ ଜିଲାରେ ନିଜସ୍ୱ ଲୋକକଳା ଅଛି । କେନ୍ଦ୍ରାପଡ଼ା ଜିଲାର ପାଲା ଓ ଦାସକାଠିଆ ପରିବେଷଣ ସ୍ୱତନ୍ତ୍ର । ସେହିପରି ରାମଲୀଳା ଏହି ଜିଲାରୁ ଆରମ୍ଭ ହୋଇ ସାରା ରାଜ୍ୟକୁ ବିସ୍ତାର କରିଛି । ଏସବୁ ଲୋକକଳା ପାଇଁ ସରକାରୀ ପ୍ରୋତ୍ସାହନ ଆବଶ୍ୟକ । ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ଏହି କଳାକାରଙ୍କୁ କାର୍ଯ୍ୟରେ ଲଗାଇଲେ ବିଭିନ୍ନ ସରକାରୀ ଯୋଜନା ପ୍ରତି ସାଧାରଣ ଜନତା ଆକୃଷ୍ଟ ହୋଇପାରିବେ। ଗବେଷକ ଡ. ବାସୁଦେବ ଦାସ କହିଛନ୍ତି, କେନ୍ଦ୍ରାପଡ଼ାର ବହୁ ଲୋକକଳା ଏବେ ଶ୍ରୀଲଙ୍କା, ଜାଭା, ସୁମିତ୍ରା, ଇଣ୍ଡୋନେସିଆ ଆଦି ଦେଶରେ ଦେଖିବାକୁ ମିଳୁଛି । ତେବେ ନୌବାଣିଜ୍ୟ ପରମ୍ପରା ବିଭିନ୍ନ କାରଣରୁ ବନ୍ଦ ହୋଇଥିବା ବେଳେ ଜିଲା ଲୋକକଳାର ଅଧଃପତନ ଘଟୁଛି । ଅର୍ଥନୈତିକ ଉଦାରୀକରଣ ଯୁଗରେ ଲୋକକଳାକୁ ନେଇ ସାଧାରଣ ଜନତା ଆର୍ଥିକ ବିକାଶ କରିବା ସମ୍ଭବ ନୁହେଁ । ଏଥିପାଇଁ କଳାକାର ଓ ଏଥିରେ ନିୟୋଜିତ ବ୍ୟକ୍ତିଙ୍କୁ ପ୍ରୋତ୍ସାହନ ଓ ତାଲିମ ବ୍ୟବସ୍ଥା ଆବଶ୍ୟକ ଅଛି ।

ଏ ସଂକ୍ରାନ୍ତରେ ଜିଲା ସଂସ୍କୃତି ବିଭାଗ ଅଧିକାରୀ ପ୍ରଭାସ ଦାସ କହିଛନ୍ତି, ୪ ମାସର ବକେୟା ଭତ୍ତା ଜୁଲାଇ ପ୍ରଥମ ସପ୍ତାହ ମଧ୍ୟରେ ମିଳିବ । ଲୋକକଳାର ପ୍ରୋତ୍ସାହନ ପାଇଁ କଳାକାରଙ୍କୁ ବିଭିନ୍ନ ସରକାରୀ ଯୋଜନାର ସଚେତନତା କାର୍ଯ୍ୟକ୍ରମରେ ନିୟୋଜିତ କରାଯାଉଛି। କେନ୍ଦ୍ରାପଡ଼ା ଜିଲାର ଲୋକକଳାକୁ ଉତ୍କର୍ଷ କରିବା ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି।


ଜିଲାର କେନ୍ଦରା କଳାକାରମାନେ ।

■ କରୋନା ଛଡ଼ାଇ ନେଇଛି ରୋଜଗାର
■ ଲୋକସଂସ୍କୃତି ପାଇଁ ମିଳୁନାହିଁ ପ୍ରୋତ୍ସାହନ

## ସଂକ୍ଷେପରେ

### ଗୋପାଳପୁର (ଏସ୍) ପଞ୍ଚାୟତ ଶଟ୍‌ଡାଉନ ଘୋଷଣା

**ତିର୍ତ୍ତୋଲ,୨୬।୬(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଗୋପାଳପୁର (ଏସ୍) ପଞ୍ଚାୟତକୁ ସରପଞ୍ଚ କୃଷ୍ଣ ଚନ୍ଦ୍ର ଦାସ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଶନିବାରଠାରୁ ଜୁଲାଇ ୧ ସକାଳ ୫ଟା ପର୍ଯ୍ୟନ୍ତ ଏହି ନିୟମ ବଳବତ୍ତର ରହିବ ବୋଲି ସେ ସୂଚନା ଦେଇଛନ୍ତି। ପଞ୍ଚାୟତରେ ଏକାଧିକ ପରିବାର ସଦସ୍ୟ କରୋନା ପଜିଟିଭ ଚିହ୍ନଟ ହେବାପରେ ସରପଞ୍ଚ ଦାସ ଏହି କଟକଣା ଲଗାଇଛନ୍ତି। ଏହି ସମୟରେ ପଞ୍ଚାୟତର ମୁଖ୍ୟ ବଜାର ଲକ୍ଷ୍ମୀନାରାୟଣ ହାଟ ସମେତ ସମସ୍ତ ଛକ ଦୋକାନ ବଜାର ବନ୍ଦ ରହିବ ବୋଲି ଜଣାପଡିଛି।

### ଚିଙ୍ଗୁଡି ଚାଷୀଙ୍କୁ ନେଇ ଗଠନ ହେଲା ସଂଘ

**ରାଜନଗର,୨୬।୬(ଡି.ଏନ.ଏ.):** ଉପକୂଳ ଓଡିଶାର ଆରାଧ୍ୟା ଶକ୍ତିପୀଠ ବାରଗାଁର ମା'ମାଟିଆ ମଙ୍ଗଳାଙ୍କ ପୀଠରେ ଚିଙ୍ଗୁଡି ଚାଷୀମାନେ ଏକାଠି ହୋଇଛନ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶରେ ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ଚାଲିଥିବା ବେଳେ ଚିଙ୍ଗୁଡି ଚାଷୀ ଓ ଫାଇନାନ୍ସର ଏକାଠି ହେବା ସହ ସଂଘ ଗଠନ କରିଛନ୍ତି । ସେହି ସଂଘର ନାମ ମା'ମାଟିଆ ମଙ୍ଗଳା ଚିଙ୍ଗୁଡି ଚାଷୀ ମହାସଂଘ ରହିଛି । ମହାସଂଘର କର୍ମକର୍ତ୍ତା ଚୟନ ହୋଇଛି । ଅମଳ କୁମାର ପ୍ରଧାନଙ୍କୁ ସଭାପତି ଭାବେ ମନୋନୀତ ହୋଇଛନ୍ତି । ସମ୍ପାଦକ ଭାବେ ମନୋରଞ୍ଜନ ସ୍ୱାଇଁ, ଉପସଭାପତି ଭାବେ ରଞ୍ଜନ କୁମାର ବିଶ୍ୱାଳ, ସହ ସମ୍ପାଦକ ଭାବେ ଚିତ୍ତରଞ୍ଜନ ପରିଡା, କୋଷାଧ୍ୟକ୍ଷ ଭାବେ କାଳିପଦ ମଣ୍ଡଳଙ୍କୁ ମନୋନୀତ କରାଯାଇଛି। ସରକାରଙ୍କ ଗାଇଡ୍ ଲାଇନ ମାନି ଘେରି କରିବୁ। ନଦୀ ପାଖ ସରକାରୀ ଜମିରେ ଓ ଜଙ୍ଗଲ ଜମିରେ ଘେରି କରିବୁ ନାହିଁ। ହଜାରରୁ ଊର୍ଦ୍ଧ୍ୱ ଲୋକ ଚିଙ୍ଗୁଡି ଚାଷ ଉପରେ ନିର୍ଭରଶୀଳ। ପାରମ୍ପରିକ ପଦ୍ଧତିରେ ଆମେ ଚିଙ୍ଗୁଡି ଚାଷ କରୁଛୁ। ଏହାଦ୍ୱାରା ପରିବେଶର କିଛି କ୍ଷତି ହେବନାହିଁ । ଚାଷ ବନ୍ଦ ହେଲେ, ବହୁ ଯୁବକ ବେକାର ହୋଇଯିବେ। ଆମକୁ ସରକାରଙ୍କ ଗାଇଡ୍ ଲାଇନ ଅନୁସାରେ ଚାଷ କରିବାକୁ ଅନୁମତି ଦିଆଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି । ଏନେଇ ରାଜନଗର ବିଧାୟକ, କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଭେଟି ସଂଘର କର୍ମକର୍ତ୍ତାମାନେ ଦାବିପତ୍ର ପ୍ରଦାନ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହାସହ ହାଇକୋର୍ଟରେ ଚାଲିଥିବା ମାମଲାରେ ସଂଘ ପକ୍ଷଭୁକ୍ତ ହୋଇ ନିଜର ଦାବି ଉପସ୍ଥାପନ କରିବ ବୋଲି ସଂଘର ସଭାପତି ପ୍ରଧାନ ଓ ସମ୍ପାଦକ ସ୍ୱାଇଁ ସୂଚନା ଦେଇଛନ୍ତି ।

### ବିରିଡ଼ି କୃଷକ ସଭା ପକ୍ଷରୁ ପ୍ରତିବାଦ ସଭା

**ବାଲିଆ,୨୬।୬:** ବିରିଡି ବ୍ଲକ ସିପିଆଇଏମ୍ ପାର୍ଟି କାର୍ଯ୍ୟାଳୟ ସମ୍ମୁଖରେ କୃଷକ ସଭା ପକ୍ଷରୁ ଶନିବାର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ୍ ଓ ରାଜ୍ୟ ସରକାରଙ୍କ ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କକୁ ବିରୋଧ କରାଯାଇଛି। ଜଗତ୍‌ସିଂହପୁର ଜିଲା କୃଷକ ସଭାର ଆବାହକ ଗଣେଶଚନ୍ଦ୍ର ମାଣିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋପାଳ ରାଓ ଦୋରା, ଉମେଶ ଦାଶ, ଶିବ ପ୍ରସାଦ ପାତ୍ର, ନଟବର ମହାରଣା, ଶୁକଲତା ବେହେରା, ଲକ୍ଷ୍ମୀ ବେହେରା, ମିନିଲତା ନାୟକ, ପାର୍ବତୀ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଗର୍ଭବତୀଙ୍କୁ ବାଟରେ ଛାଡ଼ି ଚାଲିଗଲା ଆମ୍ବୁଲାନ୍ସ

**ଜଗତ୍‌ସିଂହପୁର ଅଫିସ, ୨୬।୬**

କରୋନାରେ ଆକ୍ରାନ୍ତ ଜଣେ ଗର୍ଭବତୀଙ୍କୁ ବାଟରେ ଛାଡ଼ି ଆମ୍ବୁଲାନ୍ସ ଚାଳକ ଚାଲି ଯାଇଥିବା ନେଇ ଶନିବାର ଅଭିଯୋଗ ହୋଇଛି । ଏନେଇ ଜଗତ୍‌ସିଂହପୁର ଥାନା ପୋଲିସ ଆମ୍ବୁଲାନ୍ସ ଚାଳକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ତିର୍ତ୍ତୋଲ ଥାନା ମହମ୍ମଦପୁର ଗ୍ରାମର ଅଭି ବାରିକ୍‌ଙ୍କ ସ୍ତ୍ରୀ ଗର୍ଭବତୀ ଥିଲେ। ଗର୍ଭଯନ୍ତ୍ରଣା ହେବାରୁ ଶାଶୁଙ୍କ ସହ ସେ ମଣିଜଙ୍ଗା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। କୋଭିଡ୍ ପଜିଟିଭ୍ ଚିହ୍ନଟ ହେବାରୁ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଏସ୍‌ସିବି କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ରାତିରେ ଶାଶୁ ସଂଯୁକ୍ତାଙ୍କ ସହ ସେ ଏକ ଆମ୍ବୁଲାନ୍ସରେ କଟକ ଯାଉଥିଲେ। ଏହି ସମୟରେ ଚାଳକ ମଦ୍ୟପାନ କରି ଗାଡ଼ି ଚଳାଉଥିଲେ। ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଉଭୟ ଶାଶୁ, ବୋହୂ ଗାଡି ଅଟକାଇବାକୁ ଅନୁରୋଧ କରିଥିଲେ। ମାତ୍ର ଚାଳକ ରାଜି ହୋଇ ନ ଥିଲେ। ବିରିଡ଼ି ଛକ ନିକଟରେ ଏକ ଷଣ୍ଢ ସହ ଆମ୍ବୁଲାନ୍ସ ଧକ୍କା ହୋଇଥିଲା। ଉଭୟ ଶାଶୁ ଓ ବୋହୂ ଭୟରେ ଗାଡ଼ିରୁ ଡେଇଁ ପଡ଼ିଥିଲେ। ଏହାପରେ ଆମ୍ବୁଲାନ୍ସ ସେମାନଙ୍କୁ ଛାଡି ଚାଲିଯାଇଥିଲା। ଖବରପାଇ ବିରିଡ଼ି ପୋଲିସ ସେମାନଙ୍କୁ ଉଦ୍ଧାର କରିବା ସହ ଆମ୍ବୁଲାନ୍ସକୁ ଧରିଥିଲା।

## ବିଜେଡି ଛାତ୍ର ସଭାପତିଙ୍କ ସମେତ ୨ ଗିରଫ

### ଚାକିରି କରାଇଦେବା ନାଁରେ ଠକେଇ ଅଭିଯୋଗ ମାମଲା

**ପାରାଦୀପ/କୁଜଙ୍ଗ,୨୬।୬( ସ୍ୱ.ପ୍ର.)**

୩ ବର୍ଷ ତଳର ଏକ ପୁରୁଣା ଠକେଇ ମାମଲାରେ ଶନିବାର କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ ଟିମ୍ ପାରାଦୀପର ୨ ଅଭିଯୁକ୍ତଙ୍କୁ ଗିରଫ କରି କୁଜଙ୍ଗ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅବିନାଶ ରାଉତ(ଅଭ)ଓ ଆଶୁତୋଷ ସ୍ୱାଇଁ (ବାବ)। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ କୁଜଙ୍ଗସ୍ଥିତ ସମାଗୋଳ ଜେଲକୁ ପଠାଇ ଦିଆଯାଇଛି। ୩ ମାସ ପୂର୍ବେ ଅବିନାଶ ପାରାଦୀପ ନଗର ବିଜେଡି ଛାତ୍ର ସଭାପତି ଭାବେ ନିଯୁକ୍ତି ପାଇଥିବା ଜଣାପଡ଼ିଛି। ୧୭ ଜାନୁୟାରୀ ୨୦୧୮ରେ ବାଲିକୁଦା ବ୍ଲକ ଅନ୍ତପୁର ଗ୍ରାମର ବିପିନ ପ୍ରଧାନ ଓ ଦିଲୀପ ସ୍ୱାଇଁ ଚାକିରି ଦେବା ନାଁରେ ଠକେଇ କରାଯାଇଥିବା ନେଇ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ରେ ଉଭୟ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ କରିଥିଲେ। ପାରାଦୀପସ୍ଥିତ ଏକ କମ୍ପାନୀରେ ଚାକିରି କରାଇଦେବାକୁ କହି ଅଭିଯୁକ୍ତ ଅଭ ଓ ବାବ ସେମାନଙ୍କଠାରୁ ୫୦ ହଜାର ଟଙ୍କା ଲେଖାଏ ନେଇଯାଇଥିଲେ। ମାତ୍ର ଚାକିରି ନ ମିଳିବାରୁ ବିପିନ ଓ ଦିଲୀପ ଟଙ୍କା ଫେରସ୍ତ ମାଗିଥିଲେ। ମାତ୍ର ଅଭିଯୁକ୍ତମାନେ ଟଙ୍କା ନ ଫେରାଇ ଧମକ ଦେଇଥିଲେ। ଏନେଇ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ରେ ମାମଲା (ନଂ.୧୪ ଓ ୧୫/୧୮) ରୁଜୁ ହୋଇଥିଲା। ଏହାକୁ ଭିତ୍ତି କରି ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ସରକାରୀ ଓକିଲ ଟିକିଦାସ କହିଛନ୍ତି।


କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ସହ ୨ ଅଭିଯୁକ୍ତ

## ବୋହୂଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ, ୨୬।୬**

ଜଗତ୍‌ସିଂହପୁର ଥାନା ଅଞ୍ଚଳରେ ଜଣେ ବୋହୂଙ୍କୁ ଶ୍ୱଶୁର ମରଣାନ୍ତକ ଆକ୍ରମଣ କରିଛନ୍ତି ବୋଲି ଶନିବାର ଅଭିଯୋଗ ହୋଇଛି। ବୋହୂଙ୍କ ଅଭିଯୋଗ ଅନୁସାରେ ୫ ବର୍ଷ ପୂର୍ବେ ତାଙ୍କର ପ୍ରେମ ବିବାହ ହୋଇଥିଲା। ବିବାହ ସମୟରେ ୭୦,୦୦୦ ଟଙ୍କା, ସୁନା ଗହଣା ଓ ଆସବାବପତ୍ର ଯୌତୁକ ଆକାରରେ ଦିଆଯାଇଥିଲା। ପରେ ଶ୍ୱଶୁର ତାଙ୍କ ଉପରେ ଖରାପ ନଜର ରଖିଥିଲେ। ସେ ବିରୋଧ କରିବାରୁ ଶ୍ୱଶୁର ଆଉ ଅଧିକ ୧ ଲକ୍ଷ ଟଙ୍କା ଦାବି କରି ନିର୍ଯାତନା ଦେଉଥିଲେ। ସ୍ୱାମୀ ଡ୍ରାଇଭର ହୋଇଥିବାରୁ ସେ ଅଧିକାଂଶ ସମୟ ବାହାରେ ରୁହନ୍ତି। ଶାଶୁ ଆରପାରିକୁ ଚାଲିଯାଇଛନ୍ତି। ଏହାର ସୁଯୋଗ ନେଇ ଶ୍ୱଶୁର ଏକାଧିକବାର ଅସଦାଚରଣ ଉଦ୍ୟମ କରିଛନ୍ତି। ବିରୋଧ କରିବାରୁ ମାଡ ମାରିଛନ୍ତି। ଏ ସମ୍ପର୍କରେ ସେ ପୂର୍ବରୁ ଥାନାରେ ଏତଲା ଦେଇଥିଲେ। ଶ୍ୱଶୁର ଭୁଲ୍ ମାଗିବାରୁ ସମାଧାନ ହୋଇଥିଲା। ଶନିବାର ସକାଳୁ ସ୍ୱାମୀ ଗାଡି ନେଇ ବାହାରକୁ ଚାଲିଯାଇଥିଲେ। ଘରେ ବୋହୂଙ୍କୁ ଏକୁଟିଆ ଦେଖି ଶ୍ୱଶୁର ପୁଣି ଅସଦାଚରଣ କରିବାକୁ ଉଦ୍ୟମ କରିଥିଲେ। ପ୍ରତିବାଦ କରିବାରୁ ଠେଙ୍ଗାରେ ପିଟିଥିଲେ। ଫଳରେ ତାଙ୍କ ହାତ ଭାଙ୍ଗି ଯାଇଛି। ପାଟି କରିବାରୁ ଗାଁ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂକ୍ରମିତଙ୍କ ସଂଖ୍ୟା ୨୦ ହଜାର ଟପିଲା

**କେନ୍ଦ୍ରାପଡ଼ା ଅଫିସ, ୨୬।୬**

କେନ୍ଦ୍ରାପଡ଼ା ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୦ ହଜାରରୁ ଅଧିକ ହୋଇଛି । ଜିଲା ପ୍ରଶାସନ ପକ୍ଷରୁ ଶନିବାର ମିଳିଥିବା ସୂଚନା ଅନୁଯାୟୀ ନୂତନ ସଂକ୍ରମିତ ୧୧୯ ଜଣଙ୍କ ସହିତ ଜିଲାରେ ମୋଟ ୨୦,୦୬୩ ଜଣ ଅଦ୍ୟାବଧି ସଂକ୍ରମିତ ହୋଇଛନ୍ତି । ସେହିପରି କରୋନା ସଂକ୍ରମଣର ଦ୍ୱିତୀୟ ପର୍ଯ୍ୟାୟରେ ଅଦ୍ୟାବଧି ୯୨୮ ଜଣ ଚିକିତ୍ସିତ ହେଉଛନ୍ତି । ମୋଟ ୧୯,୦୫୫ ଜଣ ସୁସ୍ଥ ହୋଇଥିବା ବେଳେ ୭୯ ଜଣ କୋଭିଡ୍ ଓ ୧୯ଜଣଙ୍କ ଅନ୍ୟ କାରଣରୁ ମୃତ୍ୟୁ ଘଟିଛି। ଜିଲାରେ ଟିକାକରଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଇତିମଧ୍ୟରେ ୩,୦୩,୫୨୪ ଡୋଜ୍ ଟିକାକରଣ ହୋଇଛି । ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ କ୍ଷେତ୍ରରେ ପ୍ରଥମ ଡୋଜ୍ ୭୫୬୨ ଜଣ ନେଇଥିବା ବେଳେ ଦ୍ୱିତୀୟ ଡୋଜ୍ ୬୫୪୧ ଜଣ ନେଇଛନ୍ତି । ପ୍ରଥମ ଧାଡିର କର୍ମଚାରୀ ଭାବେ ପ୍ରଥମ ଡୋଜ୍ ୪୮୮୩ ଓ ଦ୍ୱିତୀୟ ଡୋଜ୍ ୨୭୧୮ ଜଣ ନେଇଛନ୍ତି। ଜିଲାର ୧୮ରୁ ୪୪ ବର୍ଷ ମଧ୍ୟରେ ୨୭,୯୦୯ ଜଣ ପ୍ରଥମ ଡୋଜ୍ ନେଇଛନ୍ତି। ୪୫ରୁ ୬୦ ବର୍ଷ ମଧ୍ୟରେ ୧,୧୦,୫୦୦ ପ୍ରଥମ ଡୋଜ୍ ଓ ୬୨୭୧ ଜଣ ଦ୍ୱିତୀୟ ଡୋଜ୍ ପାଇଛନ୍ତି । ସେହିପରି ୬୦ ବର୍ଷର ଅଧିକ ବୟସ୍କଙ୍କ ମଧ୍ୟରୁ ପ୍ରଥମ ଡୋଜ୍ ୧,୦୪,୦୦୨ ଓ ଦ୍ୱିତୀୟ ଡୋଜ୍ ୩୩,୧୩୮ ଜଣ ପାଇଛନ୍ତି । କରୋନା ସଂକ୍ରମଣକୁ ପ୍ରତିହତ ପାଇଁ ଏଡିଏମ୍ଓ ଡା. ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି, ଆମେ ୩ଟି କାର୍ଯ୍ୟକୁ ଗୁରୁତ୍ୱ ଦେଉଛୁ। ଲୋକଙ୍କୁ ସୁସ୍ଥ ମନୋବଳ ରଖିବା ପାଇଁ ପରାମର୍ଶ ଦେବା ସହିତ ଏସ୍‌ଓପିକୁ କାର୍ଯ୍ୟକାରୀ ପ୍ରତି ଧ୍ୟାନ ଦିଆଯାଉଛି । ପ୍ରତ୍ୟେକ ବ୍ୟକ୍ତିଙ୍କୁ ସୁଚାରୁ ରୂପେ ଟିକାକରଣ କରାଗଲେ କରୋନା ସଂକ୍ରମଣ ଆଶଙ୍କା ଖୁବ୍ କମ୍ ରହିବ । କେନ୍ଦ୍ରାପଡ଼ା ଜିଲାରେ ଟିକାକରଣକୁ ସମ୍ପୂର୍ଣ୍ଣ କରିବା ପାଇଁ ଆସନ୍ତା ଜୁଲାଇ ଶେଷ ସୁଦ୍ଧା ସମୟ ଲାଗିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

### କେନ୍ଦ୍ରାପଡ଼ା ଜିଲାରେ କରୋନା ସ୍ଥିତି


କେନ୍ଦ୍ରାପଡ଼ା ଡାକ୍ତରଖାନାରେ ଚାଲିଛି ଟିକାକରଣ ।

## ୬ ପରିବାରକୁ ଗାଁରେ ନିଆଁ, ପାଣି ବନ୍ଦ

**ରାଜନଗର,୨୬।୬(ଡି.ଏନ.ଏ.)**

■ ଅନ୍ୟ ଜାତିରେ ବିବାହକୁ ନେଇ ବିବାଦ
■ ରାଜନଗର ଥାନାରେ ମାମଲା ରୁଜୁ

ଅନ୍ୟଜାତିରେ ବିବାହକୁ ନେଇ ଗତ ୬ମାସ ହେବ ୬ ପରିବାରକୁ ଗାଁରେ ନିଆଁ ପାଣି ବନ୍ଦ କରାଯିବା ଘଟଣା ରାଜନଗର ଅଞ୍ଚଳରେ ବିବାଦ ସୃଷ୍ଟି କରିଛି। ପରିବାର ସଦସ୍ୟମାନେ ନ୍ୟାୟ ପାଇଁ ରାଜନଗର ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

ରାଜନଗର ଥାନା କୁରୁଷ୍ଟି ପଞ୍ଚାୟତ ବଳରାମପୁର ଗାଁର ଅକ୍ଷୟ କୁମାର ପରିଡ଼ାଙ୍କ ପୁଅ ଦୀପୁ ରଞ୍ଜନ ଗତ ୬ମାସ ତଳେ ପଡ଼ୋଶୀ ଡେରା ଗାଁର ମାୟାଧର ସ୍ୱାଇଁଙ୍କ ଝିଅକୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ସେହି ନବଦମ୍ପତି ନିଜ ଗାଁ ବଳରାମପୁରରେ ରହୁଛନ୍ତି। ପୁଅ ଜାତିରେ ଖଣ୍ଡାୟତ ହୋଇଥିବା ବେଳେ ଝିଅ ପ୍ରଧାନ ଜାତିର। ଏହାକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରିନାହାନ୍ତି । ନବ ଦମ୍ପତିଙ୍କ ସମେତ ସେମାନଙ୍କ ପରିବାରକୁ ଗାଁରେ ଚଳପ୍ରଚଳ, ନଳକୂପରୁ ପାଣି ନ ଆଣିବା, ଗାଁ ଠାକୁରାଣୀଙ୍କ ପୂଜା ବନ୍ଦ କରି ସାମାଜିକ ବାସନ୍ଦ କରିଛନ୍ତି । ପ୍ରତିବାଦରେ ଅକ୍ଷୟ କୁମାର ପରିଡ଼ାଙ୍କ ସମେତ ସୌଦାଗର ପରିଡ଼ା, କାହ୍ନୁ ଚରଣ ପରିଡ଼ା, ଅନାଦି ପରିଡ଼ା, ଜାମିନିକାନ୍ତ ପରିଡ଼ା, ଖଗେଶ୍ୱର ପରିଡ଼ାଙ୍କ ପରିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଗାଁର ଭାବଗ୍ରାହୀ ସ୍ୱାଇଁ ଓ କଳ୍ପତରୁ ପରିଡ଼ାଙ୍କ ନେତୃତ୍ୱରେ ଗ୍ରାମବାସୀ ଆମକୁ ବାସନ୍ଦ କରିଛନ୍ତି ବୋଲି ସେମାନେ ଦର୍ଶାଇଛନ୍ତି। ଆମ ପରିବାର ଲୋକଙ୍କୁ ଗାଁରେ ଥିବା ହଲର, ଦୋକାନ ଯିବାକୁ ଦିଆଯାଉନାହିଁ। ପିଲାଙ୍କୁ ଟିଉଶନ ଯିବା ବନ୍ଦ କରାଯାଇଛି । ବାସନ୍ଦ ପରିବାର ସଦସ୍ୟଙ୍କ ବିଲକୁ ହଳ କରିବାକୁ ଟ୍ରାକ୍ଟରକୁ ମଧ ଛଡ଼ାଯାଉନାହିଁ। ଗାଁର କାହା ସହିତ ଆମ ପରିବାର ଲୋକେ କଥା ହେଲେ, ଆମକୁ ୨୦ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି ମୁରବି ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଆଇଆଇସି ତପନ କୁମାର ନାୟକଙ୍କୁ କହିଛନ୍ତି, ରାଜନଗର ଥାନାରେ ଏକ ମାମଲା(ନଂ. ୨୯୪/୨୧) ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ଚୋରି

**ବାଲିଆ,୨୬।୬**

ବିରିଡି ତହସିଲ ଅଧୀନ ବାଗଲପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ଶୁକ୍ରବାର ବିଳମ୍ବିତ ରାତିରେ ବିଭିନ୍ନ ସାମଗ୍ରୀ ଚୋରି ହୋଇଯାଇଛି। ଏନେଇ ବିରିଡି ଥାନାରେ ବାଗଲପୁର ରାଜସ୍ୱ ନିରୀକ୍ଷକ କୃଷ୍ଣ ଚନ୍ଦ୍ର ସାମଲ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୨୧୬/୨୧)ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ତାଙ୍କ କାର୍ଯ୍ୟାଳୟରୁ କମ୍ପ୍ୟୁଟର, ପ୍ରିଣ୍ଟର ମେସିନ ଓ ୨ଟି ଫ୍ୟାନ୍ ଚୋରି ହୋଇଯାଇଛି। ଏହାର ଆନୁମାନିକ ମୂଲ୍ୟ ୭୦ରୁ ୮୦ ହଜାର ଟଙ୍କାହେବ। ଦୁର୍ବୃତ୍ତମାନେ କାର୍ଯ୍ୟାଳୟର କବାଟରୁ ତାଲା ଭାଙ୍ଗି ଏସବୁ ସାମଗ୍ରୀ ନେଇଯାଇଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି।

## ଅସରାଏ ବର୍ଷାରେ ରାସ୍ତାରେ ପାଣି

**ନାଉଗାଁ,୨୬।୬(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁଦଣ୍ଡା ଗାଁର ଗ୍ରାମ୍ୟ ରାସ୍ତାଟି ଶୋଚନୀୟ ହୋଇପଡିଛି। ଅସରାଏ ବର୍ଷାରେ ରାସ୍ତାରେ ପାଣି ଜମି ରହିବାରୁ ଲୋକେ ଯାତାୟାତ କରିବାରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଗାଁଟି ବ୍ଲକଠାରୁ ୧୦୦ ମିଟର ଦୂରରେ ଅବସ୍ଥିତ ହୋଇଥିବା ବେଳେ ରାସ୍ତା ଉପରେ କାହାର ବି ଦୃଷ୍ଟି ପଡୁ ନାହିଁ। ରାସ୍ତାଟି ପୂର୍ତ୍ତ ବିଭାଗ ଦ୍ୱାରା ନାଉଗାଁ ବ୍ଲକ ଛକଠାରୁ କଣ୍ଟୁଣିଆହାଟକୁ ସଂଯୋଗ କରୁଛି। ଜାମୁଦଣ୍ଡାଠାରୁ ଆରମ୍ଭ ହୋଇ ବ୍ଲକରୁ ତିହୁଡାକୁ ସଂଯୋଗ କରୁଥିବା ରାସ୍ତା ସହ ମିଶିଛି। ଉକ୍ତ ୫ ମିଟର ରାସ୍ତାଟି ଦୀର୍ଘଦିନ ହେବ କାର୍ଯ୍ୟ ହୋଇଥିବା ବେଳେ ତାହା ଖାଲ ଖାମାରେ ଭର୍ତ୍ତି ହୋଇଛି। ଏହି ଗାଁରୁ ବର୍ଷା ପାଣି ନିଷ୍କାସନ ପାଇଁ ରାସ୍ତାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ନିକଟରେ ଏକ ଡ୍ରେନର ବ୍ୟବସ୍ଥା କରାଯାଇଥିଲା। କାଳକ୍ରମେ ପୂର୍ତ୍ତ ବିଭାଗ ରାସ୍ତା ଉଚ୍ଚ ହେବା ଫଳରେ ଡ୍ରେନଟି ପୋତି ହୋଇଗଲାଣି। ଫଳରେ ବର୍ଷା ହେଲେ ଗାଁର ପାଣି ବାହାରକୁ ବାହାରି ନିଷ୍କାସିତ ହୋଇପାରୁନାହିଁ। ଏହି ରାସ୍ତା ପାର୍ଶ୍ୱରେ ଏକ ଦଳ ପୂର୍ଣ୍ଣ ପୋଖରୀ ରହିଛି। ପାଣି ଭର୍ତ୍ତି ହେବାରୁ ରାସ୍ତା ଓ ପୋଖରୀ ଚିହ୍ନିବା କଷ୍ଟସାଧ୍ୟ ହୋଇପଡୁଛି। ତେଣୁ କେହି ଅଜଣା ବ୍ୟକ୍ତି ଏହି ବାଟ ଦେଇ ଗଲେ ଦୁର୍ଘଟଣା ଘଟିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ସେହିପରି ରାସ୍ତାରେ ପାଣି ଜମିବା ଦ୍ୱାରା ଯାତାୟାତ କରିବା ଫଳରେ ଚର୍ମ ରୋଗ ଆଦି ହେଉଥିବା ଗ୍ରାମବାସୀ କହିଛନ୍ତି। ଛୋଟ ପିଲା ଓ ବୃଦ୍ଧାବୃଦ୍ଧ ଏହି ବାଟ ଦେଇ ଯିବା କଷ୍ଟ ସାଧ୍ୟ ହୋଇ ପଡୁଛି। ତେଣୁ ଉକ୍ତ ଗାଁରୁ ଜଳ ନିଷ୍କାସନର ବ୍ୟବସ୍ଥା କରିବାକୁ ସ୍ଥାନୀୟ ବାସିନ୍ଦା ପ୍ରଶସାନ ନିକଟରେ ଦାବି କରିଛନ୍ତି।

### ଯାତାୟାତ ବାଧାପ୍ରାପ୍ତ


ରାସ୍ତାରେ ବର୍ଷା ପାଣି ଜମି ରହିଛି।

## ବର୍ଷସାରା ୩ ଗାଁର ଲୋକେ ଜଳବନ୍ଦୀ

**ଆଳି,୨୬।୬(ଡି.ଏନ୍.ଏ)**

ସ୍ୱାଧୀନତାର ଦୀର୍ଘ ଦଶନ୍ଧି ଅତିକ୍ରାନ୍ତ ପରେ ମଧ ଅନେକ ଲୋକ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଲୋକମାନଙ୍କର ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ମୌଳିକ ଆବଶ୍ୟକତାକୁ ମେଣ୍ଟାଇବାକୁ ଚେଷ୍ଟା ହେଉଛି। କିନ୍ତୁ ଏହା କେତେଦୂର କାର୍ଯ୍ୟକାରୀ ହେଉଛି, ତାହା ଦେଖିବାକୁ କାହାରି ଆଗ୍ରହ ନାହିଁ। ଲୋକମାନେ ଆବାହମାନ କାଳରୁ ଯେମିତି ଜଳବନ୍ଦୀ ଥିଲେ ସେମିତି ଏବେ ବି ରହିଛନ୍ତି। ଏଭଳି ଏକ ଅଞ୍ଚଳ ହେଉଛି କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଏକମାଣିଆ ପଞ୍ଚାୟତ। ଏକମାଣିଆ, ନଳପାହି ଓ ଦକ୍ଷିଣଡିହା ଗାଁକୁ ନେଇ ପଞ୍ଚାୟତ ଗଠିତ। ବ୍ଲକ ସଦର ମହକୁମାଠାରୁ ୧୫ କି.ମି. ଦୂରରେ ଅବସ୍ଥିତ ଏହି ୩ ଗାଁ। ଗାଁକୁ ଚତୁଃପାର୍ଶ୍ୱରୁ ଘେରି ରହିଛି ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ। ୩ ଗାଁର ୪ ହଜାରରୁ ଊର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇ ବସବାସ କରୁଛନ୍ତି। ଏମାନଙ୍କ ନିକଟରେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନର ସୁବିଧା ନାହିଁ। ଲୋକେ ରୋଗରେ ପଡିଲେ ଆମ୍ବୁଲାନ୍ସ, ଅଗ୍ନିକାଣ୍ଡ ସମୟରେ ଦମକଳ ଗାଡି ଆସିବାକୁ ବାଟ ନାହିଁ। ବାହ୍ୟ ଜଗତ ସହ ଯୋଗାଯୋଗର ମାଧ୍ୟମ କେବଳ ଡଙ୍ଗି କିମ୍ବା ଡଙ୍ଗା। ଏହି ଦୁଇଟିକୁ ଛାଡ଼ିଦେଲେ ୩ ଗାଁର ଲୋକମାନେ ପାଦେ ବି କୁଆଡ଼େ ଆଗେଇ ପାରିବେ ନାହିଁ। ପଞ୍ଚାୟତକୁ ପୋଲ ନିର୍ମାଣ ନିମନ୍ତେ ପଞ୍ଚାୟତବାସୀ ବହୁବାର ଦାବି କରୁଥିଲେ ସୁଦ୍ଧା ସେମାନଙ୍କ ଦାବି ସରକାରୀ ନାଳିଫିତା ତଳେ ରହିଯାଉଛି। ରାଜ୍ୟ ସରକାର ପଞ୍ଚାୟତକୁ ବାହ୍ୟ ଜଗତ ସହ ସଂଯୋଗ କରିବା ନିମନ୍ତେ ୨୦୧୬ରେ ଏକ ସେତୁ ନିର୍ମାଣ ନିମନ୍ତେ ଶୁଭ ଦେଇଥିଲେ। ମାତ୍ର ବିଡ଼ମ୍ବନାର ବିଷୟ, ଆଜି ପର୍ଯ୍ୟନ୍ତ ତାହା ସଫଳ ହୋଇପାରିଲା ନାହିଁ। ସରକାରୀ କାର୍ଯ୍ୟ ପାଇଁ ପ୍ରଶାସକମାନେ ଏଠାକୁ ଆସନ୍ତି, ଆଉ ଭୋଟ ବେଳେ ରାଜନେତାମାନେ ବି ଆସନ୍ତି। କାମ ସରିଗଲା ପରେ ସେମାନେ ଏହି ଲୋକଙ୍କର ଦୟନୀୟ ଅବସ୍ଥା କଥା ଭୁଲି ଯାଆନ୍ତି। ବର୍ଷସାରା ଜଳବନ୍ଦୀ ଥିବା ଲୋକମାନେ ଘରୁ ବାହାରକୁ ବାହାରିଲେ ନଈ। ଭିତରକନିକାର ଏହା ନିକଟବର୍ତ୍ତୀ ହୋଇଥିବାରୁ ନଈଗୁଡିକରେ କୁମ୍ଭୀର ମାଳମାଳ। ପ୍ରତି ପଦକ୍ଷେପରେ ବିପଦ ଅଛି ଜାଣି ଅତି ସତର୍କତାର ସହ ଏମାନେ ଜୀବନ ବିତାଉଛନ୍ତି। ବର୍ଷାଦିନେ ବନ୍ୟା ଆସିଲେ ଲୋକମାନଙ୍କର ଜୀବନ ଅତ୍ୟନ୍ତ ଦୁର୍ବିଷହ ହୋଇପଡ଼େ। ବନ୍ୟାର କରାଳ ବିଭୀଷିକା ଧୀରେ ଧୀରେ ୩ଟି ଗାଁକୁ ଖାଇଚାଲିଛି। ନଦୀଗୁଡିକ କୂଳ ଲଂଘନ କରି ଚାଷଜମିକୁ ଖାଇଚାଲିଛି। ଅତ୍ୟନ୍ତ ଅସୁବିଧାରେ ଥିବା ଏହି ଲୋକମାନଙ୍କର ଅବସ୍ଥାର ପରିବର୍ତ୍ତନ ପାଇଁ ସରକାର ଓ ପ୍ରଶାସନ କିଛି କରିବାର ଅତ୍ୟନ୍ତ ଆବଶ୍ୟକତା ଅଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ସ୍ୱାସ୍ଥ୍ୟସେବା ସେମାନଙ୍କ ପାଇଁ ସାତସପନ ପାଲଟିଛି। ଥଣ୍ଡା ଜ୍ୱରରେ ପୀଡ଼ିତ ହେଲେ ସେମାନଙ୍କୁ ନଦୀ ପାର ହୋଇ ମହୁ କିମ୍ବା ରାଜନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡ଼ିଥାଏ। ଏକମାଣିଆ ପଞ୍ଚାୟତବାସୀ ଦୁଃଖକୁ ଶୁଣିବାକୁ ସତେ ଯେମିତି ପ୍ରଶାସନ କି ରାଜନେତା କେହି ନାହାନ୍ତି। ତୁରନ୍ତ ରାଜ୍ୟ ସରକାର ଏକ ସେତୁ ନିର୍ମାଣ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।


ଗାଁକୁ ଯିବାକୁ ରାସ୍ତା ନ ଥିବାରୁ ଲୋକେ ଡଙ୍ଗାରେ ନଦୀ ପାର ହେଉଛନ୍ତି।

**ସଂକ୍ଷେପରେ**

### ବଳାତ୍କାର ପୀଡ଼ିତା ଅନାଥ ନାବାଳିକା ଗର୍ଭବତୀ ହେବା ମାମଲା
## କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

**ଭୁବନେଶ୍ୱର, ୨୬।୬(ବ୍ୟୁରୋ):** କେନ୍ଦୁଝର ଟାଉନ ଥାନା ଅଞ୍ଚଳରେ ଜଣେ ଅନାଥ ଆଦିବାସୀ ନାବାଳିକା ବଳାତ୍କାରର ଶିକାର ହୋଇ ୭ ମାସର ଗର୍ଭବତୀ ହେବା ଘଟଣା ଏବେ ଜାତୀୟ ମାନବିକ ଅଧିକାର କମିଶନ(ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ପହଞ୍ଚିଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ପୀଡ଼ିତାଙ୍କୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବିରେ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଏହି ପିଟିଶନ କରିଛନ୍ତି। ହିମାଂଶୁ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ଗତ ଜାନୁୟାରୀ ୩୧ରେ ନାବାଳିକାଙ୍କୁ ଶିଶୁ ମଙ୍ଗଳ ସମିତି ଓ ପୋଲିସ ଅଭିଯୁକ୍ତଙ୍କ ଘରୁ ଉଦ୍ଧାର କରି ମୁକ୍ତାକାଶ ଆଶ୍ରୟ ଗୃହରେ ରଖିଥିଲେ। ଯଦି ନାବାଳିକାଙ୍କୁ ସେତେବେଳେ ମେଡିକାଲ ପରୀକ୍ଷା କରାଯାଇଥାନ୍ତା, ତେବେ ସେ ଗର୍ଭବତୀ ହୋଇ ନ ଥାନ୍ତେ। ଏପରି ଅବହେଳା ପାଇଁ ପୋଲିସ ଓ ଶିଶୁ ମଙ୍ଗଳ ସମିତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବା ପାଇଁ ସେ ଆୟୋଗଙ୍କୁ ନିବେଦନ କରିଛନ୍ତି। ଏହାସହ ପୋଲିସର କାର୍ଯ୍ୟାନୁଷ୍ଠାନ, ଚାର୍ଜଶିଟ୍ ଓ ମେଡିକାଲ ରିପୋର୍ଟକୁ ୩ ସପ୍ତାହ ମଧ୍ୟରେ ଦେବା ପାଇଁ ଆୟୋଗ କେନ୍ଦୁଝର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେବାକୁ ହିମାଂଶୁ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି।

# ଅଧା ଚାଷୀଙ୍କୁ ମିଳୁନି ପିଏମ୍ କିଷାନ

ଭୁବନେଶ୍ୱର, ୨୬।୬(ବ୍ୟୁରୋ)

ରାଜ୍ୟରେ ଚାଷୀଙ୍କ ଭାଗ୍ୟ ବଦଳିଯିବ। ସେମାନଙ୍କ ଆୟ ଓ ଜୀବିକାରେ ବୃଦ୍ଧି ଘଟିବ। ଏମିତି ଲକ୍ଷ୍ୟ ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀଙ୍କ ପାଇଁ ଆର୍ଥିକ ସହାୟତା ଯୋଜନା କରିଛନ୍ତି। ୨୦୧୮ ଡିସେମ୍ବର ୨୧ରେ ରାଜ୍ୟ ସରକାର ଚାଷୀଙ୍କ ପାଇଁ କୃଷକ ଆସିଷ୍ଟାନ୍ସ ଫର୍ ଲାଇଭ୍‌ଲିହୁଡ୍ ଆଣ୍ଡ ଇନ୍‌କମ୍ ଅଗ୍‌ମେଣ୍ଟେଶନ(କାଳିଆ) ଯୋଜନା କରିଥିବାବେଳେ କେନ୍ଦ୍ର ସରକାର ମଧ୍ୟ ପ୍ରଧାନମନ୍ତ୍ରୀ(ପିଏମ୍) କିଷାନ ସମ୍ମାନ ନିଧି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ତେବେ ପିଏମ୍ କିଷାନ ଯୋଜନାରେ ଚାଷୀଙ୍କୁ ଠିକ୍ ଭାବେ ସହାୟତା ମିଳୁ ନ ଥିବା ଅଭିଯୋଗ ହେଉଛି। କାଳିଆ ଯୋଜନାରେ ରାଜ୍ୟ ସରକାର କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ୪୨ ଲକ୍ଷ ଚାଷୀଙ୍କୁ ସାମିଲ କରିଥିବାବେଳେ ପିଏମ୍ କିଷାନରେ କେବଳ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସାମିଲ କରାଯାଇଛି। କେନ୍ଦ୍ର ଦେଉଥିବା ସହାୟତା ରାଜ୍ୟ ଚାଷୀଙ୍କ ନିକଟରେ ପହଞ୍ଚି ପାରୁ ନ ଥିବାରୁ ପ୍ରାୟ ଅଧା ଚାଷୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଏପରି କି ଗତ ୨ବର୍ଷ ହେବ ଅନେକ ଚାଷୀ ପିଏମ୍ କିଷାନ ଯୋଜନାରେ ସହାୟତା ପାଇବାକୁ ଆବେଦନ କରିଥିଲେ ମଧ୍ୟ ଏଯାବତ୍ ଯୋଜନାର ଲାଭ ସେମାନଙ୍କୁ ମିଳିପାରିନାହିଁ।

୨୦୧୮ରେ ଚାଷୀଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ପିଏମ୍ କିଷାନ ଯୋଜନା ଘୋଷଣା କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଏହି ଯୋଜନାରେ ବାର୍ଷିକ ୩ଟି କିସ୍ତିରେ ୨ହଜାର ଲେଖାଏ ୬ ହଜାର ଟଙ୍କା ଚାଷୀଙ୍କୁ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଯୋଜନାର ନିୟମାବଳୀ ଅନୁସାରେ ରାଜ୍ୟ ସରକାର ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଯୋଜନାର ୱେବ୍‌ପୋର୍ଟାଲରେ ତଥ୍ୟ ଦାଖଲ କରିବେ। ଫଳରେ ହିତାଧିକାରୀଙ୍କ ବ୍ୟାଙ୍କଖାତାକୁ ସିଧାସଳଖ ସହାୟତା ପଠାଯାଇପାରିବ। ହେଲେ ପ୍ରଶାସନିକ ଅବହେଳା ଯୋଗୁ ଅଧିକାଂଶ ପଞ୍ଜୀକୃତ ଚାଷୀ ପିଏମ୍ କିଷାନ ଯୋଜନା ଲାଭ ପାଇ ପାରୁ ନ ଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ ଯେ ପିଏମ୍ କିଷାନ ଯୋଜନାରେ ଦେଶବ୍ୟାପୀ ପଞ୍ଜୀକୃତ ହୋଇଥିବା ସାଢେ ୭କୋଟି ଚାଷୀଙ୍କୁ ୭ଟି କିସ୍ତିରେ କେନ୍ଦ୍ର ସରକାର ୧୯ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ଓଡ଼ିଶାରେ ୪୦.୫ ଲକ୍ଷ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ସପ୍ତମ କିସ୍ତିରେ ମାତ୍ର ୨୪.୭ ଲକ୍ଷ ଚାଷୀଙ୍କୁ ୨ ହଜାର ଟଙ୍କା ଲେଖାଏ ସହାୟତା ମିଳିପାରିଛି। ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ପିଏମ୍ କିଷାନର ପ୍ରଥମ କିସ୍ତିରେ ଓଡ଼ିଶାର ମାତ୍ର ୯.୭୩ ଲକ୍ଷ ଚାଷୀ ସହାୟତା ପାଇଥିବା ବେଳେ ଦ୍ୱିତୀୟ କିସ୍ତିରେ ୨୯.୯୨ ଲକ୍ଷ, ତୃତୀୟ କିସ୍ତିରେ ୨୮.୭୭ ଲକ୍ଷ, ଚତୁର୍ଥ କିସ୍ତିରେ ୨୫.୬୧ ଲକ୍ଷ ସହାୟତା ଟଙ୍କା ପାଇଛନ୍ତି। ସେହିପରି ପଞ୍ଚମ କିସ୍ତିରେ ୨୧.୫୫ ଲକ୍ଷ, ଷଷ୍ଠ କିସ୍ତିରେ ୨୩.୩୮ ଲକ୍ଷ ଓ ସପ୍ତମ କିସ୍ତିରେ ୨୪.୭ ଲକ୍ଷ ଚାଷୀ ସହାୟତା ପାଇଛନ୍ତି। କେବଳ ସେତିକି ନୁହେଁ, ଯେଉଁ ଚାଷୀମାନେ ପ୍ରଥମ ଓ ଦ୍ୱିତୀୟ କିସ୍ତି ପାଇଛନ୍ତି ସେମାନଙ୍କ ମଧ୍ୟରୁ ଅନେକ ଚାଷୀଙ୍କୁ ଅନ୍ୟ କିସ୍ତି ମଧ୍ୟ ମିଳି ନାହିଁ। କୋଭିଡ୍-୧୯ ଯୋଗୁ ଚାଷୀମାନେ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ଏହି ସମୟରେ ସରକାରୀ ସହାୟତାର ଯଥେଷ୍ଟ ଆବଶ୍ୟକତା ରହିଥିବାବେଳେ ଯୋଜନାର ସୁଫଳ ଚାଷୀଙ୍କୁ ମିଳି ପାରୁ ନାହିଁ।



ବରଗଡ଼ ଜିଲା କଲାପାଣି ଚାଷୀ ମହାଦେବ ମହାପାତ୍ର କହିଛନ୍ତି, ଉଭୟ ଖରିଫ ଓ ରବିରେ ସେ ୪ ଏକର ଜମିରେ ଧାନଚାଷ କରିଥାନ୍ତି। ଗତ କିଛିବର୍ଷ ହେଲା ରୋଗପୋକ ଉପଦ୍ରବ ଏବଂ ଅମଳ ସମୟରେ ଆକସ୍ମିକ ବର୍ଷା ଯୋଗୁ ଫସଲ କ୍ଷତି ସହିବାକୁ ପଡୁଛି। ଏଭଳି ବିପର୍ଯ୍ୟୟ ସମୟରେ କେନ୍ଦ୍ର ସରକାରଙ୍କ ପିଏମ୍ କିଷାନ ଏବଂ ରାଜ୍ୟ ସରକାରଙ୍କ କାଳିଆ ଯୋଜନାର ସହାୟତା ରାଶି କିଛି ସହାୟକ ହେବ ବୋଲି ଆଶା ବାନ୍ଧିଥିଲି। ଉଭୟ ଯୋଜନା ପାଇଁ କ୍ରମାଗତ ୨ବର୍ଷ ହେଲା ଆବେଦନ କରିଆସୁଛି। ମାତ୍ର ଏପର୍ଯ୍ୟନ୍ତ ଉଭୟ ଯୋଜନାରୁ ଟଙ୍କାଟିଏ ମଧ୍ୟ ସହାୟତା ପାଇ ପାରିନାହିଁ। ସେହିପରି ଯାଜପୁର ଜିଲାର ଚାଷୀ ଧୀରେନ୍ଦ୍ର ମଲ୍ଲିକ ୨୦୨୦ ଜୁଲାଇ ୨୨ରେ ପିଏମ୍ କିଷାନ ସହାୟତା ପାଇଁ ଅନ୍‌ଲାଇନ ଯୋଗେ ଆବେଦନ କରିଥିଲେ। ଏ ପର୍ଯ୍ୟନ୍ତ ତାଙ୍କ ଆବେଦନ ଅନୁମୋଦନ ହୋଇ ନାହିଁ। ଧୀରେନ୍ଦ୍ର କହିଛନ୍ତି ଯେ କାଳିଆ ଯୋଜନାରେ ୪ ହଜାର ଟଙ୍କା ମିଳୁଛି। ପିଏମ୍ କିଷାନରେ ୬ ହଜାର ମିଳିଲେ ଚାଷ ପାଇଁ ଆମକୁ ସହାୟକ ହୋଇପାରନ୍ତା। କାହିଁକି ଅଟକି ରହିଛି ତାହା ବୁଝିପାରୁନି ବୋଲି ସେ କହିଛନ୍ତି। କେବଳ ମହାଦେବ କିମ୍ବା ଧୀରେନ୍ଦ୍ର ନୁହନ୍ତି, ରାଜ୍ୟର ଅନେକ ଚାଷୀ ଆବେଦନ କରିଥିଲେ ମଧ୍ୟ ସରକାରଙ୍କ ସ୍ୱୀକୃତିକୁ ଅପେକ୍ଷା କରିଛନ୍ତି।

ରାଜ୍ୟର ଅଧିକରୁ ଅଧିକ ଚାଷୀଙ୍କୁ ପିଏମ୍ କିଷାନ ଯୋଜନାରେ ସାମିଲ କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨୦୨୧ ମାର୍ଚ୍ଚ ୧ରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ହେଲେ ରାଜ୍ୟ ସରକାରଙ୍କ ସୂଚନା ଅନୁଯାୟୀ ସମସ୍ତ ପଞ୍ଜୀକୃତ ଚାଷୀଙ୍କ ତାଲିକା କେନ୍ଦ୍ର ସରକାରଙ୍କୁ ନିୟମିତ ଭାବେ ପ୍ରଦାନ କରାଯାଉଛି। ତେବେ ଏତେ କମ୍ ସଂଖ୍ୟକ ଚାଷୀଙ୍କୁ ପିଏମ୍ କିଷାନ ଯୋଜନାରେ କିପରି ସହାୟତା ମିଳୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏନେଇ କୃଷିମନ୍ତ୍ରୀ ଅରୁଣ ସାହୁଙ୍କ କହିବା ହେଲା ସମସ୍ତ ପଞ୍ଜୀକୃତ ଚାଷୀଙ୍କ ନାମ ପିଏମ୍ କିଷାନ ସମ୍ମାନ ନିଧି ଯୋଜନା ପାଇଁ ଉଦ୍ଦିଷ୍ଟ ପୋର୍ଟାଲ୍‌ରେ ଅପ୍‌ଲୋଡ କରାଯାଇଛି। କିନ୍ତୁ କାହାକୁ ସହାୟତା ମିଳିବ ବା ନ ମିଳିବ ତାହା କେନ୍ଦ୍ର ନିଷ୍ପତ୍ତି ଉପରେ ନିର୍ଭର କରେ। କେନ୍ଦ୍ର ମନ୍ତ୍ରୀ କରିଥିବା ଅଭିଯୋଗ କୌଣସି ସତ୍ୟ ଉପରେ ଆଧାରିତ ନୁହେଁ ବୋଲି ସେ କହିଛନ୍ତି।

### ବୈଷୟିକ ତ୍ରୁଟି ସଂଶୋଧନ ପରେ ବଦଳିଲା ମାଟ୍ରିକ ପରୀକ୍ଷା ଫଳ

କଟକ ସଦର, ୨୬।୬(ଡି.ଏନ.ଏ.)

କିଶନନଗର ତହସିଲ ଅଧୀନ ୨୨ଟି ହାଇସ୍କୁଲର ମାଟ୍ରିକ ପରୀକ୍ଷା ଫଳ ଅତ୍ୟନ୍ତ ନୈରାଶଜନକ ହୋଇଥିଲା। ୯୦ ଭାଗ ଛାତ୍ରୀଛାତ୍ର ଡି ଗ୍ରେଡ୍‌ରେ ପାସ୍ କରିଥିବା ମାଧ୍ୟମିକ ଶିକ୍ଷା ବୋର୍ଡର ୱେବସାଇଟ୍‌ରୁ ଶୁକ୍ରବାର ଜଣାପଡିଥିଲା। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ୧୮ଟି ପଞ୍ଚାୟତର ଅଭିଭାବକ ପ୍ରତିନିଧି ଦଳ ମାଧ୍ୟମିକ ଶିକ୍ଷା ବୋର୍ଡର ପରୀକ୍ଷା ନିୟନ୍ତ୍ରକ ସ୍ୱପ୍ନେଶ୍ୱର ଜେନାଙ୍କ ସହ କଥା ହୋଇଥିଲେ। ପରେ ପରୀକ୍ଷା ଫଳ ସଂଶୋଧନ ଆରମ୍ଭ ହୋଇଥିଲା। ଶନିବାର ମଧ୍ୟାହ୍ନରେ ସଂଶୋଧିତ ଫଳ ଅନ୍‌ଲାଇନ୍‌ରେ ପ୍ରକାଶ ପାଇଥିଲା। ବିଭିନ୍ନ ହାଇସ୍କୁଲର ପିଲାମାନେ ଏ, ଏ ପ୍ଲସ, ବି, ବି ପ୍ଲସ, ସି ଗ୍ରେଡ୍‌ରେ ପାସ୍ କରିଥିବା ଜଣାପଡିଥିଲା। ବୈଷୟିକ ତ୍ରୁଟି ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି ବୋଧପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଅଭିଭାବକ ନିର୍ମଳ ଚନ୍ଦ୍ର ବେହେରା କହିଛନ୍ତି। ୨୪ ଘଣ୍ଟା ମଧ୍ୟରେ ସଂଶୋଧିତ ପରୀକ୍ଷା ଫଳ ପ୍ରକାଶନରେ ସହଯୋଗ କରିଥିବାରୁ ଅଭିଭାବକ ସଂଘ ଜେନାଙ୍କୁ କୃତଜ୍ଞତା ଜଣାଇଛି।

# ପୋଲିସରେ ଯୋଗଦେଲେ ୩୦ ମହିଳା କ୍ରୀଡ଼ାବିତ୍

ଭୁବନେଶ୍ୱର, ୨୬।୬(ବ୍ୟୁରୋ)

ରାଜ୍ୟର ୩୯ ଜଣ କ୍ରୀଡ଼ାବିତ୍ ଶନିବାର ରାଜ୍ୟ ପୋଲିସ ସେବାରେ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୩୦ ଜଣ ମହିଳା କ୍ରୀଡ଼ାବିତ୍ ରହିଛନ୍ତି। ପୂର୍ବରୁ ୬ଟି ପର୍ଯ୍ୟାୟରେ ବିଭିନ୍ନ ପଦବୀରେ ୯୬ କ୍ରୀଡ଼ାବିତ୍‌ଙ୍କୁ ପୋଲିସରେ ନିଯୁକ୍ତି ଦିଆଯାଇଥିଲା। ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ କ୍ରୀଡ଼ାବିତ୍‌ମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ରାଜ୍ୟ ସରକାର ଯଥାସମ୍ଭବ ସହଯୋଗ କରିବେ। ପୋଲିସ ସେବାରେ ଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀ କ୍ରୀଡ଼ାବିତ୍‌ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କ୍ରୀଡ଼ା କ୍ଷେତ୍ରରେ ରାଜ୍ୟର ଅବଦାନ ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାକୁ କ୍ରୀଡ଼ାର ଏକ ପାୱାରହାଉସ କରିବାକୁ ଯାତ୍ରା ଆରମ୍ଭ ହୋଇଛି। ହକି ବିଶ୍ୱକପ୍-୨୦୧୮ ଏବଂ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍-୨୦୧୭ ଆୟୋଜନ ରାଜ୍ୟ ପାଇଁ ଏକ ବଡ଼ ସଫଳତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ୧ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପୁଞ୍ଜିନିବେଶ କରିଛନ୍ତି। ପୁରୁଷ ହକି ବିଶ୍ୱକପ୍-୨୦୨୩ ପାଇଁ ରାଉରକେଲାଠାରେ ଦେଶର ସବୁଠାରୁ ବଡ଼ ହକି ଷ୍ଟାଡିୟମ ନିର୍ମାଣ କରାଯାଉଛି। ରାଜ୍ୟରେ କ୍ରୀଡ଼ାର ପ୍ରସାର ପାଇଁ ତୃଣମୂଳ ସ୍ତରରୁ କୋଚିଂ ଦେବା ସହ ସ୍କୁଲ ଶିକ୍ଷାରେ କ୍ରୀଡ଼ାକୁ ଗୁରୁତ୍ୱ ଦିଆଯାଉଛି। ଜାତୀୟ ସ୍ତରରେ ରାଜ୍ୟର ପାରା ଆଥ୍‌ଲେଟମାନେ ଉତ୍ତମ ପ୍ରଦର୍ଶନ କରୁଛନ୍ତି। ଅର୍ଜୁନ ପୁରସ୍କାରପ୍ରାପ୍ତ ପ୍ରମୋଦ ଭଗତ ପାରା ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ସହଯୋଗ ପାଇଁ ରାଜ୍ୟ ସରକାର ପାରା ଆଥ୍‌ଲେଟମାନଙ୍କୁ ମଧ୍ୟ ସରକାରୀ ଚାକିରି ଯୋଗାଡ଼ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଲୁଟ୍ ଅଭିଯୋଗ ପାଇଁ ଥାନାକୁ ଯିବାକୁ ପଡ଼ିବନି
## ଇ-ଏଫ୍‌ଆଇଆର ବ୍ୟବସ୍ଥାର ଶୁଭାରମ୍ଭ

ସର୍ବସାଧାରଣ ସ୍ଥାନରେ ଚେନ୍ ଛଡ଼ାଇବା, ଲାପ୍‌ଟପ, ମୋବାଇଲ ଇତ୍ୟାଦି ଚୋରି ପାଇଁ ଇ-ଏଫ୍‌ଆଇଆର ଜରିଆରେ ଅଭିଯୋଗ କରିହେବ। ଏଥିପାଇଁ ଥାନାକୁ ଦୌଡ଼ିବାକୁ ପଡ଼ିବ ନାହିଁ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇ-ଏଫ୍‌ଆଇଆର୍ ଏବଂ ୫-ଟି ଅଭିନବ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ରାଜ୍ୟ କ୍ରାଇମ୍ ରେକର୍ଡ ବ୍ୟୁରୋଠାରେ ଥିବା ଭର୍ଚୁଆଲ ଥାନା ଜରିଆରେ ଯେକୌଣସି ସ୍ଥାନରୁ ଏଫ୍‌ଆଇଆର କରିହେବ। ଅଭିଯୋଗ ମିଳିବା ପରେ ଅଭିଯୋଗକାରୀଙ୍କ ନିକଟକୁ ତୁରନ୍ତ ଏସ୍‌ଏମ୍‌ଏସ୍ ଆଲର୍ଟ ଯିବ।

### ଖୁବ୍‌ଶୀଘ୍ର ଓଡ଼ିଶା ହେବ କ୍ରୀଡ଼ା ପାୱାରହାଉସ: ମୁଖ୍ୟମନ୍ତ୍ରୀ

ଏହି ଅବସରରେ ପୋଲିସ ମହାନିର୍ଦ୍ଦେଶକ ଅଭୟ ସ୍ୱାଗତ ଭାଷଣ ଦେଇଥିବା ବେଳେ କ୍ରୀଡ଼ା ସଚିବ ବିଶାଳ ଦେବ ରାଜ୍ୟର କ୍ରୀଡ଼ାର ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା କ୍ରୀଡାବିତ୍‌ଙ୍କ ସହ ସେ ଭାବବିନିମୟ କରିଥିଲେ। କ୍ରୀଡ଼ାବିତ୍‌ମାନେ ସେମାନଙ୍କ ଉତ୍ତମ ପ୍ରଦର୍ଶନ ଜରିଆରେ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିପାରିବେ ବୋଲି ସେ କହିଛନ୍ତି। ଗୋଇନ୍ଦା ନିର୍ଦ୍ଦେଶକ ଲଳିତ ଦାଶ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା ଏବଂ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଯୋଗଦେଇଥିଲେ।



ଏସ୍‌ଆଇବି ରେସିଡେନ୍ସିଆଲ କଲୋନୀରେ ଶନିବାର କଣ୍ଟେନମେଣ୍ଟ ଜୋନ୍ ନୋଟିସ ଲଗାଯାଉଛି।

# ରାଜଧାନୀକୁ ଫେରିଲା କଣ୍ଟେନ୍‌ମେଣ୍ଟ
## ୩ ସ୍ଥାନକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା

ଭୁବନେଶ୍ୱର, ୨୬।୬ (ବ୍ୟୁରୋ)

- ଏକାଧିକ ପଜିଟିଭ୍ ଚିହ୍ନଟ ପରେ ପଦକ୍ଷେପ
- ଦ୍ୱିତୀୟ ଲହରରେ ପ୍ରଥମ କଣ୍ଟେନ୍‌ମେଣ୍ଟ

ଦୀର୍ଘଦିନ ପରେ ରାଜଧାନୀ ଭୁବନେଶ୍ୱରକୁ ପୁଣି ଫେରିଛି କଣ୍ଟେନ୍‌ମେଣ୍ଟ କଟକଣା। ସହରରେ ସଂକ୍ରମଣ କମି ଆସୁଥିବାବେଳେ ହଠାତ୍ ଏକାଧିକ ଆକ୍ରାନ୍ତ ଚିହ୍ନଟ ହେବାରୁ ୩ଟି ସ୍ଥାନକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶନିବାର କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯିବା ସହ କଟକଣା ଲାଗୁ କରାଯାଇଛି। ଏହି ସ୍ଥାନଗୁଡ଼ିକ ହେଲା ୩୬ ନଂ. ୱାର୍ଡ ଅନ୍ତର୍ଗତ ୟୁନିଟ୍-୫ ବିଦ୍ୟୁତ୍ ମାର୍ଗସ୍ଥିତ ଏସ୍‌ଆଇବି ରେସିଡେନ୍ସିଆଲ କଲୋନୀର ୫ କମ୍ପ୍ଲେକ୍ସ, ୱାର୍ଡ ନଂ.୪ ଅନ୍ତର୍ଗତ ରୁଦ୍ରପୁର ବେହେରାସାହି ଓ ୱାର୍ଡ ନଂ.୫୦ର ଡେଲ୍‌ଟା ଛକ ନିକଟ କେଶରୀ ପ୍ଲାଜା। କରୋନାର ଦ୍ୱିତୀୟ ଲହରରେ ରାଜଧାନୀରେ ଏହା ହେଉଛି ପ୍ରଥମ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା।

ଗୋଟିଏ ଦିନରେ ବହୁ ଆକ୍ରାନ୍ତ ଚିହ୍ନଟ ହେବା ପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏସ୍‌ଆଇବି ରେସିଡେନ୍ସିଆଲ କଲୋନୀରେ ଥିବା ୨୫ କ୍ୱାର୍ଟର୍ସ ମଧ୍ୟରୁ ୧୦ଟିରେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏସବୁ କ୍ୱାର୍ଟର୍ସ ରହିଥିବା ୫ଟି କମ୍ପ୍ଲେକ୍ସକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସମ୍ପୃକ୍ତ ଅଞ୍ଚଳରୁ ପ୍ରସ୍ଥାନ ଓ ପ୍ରବେଶକୁ ବାରଣ କରାଯାଇଛି। ସମସ୍ତ ଆବଶ୍ୟକ ସାମଗ୍ରୀ ପାଇଁ ସ୍ଥାନୀୟ ୱାର୍ଡ ଅଫିସର ପ୍ରଦୀପ ଡାକୁଆଙ୍କୁ ମୋବାଇଲ୍ ନଂ.୯୯୩୮୩୧୫୭୧୨ରେ ଯୋଗାଯୋଗ କରିବାକୁ ବିଏମ୍‌ସି ପକ୍ଷରୁ କୁହାଯାଇଛି। ସେହିପରି ମେଡିକାଲ ସହାୟତା ପାଇଁ ଡା. ପ୍ରୀତିନନ୍ଦା (୯୯୩୭୧୪୪୧୫୨) ଓ ଡା. ସବିତା ଦାସ (୭୮୪୬୮୨୨୫୧୬) ନିୟୋଜିତ ଥିବା ସୂଚନା ଦିଆଯାଇଛି।

ସେହିପରି ରୁଦ୍ରପୁର ବେହେରାସାହିରୁ ମଧ୍ୟ ଏକାଧିକ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଣ୍ଟେନ୍‌ମେଣ୍ଟ ଜୋନ୍ ନ ଉଠିବା ପର୍ଯ୍ୟନ୍ତ ସମସ୍ତ ଗାଇଡ୍‌ଲାଇନକୁ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ୱାର୍ଡ ଅଫିସର ଅଜୟ କୁମାର ସ୍ୱାଇଁ (୯୮୬୧୫୯୯୨୪୦), ଡାକ୍ତରୀ ସହାୟତା ପାଇଁ ଡା. ପ୍ରଶାନ୍ତ ଜାଲି (୯୭୭୮୯୫୯୯୨) ଓ ଡା. ବସନ୍ତ କୁମାର ସେଠୀ (୯୪୩୯୧୯୭୩୦୭), ସାନିଟେଶନ ପାଇଁ ପ୍ରବୀର କୁମାର ସାମଲ (୮୨୮୦୪୭୪୭୯୩)ଙ୍କୁ ନିୟୋଜିତ କରାଯାଇଛି।

ସେପଟେ ଡେଲ୍‌ଟା ଛକ ନିକଟ କେଶରୀ ପ୍ଲାଜାକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇ ଆବଶ୍ୟକ କଟକଣା ଲାଗୁ କରାଯାଇଛି। ବିଏମ୍‌ସି ପକ୍ଷରୁ ଜରୁରୀ ସେବା ଓ ସୁବିଧାସୁଯୋଗ ଯୋଗାଇ ଦିଆଯିବ। ଏଠାରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ସଂସ୍ଥା ତଥା ଅନୁଷ୍ଠାନକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଜାରି କରାଯାଇଛି।

# ଜୀବିକା ହରାଇ ଦୁର୍ଦ୍ଦିନରେ କଳାକାର

**କଟକ ଅଫିସ, ୨୬।୬:** କରୋନା ମହାମାରୀ ପ୍ରଭାବରେ ସମାଜର ସବୁ ବର୍ଗର ଲୋକେ ପ୍ରଭାବିତ ହୋଇଛନ୍ତି। ଏଥିରୁ ବାଦ୍ ପଡ଼ିନାହାନ୍ତି କଳାକାର। କଳାକାରଟିଏ ଯେତେ ଦୁଃଖକଷ୍ଟରେ ଥିଲେ ମଧ୍ୟ ନିଜର କଳା ମାଧ୍ୟମରେ ସବୁବେଳେ ଦର୍ଶକଙ୍କ ମୁହଁରେ ହସ ଫୁଟାଇବାକୁ ଚେଷ୍ଟା କରିଥାଏ। ହେଲେ ଏବେ କରୋନା ଏହି ହସ ଛଡାଇ ନେଇଛି। କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ସରକାର ଚଳଚ୍ଚିତ୍ର ଓ ଧାରାବାହିକ ଶୁଟିଂ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଷ୍ଟୁଡିଓ ବନ୍ଦ ରହିଥିବାବେଳେ ଶୁଟିଂସେଟ୍ ଶୂନଶାନ୍ ରହିଛି। ଫଳରେ କଳାଜଗତ ସହ ସଂଶ୍ଳିଷ୍ଟ ଥିବା ଅଭିନେତାଙ୍କଠାରୁ ଆରମ୍ଭ କରି ଟେକ୍ନିସିଆନ, ଗୀତିକାର, ସଙ୍ଗୀତ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ, କଣ୍ଠଶିଳ୍ପୀ, ପ୍ରଯୋଜକମାନେ ହାତବାନ୍ଧି ବସିଛନ୍ତି। କିଛି କଳାକାର ପୂର୍ବରୁ ଯାହା ସଞ୍ଚିତ କରି ରଖିଥିଲେ ସେଥିରେ ସେମାନଙ୍କ ସଂସାର ଚଳୁଛି। ହେଲେ ଅନ୍ୟମାନଙ୍କ ନିକଟରେ ପରିବାର ପ୍ରତିପୋଷଣ ପାଇଁ ଅର୍ଥ ନ ଥିବାରୁ ଦୁର୍ଦ୍ଦିନରେ ଦିନ କାଟିବାକୁ ପଡୁଛି। ଏପରି କେତେଜଣ କଳାକାର ଅଛନ୍ତି ଯେଉଁମାନେ ନିଜର ବାଦ୍ୟଯନ୍ତ୍ର ବିକ୍ରି କରି ପରିବାର ପ୍ରତିପୋଷଣ କରିବାକୁ ବାଧ୍ୟ ହୋଇଛନ୍ତି। ଏ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ କିଛି ସାହାଯ୍ୟ ମିଳିନାହିଁ। ତୁରନ୍ତ ସରକାର ଏ ଦିଗରେ କିଛି ପଦକ୍ଷେପ ନେଇ ସହାୟତା ଯୋଗାଇ ଦେବାକୁ କଳାକାରମାନେ ଦାବି କରିଛନ୍ତି।

**ଏମାନେ କ'ଣ କୁହନ୍ତି...**

### ସମସ୍ତ ସଂଘ ସରକାରଙ୍କୁ ଦୁଃଖ ଜଣାଉ



“ସରକାର ଯଦି କୋଭିଡ୍ ନିୟମ ମାନି ଶୁଟିଂ ପାଇଁ ଅନୁମତି ପ୍ରଦାନ କରନ୍ତି, ଆମେ ନିଶ୍ଚିତ ଭାବରେ ତାହା ପାଳନ କରିବୁ। ତେବେ ଚଳଚ୍ଚିତ୍ର ଜଗତରେ ବିଭିନ୍ନ ବର୍ଗଙ୍କର ସଂଘ ରହିଛି। ସମସ୍ତ ସଂଘ ଯଦି ମିଳିତ ଭାବରେ ଦୁଃଖ ସରକାରଙ୍କୁ ଜଣାନ୍ତି, ତା'ହେଲେ ସରକାର ନିଶ୍ଚିତ ଭାବେ ପଦକ୍ଷେପ ଗ୍ରହଣ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ।

**- କୁନା ତ୍ରିପାଠୀ, ଅଧ୍ୟକ୍ଷ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ**

### ଅଧାରେ ରହିଛି ଚଳଚ୍ଚିତ୍ର ପ୍ରସ୍ତୁତି

“ପ୍ରଯୋଜନା ସଂସ୍ଥାଗୁଡ଼ିକ ଟଙ୍କା ଖର୍ଚ୍ଚ କରି ସେଟ୍ ନିର୍ମାଣ କରିଛନ୍ତି। କରୋନା ମହାମାରୀ ଯୋଗୁ ଶୁଟିଂ ବନ୍ଦ ରହିଥିବାରୁ ୨ ମାସ ହେବ ଘରେ ବସିଛୁ। ଫଳରେ ଅନେକ ଚଳଚ୍ଚିତ୍ର ପ୍ରସ୍ତୁତି ଅଧାରେ ରହିଛି।



**- ପ୍ରଦ୍ୟୁମ୍ନ ଲେଙ୍କା, ଅଭିନେତା ତଥା ଚଳଚ୍ଚିତ୍ର ପ୍ରଯୋଜକ**

### କଳାକାରଙ୍କୁ ସାହାଯ୍ୟ କରିବ ଓମାୱା

“କଳାକାରମାନେ ବିଭିନ୍ନ ଉପାୟରେ ସରକାରଙ୍କୁ ଦୁଃଖ ଜଣାଇଛନ୍ତି। ହେଲେ ସରକାର ସେମାନଙ୍କ କଥା ଶୁଣିନାହାନ୍ତି। ସେଥିପାଇଁ ସେମାନେ ମିଶି ଓଡ଼ିଶା ମ୍ୟୁଜିକ୍ ଆର୍ଟିଷ୍ଟ ଆଣ୍ଡ ୱେଲ୍‌ଫେୟାର ଆସୋସିଏଶନ(ଓମାୱା) ନାମରେ ଏକ ଅନୁଷ୍ଠାନ କରିଛନ୍ତି। ଓଡ଼ିଶାରେ ଯେଉଁ କଳାକାର ଅସୁବିଧାରେ ପଡିବେ ଏହି ଅନୁଷ୍ଠାନ ମାଧ୍ୟମରେ ଚାନ୍ଦା ଆଦାୟ କରାଯାଇ ତାଙ୍କୁ ସାହାଯ୍ୟ କରାଯିବ।



**- ଅଭିଜିତ୍ ମଜୁମ୍‌ଦାର, ସଙ୍ଗୀତ ନିର୍ଦ୍ଦେଶକ**

### ଅସୁବିଧାର ସମ୍ମୁଖୀନ ହେଉଛନ୍ତି କଳାକାର

“ଶୁଟିଂସେଟ୍‌ରେ କରୋନାର ପ୍ରଭାବ ବିଶେଷ ନ ଥିଲା। ସମସ୍ତେ ସରକାରଙ୍କ ଗାଇଡ୍‌ଲାଇନ ମାନି କାମ କରୁଥିଲେ। ପରବର୍ତ୍ତୀ ସମୟରେ ସରକାରଙ୍କ ନିର୍ଦ୍ଦେଶରେ ଶୁଟିଂ ସମ୍ପୂର୍ଣ୍ଣ ବନ୍ଦ ହେବା ଦ୍ୱାରା ଜୁନିୟର କଳାକାର, କ୍ୟାମେରାମ୍ୟାନ, ଲାଇଟ୍‌ମ୍ୟାନ ଓ ଟେକ୍ନିସିଆନମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେବା ଦରକାର।



**- ଶ୍ରୀତମ ଦାସ, ଅଭିନେତା**

### ସରକାର ଦୃଷ୍ଟି ଦିଅନ୍ତୁ

“କଳାକାର ହେଉଛି ସାଧାରଣ ମଣିଷ। ସେ କଳାକୁ ନିଜର ବୃତ୍ତି କରି ଗୁଜୁରାଣ ମେଣ୍ଟାଇଥାଏ। ସାଧାରଣ ଲୋକଙ୍କ ପ୍ରତି ସରକାର ଯେଉଁଭଳି ଭାବେ ଦୃଷ୍ଟି ଦେଉଛନ୍ତି, କଳାକାରମାନଙ୍କ ପ୍ରତି ମଧ୍ୟ ସମାନ ଦୃଷ୍ଟି ଦେଇ ସହାୟତା ଯୋଗାଇ ଦିଅନ୍ତୁ, ଯାହାଦ୍ୱାରା ସେମାନେ ଉପକୃତ ହୋଇପାରିବେ।



**- ଇରା ମହାନ୍ତି, କଣ୍ଠଶିଳ୍ପୀ**

### ସ୍ୱତନ୍ତ୍ର କଳାକାର ଯୋଜନା କରାଯାଉ

“କଳାକାରମାନେ ସର୍ବଦା ଲୋକଙ୍କ ମନୋରଞ୍ଜନ କରିଥାନ୍ତି। ସରକାର ସେମାନଙ୍କ ପ୍ରତି ଉଦାସୀନ ମନୋଭାବ ରଖିବା ଉଚିତ ନୁହେଁ। ତୁରନ୍ତ ସେମାନଙ୍କ ପାଇଁ ସ୍ୱତନ୍ତ୍ର କଳାକାର ଯୋଜନା କରିବା ଦରକାର।



**- ବାପୁ ଗୋସ୍ୱାମୀ, ଗୀତିକାର**

### ଧୈର୍ଯ୍ୟ ସହ ଅପେକ୍ଷା କରିବାକୁ ପଡ଼ିବ

“ସରକାରଙ୍କ ନିଷ୍ପତ୍ତିକୁ ମୁଁ ସ୍ୱାଗତ କରୁଛି। ଏହି ସମୟରେ ଶୁଟିଂ କରାଗଲେ ସଂକ୍ରମଣ ହାର ବଢ଼ିବା ଆଶଙ୍କା ରହିଛି। କରୋନାର ପ୍ରକୋପ କମିଲେ ସିନେମା କାମ ହୋଇପାରିବ। ସେଥିପାଇଁ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡିବ। ତେଣୁ ସରକାରଙ୍କ ଏହି ଲକ୍‌ଡାଉନ, ଶଟ୍‌ଡାଉନ ନିଷ୍ପତ୍ତି ସହିତ ମୁଁ ଏକମତ।



**- ସୁଧାଂଶୁ ସାହୁ, ଚଳଚ୍ଚିତ୍ର ନିର୍ଦ୍ଦେଶକ**

### କଳାକାରଙ୍କୁ ଆର୍ଥିକ ସହାୟତା ଦିଆଯାଉ

“କରୋନାରେ କଳାକାରମାନେ ଜୀବିକା ହରାଇଛନ୍ତି। ଏପରି କି କେତେଜଣ କଳାକାରଙ୍କ ମଧ୍ୟ ମୃତ୍ୟୁ ଘଟିଛି। କଳାକାର ଜଣେ ଦିନମଜୁରିଆ ପରି। ପ୍ରତିଦିନ କାମ କଲେ ପରିବାର ପ୍ରତିପୋଷଣ ହୋଇଥାଏ। ଏବେ କରୋନା ମହାମାରୀ ଯୋଗୁ ସେମାନେ ହାତବାନ୍ଧି ବସିଛନ୍ତି। ଏଭଳି ପରିସ୍ଥିତିରେ ସରକାର କଳାକାରଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଅନ୍ତୁ।



**- ନିର୍ମଳ ନାୟକ, ଗୀତିକାର**

## ଭାଜପା ସହରାଞ୍ଚଳ, ପଞ୍ଚାୟତ, ସୀମା ସୁରକ୍ଷା କମିଟି ଗଠିତ

ଭୁବନେଶ୍ୱର, ୨୬।୬(ବ୍ୟୁରୋ)

ସଂଗଠନକୁ ସୁଦୃଢ଼ କରିବା ପାଇଁ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ଦଳର ୩ଟି କମିଟି ଗଠନ କରାଯାଇଛି। ସହରାଞ୍ଚଳ, ପଞ୍ଚାୟତ ଓ ସୀମା ସୁରକ୍ଷା ରାଜ୍ୟ କମିଟି ପାଇଁ ଅଧ୍ୟକ୍ଷ ଓ ସଂଯୋଜକଙ୍କ ନାମ ଘୋଷଣା କରାଯାଇଛି। ସହରାଞ୍ଚଳ କମିଟି ରାଜ୍ୟ ଅଧ୍ୟକ୍ଷ ଭାବେ ପୂର୍ବତନ ମନ୍ତ୍ରୀ କେ.ଭି. ସିଂଦେଓ, ସଂଯୋଜକ ଭାବେ କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତ କମିଟି ରାଜ୍ୟ ଅଧ୍ୟକ୍ଷ ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ସଂଯୋଜକ ଭାବେ ଶଙ୍କର ପରିଡ଼ାଙ୍କୁ ନିଯୁକ୍ତି ଦିଆଯାଇଛି। ସୀମା ସୁରକ୍ଷା କମିଟି ରାଜ୍ୟ ଅଧ୍ୟକ୍ଷ ଭାବେ ଏମ୍‌ପି ବସନ୍ତ ପଣ୍ଡା ଓ ସଂଯୋଜକ ଭାବେ ସଞ୍ଜୀବ ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଣ୍ଡିଆ ଦାନ୍ତୀ ମୁଗ ପଇତି**
**ଚାଉଳ ସେରକ ଉଆ**
**ଖଣ୍ଡିଆ ଦାନ୍ତୀ କି ବର ପଡିଛି**
**ଆର ସାଇ ବଣଭୁଆ।**

ଦାନ୍ତ ମୁଖ ମଣ୍ଡଳର ଶୋଭା ବଢ଼ାଇଥାଏ। ବିବାହ ବେଳେ ଝିଅର ରୂପ ଦେଖି ପସନ୍ଦ କରାଯାଏ। ଏପରି ସ୍ଥଳେ ଯାହାର ଦାନ୍ତ ଖଣ୍ଡିଆ ତାକୁ ଭଲ ବର ନ ମିଳିବା ନେଇ ସାଇ ପଡିଶା ଥଟ୍ଟା କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାରିଆ ଖଡାରେ ନ ମିଳେ ଲୁଣ,**
**କେତେ କହିବି ଶାଶୁ ଶଶୁର ଗୁଣ।**

କେତେକ ବ୍ୟକ୍ତି କୃପଣ ସ୍ୱଭାବର ହୋଇଥାନ୍ତି। କାଳେ ଅଧିକ ଧନ ଖର୍ଚ୍ଚ ହୋଇଯିବ ସେହି ଭୟରେ ନା ଭଲ କି ଗଣ୍ଡେ ଖାଇଥାନ୍ତି ନା ଭଲ କି ଖଣ୍ଡେ ପିନ୍ଧିଥାନ୍ତି। ଖଡାରେ ସାମାନ୍ୟ ଲୁଣ ଟିକେ ନ ପକାଇବା ଭଳି ଦୈନନ୍ଦିନ ଚଳଣିରେ ଯଥାସମ୍ଭବ କାଟ ଛାଣ୍ଟ କରୁଥିବା ଶାଶୁ ଶଶୁରଙ୍କ ପ୍ରତି ଏଭଳି କ୍ଷୋଭୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ

**ପାକିସ୍ତାନକୁ ମିଳି ନ ପାରେ ଆର୍ଥିକ ସହାୟତା**

ପ୍ୟାରିସରେ ଜୁନ୍ ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏଫ୍ଏଟିଏର ଭର୍ଚୁଆଲ୍ ସେସନରେ ଏସିଆ-ପାସିଫିକ୍ ଗ୍ରୁପ୍ ପାକିସ୍ତାନ ଉପରେ ପ୍ରଦାନ କରିଥିବା ରିପୋର୍ଟର ସମୀକ୍ଷା କରାଯାଇଛି। ଏଫଏଟିଏ ରିପୋର୍ଟ ଅନୁସାରେ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ଗ୍ରେ ଲିଷ୍ଟରେ ରହିବା ଯୋଗୁ ପାକିସ୍ତାନକୁ ପ୍ରାୟ ୨.୮୦ ଲକ୍ଷ କୋଟି ଟଙ୍କାର କ୍ଷତି ହୋଇଛି। ବର୍ତ୍ତମାନ ପାକିସ୍ତାନକୁ ମଧ୍ୟ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ୍) ସହ ଅନ୍ୟ ସଂସ୍ଥାରୁ ଆର୍ଥିକ ସହାୟତା ମିଳିବା କଷ୍ଟକର ହୋଇପଡ଼ିବ।

# ଏସ୍‌ବିଆଇ ପକ୍ଷରୁ ପ୍ରମୋଦ ରଥ ସମ୍ମାନିତ



**କଟକ,୨୬।୬**

ଅନ୍ତର୍ଜାତୀୟ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଦିବସ ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ଏକ ଗ୍ରାହକ ଓ ଉଦ୍ୟୋଗୀ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇର ସିଜିଏମ୍ ରୁମା ଦେ ସଫଳ ଉଦ୍ୟୋଗୀ ଭାବେ ବିଶିଷ୍ଟ ଶିଳ୍ପପତି ତଥା 'ଡ୍ରିମ୍ସ' ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥଙ୍କୁ ଉତ୍ତରୀୟ ଓ ଉପଢୌକନ ପ୍ରଦାନ ସହ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ପରିଚାଳକ ଅଭୟ କିଶୋର ପାଣ୍ଡେ, ବିଜୟ କୁମାର କୁଜୁର, ଜ୍ୟୋତି ଶଙ୍କର ମିଶ୍ରଙ୍କ ସମେତ ବ୍ୟାଙ୍କର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସରକାରଙ୍କ କୋଭିଡ୍ କଟକଣା ଯୋଗୁ ଭର୍ଚୁଆଲ ମାଧ୍ୟମରେ ଏସ୍‌ବିଆଇର ପରିଚାଳନା ନିର୍ଦ୍ଦେଶକ ଚଲା ଶ୍ରୀନିବାସୁଲୁ ସେଟ୍ଟୀ ଉପସ୍ଥିତ ଉଦ୍ୟୋଗୀଙ୍କ ସହ ଭାବ ବିନିମୟ କରିଥିଲେ।

# ଆର୍‌ବିଆଇ ପକ୍ଷରୁ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୨୬।୬**

ଦେଶରେ ପ୍ରତିଦିନ ବ୍ୟାଙ୍କ ଠକେଇ ଓ ଜାଲିଆତି ଭଳି ଘଟଣା ଘଟୁଛି। ସେହିଭଳି ବ୍ୟାଙ୍କଗୁଡିକ ମଧ୍ୟ ଆଇନ ଭିତରେ ରହି କାରବାର କରିବାକୁ ବିଭିନ୍ନ ସମୟରେ କୁହାଯାଇଛି। ଏହା ସତ୍ତ୍ୱେ ମଧ୍ୟ କିଛି ବ୍ୟାଙ୍କ ନିୟମ ଉଲ୍ଲଂଘନ ସହ ବେଆଇନ କାର୍ଯ୍ୟ କରୁଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ର ନିୟମ ଉଲ୍ଲଂଘନ କରିବା ଯୋଗୁ ନିକଟରେ ୩ ଘରୋଇ ବ୍ୟାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଯେଉଁ ୩ଟି ବ୍ୟାଙ୍କ ବିରୋଧରେ ରିଜର୍ଭ ବ୍ୟାଙ୍କ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି, ସେଗୁଡ଼ିକ ହେଲା ମୋଗାଭୀରା କୋ-ଅପରେଟିଭ ବ୍ୟାଙ୍କ ଲିମିଟେଡ୍, ଇନ୍ଦାପୁର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଓ ବାରାମତୀ ସହକାରୀ ବ୍ୟାଙ୍କ ଲିମିଟେଡ୍। ନିୟମ ଉଲ୍ଲଂଘନ ଯୋଗୁ କେନ୍ଦ୍ରୀୟ ବ୍ୟାଙ୍କ ଉକ୍ତ ୩ ଟି ବ୍ୟାଙ୍କକୁ ପ୍ରାୟ ୨୩ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛି। ମୋଗାଭୀରାକୁ ସର୍ବାଧିକ ୧୨ ଲକ୍ଷ ଜରିମାନା ହୋଇଥିବା ବେଳେ ଇନ୍ଦାପୁର ଅର୍ବାନ କୋ-ଅପରେଟିଭକୁ ୧୦ ଲକ୍ଷ ଏବଂ ବାରାମତୀ ସହକାରୀ ବ୍ୟାଙ୍କକୁ ଏକ ଲକ୍ଷ ଟଙ୍କାର ଜରିମାନା ଦେବକୁ କୁହାଯାଇଛି। ଏହି ୩ଟି ବ୍ୟାଙ୍କ ଭାରତୀୟ ରିଜର୍ଭ ବ୍ୟାଙ୍କର ଗାଇଡ୍‌ଲାଇନ ଉଲ୍ଲଂଘନ କରିଥିବା ସୂଚନା ମିଳିଛି। ଏହା ପୂର୍ବରୁ ମଧ୍ୟ ଆର୍‌ବିଆଇ ଅନେକ ବ୍ୟାଙ୍କକୁ ଜରିମାନା ସହ କଟକଣା ଲଗାଇଥିବା ଜଣାପଡିଛି।

# ତୈଳ ଦର ଆହୁରି ବଢ଼ିବ

## ଅଶୋଧିତ ତୈଳ ବ୍ୟାରେଲ ପିଛା ୧୦୦ଡଲାର ହେବ

**ନୂଆଦିଲ୍ଲୀ,୨୬।୬**

କୋଭିଡ୍ ସଂକ୍ରମଣ ଯୋଗୁ ସାରା ବିଶ୍ୱ ମାନ୍ଦାବସ୍ଥା ଦେଇ ଗତି କରୁଛି। ଏହି ମହାମାରୀ ପାଇଁ ବଜାର ଅବସ୍ଥା ମଧ୍ୟ ଭଲ ନ ଥିବାରୁ ନିବେଶକମାନେ ନିବେଶ କରିବାକୁ ପଛାଉଛନ୍ତି। ଫଳରେ ତୈଳ କ୍ଷେତ୍ରରୁ ନିବେଶ ହ୍ରାସ ପାଉଥିବାରୁ ଏହାର ପ୍ରଭାବ ଇନ୍ଧନ ଦର ଉପରେ ପଡୁଛି। ବର୍ତ୍ତମାନ ସମୟରେ ତୈଳ କ୍ଷେତ୍ରରେ ନିବେଶ ନ ହେଲେ ଇନ୍ଧନ ଦର ଉଚ୍ଚା ରହିବ ବୋଲି ତୈଳ ଉତ୍ତୋଳନ କମ୍ପାନୀଗୁଡିକ ଆଶଙ୍କା କରୁଥିବା ସୂଚନା ମିଳିଛି। କାତାରରେ ଅନୁଷ୍ଠିତ 'ଇକୋନୋମିକ ଫୋରମ'ରେ ପ୍ରମୁଖ ତୈଳ କମ୍ପାନୀଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ମାନଙ୍କ ପକ୍ଷରୁ ଆକଳନ କରାଯାଇଥିବା ଏହି ଘଟଣା ବର୍ତ୍ତମାନ ସମୟରେ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଭଳି ପରିସ୍ଥିତିରେ ବଜାରର ଚାହିଦା ଓ ଯୋଗାଣ ସନ୍ତୁଳନ ରକ୍ଷା ହୋଇପାରୁ ନ ଥିବାରୁ ହୁଏତ କ୍ରୁଡ୍ ଅଏଲର ବ୍ୟାରେଲ ପିଛା ଦର ୧୦୦ ଡଲାରକୁ ଛୁଇଁପାରେ ବୋଲି କମ୍ପାନୀର ସିଇଓମାନେ ପୂର୍ବାନୁମାନ କରିଛନ୍ତି। ମାନ୍ଦାବସ୍ଥା ଯୋଗୁ ଏପରି ମୂଲ୍ୟବୃଦ୍ଧି ସ୍ୱଳ୍ପକାଳୀନ ପାଇଁ ହୋଇପାରେ, ହେଲେ କ୍ରୁଡ୍ ଅଏଲର ପ୍ରାଇସ ୧୦୦ ଡଲାର ଛୁଇଁବା ନିଶ୍ଚିତ ବୋଲି ସେମାନେ ଆଗୁଆ ଆକଳନ କରିଛନ୍ତି।

ରୟାଲ ଡଚ୍ ସେଲ୍ ପିଏଲସିଙ୍କ ସିଇଓ, ଟୋଟଲ ଏନର୍ଜୀଙ୍କ ଏସ୍ଇ ସମେତ ବ୍ୟବସାୟୀ ଓ ବିଭିନ୍ନ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଯୋଗଦେଇ କୋଭିଡ୍ ପରବର୍ତ୍ତୀ ବିଶ୍ୱରେ ତୈଳ ମୂଲ୍ୟକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। ଗୋଟିଏ ପଟେ ତୈଳ କ୍ଷେତ୍ରର ବିକାଶ ଲାଗି ନିବେଶ ଆସୁ ନ ଥିବା ବେଳେ ଅପରପକ୍ଷରେ ଚାହିଦା ବୃଦ୍ଧି ପାଉଛି। ଦର ବୃଦ୍ଧି ଓ ନିବେଶ ବର୍ତ୍ତମାନ ସମୟରେ ବିଶ୍ୱ ତୈଳ ବଜାରକୁ ଅସନ୍ତୁଳିତ କରି ରଖିଛି। ଏହି ସମସ୍ୟା ସାମୟିକ ସମୟ ପାଇଁ ହେଉ ପଛେ ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ମୂଲ୍ୟ ଆଗାମୀ ଦିନରେ ସର୍ବୋଚ୍ଚ ସ୍ତରକୁ ପହଞ୍ଚିବା ଏକପ୍ରକାର ନିଶ୍ଚିତ ବୋଲି ସିଇଓମାନେ କହିଛନ୍ତି। ଏହି ଆକଳନକୁ ଏକ୍ସନ ମୋବାଇଲ କର୍ପୋରେଶନର ସିଇଓ ଡାରେନ ଉଡସ୍




ମଧ୍ୟ ସମର୍ଥନ କରି କହିଛନ୍ତି, ଅର୍ଥନୀତି ପୁଣି ଉଠିବ ଓ ସେହି ଅନୁସାରେ ଚାହିଦା ମଧ୍ୟ ବଢିବ। ତେଣୁ ଆମେ ଯୋଗାଣ ଓ ଚାହିଦାକୁ ପୁଣି ସନ୍ତୁଳିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡିଛି। ତେବେ ସେ ପର୍ଯ୍ୟନ୍ତ ସୁଦ୍ଧା ସାରା ବିଶ୍ୱରେ କ୍ରୁଡ୍ ମୂଲ୍ୟ ବୃଦ୍ଧି ଭଳି ପରିସ୍ଥିତି ଉପୁଜିପାରେ ବୋଲି ସେ କହିଛନ୍ତି। ତେବେ ଟ୍ରେଡିଂ ହାଉସ୍ ଟ୍ରାଫିଗୁରା ଗ୍ରୁପ୍ ଏହି ମୂଲ୍ୟବୃଦ୍ଧି ହୁଏତ ଆଗାମୀ ବର୍ଷ ସମ୍ଭବ ବୋଲି କହିଛନ୍ତି। ତେବେ ଚଳିତ ବର୍ଷ ଏହା ଏତେଟା ଚିନ୍ତାଜନକ ହୋଇ ନ ପାରେ ବୋଲି ସେ କହିଛନ୍ତି। କରୋନା ମହାମାରୀର ମୁକାବିଲା ଲାଗି ବର୍ତ୍ତମାନ ବିଭିନ୍ନ ଦେଶରେ ବ୍ୟାପକ ଟିକାକରଣ କରାଯାଉଛି। ଏଥିଲାଗି ଚଳିତ ବର୍ଷ ତୈଳ ଆବଶ୍ୟକତା ପ୍ରାୟ ୪୬% ପର୍ଯ୍ୟନ୍ତ ବଢିଥିବା ଗୋଲ୍ଡମ୍ୟାନ ସ୍ୟାଚ୍ ଗ୍ରୁପ୍ ଇନକ୍ କହିଛନ୍ତି। ବ୍ୟାଙ୍କ ଅଫ୍ ଆମେରିକା କର୍ପୋରେଶନ ମଧ୍ୟ ସମାନ ଆକଳନ କରିଛି। ବର୍ତ୍ତମାନ ନ୍ୟୁୟର୍କରେ ବେଞ୍ଚମାର୍କ କ୍ରୁଡ୍ ବ୍ୟାରେଲ ପିଛା ୭୪.୯୦ ଡଲାରରେ କାରବାର ହେଉଛି। ତେବେ ଗତବର୍ଷ (୨୦୨୦) ବିଶ୍ୱ ତୈଳ ବଜାର ଲାଗି ସବୁଠୁ ଅଶାନ୍ତ ବର୍ଷ ଥିଲା। କୋଭିଡ୍ ସଂକ୍ରମଣ ଯୋଗୁ ବିଭିନ୍ନ ଦେଶରେ ତୈଳ ଚାହିଦା ହ୍ରାସ ଫଳରେ ଏହାର ମୂଲ୍ୟକୁ ଗୁରୁତର ଭାବେ ପ୍ରଭାବିତ କରିଥିଲା। ଚଳିତବର୍ଷ ପରିସ୍ଥିତି ଭିନ୍ନ ରହିଛି, ଆମେରିକାରେ ପୁଣି ଜନଗହଳି ସହ ବିମାନ ଉଡାଣ ସଂଖ୍ୟା ମଧ୍ୟ ବଢି ବଢି ଚାଲିଛି। ବିଶ୍ୱ ଅର୍ଥନୀତିରେ ଅଭିବୃଦ୍ଧି ମଧ୍ୟ ଆସିଲାଣି ହୁଏତ ଏଥିପାଇଁ କିଛି ସମୟ ଦରକାର ପଡିପାରେ ହେଲେ ବର୍ତ୍ତମାନର ଚାହିଦା ବୃଦ୍ଧି ଯୋଗୁ କ୍ରୁଡ୍ ମୂଲ୍ୟ ମଧ୍ୟ ଉଚ୍ଚା ରହିବ। ତେବେ ପରେ ଏହା ପୁଣି ସ୍ୱାଭାବିକ ହୋଇଯିବ ବୋଲି ଫୋରମରେ ଆଶାବ୍ୟକ୍ତ କରାଯାଇଛି। ବର୍ତ୍ତମାନର ଘଟଣା ଓ ଚାହିଦା ଯୋଗୁ କ୍ରୁଡ୍ ମୂଲ୍ୟ ବୃଦ୍ଧି ସହ କମ୍ପାନୀଙ୍କୁ ସହାୟ ହେବ। ଫଳରେ ଏନର୍ଜି ଟ୍ରାଞ୍ଜିସନ ପ୍ଲାନ୍‌ରେ କାର୍ଯ୍ୟ କରିବା ଦ୍ୱାରା ଏହା ବେଶ୍ ସହାୟକ ହେବା ସହ ଅଧିକ ନଗଦ ପ୍ରବାହ ଯୋଗୁ ଶେୟାର ହୋଲ୍ଡରଙ୍କୁ ମଧ୍ୟ ଲାଭବାନ କରିବ ବୋଲି ବିପି ପିଏଲ୍‌ସିଙ୍କ ସିଇଓ ବର୍ନାଡ ଲୁନି ଆଶାବ୍ୟକ୍ତ କରିଛନ୍ତି। ତେବେ କ୍ରୁଡ୍ ବ୍ୟାରେଲ ପିଛା ଦର ୧୦୦ ଡଲାରକୁ ପହଞ୍ଚିବାର ଆଶା କ୍ଷୀଣ ବୋଲି ଟୋଟଲ ଏନର୍ଜୀଙ୍କ ସିଇଓ ପ୍ୟାଟ୍ରିକ ପଏନେ କହିଛନ୍ତି।

# ଶିଳ୍ପର ବିକାଶରେ ଏମ୍‌ଏସ୍‌ଏମ୍‌ଇର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ନୂଆଦିଲ୍ଲୀ,୨୬।୬**

**ଆଜି ଏମ୍‌ଏସ୍‌ଏମ୍‌ଇ ଦିବସ**

ସାରା ବିଶ୍ୱରେ ପ୍ରତିବର୍ଷ ଜୁନ୍ ୨୭ରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଦିବସ ଭାବେ ପାଳନ କରାଯାଏ। ଶିଳ୍ପସଂସ୍ଥାର ସ୍ଥାୟୀ ବିକାଶ ଓ ଲକ୍ଷ୍ୟ ପୂରଣର ଅବଦାନକୁ ମନେପକାଇବା ପାଇଁ ଏହି ଦିବସ ପାଳିତ ହୋଇଥାଏ। ଏମ୍‌ଏସ୍‌ଏମ୍‌ଇରୁ ପ୍ରାୟ ୯୦ ପ୍ରତିଶତ ବ୍ୟବସାୟ ସୃଷ୍ଟି ହୋଇଥାଏ। ଏହି ସଂସ୍ଥାଗୁଡ଼ିକ ୬୦ରୁ ୭୦% ନିଯୁକ୍ତି ପ୍ରଦାନ କରିଥାନ୍ତି। ବିଶ୍ୱ ଜିଡିପିରେ ଏହାର ୫୦% ଯୋଗଦାନ ରହିଛି। ଜୁନ୍ ୨୭କୁ ଏମ୍‌ଏସ୍‌ଏମ୍‌ଇ ଦିବସ ଭାବେ ପାଳନ କରିବା ଲାଗି ୨୦୧୭ ଏପ୍ରିଲରେ ମିଳିତ ଜାତିସଂଘର ସାଧାରଣ ସଭାରେ ନିଷ୍ପତ୍ତି ହୋଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ, ସ୍ଥାୟୀ ବିକାଶ ଲକ୍ଷ୍ୟକୁ ସ୍ୱୀକୃତି ଏବଂ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୂଳଲକ୍ଷ୍ୟ। ସାରା ବିଶ୍ୱର ଶିଳ୍ପ ସଂସ୍ଥାର ବିକାଶରେ ଏମ୍‌ଏସ୍‌ଏମ୍‌ଇ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଜାତିସଂଘ ପକ୍ଷରୁ କୁହାଯାଇଛି। ଏମ୍‌ଏସ୍‌ଏମ୍‌ଇ ପାଇଁ ସବୁବର୍ଗର ଲୋକ ଶିଳ୍ପଟିଏ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଚଳିତବର୍ଷ ମିଳିତ ଜାତିସଂଘର ଅର୍ଥନୈତିକ ଓ ସାମାଜିକ ବ୍ୟାପାର ସମେତ ଅନ୍ୟ ବିଭାଗ ପକ୍ଷରୁ ମିଳିତ ଭାବେ ଏକ ଭର୍ଚୁଆଲ ଇଭେଣ୍ଟ ଆୟୋଜନ କରାଯାଇଛି; ଯାହାର ନାମ 'ବିଶ୍ୱରେ ଏମ୍‌ଏସ୍‌ଏମ୍‌ଇର ଅନ୍ତର୍ଭୁକ୍ତ ଓ ସ୍ଥାୟୀ ପୁନରୁଦ୍ଧାର ଉପରେ ଗୁରୁତ୍ୱ' ବୋଲି ରଖାଯାଇଛି।

**ଫୁର୍‌ସତ୍**

# ଆଇଏସ୍‌ଏସ୍‌ରେ ଖୋଲିବ 'ଲଣ୍ଡ୍ରି'

**ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନ (ଆଇଏସ୍‌ଏସ୍)ରେ ଖୁବ୍‌ଶୀଘ୍ର ସ୍ଥାପନ ହେବ ଲଣ୍ଡ୍ରି ୟୁନିଟ୍। ଫଳରେ ମହାକାଶ ଗବେଷଣାରେ ସାମିଲ ହେଉଥିବା ମହାକାଶଚାରୀମାନେ ସେମାନଙ୍କ ପୋଷାକପତ୍ର ସହଜରେ ଧୋଇପାରିବେ। ଏ ସଂକ୍ରାନ୍ତରେ ଡିଟରଜେଣ୍ଟ କମ୍ପାନୀ ଟାଇଡ୍ ସହିତ ଆମେରିକୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ 'ନାସା' ଆଲୋଚନା କରିଛି।**



**ନୂଆଦିଲ୍ଲୀ:** ଏକବିଂଶ ଶତାବ୍ଦୀରେ ମହାକାଶ ଅଭିଯାନ ଲାଗି ବିକଶିତ ଦେଶଗୁଡ଼ିକ ଭିତରେ ଆରମ୍ଭ ହୋଇଛି ପ୍ରତିଯୋଗିତା। ରୁଷିଆ, ଚାଇନା, ଆମେରିକା ଭଳି ଦେଶ ନିଜ ନିଜର ସ୍ୱତନ୍ତ୍ର ସ୍ପେସ୍ ଷ୍ଟେଶନ ନିର୍ମାଣ କରିବା ଲାଗି ତତ୍ପରତା ଦେଖାଉଛନ୍ତି। ଫଳରେ ମହାକାଶ ଅଭିଯାନ ପୂର୍ବାପେକ୍ଷା ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଛି। ଏହାକୁ ବାଦ୍‌ଦେଲେ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନ (ଆଇଏସ୍‌ଏସ୍)ରେ ରୁଷିଆ, ଆମେରିକା, ଜାପାନ ସମେତ ଅନେକ ୟୁରୋପୀୟ ରାଷ୍ଟ୍ର ପରୀକ୍ଷା ନିରୀକ୍ଷା କରୁଛନ୍ତି। କ୍ୟାପ୍‌ସୁଲରେ ଦୀର୍ଘଦିନର ରହଣି ଭିତରେ ମହାକାଶଚାରୀମାନେ ନିଜ ପୋଷାକପତ୍ର ସଫେଇ କରିବାରେ ସମସ୍ୟା ଭୋଗୁଛନ୍ତି। ଏହାର ପ୍ରତିକାର ଲାଗି ଖୁବ୍‌ଶୀଘ୍ର ସେଠାରେ ଏକ ଲଣ୍ଡ୍ରି ୟୁନିଟ୍ ଖୋଲିବାକୁ ନାସା ପକ୍ଷରୁ ଯୋଜନା କରାଯାଉଛି। ଏଥିଲାଗି ଡିଟରଜେଣ୍ଟ କମ୍ପାନୀ ଟାଇଡ୍ ସହିତ ବୁଝାମଣା ସମ୍ପୂର୍ଣ୍ଣ ହୋଇଛି। ଏହି ଲଣ୍ଡ୍ରି ୟୁନିଟ୍ ସଫଳ ହେଲେ ମହାକାଶଚାରୀମାନେ ସେମାନଙ୍କ ପୋଷାକପତ୍ର ସୁବିଧାରେ ସଫା କରିପାରିବେ।

ମହାକାଶରେ ମହାକାଶଚାରୀଙ୍କୁ ସ୍ୱତନ୍ତ୍ର ପୋଷାକ ପରିଧାନ କରିବାକୁ ପଡ଼ିଥାଏ। ଏହାକୁ ବାଦ୍‌ଦେଲେ କ୍ୟାପ୍‌ସୁଲ ରହଣି ସମୟରେ ସେମାନେ ସାଧାରଣ ପୋଷାକ ପିନ୍ଧିଥାଆନ୍ତି। ହେଲେ ଦୀର୍ଘଦିନର ରହଣିରେ ଏହାକୁ ବାରମ୍ବାର ବ୍ୟବହାର କରିବା ଅସମ୍ଭବ। ତେଣୁ ଟନ୍ ଟନ୍ କପଡ଼ା ସଫା ହୋଇପାରି ନ ଥାଏ। ସେଗୁଡ଼ିକର ପ୍ରକ୍ରିୟାକରଣ ମଧ୍ୟ କଷ୍ଟସାଧ୍ୟ ବ୍ୟାପାର। ତେଣୁ ଉକ୍ତ ପୋଷାକ ମହାକାଶରେ ଆବର୍ଜନା ବଢ଼ାଉଛି। ଏହାର ସମାଧାନ ଲାଗି ନାସା ଟାଇଡ୍ କମ୍ପାନୀ ସହିତ ଚୁକ୍ତି କରିଛି। ଫଳରେ ଏକ ବିଶେଷ ଧରଣର ଡିଟରଜେଣ୍ଟ ପ୍ରସ୍ତୁତ କରିବା ଉପରେ କାମ ଆରମ୍ଭ ହୋଇଛି, ଯାହା ମହାକାଶଚାରୀଙ୍କ ପୋଷାକରୁ ଦାଗ ସଫା କରିବାରେ ସକ୍ଷମ ହେବ। ଚଳିତ ବର୍ଷ ଶେଷ କିମ୍ବା ଆସନ୍ତା ବର୍ଷ ପ୍ରାରମ୍ଭରେ ସ୍ପେସ୍ ଷ୍ଟେଶନରେ ଏହି ପ୍ରୟୋଗ କରାଯିବା ଆଶା ରହିଛି। ଆଇଏସ୍‌ଏସ୍‌କୁ ପଠାଯିବାକୁ ଥିବା କାର୍ଗୋରେ ଅପଘଟିତ ହୋଇପାରୁଥିବା ଡିଟରଜେଣ୍ଟ, ଦାଗ ଲିଭାଇ ପାରୁଥିବା ପେନ୍, ସଫା କରିବା ଲାଗି କପଡ଼ା ଯିବ। ଅଦ୍ୟାବଧି ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନରେ ଲଣ୍ଡ୍ରି ସୁବିଧା ନ ଥିବାରୁ ମହାକାଶଯାନରେ ୧୫୦ ପାଉଣ୍ଡର କପଡ଼ା ପଠାଇବାକୁ ପଡୁଛି। ସଫେଇ ସୁବିଧା ହେଲେ ମହାକାଶଯାନ ଉପରେ ଅତିରିକ୍ତ ଚାପ କମିଯିବ।

ସୂଚନାଯୋଗ୍ୟ, ମହାକାଶଚାରୀମାନେ ମାଂସପେଶୀ ଏବଂ ଅସ୍ଥିକୁ ସୁସ୍ଥ ରଖିବା ଲାଗି ଦୈନିକ ଦୁଇଘଣ୍ଟା କସରତ କରିଥାଆନ୍ତି। ଫଳରେ ସେମାନେ ପିନ୍ଧୁଥିବା ପୋଷାକ ଝାଳୁଆ ହୋଇ ଦୁର୍ଗନ୍ଧ ବାହାରିଥାଏ। ଧୋଇବା ସୁବିଧା ନ ଥିବାରୁ ଥରେ ପରିଧାନ କରିବା ପରେ ପୋଷାକପତ୍ରକୁ ସେମାନେ ବାଧ୍ୟ ହୋଇ ଫିଙ୍ଗିଦେଇଥାଆନ୍ତି। ତେବେ ଏହି ନୂତନ ପ୍ରୟୋଗ ପରେ ଏହି ସମସ୍ୟାର ସରଳ ସମାଧାନ ହୋଇପାରିବ ବୋଲି ନାସା ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି। ଏହା ସଫଳ ହେଲେ ଆଗାମୀ ଦିନରେ ଚନ୍ଦ୍ର ଏବଂ ମଙ୍ଗଳ ଅଭିଯାନରେ ମଧ୍ୟ ଏହାର ପ୍ରୟୋଗ କରାଯିବ। ପୃଥିବୀ ବାହାରେ ଯେକୌଣସି ଗ୍ରହ, ଉପଗ୍ରହରେ ମାନବ ଅଭିଯାନ ସମୟରେ ସ୍ୱଳ୍ପ ପାଣିରେ ପୋଷାକପତ୍ର ସଫା ହୋଇପାରିବ। ମହାକାଶରେ ଏଭଳି ଏକ ଲଣ୍ଡ୍ରି ଭବିଷ୍ୟତ ପାଇଁ ଲାଭଦାୟକ ସାବ୍ୟସ୍ତ ହେବ ବୋଲି ନାସା ପକ୍ଷରୁ କୁହାଯାଇଛି।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ (ଢେଙ୍କାନାଳ)
9999268493, 7310635591
Whatsapp No.: 9953557897

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଳେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସଲମାନଙ୍କୁ ଗାଳି କରିଥିଲେ ଆଦିତ୍ୟ




**ମୁମ୍ବାଇ:** ସଲମାନ ଖାନଙ୍କ ରାଗ କାହାକୁ ବା ଅଜଣା। ତେବେ ତାଙ୍କ ଉପରେ କିଏ ପାଟି କରିବ ଏହା ନିଶ୍ଚୟ ଆଶ୍ଚର୍ଯ୍ୟକର। ଅଭିନେତା ଆଦିତ୍ୟ ରୟ କପୁର ଥରେ ସଲମାନଙ୍କ ଉପରେ ରାଗି ଜୋର୍‌ରେ ପାଟିକରିଥିଲେ। ଶୁଟିଂ ସମୟରେ ସେ ସଲମାନଙ୍କୁ ଗାଳି କରିଥିଲେ। 'ଲଣ୍ଡନ ଡ୍ରିମ୍ସ' ଶୁଟିଂ ସମୟରେ ଆଦିତ୍ୟ ସଲମାନଙ୍କ ଉପରେ ରାଗି ଯାଇଥିଲେ। ୨୦୦୯ରେ 'ଲଣ୍ଡନ ଡ୍ରିମ୍ସ'ରେ ସଲମାନ, ଅଜୟ ଦେବଗନ, ଆଦିତ୍ୟ ଏବଂ ରଣବିଜୟ ସିଂ ପ୍ରମୁଖ ଭୂମିକାରେ ଅଭିନୟ କରିଥିଲେ। ଏହି ଫିଲ୍ମ ଦର୍ଶକଙ୍କୁ ଅଧିକ ପସନ୍ଦ ଆସି ନ ଥିଲା। ଆଦିତ୍ୟ କହିଥିଲେ ଯେ, ସେହି ଫିଲ୍ମରେ ତାଙ୍କର ଏକ ସିନ୍ ଥିଲା ଯେଉଁଥିରେ ସଲମାନଙ୍କୁ ଗାଳି କରିବାକୁ ଆଦିତ୍ୟଙ୍କୁ କୁହାଯାଇଥିଲା। ଏହି ଶଟ୍ ପାଇଁ ଆଦିତ୍ୟ ଅନେକ ରିଟେକ ନେଇଥିଲେ। ଶେଷ ଟେକ୍‌ରେ ସାହସ କରି ସଲମାନଙ୍କୁ ଗାଳି କରିଥିଲେ ବୋଲି ଆଦିତ୍ୟ କହିଛନ୍ତି। ଏହାର କିଛି ସମୟ ପରେ ଆଦିତ୍ୟ କ୍ଷମା ମାଗିଥିଲେ। କିନ୍ତୁ ସଲମାନ ହସି ହସି କହିଥିଲେ ଏହା ମଜାଦାର ଥିଲା। ଆପଣ ବହୁତ ଭଲ କରିଛନ୍ତି।

# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**
ମାଁ ତମେ ମନେ ପଡ




୰ ଲଳିତା ସାମନ୍ତରା
୧୯୪୬-୨୦୨୦
ତରଭା, ଜି: ସୋନପୁର
ମାଁ ଆଜି ତୁମର ପୂନ୍ୟ ତିଥିରେ ଆମେ ସମସ୍ତେ ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛୁ ଆମ୍ଭ ମାନଙ୍କୁ ସଦୟ ତମ ଆଶୀର୍ବାଦରେ ରଖିଥାଅ।
-: ଶୋକସନ୍ତପ୍ତ :-
ସାମନ୍ତରା ପରିବାର ଓ ବନ୍ଧୁବର୍ଗ।
ଧ-୨୦୯୫୩

**୧୩ତମ ଶ୍ରାଦ୍ଧବାର୍ଷିକୀ**



୰ବିମଳ ପ୍ରସାଦ ପଟ୍ଟନାୟକ
ଗ୍ରାମ: ଯାଆଁଳା, ଭୁବନେଶ୍ୱର
ଆବିର୍ଭାବ:୦୧।୦୭।୧୯୩୮
ତିରୋଧାନ:୦୩।୦୭।୨୦୦୭
ସମୟ ସ୍ରୋତରେ ୧୩ବର୍ଷ ବିତିଗଲାଣି। ଆପଣଙ୍କ ଅନୁପସ୍ଥିତି ତଥା ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଧାର୍ମିକ ଚିନ୍ତାଧାରାକୁ ଆମ୍ଭେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିଆସୁଛୁ। ଆପଣଙ୍କ ଆଶୀର୍ବାଦ ସର୍ବଦା ଆମ୍ଭ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। -:ଶୋକସନ୍ତପ୍ତ:- ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୬୧୯୩୦

**୨୨ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଦେବ ଦାଶ
୨୦୨୫ ମହତାବ ରୋଡ,
ପୁରୁଣା ଭୁବନେଶ୍ୱର-୨
ଆବିର୍ଭାବ: ୦୫।୦୯।୧୯୭୦
ତିରୋଧାନ: ୦୨।୦୭।୧୯୯୯
୨୨ ତମ ଶ୍ରାଦ୍ଧବାର୍ଷିକ ଦିବସ ଅବସରରେ ତୁମର ଅମ୍ଳାନ ଆତ୍ମା ବିଭୁପାଦତଳେ ଚିର ଶାନ୍ତି ଲାଭ କରୁ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବାବା ଲିଙ୍ଗରାଜଙ୍କ ନିକଟରେ ବିନୀତ ପ୍ରାର୍ଥନା।
ଶୋକସନ୍ତପ୍ତ:
ହତଭାଗା ଭାଇ, ଭାଇବୋହୂ, ମା', ଆତ୍ମୀୟ ସ୍ୱଜନ, ପରିବାର ଓ ବନ୍ଧୁବର୍ଗ।
ଧ-୨୦୯୪୨

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ମହେଶ୍ୱର ଶତପଥୀ
ଖଣ୍ଡପଡ଼ାଗଡ଼, ଢୁମ୍ବୁଢୁମା, ଭୁବନେଶ୍ୱର
ଆବିର୍ଭାବ: ୨୬।୧୦।୧୯୫୬
ତିରୋଧାନ: ୧୬।୦୬।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ଧର୍ମପତ୍ନୀ: ଜୟନ୍ତୀ, ପୁତ୍ର-ପୁତ୍ରବଧୂ: ସୁଧାଂଶୁ, ନୀଳିମା, କନ୍ୟା-ଜାମାତା: ଲିନା, ମାନସ, ନାତି: ଓଁ, ସ୍ୱୟମ୍, ବନ୍ଧୁବାନ୍ଧବ, ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ।
ଧ-୭୦୭୧୩

**ପ୍ରଥମ ଶ୍ରାଦ୍ଧବାର୍ଷିକ**



୰ସରୋଜିନୀ ମହାନ୍ତି
ହଣ୍ଡପା, ଅନୁଗୋଳ
ତୁମେ ଅଭିମାନ କରି ଆମ ସମସ୍ତଙ୍କୁ କନ୍ଦାଇ ସବୁଦିନ ପାଇଁ ଆରପାରିକୁ ଚାଲିଗଲ। ତୁମେ ଥିଲ ଦୃଢମନା, କର୍ମଠ, ସ୍ନେହୀ, ଘରର ରକ୍ଷକ ଥିଲ ତୁମେ। ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଧର୍ମପରାୟଣତା ଚିର ସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସପରିବାର ଓ ଆତ୍ମୀୟସ୍ୱଜନ।
ଧ-୨୦୯୫୨

# କ୍ୟାରିଅର ରିଜୋଲ୍ୟୁଶନ୍





ବିଦ୍ୟାର୍ଥୀ ସର୍ବଦା ଉଚ୍ଚାଭିଳାଷୀ । ନିଜ ଭବିଷ୍ୟତ ଗଠନକୁ ନେଇ ସେମାନଙ୍କ ମନରେ ଥାଏ ଅନେକ ସ୍ୱପ୍ନ । କେବେ କେବେ ପରିବେଶ ଏବଂ ପରିସ୍ଥିତି ସେମାନଙ୍କୁ ଏକ ଅନିଶ୍ଚିତ ଭବିଷ୍ୟତର କଠିନ ପରୀକ୍ଷା ମଧ୍ୟରେ ଗତି କରିବାକୁ ବାଧ୍ୟ କରେ । ହେଲେ ଏସବୁରେ ହାର୍ ନ ମାନି ଯେଉଁମାନେ ଦୃଢ଼ ମନୋବଳ ରଖି ଆଗକୁ ବଢ଼ିବାର ମାର୍ଗ ଖୋଜି ନିଅନ୍ତି, ସେମାନଙ୍କ ଲାଗି କ୍ୟାରିଅର୍‌ରେ ସଫଳତା ହାସଲ କରିବା ହୋଇଯାଏ ସହଜ...

ଦିନେ ନୁହେଁ କି ମାସେ ନୁହେଁ, ବର୍ଷେ ବିତି ଆଉ ଗୋଟିଏ ଶିକ୍ଷାବର୍ଷକୁ ପ୍ରଭାବିତ କରିଛି କରୋନା ମହାମାରୀ। ଏମିତିରେ ଦିନକୁ ଦିନ ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଉପରେ ଯେମିତି ମାଡ଼ିଯାଉଛି କଳାବାଦଲ। ସ୍କୁଲ କଲେଜ ବନ୍ଦ ସାଙ୍ଗକୁ ପରୀକ୍ଷା ନ ହେବା ଅନେକଙ୍କୁ କରିଛି ପ୍ରଭାବିତ। ତା'ଛଡ଼ା ବିନା ପରୀକ୍ଷାରେ ଯୁକ୍ତ ୨ ଏବଂ ମାଟ୍ରିକ୍ ପରୀକ୍ଷାର ରେଜଲ୍ଟକୁ ନେଇ ମଧ୍ୟ ଅସନ୍ତୁଷ୍ଟ ଅନେକେ। ସେହିପରି ଯୁକ୍ତ ୩, ପିଜି, ଅନ୍ୟାନ୍ୟ ହାୟର ଷ୍ଟଡି ହେଉ କିମ୍ବା ବିଭିନ୍ନ ଜବ୍ ଇଣ୍ଟରଭ୍ୟୁ ଲାଗି ପ୍ରସ୍ତୁତ ହେଉଥିବା ଯୁବତୀଯୁବକମାନେ ନିଜ ଭବିଷ୍ୟତକୁ ନେଇ ଚିନ୍ତାରେ। ହେଲେ ଏଭଳି ପରିସ୍ଥିତିରେ ଅଳସୁଆମି କରିବା କିମ୍ବା ନିଜ ଲକ୍ଷ୍ୟପଥରୁ ଓହରିଯିବା ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ। ତେଣୁ ନିଜ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ଲାଗି ଏକ କ୍ୟାରିଅର ରିଜୋଲ୍ୟୁଶନ୍ ରହିବା ନିହାତି ଆବଶ୍ୟକ...

**ମାନସିକସ୍ତରରେ ସୁଦୃଢ଼ ହୁଅନ୍ତୁ:** କୌଣସି ପରିସ୍ଥିତିରେ ବ୍ୟସ୍ତ ବିବ୍ରତ ନ ହୋଇ ନିଜକୁ ମାନସିକ ସ୍ତରରେ ସୁଦୃଢ଼ କରନ୍ତୁ। ପାଠପଢ଼ା ଏବଂ ନିଜ କ୍ୟାରିଅର୍‌କୁ ଫୋକସ୍ କରନ୍ତୁ। କାରଣ ମନୋବଳ ଦୃଢ଼ ହେଲେ ହିଁ ଆପଣ ସଫଳତା ହାସଲ କରିପାରିବେ, ସେଥିରେ ସନ୍ଦେହ ନାହିଁ।

**ସାଧନା ଜାରି ରଖନ୍ତୁ:** ଦୀର୍ଘଦିନ ଧରି ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ଥିବାରୁ ଅଧିକାଂଶଙ୍କର ଦୈନିକ ପଢ଼ିବା ଏବଂ ବିଭିନ୍ନ ଜବ୍ ପାଇଁ ପ୍ରସ୍ତୁତି ହେବାର ସମୟସୀମା ଏବଂ ପରିଶ୍ରମ ବହୁମାତ୍ରାରେ ହ୍ରାସ ହୋଇଯାଇଛି। ଘରେ ରହି ଟିଭି, ମୋବାଇଲ୍ ଆଦିରେ ସମୟ ବିତାଇବା ସହ ଶୋଇବା-ଉଠିବାର ରୁଟିନ୍ ବି ବଦଳିଯାଇଛି। ହେଲେ କ୍ୟାରିଅର୍‌କୁ ମଜଭୁତ୍ କରିବାକୁ ଚାହୁଁଥିଲେ ଘରେ ଥାଇ ମଧ୍ୟ ଦିନକୁ ଅତିକମ୍‌ରେ ୭-୮ ଘଣ୍ଟା ପଢ଼ନ୍ତୁ। ବର୍ତ୍ତମାନ ବିଭିନ୍ନ ଅର୍ଗାନାଇଜେଶନ୍ ପକ୍ଷରୁ ଶର୍ଟଟର୍ମ ଅନ୍‌ଲାଇନ୍ କୋର୍ସ ମଧ୍ୟ କରାଯାଉଛି। ସୋସିଆଲ୍ ସାଇଟ୍, ଭିଡିଓ ଗେମ୍ ଆଦିରେ ଅଧିକ ସମୟ ନ ବିତାଇ ଏଭଳି ଅନ୍‌ଲାଇନ୍ କ୍ଲାସ୍ ଜଏନ୍ କଲେ ଉପକୃତ ହୋଇପାରିବେ। ମନେ ରଖନ୍ତୁ ଥରେ କମ୍ଫର୍ଟ ଜୋନ୍‌ରୁ ବାହାରି ପୁନର୍ବାର ନିଜ ସାଧନା ଜାରି ରଖିଲେ କ୍ୟାରିଅର୍ ସଫଳତା ପାଇବା ସହଜ ହୋଇଯିବ।

**ନିଜକୁ ଅପ୍‌ଡେଟ୍ କରନ୍ତୁ:** ନିଜର ଭବିଷ୍ୟତ ଲକ୍ଷ୍ୟ କ'ଣ ଏବଂ ଏହାକୁ ହାସଲ କରିବାକୁ ହେଲେ ଆପଣଙ୍କୁ କ'ଣ ସବୁ କରିବାକୁ ହେବ ସେ ଦିଗରେ ନିଜକୁ ସର୍ବଦା ଅପ୍‌ଡେଟ୍ ରଖନ୍ତୁ। ପାଠ ପଢା ଦିଗରେ କେବେ ଅନ୍‌ଲାଇନ୍ କ୍ଲାସ୍, ପରୀକ୍ଷା, ନୂଆ ଆଡ୍‌ମିଶନ୍ ଆଦି ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରତିଟି ଖବର ଜାଣନ୍ତୁ। ଠିକ୍ ସେହିପରି ଜବ୍ କ୍ଷେତ୍ରରେ କେଉଁଠାରେ କେଉଁ ପୋଷ୍ଟ ବାହାରୁଛି, ଏହାର ଫର୍ମ, ଇଣ୍ଟରଭ୍ୟୁ ସମୟ ଆଦି ମଧ୍ୟ ଭଲ ଭାବେ ଜାଣି ରଖନ୍ତୁ।

**ଜ୍ଞାନର ପରିସର ବୃଦ୍ଧି କରନ୍ତୁ:** ମଣିଷ ଯେତେ ଅଧିକ ଶିଖିବ, ସେତେ ଅଧିକ ଆଗକୁ ବଢ଼ିବା ସହଜ ହେବ। ତେଣୁ ବର୍ତ୍ତମାନ ସମୟକୁ ଆଦୌ ଅଯଥାରେ ନଷ୍ଟ ନ କରି ନିଜର ଜ୍ଞାନର ପରିସର ବୃଦ୍ଧି କରିବାକୁ ଚେଷ୍ଟା କରନ୍ତୁ। ଏଥିପାଇଁ ବର୍ତ୍ତମାନ ଇଣ୍ଟରନେଟ୍ ଏକ ବଳିଷ୍ଠ ମାଧ୍ୟମ। ଆପଣ ଚାହିଁଲେ ନିଜ କ୍ୟାରିଅର୍ ସ୍ୱପ୍ନ ସାକାର କରିବା ଲାଗି କ'ଣ କରିବା ଆବଶ୍ୟକ ସେ ସମ୍ପର୍କରେ ବିଭିନ୍ନ କ୍ୟାରିଅର୍ କାଉନ୍ସିଲରଙ୍କ ମତାମତ ବି ଅନ୍‌ଲାଇନ୍‌ରେ ନେଇପାରିବେ। ଯାହାକି ଆପଣଙ୍କୁ ନିଜକୁ ଏଥିପାଇଁ ପ୍ରସ୍ତୁତ କରିବା ସରଳ ହୋଇପାରିବ।



ଚନ୍ଦନ



ଜ୍ୟୋତିର୍ମୟୀ



ସୁମିତ୍ରା

## କ'ଣ କରନ୍ତି ଏମାନେ...

**ରହୁଛି କ୍ୟାରିଅର୍ ଚିନ୍ତା:** ବର୍ତ୍ତମାନ ମୁଁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ମନସ୍ତତ୍ତ୍ୱ ବିଜ୍ଞାନର ଶେଷ ବର୍ଷ ଛାତ୍ରୀ। କଟକରେ ରହି ପଢ଼ା ସହ ବିଭିନ୍ନ କମ୍ପିଟେଟିଭ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲି। ହେଲେ କରୋନା ପାଇଁ କଲେଜ ବନ୍ଦ ହେବା ପରେ ପଢ଼ାରେ ଅନେକ ଅସୁବିଧା ହେଉଛି। ସମ୍ପୂର୍ଣ୍ଣ ଘରେ ରହିବା ଯୋଗୁ ପଢ଼ା ରୁଟିନ୍‌ରେ କିଛିମାତ୍ରାରେ ଅବହେଳା ହୋଇଯାଇଛି। ହେଲେ ପରିସ୍ଥିତି ସହ ତାଳ ମିଳାଇ ଚଳିବାକୁ ହେବ। ତେଣୁ ନିଜ କ୍ୟାରିଅର୍ ପାଇଁ ଚିନ୍ତା ରହୁଥିବାରୁ ଘରେ ରହି ପ୍ରିପାରେଶନ ଚଳାଇଛି। ବର୍ତ୍ତମାନ ମାର୍କେଟ୍ ବନ୍ଦ ଥିବାରୁ କମ୍ପିଟେଟିଭ ବହି କିଣି ହେଉନାହିଁ। ତେଣୁ ସାଙ୍ଗମାନେ ପରସ୍ପରର ବହି ଅଦଳ ବଦଳ କରି ପଢୁଛୁ। ଏହା ବ୍ୟତୀତ ଅନ୍‌ଲାଇନ୍ କ୍ଲାସ୍‌ର ମଧ୍ୟ ସାହାଯ୍ୟ ନେଉଛି। ଆଗକୁ ବିଭିନ୍ନ ସ୍ତରରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବାର ସମ୍ଭାବନା ରହିଛି। ତେଣୁ ପଢ଼ାରେ ଅବହେଳା ନ କରିବା ପ୍ରତି ସର୍ବଦା ଯତ୍ନଶୀଳ ରହୁଛି।

– **ସୁମିତ୍ରା ଦଳେଇ**, ପୁରୀ



**ଭଲ ମିଳିବାର ଆଶା ରହିଛି:** ଏକ ଭଲ କ୍ୟାରିଅର୍ ଗଢ଼ିବାକୁ ସମସ୍ତଙ୍କର ଲକ୍ଷ୍ୟ ଥାଏ। ହେଲେ ଏହି ମାର୍ଗ ଏତେ ସହଜ ନୁହେଁ, କାରଣ ଏଥିରେ ଅନେକ ବାଧାବିଘ୍ନ ଆସେ। ଠିକ୍ ଯେମିତି ବର୍ତ୍ତମାନ କରୋନା ପାଇଁ ପ୍ରାୟ ଦୁଇ ବର୍ଷ ହେବ ଶିକ୍ଷା କ୍ଷେତ୍ରରୁ ଆରମ୍ଭ କରି ଜବ୍ ପର୍ଯ୍ୟନ୍ତ ସବୁଥିରେ ଅସୁବିଧା ହେଉଛି। ନିଜ କଥା କହିବି, ବ୍ୟାଙ୍କିଙ୍ଗ୍ ପାଇଁ ପ୍ରସ୍ତୁତି ଚଳାଇଥିଲି, ଏଥିପାଇଁ କୋଚିଂ ବି ନେଉଥିଲି। ହେଲେ ଗତବର୍ଷଠାରୁ ଏସବୁ କରୋନା ଲାଗି ବନ୍ଦ ହୋଇଯିବା ଫଳରେ ମାନସିକ ସ୍ତରରେ ଏହା ଖୁବ୍ ପ୍ରଭାବିତ କରିଥିଲା। ସମୟ ବଢ଼ି ଚାଲିବା ସହ କ୍ୟାରିଅର୍ ଚିନ୍ତା ମଧ୍ୟ ବଢ଼ିଲା। ତେଣୁ ଘରେ ନ ବସି ଏକ ଅନ୍‌ଲାଇନ୍ କୋର୍ସ କରିବାର ନିଷ୍ପତ୍ତି ନେଇ ଏମ୍‌ସିଏ ପଢ଼ା ଆରମ୍ଭ କଲି। ବର୍ତ୍ତମାନ ପ୍ରଥମ ସେମିଷ୍ଟର୍ ଶେଷ ହୋଇ ସାରିଛି, ପଢ଼ା ସରିବା ବେଳକୁ କରୋନା ପରିସ୍ଥିତି ସୁଧୁରିଯାଇଥିବ ଏବଂ ସଫ୍ଟୱେର୍ ଫିଲ୍ଡରେ ଭଲ ଜବ୍‌ଟିଏ ମିଳିବ ବୋଲି ଆଶା ରହିଛି।

– **ଚନ୍ଦନ ମିର୍‌କାପ୍** (ଚନରପୁର, ଜଗତସିଂହପୁର)

**ଉଦ୍ୟମ ଜାରିରଖିବା ଆବଶ୍ୟକ:** ବିଭିନ୍ନ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଲେ ମଧ୍ୟ ମଣିଷ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଉଦ୍ୟମ ଜାରି ରଖିବା ଆବଶ୍ୟକ। କରୋନାରେ ଅର୍ଥନୀତି ସହ ଶିକ୍ଷା ବ୍ୟବସ୍ଥା ମଧ୍ୟ ବିଶେଷ ଭାବେ ପ୍ରଭାବିତ ହୋଇଛି। ଦୀର୍ଘଦିନ ଧରି ସ୍କୁଲ, କଲେଜ ସହ କୋଚିଂ ସେଣ୍ଟର ଭଳି ବିଭିନ୍ନ ଶିକ୍ଷାକେନ୍ଦ୍ର ବନ୍ଦ ଥିବାରୁ ବିଦ୍ୟାର୍ଥୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ମୋର ଆଡ୍‌ମିନିଷ୍ଟ୍ରେଟିଭ୍ ସର୍ଭିସ୍‌ରେ ଯୋଗଦେବାକୁ ଇଚ୍ଛା ଥିବାରୁ ଏଥିପାଇଁ କୋଚିଂ ନେଉଥିଲି। ବର୍ତ୍ତମାନ କୋଚିଂ ସେଣ୍ଟର ବନ୍ଦ ଥିବାରୁ ଘରେ ରହି ଅନ୍‌ଲାଇନ୍ କ୍ଲାସ୍ କରୁଛି। ଯେକୌଣସି ସମୟରେ ଅନ୍‌ଲାଇନ୍ ଅବା ଅଫ୍‌ଲାଇନ୍ ପରୀକ୍ଷା ହେଲେ ଯେପରି ନିଜର ବେଷ୍ଟ ଦେଇପାରିବି ସେଥିପାଇଁ ପ୍ରସ୍ତୁତି ଚଳାଇଛି। ଦୃଢ଼ ମନ, ଏକାଗ୍ରତା ଓ ପରିଶ୍ରମ କଲେ ଲକ୍ଷ୍ୟ ହାସଲ କରିବା ସହଜ ବୋଲି ମୋର ବିଶ୍ୱାସ।

– **ଜ୍ୟୋତିର୍ମୟୀ ପଣ୍ଡା**(ପୁରୀ)



## ଏ ସପ୍ତାହର ପ୍ରଶ୍ନ

୧– ପୃଥିବୀର ପ୍ରଥମ କାଠ ସାଟେଲାଇଟ୍‌ର ନାମ........... ଏବଂ ଏହା ............. ଦେଶ ଉଦ୍ଭାବନ କରିଛି ?
୨– କୋଭିଡ୍‌ରେ ଏକମାତ୍ର ରୋଜଗାରକ୍ଷମ ସଦସ୍ୟଙ୍କ ମୃତ୍ୟୁ ହୋଇଥିବା ବିପିଏଲ୍ ପରିବାରକୁ ୧ଲକ୍ଷ ଟଙ୍କା ସହାୟତା ରାଶି ଯୋଗାଇଦେବାକୁ .............. ରାଜ୍ୟ ଘୋଷଣା କରିଛି ?
୩– ୟେଲୋ ଗୋଲ୍ଡ ୪୮ ଏକ ପ୍ରକାରର.................. ?
୪– ଭାରତର ପ୍ରଥମ ପବ୍ଲିକ୍ ଇଲେକ୍ଟ୍ରିକ୍ ଗାଡ଼ିର ନାମ............. ?
୫– 'ପଥେର ପାଞ୍ଚାଲୀ' ଉପନ୍ୟାସ.......................ଙ୍କ ଆତ୍ମଜୀବନୀ।

## ଗତ ଥରର ଉତ୍ତର

୧ ମଧ୍ୟପ୍ରଦେଶ
୨ ଇସ୍ରାଏଲ୍
୩ ୧୫
୪ ପ୍ରଧାନମନ୍ତ୍ରୀ ଆବାସ ଯୋଜନା
୫ ସ୍ୱାନିଶ୍

## ଉତ୍ତରଦାତା



ପ୍ରେମସାଗର ବଳବନ୍ତରା, ଖୋର୍ଦ୍ଧା



ଦିବାକର ବେହେରା, ଭଦ୍ରକ



ସଂଗ୍ରାମ କେଶରୀ ସାହୁ, ନୟାଗଡ଼



ବିକାଶ କୁମାର ସାହୁ, ନୟାଗଡ଼

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ଶକ୍ତ ଧାତୁ



୧......... ଟଙ୍ଗ୍‌ଷ୍ଟନ୍
୨......... କ୍ରୋମିଅମ୍
୩......... ଟିଟାନିଅମ୍
୪......... ଗୋଡାଲିନିଅମ୍
୫......... ଆଇରନ୍
୬......... ଭାନାଡିଅମ୍
୭......... ଲୁଟେଟିଅମ୍
୮......... ଜିର୍କୋନିଅମ୍
୯......... ଓସ୍ମିଅମ୍
୧୦......... ଟାଣ୍ଟଲମ୍

**ଜାଣନ୍ତୁ ଦୁନିଆ**

# ଅଙ୍ଗକୋର୍ ୱାଟ୍ ମନ୍ଦିର

ଆମ ଦେଶରେ ପ୍ରତିଟି କୋଣ ଅନୁକୋଣରେ ରହିଛି ଅନେକ ଛୋଟ ବଡ଼ ମନ୍ଦିର । ହେଲେ ଆପଣ ଜାଣନ୍ତି କି, ପୃଥିବୀର ସବୁଠାରେ ବଡ଼ ହିନ୍ଦୁ ମନ୍ଦିର ରହିଛି କମ୍ବୋଡିଆଠାରେ, ଯାହାର ନାମ ଅଙ୍ଗକୋର ୱାଟ୍ । ଆସନ୍ତୁ ଜାଣିବା ଏହା ସମ୍ପର୍କରେ କିଛି ରୋଚକ ତଥ୍ୟ...



➡ କମ୍ବୋଡିଆର ସିମ୍ ରିପ୍ ସହରରେ ମିକାଙ୍ଗ୍ ନଦୀ ତଟରେ ରହିଛି ୪୦୦ ଏକର ପରିମିତ ଏହି ଦୀର୍ଘ ଭବ୍ୟ ମନ୍ଦିର, ଯାହାକି ପୃଥିବୀର ସବୁଠାରୁ ବଡ଼ ମନ୍ଦିରର ମାନ୍ୟତା ପାଇଛି।

➡ ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିରର ପ୍ରକୃତ ନାମ ବରାହ ବିଷ୍ଣୁଲୋକ କିମ୍ବା ପରମ ବିଷ୍ଣୁଲୋକ ହୋଇଥିଲେ ହେଁ ଏହା ଅଙ୍ଗ୍‌କୋର ୱାଟ୍ ନାମରେ ବିଶ୍ୱପ୍ରସିଦ୍ଧ। କମ୍ବୋଡିଆ ଭାଷାରେ ଅଙ୍ଗ୍‌କୋର ଅର୍ଥ ସହର ଏବଂ ୱାଟ୍ ଅର୍ଥ ମନ୍ଦିର। ଅର୍ଥାତ୍ ଅଙ୍ଗ୍‌କୋର୍ ୱାଟ୍ ହେଉଛି ମନ୍ଦିରର ସହର।

➡ ୟୁନେସ୍କୋର ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ରେ ୧୯୯୨ରେ ସ୍ଥାନ ପାଇଛି।

➡ କୁହାଯାଏ ଏହି ମନ୍ଦିର ନିର୍ମାଣ କରିବାରେ ପ୍ରାୟ ୩,୦୦,୦୦୦ରୁ ଊର୍ଦ୍ଧ୍ୱ ଶିଳ୍ପୀ ଏବଂ ୧୦୦୦ରୁ ଊର୍ଦ୍ଧ୍ୱ ହାତୀ ନିଯୁକ୍ତ ହୋଇଥିଲେ।

➡ କମ୍ବୋଡିଆରେ ପ୍ରାୟ ୨୭ ଜଣ ଭାରତୀୟ ଶାସକଙ୍କ ଶାସନ ରହିଥିଲା। ଯାହାଙ୍କ ମଧ୍ୟରେ କେତେକ ହିନ୍ଦୁ ହୋଇଥିବା ବେଳେ ଅନ୍ୟମାନେ ବୌଦ୍ଧଧର୍ମୀ ଥିଲେ। ତେଣୁ ଏହି ମନ୍ଦିରରେ ବିଶାଳକାୟ ଉଭୟ ହିନ୍ଦୁ ଏବଂ ବୌଦ୍ଧମୂର୍ତ୍ତି ଦେଖିବାକୁ ମିଳେ।

➡ ଖମେର ବାସ୍ତୁକଳାର ଶାସ୍ତ୍ରୀୟ ଶୈଳୀର ସବୁଠାରୁ ଭଲ ଉଦାହରଣ ଦେଖିବାକୁ ମିଳେ ଏହି ମନ୍ଦିରର ପ୍ରତ୍ୟେକ କଳାକୃତିରେ।

➡ ୧୯୮୩ ମସିହାରେ ଏହି ମନ୍ଦିରକୁ ରାଷ୍ଟ୍ରୀୟ ସମ୍ମାନ ସ୍ୱରୂପ କମ୍ବୋଡ଼ିଆ ରାଷ୍ଟ୍ରୀୟ ପତାକାରେ ସ୍ଥାନ ଦିଆଯାଇଛି।

➡ ଏହି ମନ୍ଦିରର ଅନେକ କାନ୍ଥରେ ରାମାୟଣ ଏବଂ ମହାଭାରତ ଆଦି ହିନ୍ଦୁ ଧର୍ମଗ୍ରନ୍ଥ ଖୋଦେଇ ହୋଇଥିବାର ଦେଖିବାକୁ ମିଳେ।



**ୟୁଥ୍ ଆଲର୍ଟ**

# ଯୁବାବସ୍ଥାରେ କରୋନା ସତର୍କତା

ବର୍ତ୍ତମାନ ମହାମାରୀ କରୋନାର ଭୟାବହ ବାତାବରଣ ଭିତରେ ଯୁବଗୋଷ୍ଠୀର ଯନ୍ତ୍ରଣା ବିହୀନ ନୀରୋଗ ଜୀବନ ଓ ଉତ୍ତମ ସ୍ୱାସ୍ଥ୍ୟରକ୍ଷା ପାଇଁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେବେ ଏଥିପାଇଁ କ'ଣ କରିବା ଆବଶ୍ୟକ ଜାଣି ରଖନ୍ତୁ ସେ ସମ୍ପର୍କରେ...





➔ ସର୍ବପ୍ରଥମେ ଦିନଚର୍ଯ୍ୟା ତଥା ଜୀବନଶୈଳୀ ଠିକ୍ କରିବା ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ସକାଳୁ ଉଠି ନିତ୍ୟକର୍ମ ସାରି କଅଁଳ ସୂର୍ଯ୍ୟକିରଣରେ କିଛି ସମୟ ଯୋଗ, ବ୍ୟାୟାମ କରନ୍ତୁ। ଏହା ମନ, ମସ୍ତିଷ୍କକୁ ଚାପମୁକ୍ତ ରଖିବା ସହ ଶରୀରକୁ ଫିଟ୍ ରଖିବାରେ ସାହାଯ୍ୟ କରିଥାଏ। ସକାଳ ୭-୮ଟା ମଧ୍ୟରେ ଜଳଖିଆ ଖାଆନ୍ତୁ।

➔ ତେଲ, ମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ ଆଦି ନ ଖାଇ ସୁଷମ ଖାଦ୍ୟ ବିଶେଷକରି ଘରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ। ପ୍ରତିଦିନ ଖାଦ୍ୟ ତାଲିକାରେ ତଟକା ପନିପରିବା, ଋତୁଭିତ୍ତିକ ପରିବା, ଫଳ ଆଦିକୁ ସାମିଲ କରନ୍ତୁ। ଏସବୁରେ ଥିବା ପଲିଫିନୋଲାସ୍, ଫ୍ଲାବୋନଏଡ୍ସ, ଆଣ୍ଟି ଅକ୍ସିଡାଣ୍ଟ, ବିଟା କେରୋଟିନ୍, ବିଭିନ୍ନ ଭିଟାମିନ୍ସ, ମିନେରାଲ୍ସ ଆଦି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଲାଗି ବେଶ୍ ଉପକାରୀ। ରାତ୍ର ଭୋଜନରେ ଆମିଷ ନ ଖାଇବା ଭଲ।

➔ ଧୂମପାନ ଏବଂ ଆଲକହଲ୍ ସେବନଠାରୁ ସମ୍ପୂର୍ଣ୍ଣ ଦୂରେଇ ରୁହନ୍ତୁ।

➔ ହାତକୁ ଭଲ ଭାବେ ଧୁଅନ୍ତୁ। ଗରମ ଲୁଣ ପାଣିରେ କୁଳି କରନ୍ତୁ। ପୁଦିନାପତ୍ର, ଜୁଆଣି, ପିପରମେଣ୍ଟ ପକାଇ ପାଣି ଫୁଟାଇ ଷ୍ଟିମ୍ ନିଅନ୍ତୁ।

➔ ୫ଟି ତୁଳସୀପତ୍ର, ୩ଟି ଗୋଲମରିଚ, ୫ଗ୍ରାମ୍ ଅଦା ବା ଶୁଣ୍ଠି, ୧ଟି ପିପ୍ପଳି, ଗୁଡୁଚି, ଖଣ୍ଡେ ଡାଲଚିନି, ହଳଦୀ, ୩ ଗ୍ରାମ୍ ଅଶ୍ୱଗନ୍ଧା ମିଶାଇ ଗୁଣ୍ଡକରି ପାଣିରେ ଫୁଟାଇ କାଢା ପ୍ରସ୍ତୁତ କରି ଏକ କପ୍ ଲେଖାଏ ଦିନକୁ ୩ ଥର ପିଅନ୍ତୁ।

➔ ୧ ଗ୍ଲାସ୍ କ୍ଷୀର ସହ ୧୦ ଗ୍ରାମ୍ ହଳଦୀଗୁଣ୍ଡ ମିଶାଇ ପିଅନ୍ତୁ।

➔ ସର୍ବୋପରି ସାମାଜିକ ଦୂରତା ରକ୍ଷାକରିବା, ମାସ୍କ ପିନ୍ଧିବା, ନିହାତି ଆବଶ୍ୟକ ନ ଥିଲେ ଘରୁ ନ ବାହାରିବା ଭଳି ବିଭିନ୍ନ ନିୟମାବଳୀ ମାନିବା ଆବଶ୍ୟକ।

– **ଡା. ସ୍ୱପ୍ନେଶ୍ୱର ପଣ୍ଡା**
ରାଜବୈଦ୍ୟ

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା: ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୨୭ ଜୁନ୍, ୨୦୨୧ Bhubaneswar, Sunday, June 27/2021


# ଭାରତ-ଇଂଲଣ୍ଡ ପ୍ରଥମ ମହିଳା ଦିନିକିଆ ଆଜି

## ପଦାର୍ପଣ କରିବେ ଶେଫାଳୀ

ବ୍ରିଷ୍ଟଲ,୨୬ା୬(ପି.ଟି.)

ଇଂଲଣ୍ଡ ଓ ଭ୍ରମଣକାରୀ ଭାରତୀୟ ମହିଳା ଦଳ ମଧ୍ୟରେ ଆରମ୍ଭ ହେବାକୁ ଯାଉଛି ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ। ସ୍ଥାନୀୟ କାଉଣ୍ଟି ଗ୍ରାଉଣ୍ଡରେ ରବିବାର ପ୍ରଥମ ଦିନିକିଆ ମୁକାବିଲା ଖେଳାଯିବ। ଟିନ୍ ବ୍ୟାଟିଂ ସେନସେସନ ଶେଫାଳୀ ବର୍ମା ଦିନିକିଆ ଫର୍ମାଟରେ ପଦାର୍ପଣ କରିବେ। ଟି୨୦ ଓ ଟେଷ୍ଟରେ ନିଜର ପ୍ରତିଭା ତଥା ଦକ୍ଷତା ପ୍ରମାଣ କରିବା ପରେ ସେ ଏବେ ଦିନିକିଆରେ ବି ଦମ୍ ଦେଖାଇବେ ବୋଲି ଆଶା କରାଯାଉଛି।

ମାତ୍ର ୧୭ ବର୍ଷରେ ଶେଫାଳୀ ବିଶ୍ୱ କ୍ରିକେଟର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ପର୍ଯ୍ୟନ୍ତ ସେ ୨୨ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। କିନ୍ତୁ ଗତ ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ଦିନିକିଆ ସିରିଜରେ ଆଶ୍ଚର୍ଯ୍ୟଜନକ ଭାବେ ତାଙ୍କୁ ଦଳରେ ସାମିଲ କରାଯାଇ ନ ଥିଲା। ଫଳରେ ଭାରତ ଏହାର ପରିଣାମ ମଧ୍ୟ ଭୋଗିଥିଲା। ଭାରତ ଏହି ସିରିଜ ଦକ୍ଷିଣ ଆଫ୍ରିକାଠାରୁ ୧-୪ରେ ହାରିଥିଲା। ଶେଫାଳୀ ବାଦ୍ ପଡିବା ନେଇ ସେତେବେଳେ ଚର୍ଚ୍ଚା ଜୋର ଧରିଥିଲା। କିନ୍ତୁ ଏବେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ତାଙ୍କ ଗୁରୁତ୍ୱ ହୃଦୟଙ୍ଗମ କରିଛି। ଗତ ସପ୍ତାହରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟରେ ସେ ପଦାର୍ପଣ କରି ପ୍ରଥମ ଇନିଂସରେ ୯୬ ଓ ଦ୍ୱିତୀୟ ଇନିଂସରେ ୬୩ ରନ ସଂଗ୍ରହ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବଡ଼ ଶଟ୍ ମାରିବାର କ୍ଷମତା ଶେଫାଳୀଙ୍କଠାରେ ରହିଛି ଓ ସେ ଭାରତୀୟ ଦଳ ପାଇଁ ଏବେ ଅପରିହାର୍ଯ୍ୟ ହୋଇପଡିଛନ୍ତି। ଉପ ଅଧିନାୟିକା ହରମନପ୍ରୀତ କୌରଙ୍କ ସମେତ ଅନ୍ୟ ତାରକା ଖେଳାଳିମାନେ ମଧ୍ୟ ଶ୍ରେଷ୍ଠ ଫର୍ମରେ ନାହାନ୍ତି। ପୁନମ ରାଉତ ରକ୍ଷଣାତ୍ମକ ଖେଳିଆନ୍ତି। ଅଭିଜ୍ଞ ଅଧିନାୟିକା ମିଥାଲି ରାଜ ଟପ୍ ଅର୍ଡରରେ ବ୍ୟାଟିଂ କରିବେ। ଶେଫାଳୀ ଆଶାନୁରୂପ ପ୍ରଦର୍ଶନ କଲେ ଭାରତ ଆଭରେଜ ସ୍କୋର ୨୦୦ ଓ ୨୩୫ରୁ ୨୪୦ ପର୍ଯ୍ୟନ୍ତ ବିଜୟ ସୂଚକ ସ୍କୋର ହାସଲ କରିପାରିବ। ଟେଷ୍ଟ ପଦାର୍ପଣରେ ଶେଫାଳୀ ଇଂଲଣ୍ଡ ବୋଲର ଅନ୍ୟ ଶ୍ରୁବୋନସ୍‌ଲେ, କାଥେରାଇନ ବ୍ରଣ୍ଟ, କେଟ କ୍ରସ, ନାଟ୍ ସ୍କିଭର ଓ ସୋଫି ଏକ୍‌ଲେଷ୍ଟୋନଙ୍କୁ ଜବରଦସ୍ତ ଧୂଳାଇ କରିଥିଲେ। ଶେଫାଳୀଙ୍କୁ ରୋକିବାକୁ ଇଂଲଣ୍ଡ ନିଶ୍ଚୟ ପ୍ରୟାସ କରିବ।



ଭାରତ ଟିମ୍ କମ୍ବିନେଶନ ଉପରେ ଭାରତ ଧ୍ୟାନ ଦେବ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜର ଭୁଲକୁ ଦୋହରାଇବ ନାହିଁ ବୋଲି ଆଶା କରାଯାଉଛି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦ୍ରୁତ ବୋଲର ପ୍ରିୟା ପୁନିଆ ଭଲ ପ୍ରଦର୍ଶନ କରିଥିଲେ। ସେହିପରି ଉଇକେଟକିପର- ବ୍ୟାଟର ଇନ୍ଦ୍ରାଣୀ ରୟ ମଧ୍ୟ ଭଲ ଖେଳିବେ ବୋଲି ଆଶା କରାଯାଉଛି। ସ୍ମୃତି ମାନ୍ଧନା ଓ ଶେଫାଳୀ ଇନିଂସ ଓପନ କଲେ ପୁନମ୍ ରାଉତ ୩ ନମ୍ବରରେ ବ୍ୟାଟିଂ କରିବେ। ଏହାପରେ ଅଧିନାୟିକା ଓ ଉପଅଧିନାୟିକା ବ୍ୟାଟିଂ କରିବାକୁ ଆସିବେ। ଏପରି ସ୍ଥଳେ ଇନ୍ଦ୍ରାଣୀଙ୍କୁ ଅପେକ୍ଷା କରିବାକୁ ପଡିବ। ଅଲରାଉଣ୍ଡର ଦୀପ୍ତି ଶର୍ମା ୬ ନମ୍ବରରେ ବ୍ୟାଟିଂ କରିବେ। ଏହାପରେ ଇନ୍ଦ୍ରାଣୀ କିମ୍ବା ତାନିୟା ଭାଟିୟା ବ୍ୟାଟିଂ କରିବେ।

ବୋଲିଂରେ ଝୁଲଣ ଗୋସ୍ୱାମୀଙ୍କ ସହ ଶିଖା ପାଣ୍ଡେ, ପୂଜା ବସ୍ତ୍ରକାର ଓ ଅରୁନ୍ଧତି ରେଡ୍ଡୀ ଦାୟିତ୍ୱରେ ରହିବେ। ସ୍ପିନର ଭାବେ ଏକତା ବିଷ୍ଟ କିମ୍ବା ରାଧା ଯାଦବ ଖେଳିବାର ସମ୍ଭାବନା ରହିଛି।

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୩.୩୦**
**ସ୍ଥାନ: କାଉଣ୍ଟି ଗ୍ରାଉଣ୍ଡ, ବ୍ରିଷ୍ଟଲ**
**ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟ୍‌ୱର୍କ**

## ୟୁରୋକପ୍ ଫୁଟବଲ: କ୍ୱାର୍ଟରରେ ଡେନମାର୍କ

ଆମଷ୍ଟରଡାମ ୨୬ା୬

ୟୁରୋକପ୍ ଫୁଟବଲ ଟୁର୍ନାମେଣ୍ଟରେ ଡେନମାର୍କ ପ୍ରଥମ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ସ୍ଥାନୀୟ ଆମଷ୍ଟରଡାମ ଏରିନାରେ ଅନୁଷ୍ଠିତ ରାଉଣ୍ଡ ଅଫ୍ ୧୬ ପର୍ଯ୍ୟାୟର ପ୍ରଥମ ମୁକାବିଲାରେ ଡେନମାର୍କ ୪-୦ ଗୋଲରେ ୱେଲ୍ସକୁ ହରାଇ ଦେଇଛି। ଦଳ ତରଫରୁ ୨୩ ବର୍ଷୀୟ ତାରକା ଫରଓ୍ୱାର୍ଡ କାସ୍ପର ଡୋଲବର୍ଗ ୨୭ ଓ ୪୮ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହାପରେ ୮୮ତମ ମିନିଟ୍‌ରେ ଜୋଆକିମ ମାହେଲ ଗୋଲ ଦେଇଥିଲେ। ଶେଷ ମୁହୂର୍ତ୍ତରେ ଇଞ୍ଜୁରି ଟାଇମ୍‌ର ଚତୁର୍ଥ ମିନିଟ୍‌ରେ ମାର୍ଟିନ ବ୍ରାଥ୍‌ୱେଟ୍ ଗୋଲ ଦେଇ ଡେନମାର୍କକୁ ୪-୦ ଗୋଲରେ ଜିତାଇଥିଲେ। ଡେନମାର୍କ ପ୍ରଭାବ ବିସ୍ତାର କରି ଖେଳିଥିଲା।

## ଟୁର ଡି ଫ୍ରାନ୍ସ ଆରମ୍ଭ

**ପ୍ୟାରିସ୍,୨୬ା୬:** ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ମଲ୍ଟିପଲ-ଷ୍ଟେଜ ବାଇସାଇକେଲ ରେସ୍ ଟୁର ଡି ଫ୍ରାନ୍ସ ଶନିବାରଠାରୁ ଆରମ୍ଭ ହୋଇଛି। ବିଶ୍ୱ ଚାମ୍ପିୟନ ଫ୍ରାନ୍ସର ଜୁଲିଆନ ଅଲାଫିଲିପ୍ ପ୍ରତିଯୋଗିତାରେ ଏହି ୧୦୮ତମ ସଂସ୍କରଣର ଘଟଣା ବହୁଳ ପ୍ରଥମ ପର୍ଯ୍ୟାୟ ତଥା ଷ୍ଟେଜ୍ ୱାନ୍ ରେସ୍‌ରେ ବିଜୟୀ ହୋଇଛନ୍ତି। ରେସ୍‌ରେ ଅଷ୍ଟ୍ରେଲିଆର ମାଇକେଲ ମାଥ୍ୟୁସ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ସ୍ଲୋଭେନିଆର ପ୍ରିମୋଜ ରୋଗଲିକ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ମନୁ-ସୌରଭଙ୍କୁ ରୌପ୍ୟ




ସୌରଭ ଚୌଧାରୀ ମନୁ ଭାକର

## ଶୁଟିଂ ବିଶ୍ୱକପ୍

ଓସିଜେକ୍ (କ୍ରୋଏସିଆ), ୨୬ା୬ (ପି.ଟି.)

ଚଳିତ ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍‌ରେ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଭାରତୀୟ ଯୋଡ଼ି ସୌରଭ ଚୌଧାରୀ ଓ ମନୁ ଭାକର ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ରୌପ୍ୟ ଜିତିଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ଭାରତୀୟ ଯୋଡ଼ି ରୁଷିଆର ଭିଟାଲିନା ବାତସାରାକ୍‌ସିନା ଓ ଆର୍ଟେମ ଚେର୍ଣ୍ଣୋସୋଭ୍‌ଙ୍କଠାରୁ ୧୨-୧୬ରେ ହାରିଯାଇଥିଲେ। ଏହି ଇଭେଣ୍ଟରେ ଭାଗନେଇଥିବା ଅନ୍ୟ ଭାରତୀୟ ଯୋଡ଼ି ଯଶସ୍ୱିନୀ ସିଂ ଦେସ୍ୱାଲ ଓ ଅଭିଷେକ ବର୍ମା ବ୍ରୋଞ୍ଜ ପଦକ ମୁକାବିଲାରେ ହାରିଯାଇଛନ୍ତି। ଇରାନର ଗୋଲ୍‌ନୋସ୍ ସେବ୍‌ଘାତୋଲାହି ଓ ଜାଭେଦ ଫୋରୋଘି ସେମାନଙ୍କୁ ୧୭-୭ରେ ହରାଇ ଦେଇଥିଲେ। ଶନିବାର ଭାରତୀୟ ରାଇଫଲ ଶୁଟରମାନଙ୍କ ପାଇଁ ଖରାପ ଦିନ ଥିଲା। ୧୦ମିଟର ଏୟାର ମିକ୍ସଡ ଇଭେଣ୍ଟରେ ଭାରତର ଦୁଇ ଦଳ ଫାଇନାଲ ପ୍ରବେଶରେ ବିଫଳ ହୋଇଥିଲେ। ଇଲାଭେନିଲ ଭାଲାରିଭାନ୍ ଓ ଦିବ୍ୟାଂଶ ସିଂ ପନୱାର ଦ୍ୱିତୀୟ କ୍ୱାଲିଫିକେଶନ ରାଉଣ୍ଡରେ କେବଳ ପହଞ୍ଚି ପାରିଥିଲେ। ଉଭୟେ ମୋଟ ୪୧୬.୧ ପଏଣ୍ଟ ସ୍କୋର ସହ ୬ଷ୍ଠ ସ୍ଥାନରେ ରହିଥିଲେ। ଅଞ୍ଜୁମ ମୋଦଗିଲ୍ ଓ ଦୀପକ କୁମାର ପ୍ରଥମ କ୍ୱାଲିଫାଇଂ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଥିଲେ। ଚୌଧାରୀ ଓ ଭାକର ରୌପ୍ୟ ଜିତିବା ଦ୍ୱାରା ଭାରତର ପଦକ ସଂଖ୍ୟା ୩ରେ ପହଞ୍ଚିଛି। ଉଭୟ ଶୁଟର ଇତିମଧ୍ୟରେ ଗୋଟିଏ ଲେଖାଏ ବ୍ରୋଞ୍ଜ ଜିତିସାରିଥିଲେ। ଚୌଧାରୀ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଏକ ବ୍ରୋଞ୍ଜ ଜିତିଥିବା ବେଳେ ଦେସ୍ୱାଲ ଓ ରାହି ସାର୍ନୋବତ୍‌ଙ୍କ ସହ ଭାକର ୧୦ ମିଟର ଏୟାର ପିସ୍ତଲ ମହିଳା ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ଜିତିଥିଲେ। ରୁଷିଆ ୩ ସ୍ୱର୍ଣ୍ଣ, ସମାନ ସଂଖ୍ୟକ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ସହ ପଦକ ତାଲିକାର ଶୀର୍ଷରେ ରହିଛି। ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଭାରତୀୟ ଶୁଟିଂ ଟିମ୍ ପାଇଁ ଏହା ହେଉଛି ଶେଷ ଇଭେଣ୍ଟ।

# ଶ୍ରୀଜେସ୍ ଓ ଦୀପିକା ଖେଳରତ୍ନ, ହରମନପ୍ରୀତ ଅର୍ଜୁନ

## ହକି ଇଣ୍ଡିଆର ସୁପାରିସ

ନୂଆଦିଲ୍ଲୀ,୨୬ା୬(ପି.ଟି.)

ଚଳିତବର୍ଷର ସମ୍ମାନଜନକ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ହକି ଇଣ୍ଡିଆ ଶନିବାର ଭାରତର ଭେଟେରାନ ଗୋଲକିପର ପି.ଆର. ଶ୍ରୀଜେସ୍ ଓ ମହିଳା ଦଳର ପୂର୍ବତନ ଖେଳାଳି ଦୀପିକାଙ୍କ ନାମ ସୁପାରିସ କରିଛି। ଏହି ଦୁଇଜଣଙ୍କ ବ୍ୟତୀତ ଟୋକିଓ ଅଲିମ୍ପିକ୍ସରେ ଭାଗ ନେବାକୁ ଥିବା ପୁରୁଷ ହକି ଦଳର ଉପଅଧିନାୟକ ହରମନପ୍ରୀତ ସିଂ ଏବଂ ମହିଳା ଦଳର ସଦସ୍ୟା ବନ୍ଦନା କାଟାରିୟା ଓ ନବଜୋତ କୌରଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ ହୋଇଛି। ଜାତୀୟ ମହାସଂଘ ଆହୁରି ମଧ୍ୟ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପାଇଁ ଉଦ୍ଦିଷ୍ଟ ଧ୍ୟାନଚାନ୍ଦ ପୁରସ୍କାର ଲାଗି ଆର୍.ପି. ସିଂ ଓ ସିଏଚ୍ ସାଙ୍ଗାଇ ଇବେମ୍‌ହାଲଙ୍କ ନାମ ଏବଂ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ କୋଚ୍ ବିଜେ କାପାରିଆ ଓ ସି.ଆର୍. କୁମାରଙ୍କ ନାମ ସୁପାରିସ କରିଛି। ୨୦୧୭ ଜାନୁୟାରୀ ୧ରୁ ୨୦୨୦ ଡିସେମ୍ବର ୩୧ ମଧ୍ୟରେ ପ୍ରଦର୍ଶନକୁ ଭିତ୍ତିକରି ଖେଳରତ୍ନ ପୁରସ୍କାର ପାଇଁ ନାମ ବଛାଯାଇଛି। ୩୫ ବର୍ଷୀୟ ଶ୍ରୀଜେସ୍ ତାଙ୍କ ତୃତୀୟ ଥର ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଛନ୍ତି। ସମ୍ଭବତଃ ଏହା ତାଙ୍କର ଶେଷ ଅଲିମ୍ପିକ୍ସ। ୨୦୧୮ରେ ବ୍ରେଡାଠାରେ ଅନୁଷ୍ଠିତ ହକି ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୧୮ ଏସିଆନ ଗେମ୍ସରେ ବ୍ରୋଞ୍ଜ ଏବଂ ଭୁବନେଶ୍ୱରରେ ୨୦୧୯ରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପୁରୁଷ ସିରିଜ ଫାଇନାଲ୍ସରେ ଭାରତକୁ ସ୍ୱର୍ଣ୍ଣ ଜିତାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶ୍ରୀଜେସ୍ ୨୦୧୫ରେ ଅର୍ଜୁନ ପୁରସ୍କାର ଏବଂ ୨୦୧୭ରେ ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପାଇଥିଲେ। ଅନ୍ୟପକ୍ଷରେ ଦୀପିକା ଭାରତୀୟ ମହିଳା ହକି ଦଳର ଜଣେ ପ୍ରମୁଖ ସଦସ୍ୟା ଥିଲେ। ତାଙ୍କ ସମୟରେ ମହିଳା ଦଳ ୨୦୧୮ ଏସିଆନ ଗେମ୍ସ ଏବଂ ୨୦୧୮ ଏସିଆନ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଲାଭ କରିଥିଲା। ଡ୍ରାଗ୍‌ଫ୍ଲିକ ସେନସେସନ ହରମନପ୍ରୀତ ୧୦୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ମ୍ୟାଚ ଖେଳିସାରିଥିବାବେଳେ ବନ୍ଦନା ୨୦୦ ଅନ୍ତର୍ଜାତୀୟ ଏବଂ ନବଜୋତ ଦେଶ ତରଫରୁ ୧୫୦ରୁ ଅଧିକ ମ୍ୟାଚ ଖେଳି ସାରିଛନ୍ତି। ହକି ଇଣ୍ଡିଆ ସଭାପତି ଜ୍ଞାନେନ୍ଦ୍ରୋ ନିଙ୍ଗମବାମ୍ କହିଛନ୍ତି, ଗତବର୍ଷ ରାଣୀ ରାମପାଲ ଯେତେବେଳେ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଲେ, ଆମ ପାଇଁ ଗୌରବର ମୁହୂର୍ତ୍ତ ଥିଲା। ଚଳିତ ବର୍ଷ ଆମେ ଦେଶର ଦୁଇଜଣ ଦକ୍ଷ ହକି ଖେଳାଳି ଶ୍ରୀଜେସ୍ ଓ ଦୀପିକାଙ୍କ ନାମ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ କରିଛୁ।



ଦୀପିକା



ଶ୍ରୀଜେସ୍

## ଅଲିମ୍ପିକ ଯୋଗ୍ୟତା ଟାଇମିଂ ହାସଲରେ ସଜନ ପ୍ରଥମ

ନୂଆଦିଲ୍ଲୀ, ୨୬ା୬ (ପି.ଟି.)



ସଜନ ପ୍ରକାଶ ପ୍ରଥମ ଭାରତୀୟ ସନ୍ତରଣକାରୀ ଭାବେ ଅଲିମ୍ପିକ ଯୋଗ୍ୟତା ଟାଇମ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ଇଟାଲୀର ରୋମ୍‌ଠାରେ ଚାଲିଥିବା ସିଟେ କୋଲି ଟ୍ରଫି ପୁରୁଷ ୨୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ସେ ୧: ୫୬: ୩୮ ସେକେଣ୍ଡ ଟାଇମିଂରେ ତାଙ୍କ ରେସ୍ ଶେଷ କରିଥିଲେ। ୨୭ ବର୍ଷୀୟ ସଜନ ୨୦୧୬ ରିଓ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ସେ ଟୋକିଓ ଗେମ୍ସ 'ଏ' ଷ୍ଟାଣ୍ଡାର୍ଡ ଟାଇମିଂ ୧:୫୬.୪୮ ସେକେଣ୍ଡକୁ ୦.୧ ସେକେଣ୍ଡରେ ଅତିକ୍ରମ କରିଯାଇଥିଲେ। କେରଳର ଏହି ସନ୍ତରଣକାରୀ ୨୦୦ମିଟର ବଟରଫ୍ଲାଏ ଇଭେଣ୍ଟରେ କ୍ରମାଗତ ଭାବେ ଉନ୍ନତି କରିବାରେ ଲାଗିଛନ୍ତି। ଗତ ସପ୍ତାହରେ ବେଲ୍‌ଗ୍ରେଡ୍ ଟ୍ରଫି ସୁଇମିଂ ପ୍ରତିଯୋଗିତାରେ ସେ ୧:୫୬.୯୬ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିବା ଦ୍ୱାରା ଅଳ୍ପକେ ଅଲିମ୍ପିକ କ୍ୱାଲିଫିକେଶନ ଅଙ୍କ ହାସଲ କରିପାରି ନ ଥିଲେ।

## କମ୍ପାଉଣ୍ଡରେ ଅଭିଷେକ ଜିତିଲେ ସ୍ୱର୍ଣ୍ଣ

### ବିଶ୍ୱକପ୍ ଷ୍ଟେଜ୍-୩ ଆର୍ଚେରି

ପ୍ୟାରିସ, ୨୬ା୬ (ପି.ଟି.)

ଷ୍ଟାର କମ୍ପାଉଣ୍ଡ ତୀରନ୍ଦାଜ ଅଭିଷେକ ବର୍ମା ଆର୍ଚେରି ୱାର୍ଲ୍ଡ କପ୍ ଷ୍ଟେଜ୍-୩ ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟରେ ଆମେରିକାର ହେଭିଓ୍ୱେଟ୍ କ୍ରିସ୍ ସ୍କାଫ୍‌ଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରି ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବିଶ୍ୱକପ୍‌ରେ ବର୍ମାଙ୍କର ଏହା ହେଉଛି ବ୍ୟକ୍ତିଗତ ଦ୍ୱିତୀୟ ସ୍ୱର୍ଣ୍ଣ। ୩୨ ବର୍ଷୀୟ ଏହି ଭାରତୀୟ ୨୦୧୫ରେ ରୋକ୍ଲଠାରେ ଅନୁଷ୍ଠିତ ବିଶ୍ୱକପ୍ ଷ୍ଟେଜ୍-୩ରେ ଏକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପୂର୍ବରୁ ବର୍ମା ରୁଷିଆର ଆଣ୍ଟନ ବୁଲାଏଭ୍‌ଙ୍କୁ ୧୪୬-୧୩ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

## ୧୬୬ କୋଭିଡ୍ ସଂକ୍ରମିତ

କୋପା ଆମେରିକା

ରିଓ ଡି ଜେନିରୋ,୨୬ା୬

ବ୍ରାଜିଲରେ ଚାଲିଥିବା କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟରେ କୋଭିଡ୍-୧୯ ସଂକ୍ରମଣରେ ଅବନତି ପରିଲକ୍ଷିତ ହୋଇଛି। ଏ ପର୍ଯ୍ୟନ୍ତ ୧୬୬ ଜଣ ସଂକ୍ରମିତ ହୋଇଛନ୍ତି ବୋଲି ଦକ୍ଷିଣ ଆମେରିକା ଫୁଟ୍‌ବଲ ପ୍ରଶାସନର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା କନ୍‌ମେବୋଲ ଶୁକ୍ରବାର କହିଛି। ସୋମବାର ଟେଷ୍ଟ ହେବା ପରେ ଏହି ରିପୋର୍ଟ ମିଳିଛି ବୋଲି କୁହାଯାଇଛି। ଟୁର୍ନାମେଣ୍ଟ ସମ୍ପର୍କରେ ଥିବା ୨୨, ୮୫୬ ଜଣଙ୍କ ଟେଷ୍ଟ ହୋଇଛି। ଏଥିମଧ୍ୟରୁ ୦.୭ ପ୍ରତିଶତ ରେଜଲ୍ଟ ପଜିଟିଭ ବୋଲି ଜଣାପଡିଛି। ତେବେ ଟୁର୍ନାମେଣ୍ଟର ପ୍ରାରମ୍ଭିକ ସପ୍ତାହରେ ଏହା ୦.୯ ପ୍ରତିଶତ ଥିଲା। ତେଣୁ ସଂକ୍ରମଣରେ ଅବନତି ହୋଇଛି ବୋଲି କନ୍‌ମେବୋଲ ତରଫରୁ କୁହାଯାଇଛି।






# ୧୦୦ ମିଟରରେ ଅମିୟଙ୍କୁ ବ୍ରୋଞ୍ଜ

## ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ ଚାମ୍ପିୟନଶିପ୍

ଭୁବନେଶ୍ୱର,୨୬ା୬

ପଞ୍ଜାବର ପଟିଆଲାଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ୬୦ତମ ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ ଚାମ୍ପିୟନଶିପ୍‌ରେ ରାଜ୍ୟର ପୁରୁଷ ତାରକା ଧାବକ ଅମିୟ ମଲ୍ଲିକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଶନିବାର ପଟିଆଲାର ନେତାଜୀ ସୁଭାଷ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ (ଏନ୍‌ଏସ୍‌ଏନ୍‌ଆଇଏସ୍)ଠାରେ ଅନୁଷ୍ଠିତ ୧୦୦ମିଟର ଫାଇନାଲରେ ଦୌଡ଼ରେ ସେ ୧୦.୪୯ ସେକେଣ୍ଡ ନେଇ ତୃତୀୟ ସ୍ଥାନରେ ରହିବା ସହ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ପୂର୍ବରୁ ସକାଳେ ଅନୁଷ୍ଠିତ ହୋଇଥିବା ୧୦୦ ମିଟର ହିଟ୍‌ରେ ଅମିୟ ୧୦.୫୦ ସେକେଣ୍ଡ ସମୟ ନେଇ ଫାଇନାଲରେ ପ୍ରବେଶ କରିଥିଲେ। ତେବେ ଫାଇନାଲରେ ଅମିୟ ୦.୦୧ ସେକେଣ୍ଡ କମ୍ ସମୟ ନେଇ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିଛନ୍ତି। ପଞ୍ଜାବର ଗୁରିନ୍ଦରବୀର ସିଂ ୧୦.୨୭ ସେକେଣ୍ଡ ନେଇ ପ୍ରଥମ ହୋଇଥିବା ବେଳେ ଲଭପ୍ରୀତ ସିଂ ୧୦.୪୭ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ପୂର୍ବରୁ ଅମିୟ ୧୦୦ ମିଟରରେ ଜାତୀୟ ରେକର୍ଡ ସ୍ଥାପନ କରିଥିଲେ। ୧୦.୨୬ ସେକେଣ୍ଡ ସମୟ ନେଇ ୨୦୧୬ରେ ୨୮ ବର୍ଷୀୟ ଅମିୟ ଏହି ରେକର୍ଡ ହାସଲ କରିଥିଲେ।



ଅମିୟ ମଲ୍ଲିକ

### ଚତୁର୍ଥ ସ୍ଥାନରେ ରହିଲେ ଦୂତୀ

ଅନ୍ୟପଟେ ମହିଳା ୧୦୦ ମିଟର ଫାଇନାଲରେ ଓଡ଼ିଶା ତାରକା ଧାବିକା ଦୂତୀ ଚାନ୍ଦ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଫଳରେ ତାଙ୍କର ଟୋକିଓ ଅଲିମ୍ପିକ୍ ଯୋଗ୍ୟତା ଆଶାକୁ ଜବରଦସ୍ତ ଝଟକା ଲାଗିଛି। ଫାଇନାଲରେ ଦୂତୀ ୧୧.୬୨ ସେକେଣ୍ଡ ନେଇଛନ୍ତି। ପୂର୍ବରୁ ଶନିବାର ସକାଳେ ଅନୁଷ୍ଠିତ ୧୦୦ମିଟର ହିଟ୍‌ରେ ଦୂତୀ ୧୧. ୭୬ ସେକେଣ୍ଡ ସମୟ ନେଇ ଫାଇନାଲରେ ପ୍ରବେଶ କରିଥିଲେ। ନୂଆ ସ୍ପ୍ରିଣ୍ଟ ସେନ୍‌ସେସନ ତାମିଲନାଡୁର ଧନଲକ୍ଷ୍ମୀ ପୁଣି ଥରେ ଦୂତୀଙ୍କୁ ପଛରେ ପକାଇଛନ୍ତି। ସେ ୧୧.୫୨ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଶ୍ରୀଲଙ୍କାର ଅମଶା ଡି ସିଲ୍‌ଭା ୧୧.୫୯ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ୧୧.୬୦ ସେକେଣ୍ଡ ସମୟ ନେଇ ତାମିଲନାଡୁର ଅନ୍ୟତମ ଧାବିକା ଅର୍ଚ୍ଚନା ସୁସେନ୍ଦ୍ରନ ତୃତୀୟ ସ୍ଥାନରେ ରହିଥିଲେ। ସେହିପରି କର୍ଣ୍ଣାଟକ ଧାବିକା ଧନେଶ୍ୱରୀ ୧୧.୭୧ ସେକେଣ୍ଡ ସମୟ ନେଇ ପଞ୍ଚମ ସ୍ଥାନରେ ରହିଥିଲେ। ପୂର୍ବରୁ ଚଳିତ ସପ୍ତାହ ପ୍ରାରମ୍ଭରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରିରେ ଦୂତୀ ୧୧.୧୭ ସେକେଣ୍ଡ ସମୟ ନେଇଥିଲେ ଓ ନିଜ ଜାତୀୟ ରେକର୍ଡ ଭାଙ୍ଗିଥିଲେ। ତେବେ ସେ ଏହି ଟାଇମିଂ ଦୋହରାଇପାରି ନାହାନ୍ତି।

### ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ସମ୍ଭାବନା

ଏହାସତ୍ତ୍ୱେ ଦୂତୀ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବାର ସମ୍ଭାବନା ଏବେ ମଧ୍ୟ ରହିଛି। ବିଶ୍ୱ ର୍‍ୟାଙ୍କିଙ୍ଗ୍ ଆଧାରରେ ଏହା ସମ୍ଭବ ହୋଇପାରେ। ସେ ର୍‍ୟାଙ୍କିଙ୍ଗର ୪୧ତମ ସ୍ଥାନରେ ରହିଛନ୍ତି। ମୋଟ ୫୬ଜଣ ଆଥ୍‌ଲେଟ ଟୋକିଓ ଅଲିମ୍ପିକ୍ସ ୧୦୦ ମିଟର ଦୌଡ଼ରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ତେଣୁ ଟୋକିଓରେ ଦୂତୀ ଦୌଡ଼ିବେ ବୋଲି ଆଶା କରାଯାଇ ପାରେ।

ପୂର୍ବରୁ ମାର୍ଚ୍ଚରେ ଧନଲକ୍ଷ୍ମୀ ଦୂତୀଙ୍କୁ ପ୍ରଥମଥର ପାଇଁ ପରାସ୍ତ କରିଥିଲେ। ଫେଡେରେଶନ କପ୍ ସିନିୟର ନ୍ୟାଶନାଲ ଆଥ୍‌ଲେଟିକ ଚାମ୍ପିୟନଶିପ୍‌ରେ ୨୨ ବର୍ଷୀୟ ଧନଲକ୍ଷ୍ମୀ ୧୧.୩୬ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ଇଭେଣ୍ଟରେ ୨୫ ବର୍ଷୀୟା ଦୂତୀ ୧୧.୫୮ ସେକେଣ୍ଡ ସମୟ ନେଇ ପଛରେ ପଡିଥିଲେ। ନିଜ ପ୍ରଦର୍ଶନରେ ଦୂତୀ ନୈରାଶ୍ୟ ଜାହିର କରିଛନ୍ତି। ଶନିବାର ସକାଳେ ୧୦୦ ମିଟର ହିଟ୍‌ରେ ଦୌଡ଼ିବା ବେଳେ ଆହତ ହୋଇଥିଲି ବୋଲି ସେ କହିଛନ୍ତି। ବାମ ଜଙ୍ଘର ମାଂସପେଶୀ ଟାଣି ହୋଇଥିଲା। ମୋ ଫିଜିଓଙ୍କ ପରାମର୍ଶ ଅନୁଯାୟୀ ଔଷଧ ଖାଇଥିଲି। ଏହାର ପ୍ରଭାବ ଫାଇନାଲ ପ୍ରଦର୍ଶନରେ ପଡିଛି ବୋଲି ଆଶଙ୍କା କରାଯାଉଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ବଳାତ୍କାରୀ ଗିରଫ

ନୟାଗଡ଼ ଅଫିସ,୨୬।୬: ବଳାତ୍କାର ଅଭିଯୋଗରେ ନୂଆଗାଁ ଥାନା ପୋଲିସ ମହିତମା ଗାଁର ହରି ପାତ୍ର(୨୧)ଙ୍କୁ ଗିରଫ କରିଛି । ହରି ଗତ ୧ ତାରିଖରେ ଜଣେ ନାବଳିକାଙ୍କୁ ଅପହରଣ କରି ନେଇ ବଳକ୍ତାର କରିଥିଲେ । ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୭୨/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ଖବରଦାତା ଆକ୍ରମଣ ଘଟଣାଙ୍କୁ ନିନ୍ଦା

ନୟାଗଡ଼ ଅଫିସ,୨୬।୬: ଖବରଦାତାଙ୍କୁ ଅବକାରୀ ଏସ୍‌ଆଇ ଆକ୍ରମଣ କରିବା ଘଟଣାକୁ ଆଞ୍ଚଳିକ ସାମ୍ବାଦିକ ସଂଘ ଶରଣକୁଳ ପକ୍ଷରୁ ନିନ୍ଦା କରାଯାଇଛି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମକୁ ସରକାରୀ କର୍ମଚାରୀମାନଙ୍କ ଏଭଳି ବ୍ୟବହାର ନିନ୍ଦନୀୟ ବୋଲି ସଂଘର ସଭାପତି ଭଗବାନ ମହାପାତ୍ର, ସମ୍ପାଦକ ଜୟକୃଷ୍ଣ ସାହୁ,ଖବରଦାତା ପ୍ରଶାନ୍ତ କୁମାର ଜେନା ପ୍ରମୁଖ କହିଛନ୍ତି । ତୁରନ୍ତ ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ସେମାନେ ଦାବି କରିଛନ୍ତି ।

### ରାସ୍ତାରେ ଓଲଟିଲା ଟ୍ରକ୍

ନୂଆଗାଁ ୨୬।୬ (ଡି.ଏନ.ଏ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ନୂଆଗାଁ ଥାନା ମୁଦୁରାଙ୍ଗ ନିକଟରେ ଏକ ଟ୍ରକ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଗାଡ଼ିରେ କେବଳ ଚାଳକ ଥିଲେ । ସେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଏକ ଟ୍ରକ ଗୋ ଖାଦ୍ୟ ନେଇ ସମ୍ବଲପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଭୋର ୪ଟା ସମୟରେ ମୁଦୁରାଙ୍ଗ ନିକଟରେ ରାସ୍ତା କଡକୁ ଓଲଟି ପଡିଥିଲା ।

# ଆକ୍ରମଣକାରୀଙ୍କୁ ଛାଡ଼ିଦେଲା ପୋଲିସ

ନୟାଗଡ଼ ଅଫିସ,୨୬।୬



ଥାନା ଭିତରେ ଧାରଣା ଦେଇଥିବା ଖବରଦାତାମାନେ ।

**ଖବରଦାତାଙ୍କୁ ଆକ୍ରମଣ ଘଟଣା**
- ଥାନାରେ ମାମଲା ରୁଜୁ
- ମିଥ୍ୟା ମାମଲା ପ୍ରତ୍ୟାହାର ଦାବି
- ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଘେରାଉ ଆଜି
- ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ନିଷ୍ପତ୍ତି

ଖବରଦାତାଙ୍କୁ ନୟାଗଡ଼ ଅବକାରୀ ମୋବାଇଲ ସ୍କ୍ୱାର୍ଡ କାର୍ଯ୍ୟାଳୟର ସବ୍‌ଇନ୍ସପେକ୍ଟରଙ୍କ ମାଡ ମରା ଘଟଣା ବିବାଦୀୟ ହେବାରେ ଲାଗିଛି । ଅଟକ ଅବକାରୀ ସବ୍‌ଇନ୍ସପେକ୍ଟର ଧନଞ୍ଜୟ ପାତ୍ରଙ୍କୁ ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଥାନାର ପଛ ଫାଟକ ଦେଇ ଛାଡିଦେବା ଘଟଣା ଉତ୍ତେଜନା ସୃଷ୍ଟି କରିଛି। ତାଙ୍କୁ ପୋଲିସ ସୁପ୍ରିମକୋର୍ଟଙ୍କ ଦ୍ୱାହି ଦେଇ ଗିରଫ କରି ପାରିବ ନାହିଁ ବୋଲି ନୟାଗଡ଼ ଏସ୍‌ଡିପିଓ କହିଥିବା ବେଳେ ଟାଉନ ଥାନା ଆଇଆଇସି କହିଛନ୍ତି, ଅବକାରୀ ସବ୍‌ଇନ୍ସପେକ୍ଟରଙ୍କୁ ଗିରଫ କରି ଜାମିନରେ ଛଡ଼ାଯାଇଛି । ଏପରି କଥାକୁ ନେଇ ପୋଲିସ ନିଜକୁ ମିଛୁଆ ବୋଲି ପ୍ରମାଣିତ କରିଛି । ଏସ୍‌ଡିପିଓ ଓ ଆଇଆଇସିଙ୍କ କଥାରେ ତାଳମେଳ ନ ଥିବାରୁ ପୋଲିସ ବିରୋଧରେ ଖବରଦାତାମାନେ ନାରା ଦେଇ ଆଇଆଇସି ଜୟଦୀପ ମହାନ୍ତିଙ୍କ ବଦଳି ଦାବି କରିଛନ୍ତି। ଆକ୍ରମଣକାରୀ ଅବକାରୀ ସବଇନ୍ସପେକ୍ଟରଙ୍କ ଗିରଫ ଓ ଖବରଦାତାଙ୍କ ବିରୋଧରେ ହୋଇଥିବା ମିଥ୍ୟା ମାମଲା ପ୍ରତ୍ୟାହାର ଦାବିରେ ନୟାଗଡ଼ ଟାଉନ ଥାନାରେ ଚାଲିଥିବା ଖବରଦାତାଙ୍କ ଆନ୍ଦୋଳନ ୨ୟ ଦିନରେ ପହଞ୍ଚିଛି। ରବିବାର ପୂର୍ବାହ୍ନ ୮ଟାରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଖବରଦାତାମାନେ ଘେରାଉ କରିବେ ବୋଲି ସୂଚନା ଦିଆଯାଇଛି ।

ଏଥିରେ ସୁଫଳ ନ ମିଳିଲେ ସୋମବାର ଖବରଦାତାମାନେ ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କୁ ଭେଟି ଦାବି ଜଣାଇବେ ବୋଲି ଖବରଦାତାମାନେ କହିଛନ୍ତି ।

ଆକ୍ରମଣକାରୀ ଗିରଫ ନ ହେବା ଯାଏ ଖବରଦାତାମାନେ ଆନ୍ଦୋଳନ ଚାଲୁ ରଖିବେ ବୋଲି ଚେତାବନୀ ଦିଆଯାଇଛି। ଶନିବାର ଉପଜିଲାପାଳ ଲଗ୍ନଜିତ୍ ରାଉତ, ନୟାଗଡ ଏସ୍‌ଡିପିଓ ଶୁଭେନ୍ଦୁ ସିଂ ଓ ଆଇଆସି ଜୟଦୀପ ମହାନ୍ତି ପ୍ରମୁଖ ଆନ୍ଦୋଳରତ ଖବରଦାତାଙ୍କୁ ବୁଝାଇବା ପାଇଁ ଆନ୍ଦୋଳନ ସ୍ଥଳରେ ପହଞ୍ଚିଥିଲେ। ଆକ୍ରମଣକାରୀଙ୍କୁ ପୋଲିସ ଗିରଫ କରି ପାରିବ ନାହିଁ ବୋଲି ଉପଜିଲାପାଳ କହିଥିଲେ । ପୁଣି ମୁଖ୍ୟମନ୍ତ୍ରୀଙ୍କ ନାଁରେ ଅଭିଯୋଗ କଲେ କ'ଣ ତାଙ୍କୁ ଗିରଫ କରାଯିବ ବୋଲି ପ୍ରଶ୍ନ କରି ବିବାଦୀୟ ହୋଇ ପଡିଥିଲେ ଉପଜିଲାପାଳ । ଜଣେ ଅବକାରୀ ସବଇନ୍ସପେକ୍ଟରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହ ତୁଳନା କରିବା ପରେ ଉପଜିଲାପାଳ ଖବରଦାତାଙ୍କ ରୋଷର ଶିକାର ହୋଇଥିଲେ । ଉପଜିଲାପାଳଙ୍କୁ ଖବରଦାତାମାନେ ଆଉ ଆଲୋଚନା କରାଇ ଦେଇ ନ ଥିଲେ । ଏପରି କି ଥାନା ଭିତରକୁ ଯିବା ପାଇଁ ଉଦ୍ୟମ କରୁଥିବା ଉପଜିଲାପାଳଙ୍କୁ ଗୋ ବ୍ୟାଗ୍ କହି ଫେରାଇ ଦେଇଥିଲେ। ଏଣୁ ଉପଜିଲାପାଳ, ଏସଡିପିଓ ଓ ଆଇଆଇସି ଖବରଦାତାଙ୍କ ରୋଷର ଶିକାର ହୋଇ ଫେରିଥିଲେ। ସୂଚନାଯୋଗ୍ୟ, ନୟାଗଡ ସହରର ତ୍ରିନାଥ ଛକସ୍ଥିତ ନୟାଗଡ ଅବକାରୀ ମୋବାଇଲ ସ୍କ୍ୱାର୍ଡ କାର୍ଯ୍ୟାଳୟରେ ଜଣେ ଟିଭି ଖବରଦାତାଙ୍କୁ ଶୁକ୍ରବାର ଅବକାରୀ ସବଇନ୍ସପେକ୍ଟର ଗାଳିଗୁଲଜ କରିବା ସହ ମାରପିଟ୍ କରଥିଲେ। ଏହାକୁ ନେଇ ଖବରଦାତାମାନେ ଶୁକ୍ରବାରଠାରୁ ଆନ୍ଦୋଳନ କରୁଛନ୍ତି। ଶନିବାର ଧାରଣାରେ ଖଣ୍ଡପଡା, ରଣପୁର, ଓଡ଼ଗାଁ, ଗଣିଆ, ଦଶପଲ୍ଲା, ଭାପୁର ଓ ସୁନାଖଳାର ସାମ୍ବାଦିକମାନେ ଜିଲା ପ୍ରତିନିଧିଙ୍କ ସହ ମିଶି ଆନ୍ଦୋଳନକୁ ତ୍ୱରାନ୍ୱିତ କରିଥିଲେ ।

ଖବରଦାତାଙ୍କ ଆନ୍ଦୋଳନକୁ ଖୋର୍ଦ୍ଧା ଜିଲାର ସମ୍ମିଳିତ କର୍ମଜିବୀ ସାମ୍ବାଦିକ ସଂଘ(ଓୟୁଡବ୍ଲୁଜେ) ପକ୍ଷର ସମର୍ଥନ କରାଯାଇଛି । ଶନିବାର ସଭାପତି ପ୍ରକାଶ ହାତୀଙ୍କ ନେତୃତ୍ୱରେ ୭ଜଣିଆ ଦଳ ଧାରଣାରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଏହାର କର୍ମକର୍ତ୍ତା ଭୁବନେଶ୍ୱର ଯିବାକୁ ଘୋଷଣା କରିଛନ୍ତି । ଅନ୍ୟପକ୍ଷେ କଂଗ୍ରେସ, ଭାଜପା, ବିଜେଡି ସମେତ ସ୍ଥାନୀୟ ଜନସାଧାରଣ ଆନ୍ଦୋଳନକୁ ସମର୍ଥନ କରିଛନ୍ତି ।

# ଟିକାକରଣରୁ ବଳଭଦ୍ର ପ୍ରସାଦ ପଞ୍ଚାୟତବାସୀ ବଞ୍ଚିତ

ଖଣ୍ଡପଡ଼ା,୨୬।୬ (ସ୍ୱ.ପ୍ର.)

ମହାମାରୀ କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସରକାର ସମସ୍ତଙ୍କ ପାଇଁ ମାଗଣାରେ ଟିକା ନେବାର ବ୍ୟବସ୍ଥା କରିଛନ୍ତି । ମାତ୍ର ଟିକାକରଣ କେନ୍ଦ୍ରଠାରୁ ଦୂରରେ ଅବସ୍ଥିତ ବଳଭଦ୍ର ପ୍ରସାନ ପଞ୍ଚାୟତବାସୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି । ପ୍ରଶାସନିକ ଉଦାସୀନତା ସାଙ୍ଗକୁ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁ ଖଣ୍ଡପଡା ବ୍ଲକ ଅଧୀନ ବଳଭଦ୍ରପ୍ରସାଦ ପଞ୍ଚାୟତବାସୀ ଟିକା ନେବାରୁ ବଞ୍ଚିତ ହୋଇଛନ୍ତି । ବଳଭଦ୍ର ପ୍ରସାଦ ସରପଞ୍ଚ ସସ୍ମିତା ଦାସ ଓ ସମିତି ସଭ୍ୟା ପ୍ରମିଳା ନାୟକ ଏ ସମ୍ପର୍କରେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ, ଜିଲା ପ୍ରଶାସନ ଓ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି।

ସୂଚନଯୋଗ୍ୟ, ବଳଭଦ୍ର ପ୍ରସାଦ ପଞ୍ଚାୟତଠାରୁ ୮ କିମି ଦୂର ରୟତ ଢୋଲମରା ଗ୍ରାମରେ ଟିକାକରଣ କେନ୍ଦ୍ର ଖୋଲାଯାଇଛି । ଫଳରେ ବଳଭଦ୍ରପ୍ରସାଦ ପଞ୍ଚାୟତ ଅଧୀନ ନୂଆପଡ଼ା, ଦୁଃଖୀପଲ୍ଲୀ, ଗଉଡ଼ ପାଟଣା, ସିଙ୍ଗିପୁର, କନ୍ଧପଥରା, କୁସୁମଡା, ପଙ୍କାଳ ଆଦି ଆଦିବାସୀ ଅଧ୍ୟୁଷିତ ଗ୍ରାମବାସୀ ଟିକା ନେବାରୁ ବଞ୍ଚିତ ହୋଇଛନ୍ତି । ସର୍ବସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ବଳଭଦ୍ରପ୍ରସାଦ ଗ୍ରାମରେ ଏକ ସ୍ୱତନ୍ତ୍ର ଟିକାକରଣ କେନ୍ଦ୍ର ଖୋଲିବାକୁ ସରପଞ୍ଚ ଦାସ ଦାବି କରିଛନ୍ତି ।

# ୫ ଦିନରେ ପହଞ୍ଚିଲା ଗଣଧାରଣା

ଖଣ୍ଡପଡ଼ା,୨୬।୬ (ସ୍ୱ.ପ୍ର.)

ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଚାଲିଥିବା ଗଣଧାରଣା ଶନିବାର ୫ମ ଦିନରେ ପହଞ୍ଚିଛି । ନୟାଗଡ ଜିଲା ଛାତ୍ର ସଙ୍ଗଠନର ସଭାପତି ପ୍ରଦୀପ ପ୍ରଧାନ ଓ ଜାତୀୟ ଛାତ୍ର ସଙ୍ଗଠନ ପକ୍ଷରୁ ଛାତ୍ର ନେତା ସନ୍ତୋଷ ପରିଡ଼ା ଧାରଣା ସ୍ଥଳରେ ପହଞ୍ଚ ଆନ୍ଦୋଳନରେ ସାମିଲ ହୋଇଥିଲେ । ୪ ଦଫା ଦାବି ନେଇ ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବା ଗଣଧାରଣା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ପରିଷଦର ଜିଲା ସଭାପତି ତ୍ରିନାଥ ନାୟକ କହିଛନ୍ତି।

# ଦୁଇଦିନରେ ଦୁଇଟି ଅପମୃତ୍ୟୁ

ଆସିକା, ୨୬।୬(ଡି.ଏନ୍.ଏ.)

ଗାଙ୍ଗପୁର ଥାନା ଅଞ୍ଚଳରେ ଶୁକ୍ରବାର ଓ ଶନିବାର ପୃଥକ୍ ସ୍ଥାନରେ ଦୁଇଟି ଅପମୃତ୍ୟୁ ମାମଲା ଘଟିଛି। ଶୁକ୍ରବାର ମାଟ୍ରିକ ଫଳ ପ୍ରକାଶ ପରେ ମାର୍କରେ ନିରୁତ୍ସାହିତ ହୋଇ ଉକ୍ତ ଥାନା ସନ୍ଧିପଲ୍ଲୀ ଗ୍ରାମର ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ସେହିଭଳି ଶନିବାର ନେଟେଙ୍ଗା ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଲକ୍ଷ୍ମୀ ନାୟକଙ୍କ ମୃତ୍ୟୁ ଘଟିଛି ।

# ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ଦଶପଲ୍ଲା,୨୬।୬ (ଡି.ଏନ୍.ଏ.)

ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ୨୯ତମ ଶ୍ରାଦ୍ଧବାର୍ଷିକୀ ତାଙ୍କ କର୍ମଭୂମି ଦଶପଲ୍ଲାରେ ଶନିବାର ପାଳିତ ହୋଇଯାଇଛି । କୁଞ୍ଜବନଗଡସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ଦଶପଲ୍ଲାର ବହୁ ବୁଦ୍ଧିଜୀବୀ, ରାଜନେତା, ଆଇନଜୀବି ଓ ସାଧାରଣ ଜନତା ଏକାଠି ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ମୂଖ୍ୟଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ କହିଲେ, ସେ ଥିଲେ ଏକାଧାରରେ ନାଟ୍ୟକାର, ସଂଗଠକ, ନିର୍ଦ୍ଦେଶକ ଏବଂ ସ୍ରଷ୍ଟା । ତାଙ୍କର କୃତୀକୁ ରାଜ୍ୟର ଯୁବବର୍ଗଙ୍କୁ ଜଣାଇବା ହିଁ ହେବ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ।

ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡୁ, ପୌର ଅଧିକାରୀ ଦେବବ୍ରତ କର, ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ତାଙ୍କ ଦାୟାଦ ଗୌରହରି ମିଶ୍ର, ରାମଚନ୍ଦ୍ର ସ୍ମୃତି କମିଟି ସଭାପତି ସୁଶାନ୍ତ କୁମାର ପାତ୍ର, ପ୍ରଫେସର ନନ୍ଦ କିଶୋର ମିଶ୍ର, ବଣିକ ମହାସଂଘ ସଭାପତି ଅଲେଖ ସାହୁ, ପ୍ରସନ୍ନକୁମାର ପଣ୍ଡା, ଡ.ନାରାୟଣ ନାରାୟଣ ମହାପାତ୍ର, ପ୍ରଦୋଷ କୁମାର ଜେନା, ଉପେନ୍ଦ୍ର କୁମାର ସାହୁ ସନ୍ତୋଷ କୁମାର ସାହୁ, ସଂଯୁକ୍ତା ଦାସଗୁପ୍ତା ଓ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ ।



ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରୁଛନ୍ତି ।

# ଫଳକରେ ସୀମିତ ପଞ୍ଚୁପାଣ୍ଡବ ପୀଠ ବିକାଶ

ନୂଆଗାଁ,୨୬।୬ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପଞ୍ଚୁପାଣ୍ଡବ ପର୍ଯ୍ୟଟନ ପୀଠର ବିକାଶ ପାଇଁ ଗତ ୫ ବର୍ଷ ତଳେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । ଅଦ୍ୟାବଧି ତାହା କେବଳ ଫଳକରେ ସୀମିତ ରହିଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଦେଇ ନୟାଗଡ଼ଠାରୁ ଦଶପଲ୍ଲା ଯିବା ରାସ୍ତାର ନୂଆଗାଁ ନିକଟରେ ଅବସ୍ଥିତ ପଞ୍ଚୁପାଣ୍ଡବ ପୀଠ। ରାସ୍ତା ପାର୍ଶ୍ୱରେ ରହିଛି ପଞ୍ଚୁପାଣ୍ଡବ ମନ୍ଦିର। ସେହି ମନ୍ଦିର ସମ୍ମୁଖରେ ରହିଛି ୫ଟି ପାହାଡ଼, ଯାହା ପଞ୍ଚୁପାଣ୍ଡବ ନାମରେ ପରିଚିତ। ଏହି ପୁରାତନ ପୀଠରେ ପ୍ରତିଦିନ ଲୋକଙ୍କ ଭିଡ଼ ଜମେ। ସ୍ଥାନୀୟ ଲୋକେ ବାହାଘର, ବ୍ରତଘର, ଭୋଜିଭାତ ପାଇଁ ସେହି ପ୍ରାକୃତିକ ପରିବେଶକୁ ବାଛି ଥାଆନ୍ତି । ତେଣୁ ସେହି ପୀଠକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ଦେବା ସହ ଭିତ୍ତିଭୂମିର ବିକାଶ ପାଇଁ ଅଞ୍ଚଳବାସୀ ଦାବି କରି ଆସୁଥିଲେ। ୨୦୧୬ ଡିସେମ୍ବର ୬ରେ ଓଡ଼ିଶା ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ତରଫରୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପଞ୍ଚାୟତିରାଜ ଓ ଆଇନ ମନ୍ତ୍ରୀ ଅରୁଣ କୁମାର ସାହୁ, କନ୍ଧମାଳ ଏମ୍‌ପି ରାଜେଶ୍ୱରୀ ସିଂହ, ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ସେଠାରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରିବା ପାଇଁ ସରକାରଙ୍କ ତରଫରୁ ୩୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇ ତାହାର ଟେଣ୍ଡର କରାଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ନିର୍ମାଣ ଆରମ୍ଭ ପୂର୍ବରୁ ତାକୁ ବନ୍ଦ କରି ଦିଆଯାଇଥିଲା। ଇତିମଧ୍ୟରେ ୫ ବର୍ଷ ପୂରିବାକୁ ବସିଛି। ହେଲେ ସେହି ପୀଠର କୌଣସି ବିକାଶ କରାଯାଇନାହିଁ ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି ।




ପଞ୍ଚୁପାଣ୍ଡବ ପୀଠର ଭିତ୍ତିପ୍ରସ୍ତର ଫଳକ ।

**ଭିତ୍ତିପ୍ରସ୍ତର ସ୍ଥାପନକୁ ପୂରିବ ୫ ବର୍ଷ**

**NOTICE**

I, Sri Srikant Pattanayak want to purchase one acre of land from this plot vide No.-2267, 2258, Khata No.-427, Mauza - Samanga, PS-Sadar thana, Dist.- Puri, Odisha. If anybody have any claim in this property then intimate me within 15 days.After 15 days I shall not be responsible for any claim. **Contact: 7008237766, 9437182222.**

# ବ୍ରହ୍ମପୁର ହୋଇପାରିଲାନି ସ୍ମାର୍ଟ ସିଟି

ବ୍ରହ୍ମପୁର ଅଫିସ,୨୬।୬

- ମହାନଗରରେ ସ୍ମାର୍ଟ ରୋଡ୍ ନିର୍ମାଣ ଯୋଜନା
- ୨୦ ରୋଡ୍ ପାଇଁ ଆରମ୍ଭ ହୋଇଛି ସର୍ଭେ

ରେଶମ ସହର ବ୍ରହ୍ମପୁର ସ୍ମାର୍ଟ ସିଟି ହୋଇପାରିଲାନି । ଏବେ ଏହି ମହାନଗରରେ ସ୍ମାର୍ଟ ରୋଡ ନିର୍ମାଣ ପାଇଁ ବିଏମସି ପକ୍ଷରୁ ସର୍ଭେ ଆରମ୍ଭ ହୋଇଛି। ମହାନଗର ନିଗମର ଗତ ଗୁରୁବାର ଅନୁଷ୍ଠିତ ୨୦୨୧-୨୨ ବାର୍ଷିକ ବଜେଟ ବୈଠକରେ ଏଥିପାଇଁ ୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସମୁଦାୟ ୪୦ ୱାର୍ଡ ମଧ୍ୟରୁ କେତେକ ପ୍ରମୁଖ ଅଞ୍ଚଳରେ ୨୦ ସ୍ମାର୍ଟ ରୋଡ କରାଯିବା ପ୍ରସ୍ତାବ ରହିଛି। ବିଏମସିର ପୂର୍ବ ନିର୍ବାଚିତ ପରିଷଦ ଅମଳରେ ବ୍ରହ୍ମପୁରକୁ ସ୍ମାର୍ଟ ସିଟିରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା। ୫ ବର୍ଷ ତଳେ କେନ୍ଦ୍ର ସରକାରଙ୍କ ଗାଇଡ ଲାଇନ ପ୍ରକାରେ ସମସ୍ତ ପ୍ରସ୍ତୁତି ଆରମ୍ଭ କରାଗଲା । ସେତେବେଳେ କେ. ମାଧବୀ ମେୟର ଏବଂ ଆଇଏଏସ୍ ଅଫିସର ନିଖିଲ ପଓନ କଲ୍ୟାଣ କମିଶନର ଥିଲେ। ମେୟର, କମିଶନର ଓ ଅନ୍ୟ ଅଧିକାରୀ ବହୁବାର ଭୁବନେଶ୍ୱର ଏବଂ ଦିଲ୍ଲୀକୁ ଯାଇଥିଲେ। ଏନେଇ ହୋଇଥିବା ପ୍ରତିଯୋଗିତାରେ ମାର୍କ କମିଯିବାରୁ ରାଉରକେଲା ସ୍ମାର୍ଟସିଟି ମାନ୍ୟତା ପାଇଛି।

ସରକାରଙ୍କ ପକ୍ଷରୁ ରାଜ୍ୟରେ ଥିବା ୧୧୪ ସହରାଞ୍ଚଳ ମଧ୍ୟରୁ ପର୍ଯ୍ୟାୟକ୍ରମେ କେତେକ ସ୍ଥାନରେ ସ୍ମାର୍ଟ ରୋଡ ନିର୍ମାଣ ଲାଗି ନିଷ୍ପତ୍ତି ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ଜିଲାର ବ୍ରହ୍ମପୁର ମହାନଗର ଓ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀର ହିଞ୍ଜିଳିକାଟୁ ମ୍ୟୁନିସିପାଲିଟିକୁ ଅନ୍ତର୍ଭୁକ୍ତ କରାଯାଇଛି। ତେଣୁ ମହାନଗର ନିଗମ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିନିମନ୍ତେ ଚଳିତ ବର୍ଷର ବଜେଟରେ ୨୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ବିଏମସି ଇଞ୍ଜିନିୟରିଂ ବିଭାଗର ସୂଚାନୁସାରେ ଆରମ୍ଭ ହୋଇଥିବା ସର୍ଭେ କାର୍ଯ୍ୟକୁ ଜୋରଦାର କରାଯାଇଛି। ଚିହ୍ନଟ ଅଞ୍ଚଳରେ ସ୍ମାର୍ଟରୋଡକୁ ଓସାରିଆ କରାଯିବ। ଯାନବାହନ ଚଳାଚଳ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ଦୁଇ ଚକିଆ ଗାଡ଼ି ଏବଂ ଲୋକଙ୍କ ପାଦଚଲା ନିମନ୍ତେ ଭିନ୍ନ ରାସ୍ତା ନିର୍ମାଣ ହେବ। ଏହାଫଳରେ ଟ୍ରାଫିକ ସମସ୍ୟା ସମାଧାନ ହୋଇପାରିବ। ମହାନଗରରେ ୪ ଶହରୁ ଅଧିକ କିଲୋମିଟର ପକ୍କା କଂକ୍ରିଟ ଓ କଚ୍ଚା ରୋଡ ରହିଛି। ଜାନିବିଲି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ସମ୍ପୃକ୍ତ ଠିକା ସଂସ୍ଥା ଗତ ଅଢ଼େଇ ବର୍ଷ ମଧ୍ୟରେ ଅନେକ ରାସ୍ତାରେ ପାଇପ ଲାଇନ ସଂଯୋଗ ଆଳରେ ମନଇଚ୍ଛା ଖୋଳିଦେଇଛି। ଫଳରେ ଅବସ୍ଥା ଉଦବେଗଜନକ ହୋଇଯାଇଛି। ଅନ୍ୟପକ୍ଷରେ ବଡ଼ ଅଫିସର ଓ ରାଜନେତା ଯିବା ଆସିବା କରୁଥିବା ମୁଖ୍ୟରାସ୍ତା ମରାମତି ଏବଂ ଯୁଦ୍ଧକାଳୀନ ଭିତ୍ତିରେ ପୁନଃନିର୍ମାଣ କରୁଥିବା ବେଳେ ଗଳିକନ୍ଦି ପ୍ରତି ଅଣଦେଖା କରାଯାଇଛି। ଏଭଳି ସ୍ଥିତିରେ ସ୍ମାର୍ଟ ରୋଡ ଯୋଜନା କରାଯାଇଛି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ତୁରନ୍ତ କାର୍ଯ୍ୟକ୍ଷମ ଉପରେ ଗୁରୁତ୍ୱ ଦିଆଯାଇଛି।

**ଦକ୍ଷିଣ ପୂର୍ବ ମଧ ରେଳପଥ**
**ବିବିଧ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୧/୨୧/୦୯, ତାରିଖ: ୨୩।୦୬।୨୦୨୧।

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର/ଦକ୍ଷିଣ ପୂର୍ବ ମଧ ରେଳପଥ, ବିଳାସପୁର ଡିଭିଜନ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

କ୍ର.ସଂ.: ୧. ଟେଣ୍ଡର ନଂ.: ୧୧୨୧୫୨୩୪ । ଧାର୍ଯ୍ୟ ତାରିଖ: ୧୯।୦୭।୨୦୨୧ । ଧାର୍ଯ୍ୟ ସମୟ: ୧୦.୩୦ ଘଟିକା । ଟେଣ୍ଡର ମୂଲ୍ୟ (ଟଙ୍କା): ୦୦ । ଇଏମ୍‌ଡି (ଟଙ୍କା): ୦୦ । ବର୍ଣ୍ଣନା- ରେଲ ଟ୍ରାକ୍ ଭିତ୍ତିକ ଲୁବ୍ରିକେଟର୍ (ହାଇଡ୍ରଲିକ୍ ଟାଇପ୍)ର ଯୋଗାଣ, ସ୍ଥାପନ ଏବଂ କମିଶନିଂ, ସମ୍ପୂର୍ଣ୍ଣ ପ୍ରଣାଳୀ ଆର୍‌ଡିଏସ୍‌ଓ ବିନିର୍ଦ୍ଦିଷ୍ଟତା ସଂଖ୍ୟା ଆଇଆର୍‌ଏସ୍‌ଟି-୪୮ ସମେତ ଏସିଏସ୍-୦୧ ତାରିଖ ୨୬।୦୨।୨୦୨୦ ଅନୁରୂପ (ପ୍ୟାସେଜ୍ ୩.୬ - ବର୍ଗ (ii) ୧ କି.ମି. ଟାଇପ୍) ସ୍ଥାପନ ତାରିଖରୁ ୨ ବର୍ଷର ୱାରେଣ୍ଟି ସହିତ, ଏଏମ୍‌ସିର ଅର୍ଥ ହେଉଛି ୱାରେଣ୍ଟି ଅବଧିରେ କମିଶନିଂ ତାରିଖରୁ ୨ ବର୍ଷ ପାଇଁ ରେଲ ଟ୍ରାକ୍ ଭିତ୍ତିକ ଲୁବ୍ରିକେଟର୍‌ର ନିରବଚ୍ଛିନ୍ନ କାର୍ଯ୍ୟକ୍ଷମତା ପାଇଁ ସ୍ଥାପନ କରାଯାଇଥିବା ସାଇଟ୍‌ରେ ରକ୍ଷଣାବେକ୍ଷଣ ଏବଂ ସବୁପ୍ରକାର ଆବଶ୍ୟକ ସହାୟତା ସମେତ କୁଶଳୀ ଇଞ୍ଜିନିୟର, ତତ୍‌ସମ୍ପର୍କିତ ଶ୍ରମିକ ଓ ଶ୍ରମବଳ, ସମସ୍ତ ସାଧନ, ପ୍ଲାଣ୍ଟ, ଲିଡ୍ ମେଶିନେରିର ଉପଲବ୍ଧତା ।

ଟେଣ୍ଡରଦାତା ଦୟାକରି ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍ https://www.ireps.gov.in ପରିଦର୍ଶନ କରନ୍ତୁ ।

ଦ୍ରଷ୍ଟବ୍ୟ: ବିବାଦୀୟ ପରିସ୍ଥିତିରେ ଇଂରାଜୀ ଲେଖା ସଂସ୍କରଣକୁ ପ୍ରମାଣିତ ଭାବେ ବିବେଚନା କରାଯିବ ।

ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର
CPR/10/73 ଏସ୍.ଇ.ସି. ରେଳପଥ, ବିଳାସପୁର
South East Central Railway @secrail

# ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ବ୍ରହ୍ମପୁର ଅଫିସ,୨୬।୬

ଦୁର୍ଘଟଣାରେ ଗୁରୁତର ହୋଇଥିବା ୨ଜଣ ଯୁବକଙ୍କ ମଧ୍ୟରୁ ଜଣଙ୍କର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତକ ହେଲେ ଅଚ୍ୟୁତାନନ୍ଦ ପରିଡା (୨୪) ଓ ତାଙ୍କ ଘର ଧରାକୋଟ ଥାନା ଅନ୍ତର୍ଗତ ଢଉଗାଁ। ଶନିବାର ମେଡିକାଲ ଫାଣ୍ଡି ପୋଲିସ ଯୁବକଙ୍କ ମୃତଦେହ ଜବତ କରି ନଂ. ୩୦୯/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଗୁରୁତର ଜଣଙ୍କ ନାରାୟଣ ନାହାକ ବୋଲି ଜଣାପଡିଛି। ଘଟଣାରୁ ପ୍ରକାଶ, ଅଚ୍ୟୁତାନନ୍ଦ ଓ ନାରାୟଣ ଶୁକ୍ରବାର ରାତିରେ କୌଣସି କାମରେ ଯାଇ ବାଇକ୍‌ରେ ଘରକୁ ଫେରୁଥିଲେ। ରାତି ପ୍ରାୟ ୯ଟାରେ ଦେବଭୂମି ନିକଟରେ ଏକ ଗାଡି ଅଚ୍ୟୁତାନନ୍ଦଙ୍କ ବାଇକ୍‌କୁ ଧକ୍କା ଦେଇଥିଲା।

# ମେଡିକାଲରୁ ନିଖୋଜ ନାବାଳକଙ୍କ ପତ୍ତା ମିଳୁନି

ବ୍ରହ୍ମପୁର ଅଫିସ,୨୬।୬

**ବିଦ୍ୟ ଜ୍ୟୋତି ଆଶ୍ରୟସ୍ଥଳୀ କର୍ତ୍ତୃପକ୍ଷଙ୍କୁ ଡିସିପିଓଙ୍କ ନୋଟିସ**

ଗତ ୨୨ ତାରିଖରୁ ବ୍ରହ୍ମପୁର ବଡ ମେଡିକାଲରୁ ନିଖୋଜ ଜଣେ ଅସହାୟ ନାବାଳକଙ୍କ ଏ ଯାଏ ପତ୍ତା ମିଳିନି। ସେପଟେ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିବା ବିଦ୍ୟଜ୍ୟୋତି ମୁକ୍ତ ଆଶ୍ରୟସ୍ଥଳୀ କର୍ତ୍ତୃପକ୍ଷଙ୍କୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ସୁବୋଧ କୁମାର ଷଡ଼ଙ୍ଗୀ ନୋଟିସ୍ ଜାରି କରିଛନ୍ତି। କିଭଳି ଓ କେଉଁ ପରିସ୍ଥିତିରେ ନାବାଳକ ନିଖୋଜ ହେଲେ ତାର ଉତ୍ତର ରଖିବା ପାଇଁ ଡିସିପିଓ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ନିଖୋଜ ପୁଅକୁ ପାଇବା ଆଶାରେ ଥିବା ମା' ବାପାଙ୍କୁ ପୁଣିଥରେ ନିରାଶ ହେବାକୁ ପଡ଼ିଛି।

ଗତ ୧୯ ତାରିଖରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ବଡ଼ବଜାରର ଏକ ରାସ୍ତାକଡ଼ରୁ ଜଣେ ଅସହାୟ ନାବାଳକଙ୍କୁ ଉଦ୍ଧାର କରିଥିଲେ। ନାବାଳକଟି ଅନ୍ୟ ରାଜ୍ୟର ବୋଲି ଜଣାପଡ଼ିବା ପରେ ବିଧାୟକ ଏ ନେଇ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚାଇଲ୍ଡ ଲାଇନ୍ ତରଫରୁ ତାଙ୍କୁ ସିଡବ୍ଲୁସିଙ୍କ୍‌ରେ ହାଜର କରାଯାଇଥିଲା। ସିଡବ୍ଲୁସିର ନିର୍ଦ୍ଦେଶକ୍ରମେ ଗତ ୨୦ ତାରିଖରେ ଚାଇଲଡ ଲାଇନ୍ ଲାଞ୍ଜିପଲ୍ଲୀରେ ଥିବା ଦିବ୍ୟଜ୍ୟୋତି ମୁକ୍ତ ଆଶ୍ରୟସ୍ଥଳୀ କର୍ତ୍ତୃପକ୍ଷଙ୍କୁ ନାବାଳକଙ୍କୁ ହସ୍ତାନ୍ତର କରିଥିଲା। ବ୍ରହ୍ମପୁର ଚାଇଲ୍ଡ ଲାଇନ୍ ନାବାଳକଙ୍କ ଠାରୁ ସଂଗ୍ରହ କରିଥିବା ତଥ୍ୟକୁ ଆଧାର କରି ତାଙ୍କ ଘର ଠିକଣା ବାହାର କରିଥିଲା। ନାବାଳକଙ୍କ ଘର ତ୍ରିପୁରାର ଖୋୱାଇ ଜିଲା ବୋଲି ଜଣାପଡ଼ିଥିଲା। ପ୍ରାୟ ୨ମାସ ପୂର୍ବରୁ ସେ ଘରୁ ଚାଲି ଆସିଥିବା ଜଣାପଡ଼ିଥିଲା। ଚାଇଲଡ ଲାଇନ୍ ନାବାଳକଙ୍କ ପିତାମାତାଙ୍କ ସହିତ ଯୋଗାଯୋଗ କରି ଭିଡ଼ିଓ କଲିଂରେ ପୁଅକୁ ଚିହ୍ନଟ କରାଇବା ପାଇଁ ଯୋଜନା କରିଥିଲା। କିନ୍ତୁ ନାବାଳକ ଅସୁସ୍ଥ ଥିବାରୁ ତାଙ୍କୁ ଗତ ୨୨ ତାରିଖରେ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା।

# ନାବାଳିକାଙ୍କୁ ବଳାତ୍କାର ଘଟଣା, ଯୁବକ ଗିରଫ

ବୁଗୁଡ଼ା, ୨୬।୬ (ଡି.ଏନ.ଏ.)

ବୁଗୁଡ଼ା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଶନିବାର ଜଣେ ଯୁବକଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ବୁଗୁଡ଼ା ଥାନା ଅଞ୍ଚଳର ପ୍ରଫୁଲ୍ଲ ଜେନା। ଏ ନେଇ ନଂ. ୩୧୨/୨୧ରେ ମାମଲା ରୁଜୁ ହୋଇଥିଲା। ନାବାଳିକାଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଗୁରୁବାର ଯୁବକ ଜଣକ ତାଙ୍କ ଘରେ ପଶି ନାବାଳିକାଙ୍କୁ ବଳାତ୍କାର କରିଥିବା ପୀଡ଼ିତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୫୪୯, ୨୨୨୫୪୨୧, ୨୨୨୦୭୬୦
ଫାକ୍ସ: ୦୬୧୨-୨୨୨୬୪୯୧

ନଂ. ସିଡବ୍ଲୁସି ଆର୍‌ଓ-ପାଟନା/ଇଏନ୍‌ଜିଜି/ଜଟଣୀ/ଏନ୍‌ଆଇଟି/୧୮/୨୦୨୧-୨୨ ତାରିଖ: ୨୬।୦୬।୨୦୨୧

**ଇ-ଟେଣ୍ଡର ନଂ. ୧୮ ଆହ୍ୱାନ**

ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:-
୧. କାର୍ଯ୍ୟର ନାମ: ସିଡବ୍ଲ୍ୟୁ, ଜଟଣୀ (ଓଡ଼ିଶା) ସ୍ଥିତ ତଳିଆ ଅଞ୍ଚଳଗୁଡ଼ିକ ପାଇଁ ରିଟେନିଂ ୱାଲ୍ ଏବଂ ବାଉଣ୍ଡରୀ ୱାଲ୍ ସହିତ ଲ୍ୟାଣ୍ଡ ଫିଲିଂ । ଅଟକଳ ମୂଲ୍ୟ ଟଙ୍କାରେ: ୭୪,୭୯,୯୮୨/-, ଅନ୍‌ଲାଇନ୍ ଟେଣ୍ଡର ଦାଖଲର ଶେଷ ତାରିଖ: ୧୨।୦୭।୨୦୨୧ ।

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସହିତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସି ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ୍ http://eprocure.gov.in/epublish/appରେ ଦେଖାଯାଇପାରିବ ଏବଂ ଡାଉନଲୋଡ୍ କରାଯାଇପାରିବ । ଏହି ଟେଣ୍ଡର ସମ୍ବନ୍ଧୀୟ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ୍ http://eprocure.gov.in/epublish/app (ସିପିପି)ରେ ପ୍ରକାଶିତ କରାଯିବ । ଏଥିପାଇଁ ଖବରକାଗଜ ବିଜ୍ଞାପନ ଜାରି କରାଯିବ ନାହିଁ ।

କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

# ୯୩ ପଞ୍ଚାୟତରେ ଘରୁ ସଂଗ୍ରହ ହେଉଛି ଆବର୍ଜନା

**ଛତ୍ରପୁର, ୨୬।୬(ଡି.ଏନ.ଏ.)**

ମହିଳା ସଶକ୍ତୀକରଣ କ୍ଷେତ୍ରରେ ଆଉ ପାଦେ ଆଗେଇଛି ଗଞ୍ଜାମ ଜିଲା। ଗ୍ରାମାଞ୍ଚଳ ପରିମଳ ପରିଚାଳନାର ନେତୃତ୍ୱ ନେବା ଆରମ୍ଭ କରିଛନ୍ତି ମହିଳା। ଖଲ୍ଲିକୋଟ ବ୍ଲକରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସହଯୋଗରେ ଆବର୍ଜନା ସଂଗ୍ରହ କରାଯାଇ ତାର ପ୍ରକ୍ରିୟାକରଣ ଜରିଆରେ ପ୍ରାକୃତିକ 'ମୋ ଖତ' ବାହାର କରାଯାଉଛି। ସହରାଞ୍ଚଳରେ ପୂର୍ବରୁ ୱାର୍ଡଗୁଡିକରେ ସାହି ବସ୍ତି ବୁଲି ଭ୍ରାମ୍ୟମାଣ ଯାନ ଦ୍ୱାରା ଘରୁ ଅଳିଆ ଆବର୍ଜନା ସଂଗ୍ରହ କରାଯାଉଥିଲା। ଏବେ ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମର ୯୩ ପଞ୍ଚାୟତରେ ଆରମ୍ଭ ହୋଇଥିବା ଅଭିଯାନରେ ବ୍ୟାଟେରିଚାଳିତ ଗାଡ଼ିରେ ମହିଳା ସଦସ୍ୟାମାନେ ଘରକୁ ଘର ବୁଲି କଠିନ ଓ ତରଳ ଆବର୍ଜନା ସଂଗ୍ରହ କରୁଛନ୍ତି। ଘରୁ ଆବର୍ଜନା ସଂଗ୍ରହ ପାଇଁ ପ୍ରତି ଘରକୁ ଦୁଇଟି ଲେଖାଏ ପ୍ଲାଷ୍ଟିକ ବକେଟ ଦିଆଯାଇଛି। ଅଣୁ ଜୈବିକ ଖତ ପ୍ରସ୍ତୁତ କେନ୍ଦ୍ରକୁ ତାକୁ ନିଆଯାଉଛି। ଜୈବିକ କେନ୍ଦ୍ରରେ ପ୍ରସ୍ତୁତ ସାର ଚାଷୀମାନେ ମହିଳା ଏସ୍‌ଏଚଜିଠାରୁ କିଲୋ ପିଛା ୨୦ ଟଙ୍କାରେ କିଣିପାରିବେ। ପୂର୍ବରୁ ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତରେ ଏଭଳି ଜୈବିକ ଖତ ପ୍ରସ୍ତୁତି କେନ୍ଦ୍ର କାର୍ଯ୍ୟାରମ୍ଭ ହୋଇଥିଲା। ଜିଲାର ଅନ୍ୟାନ୍ୟ ଗ୍ରାମାଞ୍ଚଳରେ ମଧ୍ୟ ଏହି ପଦ୍ଧତି ଧୀରେ ଧୀରେ ଗ୍ରହଣ କରାଯିବ। ଫଳରେ ଗୋଟିଏ ପଟେ ଗାଁ ସ୍ୱଚ୍ଛ ରହିବ, ଆରପଟେ ହାତପାହାନ୍ତାରେ ଶସ୍ତାରେ ପ୍ରାକୃତିକ ଖତ ମିଳିପାରିବ, ପୁଣି ଏସ୍‌ଏଚଜି ମଧ୍ୟ ଆର୍ଥିକ ଦୃଷ୍ଟିରୁ ଅଧିକ ସଶକ୍ତ ହୋଇପାରିବେ ବୋଲି କୁହାଯାଇଛି। ନର୍ସରୀ ଓ ଚାରାରୋପଣ ପାଇଁ ବନ ବିଭାଗ ପକ୍ଷରୁ ଉକ୍ତ ଖତ କିଣାଯାଉଥିବା ସୂଚନା ଦିଆଯାଇଛି। ପ୍ରଥମେ ସହରାଞ୍ଚଳରେ ମହିଳାମାନେ ବ୍ୟାଟେରିଚାଳିତ ଗାଡିରେ ଘରକୁ ଘର ଯାଇ ଆବର୍ଜନା ସଂଗ୍ରହ କରୁଥିଲେ। ଏଥିରୁ ଖତ ପ୍ରସ୍ତୁତ କରାଯାଇ କାଉଣ୍ଟର ଖୋଲି କମ୍ ଦରରେ ଖତ ବିକ୍ରି ହେଉଛି।


ଆବର୍ଜନା ସଂଗ୍ରହ ଲାଗି ନିୟୋଜିତ ମହିଳା ।

- ବ୍ୟାଟେରିଚାଳିତ ଗାଡ଼ି ଧରି ବୁଲୁଛନ୍ତି ମହିଳା
- ପ୍ରସ୍ତୁତ ହେଉଛି ଖତ

## ସଂକ୍ଷେପରେ

### ଗଞ୍ଜାମରେ ୩ ଜୀବନ ନେଲା କରୋନା

ଛତ୍ରପୁର,୨୬।୬(ଡି.ଏନ.ଏ.): ଗଞ୍ଜାମ ଜିଲ୍ଲାରେ କରୋନାଜନିତ ମୃତ୍ୟୁରେ ବ୍ରେକ୍ ଲାଗୁନି। ଜିଲ୍ଲାରେ ଆଉ ୩ ଜଣଙ୍କ ମୃତ୍ୟୁ ହୋଇଛି । ସେଥିମଧ୍ୟରେ ୩୦,୩୮ ଓ ୩୯ ବର୍ଷ ବୟସର ପୁରୁଷ ଅଛନ୍ତି । ଏହାକୁ ମିଶାଇ କରୋନା ଦ୍ୱିତୀୟ ଲହରରେ ଜିଲ୍ଲାର ୭୭ ଜଣଙ୍କ ଜୀବନ ଗଲାଣି । ମିଳିଥିବା ସୂଚନା ଅନୁସାରେ କରୋନାର ପ୍ରଥମ ଓ ଦ୍ୱିତୀୟ ଲହରରେ ଏଯାବତ ୩୨୫ ଜଣଙ୍କ ମୃତ୍ୟୁ ହୋଇଛି । ଜିଲାରେ ଆଉ ୨୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି ।

### ପହଞ୍ଚିଲା ୧୦୦ ଅମ୍ଳଜାନ ସିଲିଣ୍ଡର

ପାରଳାଖେମୁଣ୍ଡି,୨୬।୬(ଡି.ଏନ୍.ଏ.): ଗଜପତି ଜିଲା ସଦରମହକୁମା ଜିଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ୧୦୦ଟି ଅମ୍ଳଜାନ ସିଲିଣ୍ଡର ପହଞ୍ଚିଛି। କରୋନାର ଦିତୀୟ ଲହରରେ ଜିଲାରେ ଜନସାଧାରଣଙ୍କ ଯେପରି ଅମ୍ଳଜାନର ଅଭାବ ରହିବ ନାହିଁ ସେଥିପାଇଁ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଗଜପତି ଜିଲାର ଅଗ୍ରିମ ଘରୋଇ ସଂସ୍ଥା ସିସିଡି ଏବଂ ବେଙ୍ଗାଲୁରୁ ୟୁନାଇଟେଡ଼ ୱେର ମିଳିତ ଉଦ୍ୟମରେ ୧୦୦ ଡି ଟାଇପ ସିଲିଣ୍ଡର ପହଞ୍ଚିଥିଲା । ଜିଲାପାଳ ଅନୁପମ ସାହା ଏହାକୁ ଗ୍ରହଣ କରିଛନ୍ତି।

### ହିଞ୍ଜିଳିକାଟୁର ପ୍ରଥମ ଉପନଗରପାଳଙ୍କ ପରଲୋକ

ହିଞ୍ଜିଳିକାଟୁ,୨୬।୬(ଡି.ଏନ୍.ଏ.): ହିଞ୍ଜିଳିକାଟୁ ସହରାଞ୍ଚଳର ପ୍ରଥମ ଉପନଗରପାଳ କୃଷ୍ଣଚନ୍ଦ୍ର ମହାପାତ୍ର (୮୩)ଙ୍କ ଶନିବାର ପରଲୋକ ଘଟିଛି। ସେ ୧୯୬୪ରେ ହିଞ୍ଜିଳିକାଟୁ ଏନ୍‌ଏସିର ପ୍ରଥମ ଉପନଗରପାଳ ହୋଇଥିଲେ। ୧୯୭୭ରୁ ଜନତାପାର୍ଟି, ଜନତାଦଳ ଓ ବିଜେଡିର ଜଣେ ଆଗଧାଡ଼ିର ନେତା ଭାବେ ଜଣାଶୁଣା ଥିଲେ। ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ନଗର ବିଜେଡି ସଭାପତି ଭୀମସେନ ବେହେରା , ଆସିକା ଏମ୍‌ପିଙ୍କ ବ୍ୟକ୍ତିଗତ ରାଜନୈତିକ ସହାୟକ ନୀଳମଣି ପଟ୍ଟନାୟକ, ପୂର୍ବତନ ଉପନଗରପାଳ ପବିତ୍ର ମୋହନ ପାଣିଗ୍ରାହୀ ପ୍ରମୁଖଙ୍କ ସହ ବିଭିନ୍ନ ରାଜନୈତିକ ଦଳର କର୍ମୀ ମହାପାତ୍ରଙ୍କ ଶେଷ ଦର୍ଶନ କରିଥିଲେ।

### ଗଞ୍ଜାମରେ ଟିକାକରଣ ସ୍ୱାଭାବିକ

ଛତ୍ରପୁର,୨୬।୬(ଡି.ଏନ୍.ଏ.): ଗଞ୍ଜାମ ଜିଲାରେ ମେଗା କୋଭିଡ୍ ଟିକାକାରଣ ଶୁକ୍ରବାରଠାରୁ ପୁଣି ସ୍ୱାଭାବିକ ହୋଇଛି। ଗୁରୁବାର ଜିଲାର ୧୦ ବ୍ଲକରେ ଟିକାକରଣ ବନ୍ଦ ରହିଥିଲା। ଶୁକ୍ରବାର ଜିଲାର ସମସ୍ତ ୧୮ ସହର ଏବଂ ୨୨ ବ୍ଲକ ଅଧୀନ ଗ୍ରାମାଞ୍ଚଳସ୍ତରରେ ଥିବା କେନ୍ଦ୍ରରେ ଟିକା ଦିଆଯାଉଛି। ଉଭୟ ଅନଲାଇନ ଓ ଅଫଲାଇନ୍ ପଞ୍ଜିକରଣରେ ଟିକା ଦିଆଯାଉଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି।

### ବିଦେଶୀ ମଦ ଜବତ, ଜଣେ ଗିରଫ

କୁକୁଡାଖଣ୍ଡି,୨୬।୬-ବେଆଇନ ବିଦେଶୀ ମଦ ବିକ୍ରି ଅଭିଯୋଗରେ ପୋଲିସ ରାଇଝୋଲା ଗ୍ରାମର ଜଣେ ମହିଳାଙ୍କୁ ଗିରଫ କରିଛି। କରୋନା କଟକଣାକୁ ଉଲ୍ଲଂଘନ କରି ରାଇଝୋଲା ଗ୍ରାମରେ ମହିଳା ଜଣଙ୍କ ମଦ ବିକ୍ରି କରୁଥିଲେ। କୌଣସି ସୂତ୍ରରୁ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ୩୪.୧୪୦ ଲିଟର ବିଦେଶୀ ମଦ ଜବତ କରିଥିଲା। ଏ ନେଇ ନଂ. ୨୦୮/୨୧ରେ ମାମଲା ରୁଜୁ ହୋଇଛି।

# ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

**ଆର.ଉଦୟଗିରି,୨୬।୬(ଡି.ଏନ.ଏ.)**

ମୋହନା ଥାନା ଚାନ୍ଦିପୁଟର ଜଣେ ନବ ବିବାହିତା ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହରିଶଙ୍କର ପୃଷ୍ଟିଙ୍କ ସ୍ତ୍ରୀ ଜେ.ଲକ୍ଷ୍ମୀ ଆଚାରୀ। ଗତ ୪ ମାସ ତଳେ ଉଭୟେ ବିବାହ କରିଥିଲେ। ଶୁକ୍ରବାର ସ୍ୱାମୀ ଓ ସ୍ତ୍ରୀ ମୋହନାରେ ପ୍ରଥମ ଡୋଜ୍ କୋଭିଡ ଟିକା ନେଇଥିଲେ। ଏହା ପରେ ଲକ୍ଷ୍ମୀଙ୍କ ଦେହ ଅସୁସ୍ଥ ହୋଇଥିଲା। ପୂର୍ବରୁ ଗଣ୍ଠି ବାତ ଏବଂ ନିଦ ହେବା ପାଇଁ ଲକ୍ଷ୍ମୀ ନିୟମିତ ଔଷଧ ସେବନ କରୁଥିଲେ। ଶୁକ୍ରବାର ଟିକା ନେବା ପରେ ରାତିରେ ମଧ୍ୟ ଲକ୍ଷ୍ମୀ ଔଷଧ ଖାଇଥିବା ହରିଶ କହିଛନ୍ତି। ଶନିବାର ସକାଳେ ସ୍ତ୍ରୀ ନିଦରୁ ନ ଉଠିବାରୁ ହରିଶଙ୍କର ତାଙ୍କୁ ମୋହନା ମେଡ଼ିକାଲକୁ ନେଇଥିଲେ। କିନ୍ତୁ ଡାକ୍ତର ସେଠାରେ ଲକ୍ଷ୍ମୀଙ୍କୁ ମୃତ ଘୋଷଣା କରିଥିଲେ। ଟିକା ନେବା ଦ୍ୱାରା ଲକ୍ଷ୍ମୀଙ୍କ ମୃତ୍ୟୁ ହୋଇନଥିବା ଡାକ୍ତର ସ୍ପଷ୍ଟ କରିଛନ୍ତି। ହରିଶଙ୍କରଙ୍କ ଏତଲା ପ୍ରକାରେ ପୋଲିସ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଡାକ୍ତର କହିଛନ୍ତି।

# ଶାଶୁ, ଶ୍ୱଶୁର ସହ ସ୍ତ୍ରୀ ଗିରଫ

## ମୁଣ୍ଡ ବିହୀନ ମୃତଦେହ ଜବତ ଘଟଣା

**ସୋରଡ଼ା,୨୬।୬(ଡି.ଏନ୍.ଏ.)**

ସୋରଡ଼ା ବ୍ଲକ ନୂଆଁଗଡ଼ ନିକଟ ନଦୀପଠାରୁ ପୋଲିସ ଗତ ମଙ୍ଗଳବାର ଭଗିଆ ବେହେରାଙ୍କ ମୁଣ୍ଡବିହୀନ ପଚାଶଢା ମୃତଦେହ ଜବତ କରିଥିଲା। ଭଗିଆଙ୍କୁ ହତ୍ୟା କରିବା ଘଟଣାରେ ଶନିବାର ପୋଲିସ ମୃତକଙ୍କ ଶାଶୁ, ଶ୍ୱଶୁର ସହ ସ୍ତ୍ରୀଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଶ୍ୱଶୁର କବିରାଜ ନାଇକ, ଶାଶୁ କିଶୋରୀ ଓ ସ୍ତ୍ରୀ ଝିଲୀ। ଶନିବାର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂ, ଆଇଆଇସି ରମେଶ କୁମାର ପ୍ରଧାନଙ୍କ ସୂଚନାନୁସାରେ, ସୁରମଣିନିବାସୀ ଭଗିଆ ୯ ବର୍ଷ ହେଲା ଗୁଡିଢେପ ଗ୍ରାମର କବିରାଜଙ୍କ ଝିଅ ଝିଲୀଙ୍କୁ ବିବାହ ହୋଇଥିଲେ। ହେଲେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହିଥିଲା। ଏନେଇ ଝିଲୀ କିଛିଦିନ ତଳେ ପୁଅ ବାବୁଲା(୫) ଓ ଝିଅ ଶିବାନୀ (୬)ଙ୍କୁ ଧରି ପୁଷ୍ପନଗରରେ ଏକ ଘରଭଡ଼ା ନେଇ ରହୁଥିଲେ। ଗତ ୧୮ରେ ଭଗିଆ ଏକ ମାରଣାସ୍ତ୍ର ଧରି ସ୍ତ୍ରୀ ରହୁଥିବା ଭଡାଘରେ ପହଞ୍ଚିଥିଲେ। ଝିଲୀ ଏବଂ ତାଙ୍କ ମା' ବାପା ମିଶି ଭଗିଆଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ହେଲେ ସେ ସ୍ତ୍ରୀକୁ ହତ୍ୟା କରିବାକୁ ଧମକ ଦେଇଥିଲେ। ଏପରିକି ଉତ୍‌କ୍ଷିପ୍ତ ହୋଇ ଭଗିଆ ଶ୍ୱଶୁର କବିରାଜଙ୍କୁ ଆକ୍ରମଣ କରିଥିଲେ। ବାପାଙ୍କୁ ସୁରକ୍ଷା ଦେବାକୁ ଯାଇ ସ୍ତ୍ରୀ ଏକ ଛୁରିରେ ଭାଗିଆଙ୍କୁ ଆକ୍ରମଣ କରିଥିଲେ। ଭଗିଆ ତଳେ ପଡିଯିବା ପରେ ଶ୍ୱଶୁର ଏକ କାତିରେ ମୁଣ୍ଡକୁ କାଟି ଅଲଗା କରିଦେଇଥିଲେ। ପରେ ଯୋଜନା ମୁତାବକ ମୁଣ୍ଡକୁ ଏକ ଜାଗାରେ ପୋତି ଦେଇ ଶରୀରକୁ ନଦୀପଠାରେ ଫିଙ୍ଗି ଦେଇଥିଲେ। ମୃତକଙ୍କ ଭାଇ ବିଦେଶୀଙ୍କ ଏତଲା କ୍ରମେ ପୋଲିସ ନଂ. ୨୦୦ /୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।


ଗିରଫ ୩ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛି।

# କୋର୍ଟ ପରିସରରେ ୨୦୩ଙ୍କୁ ଦିଆଗଲା ଟିକା

**ଭଞ୍ଜନଗର,୨୬।୬(ଡି.ଏନ.ଏ.)**

ଭଞ୍ଜନଗର କୋର୍ଟ ପରିସରରେ ଶନିବାର କରୋନା ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଇନଜୀବୀ ଓ ସେମାନଙ୍କ ପରିବାର ସଦସ୍ୟ, କୋର୍ଟ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ସର୍ବମୋଟ ୨୦୩ ଜଣଙ୍କୁ ଟିକା ଦିଆଯାଇଥିଲା। ଏଡ଼ିଜେ ଡ଼.ଅରୁଣ କୁମାର ସାହୁ ଉପସ୍ଥିତ ରହି ଟିକାକରଣ ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ବାର ଆସୋସିଏଶନ ସଭାପତି ସନ୍ତୋଷ ନାୟକ, ଉପ ସଭାପତି ରଜତ କୁମାର ଦାସ, ସମ୍ପାଦକ ଜ୍ଞାନେନ୍ଦ୍ର ନାୟକ,ସହ ସମ୍ପାଦକ ଧୀରେନ ସ୍ୱାଇଁ, ସରକାରୀ ଓକିଲ ଏମ୍.ତାଜ୍ ଆଦେନୀ, ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ମେଡ଼ିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ । ଅପରପକ୍ଷେ ବିଗତ କିଛିଦିନ ହେବ ଭଞ୍ଜନଗର ବ୍ଲକ ଏବଂ ଏନଏସିରେ ଟିକାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି। ଲୋକଙ୍କୁ ଉତ୍ସାହିତ କରିବା ପାଇଁ ପ୍ରଶାସନ ପକ୍ଷରୁ ମଧ୍ୟ ଅନେକ ପଦକ୍ଷେପ ନିଆଯାଉଛି ।


ସଭାପତି ସନ୍ତୋଷ ନାୟକ ଟିକା ନେଉଛନ୍ତି ।

# ଖବରଦାତାଙ୍କୁ ଆକ୍ରମଣ ଘଟଣାର ନିନ୍ଦା

**ଫୁଲବାଣୀ ଅଫିସ, ୨୬।୬**

ନୟାଗଡ ଜିଲାରେ ଖବର ସଂଗ୍ରହ କରିବାକୁ ଯାଇଥିବା ଏକ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣେ ଅବକାରୀ ସବ୍ ଇନ୍ସପେକ୍ଟରର ଆକ୍ରମଣ କରିବା ଘଟଣାକୁ କନ୍ଧମାଳ ଜିଲା ଫ୍ରଣ୍ଟ ଲାଇନ୍ ମିଡିଆ ଆସୋସିଏଶନ କର୍ମକର୍ତ୍ତାମାନେ ନିନ୍ଦା କରିଛନ୍ତି। ଘଟଣାକୁ ଦୁଇ ଦିନ ବିତିବାକୁ ବସିଲାଣି । ହେଲେ ପୋଲିସ ସମ୍ପୃକ୍ତ ସବ୍ ଇନ୍ସପେକ୍ଟରଙ୍କୁ ଗିରଫ କରୁନାହିଁ । ଅପରପକ୍ଷେ ଘଟଣା ଦିନ କିଛି ସମୟ ଧରି ଥାନାରେ ଅଟକ ରଖିବା ପରେ ଛାଡି ଦେଇଛି । ଆଇନ ବ୍ୟବସ୍ଥାକୁ ସେଠାର ଥାନାଧିକାରୀ ମାନୁ ନ ଥିବା ପରିଲକ୍ଷିତ ହୋଇଛି। ସାମ୍ବାଦିକମାନେ ଥାନା ସମ୍ମୁଖରେ ଦିନ ରାତି ଧାରଣା ଦେଇ ଆସୁଥିଲେ ବି ସେମାନଙ୍କ କଥା ଶୁଣାଯାଉନାହିଁ । ମୁଖ୍ୟମନ୍ତ୍ରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଆକ୍ରମଣ କରିଥିବା ସବ୍ ଇନ୍ସପେକ୍ଟରଙ୍କୁ ଚାକିରୀରୁ ବହିଷ୍କୃତ କରିବା ଏବଂ ସାମ୍ବାଦିକଙ୍କ ପାଇଁ ସୁରକ୍ଷା ବିଲ ଆଣିବାକୁ ଆସୋସିଏଶନର ଉପଦେଷ୍ଟା ସୁନୀଲ କୁମାର ପଟ୍ଟନାୟକ, ସଭାପତି ସୁଜିତ ବେହେରା, ସମ୍ପାଦକ ତ୍ରିନାଥ ସାହୁ, ଅଜିତ ମହାରଣା, ସଦାଶିବ ପାତ୍ର, ସୁନୀଲ ବିଶ୍ୱାଳ ଓ ପ୍ରଶାନ୍ତ ଜେନାଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଆସୋସିଏଶନର ସମସ୍ତ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ଅସୁବିଧାରେ ୧୪ରୁ ଊର୍ଦ୍ଧ୍ୱ ଗ୍ରାମବାସୀ

**ବାଲିଗୁଡ଼ା,୨୬।୬(ଡି.ଏନ.ଏ.)**

ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ପକ୍କା ସଡ଼କ ନିର୍ମାଣ କରୁଛନ୍ତି। ହେଲେ ବାଲିଗୁଡ଼ା ଉପଖଣ୍ଡ କୋଟଗଡ଼ ବ୍ଲକର ବୋରିକିଆ ଗ୍ରାମ ମୁଖ୍ୟ ରାସ୍ତାଠାରୁ ଦାରିଙ୍ଗବାଡି ବ୍ଲକର ବୁଡ଼ାଗୁଡା ଦୀର୍ଘ ୩ କି.ମି. ରାସ୍ତା ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି। ଏଥିପ୍ରତି କାହାର ନଜର ପଡୁନାହିଁ। ଉକ୍ତ ରାସ୍ତା ମରାମତି ହେଉନଥିବାରୁ ୧୪ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ବହୁ ଅସୁବିଧାରେ ଯାତାୟାତ କରୁଛନ୍ତି। ଏହି ଗ୍ରାମଗୁଡ଼ିକ ହେଲା କାକମାହା, ଗୁଡୁଡ଼ି, କୁଲେଚି, କାମ୍ଭା, କାତାଡି, ହଜଗାଁ, ପୀଡୁଡିମିଲା, ଜାରିଗିଗୁଡ଼ା, କାତୁଶି, ସୀତାଗୁଡା, ଗଞ୍ଜୁଗୁଡା, ଲାଞ୍ଜମୀ, ନୂଆ ବରିକିଆ, ବୋରିକିଆ। ଉକ୍ତ ରାସ୍ତାଟି କୋଟଗଡ଼ ଓ ଦାରିଙ୍ଗବାଡି ବ୍ଲକ ଅଞ୍ଚଳକୁ ସଂଯୋଗ ହୋଇଥିବାରୁ ଜୀବିକା ପାଇଁ ୧୪ଟି ଗ୍ରାମର ଗ୍ରାମବାସୀ ଉକ୍ତ ଦୁଇ ବ୍ଲକ ଉପରେ ନିର୍ଭର କରିଥାନ୍ତି । ହେଲେ ଉକ୍ତ ରାସ୍ତାର କେଉଁଠି ମାଟି ଉଠି ଯାଇଛି ତ ଆଉ କେଉଁଠି ମେଟାଲ ଉଠି ଖାଲ ହୋଇ ରହିଛି। ତେଣୁ କୌଣସି ଜରୁରୀ କାର୍ଯ୍ୟରେ ଉକ୍ତ ଗ୍ରାମଗୁଡିକୁ କୌଣସି ଯାନବାହନ ଯାତାୟାତ କରେ ନାହିଁ, ଅତି କଷ୍ଟରେ କୋଟଗଡ଼ ଓ ଦାରିଙ୍ଗବାଡି ସହରକୁ ଆସିଲେ ହିଁ ଯେକୌଣସି ଯାନବାହନ ମିଳିଥାଏ। ରାସ୍ତା ଖରାପ ଥିବା ଯୋଗୁ ବାଇକ୍‌ରେ ଆସିବା ମଧ୍ୟ ବହୁ କଷ୍ଟକର ହେଉଛି। ଏହି ରାସ୍ତା ମରାମତି ନେଇ ୧୪ ଗ୍ରାମର ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ତେବେ ଶୀଘ୍ର ଉକ୍ତ ରାସ୍ତାକୁ ପୁନଃ ନିର୍ମାଣ କରା ନ ଗଲେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।


ଖାଲ ରାସ୍ତାରେ ଜମିଥିବା ପାଣି।

## ମରାମତି ହେଉନି ରାସ୍ତା

# ବିରଳ ପ୍ରଜାତିର ସାପ ଉଦ୍ଧାର

**କ.ନୂଆଗାଁ, ୨୬।୬(ଡି.ଏନ୍.ଏ.)**

କ.ନୂଆଗାଁ ବ୍ଲକ ପାତ୍ର କଲୋନୀର ପ୍ରଭାତ କୁମାର ପାଣିଗ୍ରାହୀଙ୍କ ଘର ପଛପଟେ ଥିବା ଗଛରୁ ଶନିବାର ଏକ ବିରଳ ପ୍ରଜାତିର ସାପ ଉଦ୍ଧାର କରାଯାଇଛି। ପାତ୍ର କଲୋନୀ ଯୁବକ ଜ୍ୟୋତିର୍ମୟ ଭରଦ୍ୱାଜ ଗଛର ଡାଳରେ ରହିଥିବା ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ନେଇ ଛାଡିଥିଲେ। ଏହି ସାପର ବୈଜ୍ଞାନିକ ନାମ ଫିଲାରଡ୍ରୟାସ ବାରୋନି ବୋଲି ଜଣାପଡ଼ିଛି।

# ହାଡୁଭାଙ୍ଗିରୁ ଗାଇବା ରାସ୍ତା ମରଣଯନ୍ତା

**ଗୁମ୍ମା,୨୬।୬**

ଗୁମ୍ମା ବ୍ଲକର ଚାରୋଟି ପଞ୍ଚାୟତ ଗାଇବା, ବୃଷଭ, ବାଇଝାଲ, ପରିଡ଼ା ଓ କାଶୀନଗର ବ୍ଲକର ଖାରାଡ଼ା ପଞ୍ଚାୟତକୁ ସଂଯୋଗ କରୁଥିବା ହାଡୁଭାଙ୍ଗିରୁ ଗାଇବା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଟିକିଏ ବର୍ଷା ହେଲେ ଉକ୍ତ ଖାଲଖମା ରାସ୍ତାରେ ପାଣି ଭରି ହୋଇ ରହୁଥିବା ହେତୁ ଲୋକମାନଙ୍କୁ ଯିବା ଆସିବାରେ ଅସୁବିଧା ହେଉଛି। କାରଣ ରାସ୍ତାର ପ୍ରତି ୧୦ ମିଟରରେ ଖାଲ ହୋଇ ରହିଛି। ଏହାର ମରାମତି ପାଇଁ ପ୍ରଶାସନକୁ ବହୁବାର କୁହାଯାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏ ନେଇ ବହୁତ ଥର ଖବର ପ୍ରକାଶ ପାଇଛି। କିନ୍ତୁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଏହି ରାସ୍ତା ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ମରାମତି ହୋଇନାହିଁ। ଜିଲାଠାରୁ ମାତ୍ର ୩୦ କିଲୋମିଟର ଦୂରରେ ଏହି ପାଞ୍ଚଟି ପଞ୍ଚାୟତ, କିନ୍ତୁ ପ୍ରଶାସନର ନଜର ପଡୁନାହିଁ। ଠିକାଦାରଙ୍କୁ କାମ ଦିଆଯାଇଛି। କିନ୍ତୁ ୫୦ ମିଟର କାମ କରି ୧୦୦ ଦିନ ହେଲା ଠିକାଦାରଙ୍କ ଦେଖା ମିଳୁନାହିଁ। ଉକ୍ତ ରାସ୍ତା ମରାମତି ହୋଇ ନଥିବାରୁ ଗର୍ଭବତୀଙ୍କ ସହ ଅନ୍ୟ ରୋଗୀମାନଙ୍କୁ ନେବାକୁ ଆମ୍ବୁଲାନ୍ସ ଆସିବାରେ ବହୁ ଅସୁବିଧା ହେଉଛି। ତେବେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି।


ଖାଲଖମା ରାସ୍ତାରେ ଜମି ରହିଛି ବର୍ଷା ପାଣି।

# ବରାଳ ଦେବୀ ପୀଠରେ ଟାୱାର ବସାଇବାକୁ ଦାବି

**ଖଜୁରିପଡ଼ା/ବଲସକୁମ୍ପା, ୨୬।୬(ଡି.ଏନ.ଏ.)**

ଖଜୁରିପଡ଼ା ବ୍ଲକ ବଲସକୁମ୍ପା ଗ୍ରାମ ପଞ୍ଚାୟତରେ ଅବସ୍ଥିତ ମା ବରାଳ ଦେବୀ ତାହା ସାଙ୍ଗକୁ ପିଲା ସାଲୁଙ୍କି ଓ ପୁରୁଣା ପାଣି ଡ୍ୟାମ। ତେଣୁ ଏହି ଅଞ୍ଚଳକୁ ଅନେକ ସମୟରେ ଜିଲା ତଥା ଜିଲା ବାହାରୁ ପର୍ଯ୍ୟଟକମାନେ ଆସନ୍ତି। ଏହି ପଞ୍ଚାୟତରେ ୧୧ ରାଜସ୍ୱ ଗ୍ରାମ ଅଛି ଏବଂ ୫ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା। ଫୁଲବାଣୀ ସଦର ମହକୁମାଠାରୁ ମାତ୍ର ୧୩ କିମି ଏବଂ ବ୍ଲକ କାର୍ଯ୍ୟାଳୟ ଠାରୁ ୧୨କିମି ଦୂରରେ ଅବସ୍ଥିତ ଏହି ପଞ୍ଚାୟତ। ବର୍ତ୍ତମାନ ଆଧୁନିକ ଦୁନିଆରେ ମୋବାଇଲ ନେଟୱର୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହି ଗାଁ ନେଟୱର୍କ ପାଇବାରୁ ବଞ୍ଚିତ ହୋଇଛି। ବଲସକୁମ୍ପା ଅଞ୍ଚଳବାସୀ ବାରମ୍ବାର ଅନୁରୋଧ କରିବା ପରେ ଏକ ବିଏସ୍‌ଏନ୍‌ଏଲ୍ ନେଟୱର୍କ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାପନ ହେଲା। ନିର୍ମାଣ ହେବାର କିଛି ବର୍ଷ ଠିକଠାକ୍ ଚାଲିଲା। ତା'ପରେ ନେଟୱର୍କରେ ସମସ୍ୟା ହେବାରୁ ଜନସାଧାରଣ ମୋବାଇଲ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ସେହିପରି ମହାମାରୀ ଯୋଗୁ ପିଲାଙ୍କ ଅନଲାଇନ୍ ପାଠପଢା ଚାଲିଛି। କିନ୍ତୁ ନେଟୱାର୍କ ନଥିବାରୁ ଅନଲାଇନ୍ ପଢ଼ାରେ ଅସୁବିଧା ହେଉଛି। ନେଟୱର୍କ ଠିକ୍ ଠାକ୍ କାମ କରୁନଥିବାରୁ ଜରୁରୀକାଳୀନ ସେବା ପାଇବାରେ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେଉଁମାନେ ବାହାରୁ ଏଠାକୁ ଆସୁଛନ୍ତି ସେମାନେ ମଧ୍ୟ ନେଟୱକ ନ ପାଇ ବହୁ ଅସୁବିଧା ଭୋଗୁଛନ୍ତି। ତେଣୁ ଏଠାରେ ଏକ ଜିଓ ନେଟୱର୍କ ଟାୱାର ସ୍ଥାପନ କରିବାକୁ ସ୍ଥାନୀୟ ଯୁବକ ସଂଘ ମାଁ ଇଷ୍ଟଦେବୀ ଯୁବକଳା ପରିଷଦ ଓ ମାଁ ବରାଳଦେବୀ ଯୁବକ ସଂଘ ଜିଓ ଟେଲିକମ ବିଭାଗକୁ ଦାବି କରିଛନ୍ତି। ଏହା ହେଲେ ସମସ୍ତଙ୍କୁ ମୋବାଇଲ ସେବା ମିଳିବ ବୋଲି ସରପଞ୍ଚ ଅଜୟ କୁମାର ମଳିକ ପ୍ରକାଶ କରିଛନ୍ତି।


ବରାଳଦେବୀ ପୀଠ ।

# ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ଦାବି

**ରାୟଗଡ଼(ଗଜପତି),୨୬।୬(ଡି.ଏନ୍.ଏ.**

ଗ୍ରାମାଞ୍ଚଳରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପରିକଳ୍ପନା ଗଜପତି ଜିଲାରେ ଠିକ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏହାର ଉଦାହରଣ ଦେଖିବାକୁ ମିଳିଛି ଜିଲାର ରାୟଗଡ଼ ବ୍ଲକରେ। ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ଦୀର୍ଘ ଦିନ ଧରି ଦାବି ହୋଇଆସିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷର ଦାନା ବାନ୍ଧୁଛି। କିଛିଦିନ ତଳେ ରାୟଗଡ଼ ବ୍ଲକ ପରିଦର୍ଶନରେ ପିଡି ଡିଆରଡିଏ ଆସିଥିବା ବେଳେ ଏନେଇ ସ୍ଥାନୀୟ ଯୁବକମାନେ ଭେଟି ଦାବି ଜଣାଇ ଅତିଶୀଘ୍ର ଇନଡୋର ଷ୍ଟାଡିୟମ ନିର୍ମାଣ କରିବାକୁ ଦାବି କରିଛନ୍ତି। ତେବେ ଅତିଶୀଘ୍ର କାର୍ଯ୍ୟ ଆରମ୍ଭ ନହେଲେ ଆଗାମୀ ଦିନରେ ଆନ୍ଦୋଳନର ରୂପ ନେବ ବୋଲି ସ୍ଥାନୀୟ ଯୁବକମାନେ ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ଜିଲା ଗୁଡିକରେ ଅନେକ ପ୍ରତିଭା ରହିଥିଲେ ମଧ୍ୟ ଭିତ୍ତିଭୂମି ଅଭାବ ଯୋଗୁ ସେମାନଙ୍କ କ୍ରୀଡାର ବିକାଶରେ ବାଧା ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ପ୍ରତି ବ୍ଲକରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ରାଜ୍ୟ ସରକାର ପରିକଳ୍ପନା କରିଛନ୍ତି। ଏହି କ୍ରମରେ ରାୟଗଡ଼ ବ୍ଲକରେ ମଧ୍ୟ ଇନଡୋର ଷ୍ଟାଡିୟମ ନିର୍ମାଣ କରିବା ପାଇଁ ଆଜିଯାଏ ଜାଗା ଚିହ୍ନଟ ହେଉନଥିବାରୁ ସମସ୍ତ କ୍ରୀଡା ପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହାକୁ ନେଇ ସ୍ଥାନୀୟ ଲୋକେ ପ୍ରାଶାସନିକ ଅବହେଳା ଏବଂ ରାଜନୈତିକ ଇଚ୍ଛା ଶକ୍ତିର ଅଭାବକୁ ଦାୟୀ କରିଛନ୍ତି। ଏନେଇ ପିଡି ଅନାମ ଚରଣ ପାତ୍ରଙ୍କୁ ଯୁବକମାନେ ଭେଟି ଦାବି ଜଣାଇଥିବା ବେଳେ ସେ ସ୍ଥାନୀୟ ବିଡିଓଙ୍କୁ ଜାଗା ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ବିଡିଓ ରାଜା ରଞ୍ଜିତ ପ୍ରତାପ ବଳଙ୍କ ସହ ଯୋଗାଯୋଗ କରାଯିବାରୁ ଏନେଇ ତହସିଲଦାର ଲୀଳାବତୀ ଆଚାର୍ଯ୍ୟଙ୍କ ସହ ଆଲୋଚନା ହୋଇଛି, କମ୍ ଦିନ ମଧ୍ୟରେ ଜାଗା ଚିହ୍ନଟ ହେବ ବୋଲି କହିଛନ୍ତି। ତେଣୁ ଅତିଶୀଘ୍ର ଏହି ନିର୍ମାଣ କାମ ଆରମ୍ଭ ନ ହେଲେ ଆଗାମୀ ଦିନରେ ନିଶ୍ଚିତ ଭାବେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେବୁ ବୋଲି ସ୍ଥାନୀୟ କ୍ରୀଡାବିତ ରାଜା ଦୋରା, ଅଶୋକ ପାଇକ, ପ୍ରଦୀପ ସାହୁ, କାଳିଆ ପାଇକ, ଚନ୍ଦନ ପାଇକଙ୍କ ସମେତ ଯୁବକ ମାନେ କହିଛନ୍ତି।